
# ଆମରି ଗାଁ ବୋହୂ



# ଆମରି ଗାଁ ବୋହୂ

ଲେଖକ -ଶ୍ରୀରମେଶ କୁମାର ମହାନ୍ତି

—ରଘୁନନ୍ଦନ ସାହିତ୍ୟ କୁଟୀର—

ପ୍ରକାଶ କରିଛନ୍ତି—

* **ଶ୍ରୀମତୀ ପୁଷ୍ପାରାଣୀ ମହାନ୍ତ**

ମୁଦ୍ରଣ କରିଛନ୍ତି—

* **ଶ୍ରୀ ପଦ୍ମନାଭ ମିଶ୍ର**

* **ନରସିଂହ ପ୍ରେସ**

୬୭/୧ ଏ. [illegible] ଲେନ୍, କଲିକତା —

* ପ୍ରଥମ ସଂସ୍କରଣ — ଆଶ୍ୱିନ ଦଶହରା – ୧୯୫୮ ସାଲ

ମୂଲ୍ୟ — ଏକ ଟଙ୍କା ପଚିଶ ନୂଆ ପଇସା

— ପ୍ରାପ୍ତି ସ୍ଥାନ *

ନରସିଂହ ପୁସ୍ତକାଳୟ

[illegible] ।

ମନମୋହନ ପୁସ୍ତକାଳୟ

୧୭୩/୧ ଏ. ବହୁବଜାର ଷ୍ଟ୍ରିଟ୍, କଲିକତା — ୧୨

ଚନ୍ଦ୍ରଶେଖର ପୁସ୍ତକାଳୟ

୧୭୩/୧ ଏ. ବହୁବଜାର ଷ୍ଟ୍ରିଟ୍, କଲିକତା — ୧୨

ମହାଲକ୍ଷ୍ମୀ ଭଣ୍ଡାର


୩. [illegible] ଷ୍ଟ୍ରିଟ୍, କଲିକତା — ୧୨

ଚଣ୍ଡୀ ପାଠ ପୁସ୍ତକ ଭଣ୍ଡାର

[illegible] ଷ୍ଟ୍ରିଟ୍, କଲିକତା — ୭

ଉଷା ପୁସ୍ତକାଳୟ

୧୭୩/୧ ଏ. ବହୁବଜାର ଷ୍ଟ୍ରିଟ୍, କଲିକତା — ୧୨



ବିଶିଷ୍ଟ ଶ୍ରମିକ ଜନନେତା ଶ୍ରୀ ଯାଜ୍ଞ୍ୟ ଚାନ୍ଦୁଚନ୍ଦ୍ର ମହାନ୍ତିଙ୍କ

କରକମଳରେ ଉତ୍ସର୍ଗ କଲି ।

"ଅମର ଗୀ ତେ-ଭୁ"

—ଲେଖକ

ଆମରି ଗାଁ ବୋହୂର ସ୍ୱଭାବ କଥା
ସ୍ୱାମୀ ପୁଅ ସାଥୀ ସେ ଜୀବନ୍ତ
କୋମଳ ବନସ୍ତ୍ରୀ ସେ ସେନେହୀ ଅତି
ଲଜେ ଓଢ଼ଣା ଦେଇ ଯୋଷାନାରୀ
ଦୁଃଖେ ପଥର ଛାତି ରହେ ମଉନେ
କଷ୍ଟା ବସୁଧା ବ୍ୟଥା ରଖି ଗୋପନେ
କନକଦେହୀ ବାଳୀ କଅଁଳ ମତି
ବଡ଼ ସେ ଲଜ୍ଜାଶୀଳା ଧଇର୍ଯ ଅତି
ଯୌବନେ ଛନ୍ଦ ଛନ୍ଦ କଗୋଲ୍ଲୀ ବାଲୀ
ଭାବେ ନିଜ ଜୀବନ୍ ସ୍ୱାମୀ ଅଧିକ ବୋଲି
ତା' ପ୍ରିୟ ପାଇଁ ପ୍ରାଣେ କେତେ ରଙ୍ଗ ଜାଗେ
ଉଛୁଳା ଯଉବନ ମଧୁ ଅଙ୍ଗ ଜଗେ
ଆମର ଗାଁ ବୋହୂ ବଡ଼ ସରଳ ନାରୀ
ଅଧା-ତା' ମିଠା କଥା କେଡ଼େ କୋମଳ

**— ଲେଖକ**

ଆମର ଗାଁ'ରେ ସବୁବେଳେ ଯାହାର ଯାହା ସଙ୍ଗେ କଳି କଜିଆ ଦଙ୍ଗା ହେଲେ, ଗାଁର ପୁରୁଖା ମୁଖିଆ ମୁଖିଆ ମାମଲତକାର-ମାନେ ମହାଦେବଙ୍କ ବେଢ଼ା ଭିତରେ ବସି ନ୍ୟାୟ କରନ୍ତି । ଗାଁ କମିଟି ବୈଠକ ବି ଏହିଠାରେ ହୁଏ । ପଞ୍ଚପରମେଶ୍ୱରଙ୍କ ରାୟ ଉପରେ ପ୍ରତିବାଦୀ କି ବାଦୀ ପକ୍ଷରୁ, ଆଉ କାହାର କୌଣସି ଆପତ୍ତି କରିବାର ନ ଥାଏ ।

ଆମ ଗାଁ ମଝିରେ ପ୍ରାଇମେରୀ ସ୍କୁଲ । ସ୍କୁଲ ମାଷ୍ଟର ବୁଢ଼ା ବାଡ଼ିଟା ଧରି ଦାଣ୍ଡେ ପିଲାଙ୍କୁ ପାଠ ପଢ଼ାନ୍ତି । ବଡ଼ମାଆ ପରଣି ବୋଉ ଠାକୁରଙ୍କ ଦର୍ଶନ କରି ନେଉଥାଣି ଫେରୁଥିଲେ । ଗୋଟାଏ ପିଲା ମାଷ୍ଟରଙ୍କ ଠାରୁ ନିସ୍ତୁକ ମାଡ଼ଖାଇ ସ୍କୁଲ ଘରେ ଭେଁ ଭେଁ ବୋବାଳି ଛାଡ଼ି କାନ୍ଦୁଛି । ମାଷ୍ଟରଙ୍କୁ ସ୍କୁଲ ଘର ଦୁଆର ମୁହଁରେ ଦେଖି ବୁଢ଼ୀ ହୋଇପଡ଼ି ମୁହଁ ଫୁଲାଇ ଟିକିଏ ରଗେଇ କରି ସେ କହିଲେ, ହଇହେ ମାଷ୍ଟର ବାବୁ ! ସ୍କୁଲ ପିଲାଙ୍କୁ ସବୁ ଗୋରୁ-ଗାଈ ପରି କାହିଁକି ମାର ?

କଥାଟାକୁ ହସି ହସିକା ଉଡ଼େଇ ଦେଇ ବୁଢ଼ା ମାଷ୍ଟ୍ରେ କହନ୍ତି, ଗୁଣ୍ଠ ଯଦି ଗୁଣ୍ଠ ନ ଖାଇଲା ପାଠ ହେବ କୁଆଡୁ ? ବଡ଼ ମା'ଙ୍କ ମୁହଁ ଶୁଖିଯାଏ ; ବଡ଼ କାଲୁଷ୍ଟ ହୋଇ କହନ୍ତି—କିରେ ବାବୁ, ପାଠୁଆ ମାଷ୍ଟର ପରା ତମେ । ଟେଣ୍ଡି ଗୋଦନ୍ତଙ୍କ ପରି ପିଲସୁଙ୍କ ଗୋଟାଗୁ ଛାଡ଼ିଆ କରି ମାରୁଛ । ପିଲାଏ ଇସ୍କୁଲରେ ଥିବାଯାଏ । ତମେ ମାଷ୍ଟ୍ରେ ପରା ପିଲାଙ୍କ ବାପ-ମା ପରିକା । ତମକୁ ମୋ ରାଣ

ପଢ଼େଇ କହୁଛନ୍ତି ମାଷ୍ଟ୍ରେ ! ଆଜି କେବେହେଲେ ପିଲାଙ୍କୁ ଏପରିକା ମାରନ୍ତି ନାହିଁ ।

ବଡ଼ ମାଆଙ୍କ ଦୁଇ ଆଖିରେ ସ୍ନେହ ସହାନୁଭୂତିର ଅଶ୍ରୁ ଭରିକରି ରହିଥିଲା । ମାଆମାନଙ୍କୁ ପିଲାଙ୍କ ମାଡ଼ ଆଖିରେ ଦେଖିଲେ କେମିତି ଭଲ ଲାଗିବ । ମାଷ୍ଟ୍ରଙ୍କୁ ଆଉ କିଛି ନ କହି ଘରକୁ ଚାଲିଗଲେ, ଆଖି ତରାଟି ପାଚେଲା ବେତ ହଲେଇ ମାଷ୍ଟ୍ରେ ସ୍କୁଲ ଘର ଭିତରକୁ ପଶନ୍ତି । ପିଲାମାନଙ୍କୁ ଚଦେଇ କହନ୍ତି, ପାଠ ପଢ଼ାପଢ଼ି କରୁଛ, ନା ବସି ବସି ଗପ ଚାଲୁଛିରେ ? ଛାତ୍ର ମାନେ ମାଷ୍ଟ୍ରଙ୍କ ମାଡ଼ ଭୟରେ ବଡ଼ପାଟି କରି ପଢ଼ନ୍ତି । ସେ ସମୟଟା ପଢ଼ା ପାଟିରେ ସ୍କୁଲଘର ଧୋ ଧୋ କମ୍ପିଉଠେ ।

ସକାଳ ବେଳାରେ ସ୍କୁଲ ହୁଏ । ସକାଳ ମାଟ୍ରୁ ଅନ୍ଧାର ଥାଉ ଥାଉ ଛାତ୍ରମାନେ ଧଇଁସଇଁ ହୋଇ ଦଉଡ଼ନ୍ତି । ସଭିଙ୍କ ଆଗରୁ ଯେ ସ୍କୁଲରେ ପହଞ୍ଚି ଥାଏ ତାଆର ବସ୍ତ ଭଲ ; ଦୈନ୍ୟଟା ତାଆର । ଯେଉଁ ଛାତ୍ର ସମସ୍ତଙ୍କ ପଛରେ ସ୍କୁଲରେ ଉପସ୍ଥିତ ହୁଏ, ତା'ର କପାଳ ଖରାପ । ଶନି ମଙ୍ଗଳ ବୁଧ ରାହୁ କେତୁ ସବୁ ମନ୍ଦ ଗ୍ରହଯାକ ମିଳି ଯାଆନ୍ତି , ତା'ର ପିଠିରେ ନବଗ୍ରହକୁଣ୍ଠ ହୁଏ । ତାହାର କାରଣ ହେଉଛି, ସବୁ ପାଚେଲା ବେତର ଘନ କୋରିଆ ପାହାର ଦେହରେ ଗୁଇଁ ଗୁଇଁ ହୋଇ ବସି ; ତା ଦେହରେ ବିଭିନ୍ନ ପ୍ରକାର ଜ୍ୟାମିତି ରେଖା ଆଙ୍କିବାକୁ କୁଣ୍ଠିତ ହୁଏନା । ଛାତ୍ରମାନଙ୍କ ଉପସ୍ଥାନ ନିଆ ଯିବା ପରେ ପଣିକିଆ ଡକା, ଅଙ୍କକଷା, ତା ପରେ ଫଳା ବୋଲା ହୁଏ । ଦିନେ ମାଷ୍ଟ୍ରଙ୍କ ମାଡ଼ ଭୟରେ ଶଙ୍କର ଦିନ ଗୋଟାକଯାକ ଗଛରେ ଚଢ଼ି ଲୁଚି କରି ବସି ରହି-ଥିଲା । ସ୍କୁଲ ପିଲାଏ ଆସୁଛନ୍ତି ଦେଖି ଗଛ ଉପରୁ ଓହ୍ଲାଇ କିଆ ବୁଦାରେ ଲୁଚିବାକୁ ଯାଉଥିଲା ।

ସ୍କୁଲ ଛାତ୍ର ଫଉଜଙ୍କ ହାତରୁ , କାହାକୁ ଖାଲି ମିଳିବା ଏକ-

ବାରେ ଅସମ୍ଭବ । ମରିବାକୁ ଡର ହେଁ ଏ ଘୋଡ଼ହୋଇ ଶୋଇଲେ ଯମଦୂତମାନେ ଛୁଉ ଦେବେ କୁଅଡୁ । ପିଲାମାନେ ଠିକ୍ ତାକୁ ଖୋଜି ଖୋଜି ବାହାର କରି ଶୂନ୍ୟ ଶୂନ୍ୟ ଟେକି ଆଣିଲେ ସ୍କୁଲକୁ । ବୁଢ଼ା ମାଷ୍ଟ୍ରେ ତାକୁ ନାକ କାନ ଧରେଇ ଏକ ଗୋଡ଼କିଆ ଠିଆ କରେଇ ରଖିଲେ । ତା' ଅଣ୍ଟୁ ଉପରୁ ଗୋଡ଼ ଖସିଲେ ସପାସପ୍ ଝୁର୍ କୋରଡ଼ର ତିନି ଚାରିଅ ବେତ ଖଣ୍ଡିକ ତା ଦେହରେ ବାଜୁଥାଏ । ମାଷ୍ଟରଙ୍କର ପ୍ରାଣରେ ଟିକିଏ ହେଲେ ଦୟାମାୟା ନାହିଁ । ସାକ୍ଷାତ ଯେପରି ଯମରାଜା । ବେତ ପାହାରରେ ଶଙ୍କର ଦେହସାରା ନୋଳା ବସି ଯାଉଛି । ଅନ୍ୟାନ୍ୟ ପିଲାମାନେ ଶଙ୍କରକୁ ଏକଗୋଡ଼ିକିଆ ଠିଆ ହୋଇଛି ଦେଖି ମୁହଁ ଚୁହାଁ ଚୁହିଁ ହୋଇ ମୁରୁକେଇ ମୁରୁକେଇ ମୁହଁରେ ଲୁଗା ଦେଇ ହସୁଥାଆନ୍ତି । ମାଷ୍ଟ୍ରେ ସେଦିନ ଶନିବାରେ ସହଳ ଘରକୁ ଯିବେ ବୋଲି ପିଲାଙ୍କୁ ବେଣୁସୁ ଛୁଟି କରଦେଲେ । ସ୍କୁଲ ଛୁଟି ହୋଇ ଯିବାରୁ ପାଙ୍ଗ ତା, ଶଙ୍କର ସାଥୀହୋଇ ଫେରୁଥାନ୍ତି ।

ବାଟ ବଣରେ ଆଉ ଗାଁର ଦୁଇଜଣ ଲୋକ କଥା ଗପି ଗପି ବାଟ ଚାଲୁଛନ୍ତି । ଆଗରେ ଯାଉଥିବା ଲୋକ ଜଣକ ଅରେ କହୁଛି; ସଖୀପୁରୁ ଖବର କଣ ଶୁଣିଲଣି ଟିକି ? ପଛରେ ଯାଉଥିବା ଲୋକ ଜଣକ ତଳକୁ ମୁହ ପୋତି ଏକାଲହସରେ ବାଟ ଚାଲୁଥିଲା । ମୁହଁ ଟେକି ଆଗଲୋକ ଆଡ଼କୁ ଗୁହଁ ଚାଟକା ହୋଇ ପଚାରିଲା—ହଇ ହେ ପଶୁ ଭାଇନା ! ସଖୀପୁର ଖବର କ'ଣ ? ଅମିଲା ଅମ୍ପିଲା ମୁହଁ କରି ପଶୁ ଭାଇନା କହିଲା—ଆଜି ଯାଏ ତମେ ଏକଥା ଶୁଣିନ ? ଗୁରୁଦିନ ହୋଇ ଗଲାଣି, ସଖୀପୁରରେ ଦସ ହଇଙ୍ଗା ଲାଗିଛି । ଗୋଟି ଗୋଟି କରି ସାତଟା ମୁଣ୍ଡ ନେଲଣି, ସେଇଥିରେ ପସ—ମୁକୁନ୍ଦ ପଧାନ ଶୁଣୁର ଅର୍ଦ୍ଧ ସଞ୍ଚତଟି ଚାଲିଗଲା ।

ଶଙ୍କର ହଠାତ୍ ଗମ୍ଭୀର ହୋଇ କେଜାଣି କ'ଣ ଭାବି ପାଙ୍ଗ ତା

ମୁହଁକୁ ଚୁହିଁଲା । ପାର୍ବତୀ ଶଙ୍କର ମୁହଁକୁ କ୍ଷଣେକ ଚାହିଁ ଟିକିଏ ହସି ଦେଲା । ଶଙ୍କର ମନେ ମନେ ଖୁସିଟାଏ ହୋଇ ପାର୍ବତୀକୁ କହିଲା ଆର-ଗାଁ-ସତୀପୁରରେ ହଇଜା ଗୋଳ ଲାଗିଛି । ଆମ ବୁଢ଼ା ମାଷ୍ଟ୍ରେ ଯଦି ହଇଜା ବାନ୍ତିରେ ମରନ୍ତା, ମୁଁ ଆମ ଗାଁ ବାଶେଳି ଠାକୁ-ରାଣୀଙ୍କୁ ତେଲ ହଳଦୀ କରି ଗାଧୋଇ ଦେଇ ଖୋଲମୁଆଁ ଭୋଗ ଦିଅନ୍ତି ପରା ! ପାର୍ବତୀ ହସି ହସିକା କହିଲା ଛମେ ଏଡ଼ିକି ଜାଲ-ଭୁଣ୍ଡା ? ମାଡ଼ ଭୟରେ ଏକଥା କହୁଛ ସିନା । ପାର୍ବତୀ ଏକଥା ଶୁଣି ବୁଝି ପାରିଲାଣି । ତାଆର ସବୁ କଥାରେ ହଁ ନ ମାରିଲେ ସେ ଯେ ଅଡୁଆରେ ପଡ଼ିବ । ଭାରି ଦୁଷ୍ଟ ପିଲା ଏ, ଏହାର ଭାରି ଅଣ୍ଟୁଆ ବୁଦ୍ଧିମଣା । ଟିକିଏ ଉଁ ଚୁଁ କଲେ କଥା କଥାକେ ମାଡ଼ ମାରିବ ।

ଶଙ୍କରର ହସିଲା ହସିଲା ମୁହଁରେ ହସ ଖୁସିର କଥା ବାର୍ତ୍ତା; ବ୍ୟବହାର ଭାବଭଙ୍ଗୀ ସବୁ ଯେପରି ଦିନକୁ ଦିନ ପାର୍ବତୀ ମନରେ ଗୋଟାଏ ନୂଆ ଚେତନା ସୃଷ୍ଟି କରୁଛି । ଜୀବନ ଭରି ତାକୁ ସେ ଭୁଲି ଯାଇ ପାରିବ ନାହିଁ । ଚିରଦିନ ସେ ତାଆର ମନ କୋଣରେ ରହିଯିବ । ଦୁହେଁ ପିଲା ବେଳରୁ ସାଙ୍ଗ; ଗୋଟାଏ ସ୍କୁଲରେ ବି ପଢନ୍ତି । ଉଭୟଙ୍କର ବୟସ ବଢ଼ିବା ସଙ୍ଗେ ସଙ୍ଗେ ମନର ସଦ୍‌ଭାବ ବଢ଼ିବା ସ୍ୱାଭାବିକ୍ । ଶଙ୍କର ଘର ଦୁଆର ମୁହଁ ହେବାରୁ ଶଙ୍କରର ବହି ସ୍ଲେଟ୍ ଶଙ୍କର ହାତକୁ ଦେଇ ହସିଲା ହସିଲା ମୁହଁରେ ପାର୍ବତୀ ଛଳେଇ କରି କହିଲା—ବୁଢ଼ା ମାଷ୍ଟ୍ରେ ମାଡ଼ ମାରିଲେ ବୋଲି ମନରେ ଦୁଃଖ କରୁଛି ଶଙ୍କରିଆ ।” ପୂର୍ବ କାଳିଆ ମଣିଷ ଆମ ଅଜା ବୁଢ଼ା କେଉଁ କଥାରେ କଥା ପଡ଼ିବାରୁ ଦିନେ ସେ କହୁଥିଲେ—ସଦ୍‌ଗୁରୁ ବାଜିଲେ ଗୋଇଠା ଅନ୍ଧାର ଘରେ ଜଳଇ ବଇଠା ।

ଏଇକଥା କହିଲି ବୋଲି ଅଇଁଗୁଣ ପାଇବ ନାହିଁ । ଶଙ୍କର ହସିଲା ହସିଲା ଆଖି ଡୋଳାର ଚାହାଣୀରେ ମୁଖଭଙ୍ଗୀ କରି କହିଲା ତୋ କଥାରେ ଅଇଁଗୁଣ କେବେ ମୁଁ ପାଏ ।

ଆଠ ବରଷ ପରେ ଶଙ୍କର ଘରକୁ ଆସିଛି । ନିମିଷକ ମଧ୍ୟରେ ଏଇ କଥା ଗାଁ'ଟାଯାକ ଚହଳ ପଡ଼ିଗଲାଣି । ସଞ୍ଜବତୀ ଦିଆ ହେଇ ନଥାଏ । ପାର୍ବତୀ ଘର ପାଖ ଗାଈ ଗୋଠରୁ ଫେରି ଗୁହାଳେ ପଶିଲାଣି ପାର୍ବତୀ ବୋଉ ଗାଈ ବାନ୍ଧିବାକୁ ଗୁହାଳକୁ ଗଲା । ଶଙ୍କର ଅଜା ପ୍ରଭାବରୁ ଘରକୁ ଆଇଚି ପାର୍ବତୀକୁ ଭାବିବାକୁ ଲାଜମାଡ଼େ—। ମନ ଭିତରେ ଅଜ୍ ଗୋଟାଏ ଦୁର୍ବଳ ଭାବନା ଚୋର ପରି ଛପି ଛପି ଆସେ । ମନ ପାଖରେ ମନ ଭଲେଇ ହୋଇ କହେ—ସେ ସବୁ ପିଲା ବେଳର କଥା ଯେତେବେଳେ ଦେହରେ ଲାଗୁଥିଲା ପହିଲି ଯୌବନର ପରଶ ।...ପାର୍ବତୀକୁ ଯୁବା ବୟସ ହେଲା ଦିନଠାରୁ ଘରୁ ପଦାକୁ ବେଶି ବାହାରେ ନା, ଦିନ ଷୋଳ ଘଡ଼ି ଘର ପାଇଟି ଧନ୍ଦାରେ ଲାଗି ରହୁଥାଏ ।

ଦୁଃଖର ସଂସାର ଯାହା ଯେତେବେଳେ ମିଳିଲା ଖାଇ ଦୁଃଖେ ସୁଖେ ଦିନ କାଟିବା କଥା । କିନ୍ତୁ ମନରେ ସବୁବେଳେ ଗୋଟାଏ ଦାଗ ରହୁଥାଏ । କଥାରେ ଅଛି—ଭାଗ ନ ଥିଲା ଘର କୁକୁରଙ୍କର । ମରଦ ପୁରୁଷ ନଥିଲା ଗରିବ ଝିଅ ବୋହୂଙ୍କୁ ଗାଆଁର ଲୋକେ କୁନଜରରେ ଦେଖନ୍ତି । ସବୁଦିନ ଗାଁ ଭେଣ୍ଡିଆ ଟୋକାଏ ତାଙ୍କ ଦାଣ୍ଡ ଆଗ ବରଗଛ ମୂଳେ ସଞ୍ଜବେଳ ଠାରୁ ରାତି ଅଧଯାଏ ବସି ଗପ ମଜଲିସରେ ଅଡ୍ଡା ଜମନ୍ତି । କିଏ ବା ଦାଣ୍ଡ ଦୁଆର ମୁହଁରେ ଆସି ଛିଡ଼ା ହେଲା ମାତ୍ରେ । କିଏ ବା କେତେ ଭଙ୍ଗିରେ ହାତତାଳି ମାରି ଗୀତବୋଲେ । କେତେବେଳେ ଅଶ୍ଳୀଳ ଭାଷାରେ ସବୁ

ଅସଭ୍ୟ କଥା କୁହନ୍ତି, ପାର୍ବତୀ କାନରେ ସବୁ ପଡ଼େ । ଶୁଣି ନ ଶୁଣିଲା ପରି ତୁନିହୋଇ ଭିତରେ କାହାକୁ କଣ କହିବ, ଏବେକାର ଟୋକାଙ୍କର ଏହିପରି ଢଙ୍ଗ । ସଂସାରରେ ଆଉ ପାଞ୍ଚଟା ଗରିବ ଅନାଥା ଝିଅଙ୍କ ଭିତରୁ ମୁଁ ବି ଜଣେ । ମୋତେ ଯେ ଥରେ ଦେଖିଲା ଆଉ ଥରେ ଦେଖିବାକୁ ଦଉଡ଼ି ଅସେ । ଧନେ ଶଙ୍କସାଇ ମୋ ଦେହରେ ଆଖି ପକେଇ କହୁଥିଲେ, ଦୁନିଆଁରେ ଆଉ କଣ ସୁନ୍ଦର ଝିଅ ନାହାନ୍ତି, ତହୁଁ ବଳି ତହୁଁ ବଳି ଅଛନ୍ତି ଲୋ ! ରୂପ ସାଙ୍ଗକୁ ଯାହାର ଢଙ୍ଗଢାଙ୍ଗ ସୁନ୍ଦର, ତାକୁ ସମସ୍ତେ ଭଲ ପାଆନ୍ତି । ମାଇକିନିଆଁ ଝିଅ ଯେତେ ବିଦ୍ୱାନ ଓ ସୁନ୍ଦରୀ ହେଲେ ହୋଇଥାଉ ପଛେ, ଯାହାଙ୍କ ମୁହଁ ଖର, ଯାହାର ଅଙ୍ଗୁଳି ଛକୁଡ଼, ଚରିତ୍ର ମନ୍ଦ-ବେଲଜ୍ଜୀ, ତାକୁ ନେଇ ସଂସାର କଲେ ପଦେ ପଦେ ଅମଙ୍ଗଳ ଘଟେ ।

ପଟେନ ବୋଉ କହୁଥିଲା, ପଧାନଘର ବୋହୂ ନିଶାକୁ ଗାର-ଲୋକେ ଛି, ଛିକାର କରୁଛନ୍ତି । ଯେମିତିକା ବେହିଆ ସେମିତିକା ବେଲଜ୍ଜୀ କଳିହୁଡ଼ି ବୋହୂଟାଏ ସେ । ଶାଶୁକୁ ଲୁଚେଇ ଆଉ ପର ମଣିଷଙ୍କ ସାଙ୍ଗେ ଭାବ କରୁଛି ବୋଲି । ଶାଶୁ ତା'ର ଜାଣିପାରି କାନିକଣା ପକାଇ ଯାଉଛି । ଚାଲୁବେଳେ କହି ଯାଉଛି ଆଉ ତୋ ମୁହଁ ଗୁହଁ ବନ ଲୋ ନିଶା ! ସେଇ କଥାରେ କଥାରେ କାଦୁର ମାମୁଁଘର ମାଉଁ କହୁଥିଲେ—ଅଲୋ ଅଧା ଶୁଣ ମ !

ଅତି ଆଦରରେ ନାଗୁଣି ପୋଷିଲେ ଓଲଟାଇ ଫଣ୍ଡି ଦଂଶେ,
କପଟି ନାରୀଏ ସ୍ୱାମୀ ତେଜ୍ୟା କରି ବିଟ ପୁରୁଷରେ ରସେ ।

ପାର୍ବତୀ ବୋଉ ଗୋରୁ ଗୁହାଳ କାମ ସାରି ଆସି କହୁଥିଲା; ଭାଗ ସକୁଳା କରୁଥିଲୁ ପରା ? ପଖାଳ ଗଣ୍ଡେ ବାଢ଼ି ଦେ ଲୋ ଝିଅ ! ଅଗ ମଦାଏ ଖୋରଣି ପିଇଁ, ତା ପଛେ ଯେଉଁ କଥା । ଏଇ ନିଆଁ ଲଗା ପେଟ ଗୃଗଣ୍ଡକୁ ଦୁନିଆଁ ଅଣ୍ଟୁ ନାହିଁ । ପାର୍ବତୀ

ଶାଗ ସନ୍ତୁଳା ଦେଇ ତା ଭୋଉକୁ ବଂଶେ ପଖାଳ ଭାତଟୋକେଣି ଭରି ବାଢ଼ିଦେଲା ।

ପାର୍ବତୀ ମା'ଙ୍କର ସମ୍ବଳ ପାଞ୍ଚ ଛ' ମାଣେଖଣ୍ଡେ ଜମି । ସେଇଥିରୁ ମା ଝିଅଙ୍କର ବରଷକ ଲୁଗାପଟା, ସରକାରୀ ଖଜଣା-ଖାଉଟୀ ଖରଚ ସୁଖେ ଦୁଃଖେ ଚଳିଯାଏ । ବାଣ୍ଡିଶାଳ ଘରେ ଉଷବ ଅଲୁଅ ଜଳୁଛି । ସେଇ ଉଷବକୁ ନେଇ ପାର୍ବତୀ ତାଙ୍କ ଶୋଇବା ଘରକୁ ଗଲା । ଶେଜ ବଛାହୋଇଛି, ବହୁଦିନ ପରେ ଅଣ୍ଡ ଶୁଣିଲା ବାହାର ପରବର ଗଜା ଦାଣ୍ଡରେ ଶୁଭୁଛି । ସେଦିନ ଥିଲା କହ୍ନାବୃତ । ଦାଣ୍ଡରେ ଜହ୍ନର ଚୋପା ଅଲୁଅ ପଡ଼ିଛି । ପାର୍ବତୀ ଝରକା କବାଟ ଖୋଲି ଦାଣ୍ଡଆଡ଼େ ଚାହିଁଲା । ଦୃଷ୍ଟି ପଡ଼ିଲା ତା ଶଙ୍କରଭାଇ ତାଙ୍କ ପିଣ୍ଡା ଉପରେ ବସିଛନ୍ତି । ପାର୍ବତୀ ମନ ଗର୍ବରେ ଫୁଲି ଉଠିଲା । ମନ ଅଗ୍ରହ ହେଲା ଜାଣିବାକୁ—ଏତେଦିନ ପରେ ଶଙ୍କରଭାଇ ଗାଁ'କୁ ଆସିଛନ୍ତି କାହିଁକି ?

ଶଙ୍କର ଭାଇଙ୍କର ଏ କଥା ଜାଏ ବୁଝୁ ନ ବୁଝୁ, ମୋ ପାଖରେ ତାଙ୍କର ସେ କଥା ଅଛପା ନଥିଲା । ନୋହିଲେ ପିଲାଦିନୁ କାହିଁକି ମୋ ସାଙ୍ଗରେ ଏତେ ଭାବ ଲଗାନ୍ତେ । ଯୌବନ ବୟସ ହେଲେ ମନରେ ଉତ୍ତେଜନା ଆସେ । ସେହି ମୁହୂର୍ତ୍ତ ଆସିଲେ ଯୁବକମାନେ ଅକଟ କରନ୍ତି ସତର୍କ ହୋଇ ରହିବାକୁ ଚଳିବାକୁ ଭୁଲନ୍ତି । ପ୍ରକୃତ ପକ୍ଷେ ସୁଖଦୁଃଖ ଆଦର ମନମାନ ଦେହର ଉତ୍ତେଜନା ନିଆଁକୁ ଗୁପ୍ତ ଅଧିକ ବୟସଯାଏ ରଖିବା ସମ୍ଭବପର ନୁହେଁ । ଯେତେବେଳେ ମନ ଭିତରେ ଦି' ଦିନ ପାଇଁ ଦୁନିଆଁକୁ ଆସି ମଣିଷ ଟିକିଏ ମନର ଆନନ୍ଦ କରିବାକୁ ଯାଇ ଭରିବା ପ୍ରକୃତ ପକ୍ଷ ଉଚିତ ନୁହେଁ । ପାର୍ବତୀ ଏହିପରି ଭେତେ ଭ'ଣ ଭାବି ଦାଣ୍ଡ କବାଟ କିଳିଣି ଦେଇ ଆସିବାକୁ ଦାଣ୍ଡକୁ ଗଲା । ପାର୍ବତୀ ମନ ଖୋଜେ ଶଙ୍କରକୁ, ପିଲା ବେଳର ହସ କୌତୁକ । ଖେଳଦିନ

ଗୃହିଲ ଗଲେ ଦାଣ୍ଡର ଧୂଳି ଖେଳ ବୋହୂ ବୋହୂବା ଲୁଚକାଳି ଖେଳ ସବୁରେ । ଯୁବା ବୟସ ହେଲେ ଜଣ ପାଇଁ କେଜାଣି ଅନ୍ୟ ଜଣକୁ ପାଇବା ପାଇଁ ମନ ଉଚ୍ଛାଟ ହୁଏ । ପାର୍ବତୀ ବର୍ତ୍ତିମାନ ଷୋଳ ବୟଷୀ ଝିଅ । ଯୌବନ ବସନ୍ତର ସ୍ପର୍ଶ ପରଶ ତା'ର ଅଙ୍ଗ ପ୍ରତ୍ୟଙ୍ଗରେ ଲାଗିଲାଣି । ଲମ୍ବିଲା କୁଞ୍ଚିଳା କୁଞ୍ଚିଳା ମୁଣ୍ଡ ବାଳର ଗଭା ଅତି ଯତ୍ନରେ ବାନ୍ଧୁଛି । ତା'ର ପାନ ପତ୍ରର ପରି ମୁହଁ କେତେ ଶୋଭାକାର । ଦେହର ରଙ୍ଗ ଉଜ୍ଜ୍ୱଳ ଶ୍ୟାମବର୍ଣ୍ଣ । କୁନ୍ଦଲା କୁନ୍ଦଲା ପରି ସୁନ୍ଦର ଗଠଣ ସ୍ୱାସ୍ଥ୍ୟ । ପାର୍ବତୀ ମନ ଆନନ୍ଦରେ ଉଲ୍ଲାସ ହେଲା ପରି ଗୃହଁଣିରେ କରୁଣାର ଆଭା । ଯଦିଓ ସେ ଶଙ୍କରକୁ ଝୁରି ଝୁରି ଦିନ କାଟୁଛି ସେଥିପାଇଁ ମୁହଁ ଖୋଲି ଗୁପ୍ତ ତଳର ଛପିଲା କଥା ସେ କାହାକୁ କହି ପାରି ନାହିଁ ।

ପାର୍ବତୀ ମନରେ ଉଡିଲାଣି ଶଙ୍କରର ସଙ୍ଗେ କମିତ ପଦେ କଥା ହୁଅନ୍ତା । ପାର୍ବତୀ ମନରେ ଡର ହେଉଥାଏ—ଶଙ୍କରକୁ ତାଙ୍କ କଥା ବାର୍ତ୍ତା କଲେ ଲୋକ କାଳେ କଣ ଭାବିବେ । ଶଙ୍କର ତାଙ୍କ ପିଣ୍ଡାଉପରେ ବସି ହସି ହସିକା ଟେଟେଇ ଟେଟେଇ ପାର୍ବତୀକୁ ଗୃହିଁଲାଣି । ପାର୍ବତୀ ମୁଗଧ ଦୃଷ୍ଟିରେ ଘଡ଼ିଏ କାଳ ଶଙ୍କର ମୁହଁକୁ ଗୃହିଁ ରହେ । ଶଙ୍କର ମନ ଆନନ୍ଦରେ ତାଙ୍କ ଝରକା ପାଖକୁ ଆସି କହିଲା—ମୁଁ ଆଜିକି କେତେଦିନ ହେଲା ଗାଁ'କୁ ଆସିଲାଣି, ତୋର ତ ଟିକିଏ ହେଲେ ଦେଖା ସାକ୍ଷାତ ନାହିଁ ? ମୋତେ ଅଉ ତୁ ଚିହ୍ନି ପାରୁନାହୁଁ ନା କଣ କି ? ପାର୍ବତୀ ମନର ଉଦବେଗ ଆଉ ସମ୍ଭାଳି ପାରୁନାହିଁ । ତା'ର ଇଚ୍ଛାହୁଏ କୁଣିଆ ଯଖୋଳିଲା ପରି, ସେ ଶଙ୍କରକୁ ଘରକୁ ଡାକଆଣି ମାନ୍ୟକର ଘରେ ବସେଇ ଦି'ପଦ କଥାବାର୍ତ୍ତା ହୁଅନ୍ତା କି । ଦୁଇବର୍ଷ ପରେ ଗାଁଅକୁ ଆସୁଛନ୍ତି, ଆଗଭଳି ସ୍ୱାସ୍ଥ୍ୟ ନାହିଁ. ଦେହ ଶିରା ଉଠି ଯାଇଛି, କମିତା ଶୁଖିଲା ଶୁଖିଲା ଦିଶୁଛନ୍ତି । ସମସ୍ତ ଗୁଣେ ସିନା ସବୁ ଅବସ୍ଥା

ବଦଳେ, ସେତ ଆଉ ତାହା ହାତର କଥା ନୁହେଁ—ସେଥିପାଇଁ ସିନା ମନର ଭାବ ମନରେ ଚାପି ରଖିବାକୁ ହୁଏ ।

ଯାହାପ୍ରତି ଯାହାର ଯେତେ ସ୍ନେହ ସୋହାଗ, ସେ କେତେ-ବେଳେ ହେଲେ ବଦଳିବାର ନୁହେଁ । ଅମୃତ ପରକା ପ୍ରେମ ପିରତି ସରଗର ଚାନ୍ଦ । ପାର୍ବତୀ ଏରମରଙ୍ଗା ମୁହଁ ଟେକି କହୁଛି—ଶଙ୍କରଭ ! ଆମର ଆଉ ସେପରିକା ପିଲାବେଳ ନାହିଁ । ସେଭଳି ସ୍ନେହର ହସ କଉତୁକ, ଖେଳ କଥାବାର୍ତ୍ତା ଆଉ ଖୋଜିଲେ ଆସିବ କୁଆଡୁ ? ତାହା ମନ ଗହଳରେ କି ଭାବ ରହୁଛି, କିଏ କେମିତି ବା ଜାଣିବ । ତା ଶଙ୍କରଭ. ସେ ପିଲାଦିନୁ ଭଲକରି ଚିହ୍ନେ । ଯୋଉ କଥା ମନ ଭିତରେ ତା'ର ଆଉପଟେଇ, ତାହାରକୁ ସେ କେତେ ଭାବୁ ।

ମାଆମାନେ ଏକା ପୁଅ-ଝିଅଙ୍କ ପେଟକଥା ଜାଣନ୍ତି । ଶଙ୍କର ବୋଉ ରକ୍ମଣି ଦେବୀ ଦରହସିଲ ଓଠରେ ତାଙ୍କ ପୁଅ ଶୋଇଲା ଘରେ ପଶିଲେ । ମୁହଁରେ ଚିନ୍ତା ରେଖା ଫୁଟି ଉଠୁଛି । ପାର୍ବତୀ ବୋଉ ଝିଅର ବାହାଘର ଏଇବର୍ଷ କରିବାକୁ ଖୁବ ବ୍ୟସ୍ତ ହେଉଛି । ଝିଅଟା ତା'ର ଯେପରି ଗୁଣର, ଦେଖିବାକୁ ସେମିତି ସୁନ୍ଦର ରୂପ । ଭଲ ସୁନ୍ଦରିଆ ଟାଣ ସ୍ୱାସ୍ଥ୍ୟ, ଗଣ୍ଡି ମୋଟିଆ ଖାସା ମାଇପିଟାଏ ହେବ ।

ଶଙ୍କର ମୋର ବଳା କୁଆଡ଼େ ? ପିଲାଳିଆ ହସହସ ରୁଷି ଆଉ କେବେ ତାହାର ଯିବ ! ଆଠ ବର୍ଷ ବୟସ ବେଳୁ ବାପ ଛେଉଣ୍ଡ । ପାର୍ବତୀ ବାପ ବି ସେଇ ବରଷ ହଇଜାରେ ମରିଛନ୍ତି । ସେଇ ମୋର ଗୋଟିଏ ବୋଲି ପୁଅ । ପୂର୍ବ ପୁରୁଷ ବଂଶର ସନ୍ତକ ଶଙ୍କରକୁ ଆଠ ବର୍ଷ ବୟସ ବେଳେ ବାପ ତାହାର ମଲା । ଶଙ୍କରକୁ ଛାତିକି ଆଉଜାଇ ତାହାର ମୁହଁ ଚାହିଁ ସ୍ୱାମୀଙ୍କ ଶୋକ ପାଶୋରୁଛି । ମହାଭାରତର କୁନ୍ତୀ ଭଳି ସାଆନ୍ତକୁ ଜନମ କରି ହିଁଏ ଅମର

ଘରକୁ ଆସିବା ପାଇଁ ବାହାନା ପଠାଇଛୁ । ମୋ ଶ୍ୱଶୁରଙ୍କର ସେ ପ୍ରୀତି ବନ୍ଧୁ ଥିଲେ ସେଇ ଲେଖାରେ ସେ ମୋର ଶ୍ୱଶୁର ପରକା । ମହାଭାବ ବୁଢ଼ା ଭାରି ପରୋପକାରୀ ମେଲାପି ମଣିଷ । ସେ କେବେ ତାହାର ହାନି ଲାଭରେ ନ ଥାଆନ୍ତି । ସେତେବେଳକୁ ବଅଁଳ ଗାଧୁଆ ବେଳେ ହେଲାଣି । ଶୀତ ଦିନଅଁ ଗ୍ଲଇ ଗ୍ଲଇକା ଗିରି ଦେଉଛି । ଶଙ୍କର ଡାକ୍ତର ଦେଖିଲେ ମହାଭାବ ଘର ମଉଥା ଆସି ଦାଣ୍ଡ ଦୁଆରେ ଠିଆ ହୋଇ ଡାକୁଛନ୍ତି । ହଇରେ ଶଙ୍କର ଘରେ ଅଛୁ ?”

ଶଙ୍କର ଡାକ୍ତର ତରତର ହୋଇ ଖଞ୍ଜା ପିଣ୍ଡାରେ ଖଣ୍ଡେ ଚଟ ପକାଇ ଦେଇ ସାର ଓଢ଼ଣୀକୁ ଅଧିକ ମୁହଁ ଉପରକୁ ଓହ୍ଲାଇ ଅଣି ଲାଜ ଲାଜ ଗଳି କହିଲେ—ମଉସା ! ମଶିଣାରେ ଆସି ବସନ୍ତୁ ! ତମେ ଆଜି ଆଜି ମୋ ପୁଅ ଅଜ କେତେ ଦିନ ବାସ୍ତୁବାତୁଲ ହୋଇ ବୁଲୁଥିବ । ବୟସବେଳେ ତାହାର ତ ପେଟରେ ଫଟାର ଧର୍ମ କରିବା ଦରକାର । ମହାଭାବ ବୁଢ଼ା ଟୋକରିଆ ଖଣ୍ଡି ଭାଏ ମାରି ସପ ଉପରେ ଚଉକଟ ଚକା ପକାଇ ବସିଲେଣି । ଶଙ୍କର ଡାକ୍ତର କବାଟ ଅଢୁଆଳରେ ଯାଇ ଠିଆ ହୋଇ ରହିଥାନ୍ତି । ହସିହସି ମହାଭାବ ପଚାରିଲେ—ତୋ ପୁଅ ଶଙ୍କର ବାହାଘର ହେବ; ଏଇଥି ପାଇଁ ଡକାଇଥିଲ ବୋହୂ ? ଏବ କାଳରେ କଉଁ କନିଆଁ ପାଇ ଅଭାବ ଅଛନ୍ତି ଯେ । ଟିକିଏ ଦରଣ୍ଡି ହେଲେ କୁଡ଼ କୁଡ଼ କନିଆଁ ମିଳିବେ । ତମ ସେଇ ଚଗଲାଟା ଏଇଥର ବାହା ହେବାକୁ ମଙ୍ଗିଲେତ ?

ରତ୍ନମଣି ଦେବୀ କଣ ଭାବି ଭାବିକା ଗମ୍ଭୀର ହେଲେ । ଆଖି ଆଗରେ ଉଭା ହେଲା ସେଇ ସୁନ୍ଦର ହସୁକୁଳା ମୁହଁଟି । କେତେ-ଦିନ ତଳର କଥା ଆଜି ତାଙ୍କ ମନେ ପଡ଼ି ଯାଉଛି । ସେତେବେଳେ ଶଙ୍କର ମୋର ଛ’ ବର୍ଷର ବାଳୁତ ପିଲା । ଦିନେ ସଞ୍ଜବୁଡ଼ ବେଳେ ପାଦଶାକୁ ଗୁଡ଼େଇ କୁଡ଼େଇ ଧରି କହିଲା—ମୋ ପାଖେ

ଏତେ ଛୋପସ ହଜଚୁ କାହିଁକି ?

—ମୁଁ ପସ ତୋ ବର ହେବ ଲୋ ।

ଏ ସେ କଥା ଗାଁରେ କାହାକୁ ଅଜଣା ଅଛପା ନାହିଁ । ପିଲାବେଳୁ ଶଙ୍କର ପାର୍ବତୀକୁ ଭଲ ପାଇ ଆସିଛି । ରୁକ୍ମଣି ଦେବୀ ଏତେବେଳେ ଏ କଥା ଶୁଣିନେଇ କହିଲେ—ତମେ ତାକୁ କହିଲେ ସେ ବାହା ହେବାକୁ ଅମଙ୍ଗ ହେବନାହିଁ । ତାଆର ବାହାବେଳା ହୋଇଗଲେ ମୋ ମୁଣ୍ଡରୁ ଗୋଟାଏ ଦାୟିତ୍ୱ ଗଲା । ତେଣିକି ତାଙ୍କ ଘର ଏ କରିବେ କି କ ? ମହନ୍ତିଆ ବୁଢ଼ା ଟିକିଏ ଗମ୍ଭୀର ହୋଇ ଦୁଇ ଆଖିରେ ଅଳିଏ ଅଳିଏ କୌତୁକ ପୂରେଇ ହସିହସିକା କହିଲେ—ତମ ପୁଅ କଳିକତାରୁ ଆଇଲା ଦିନୁ ମୁଁ ଦେଖୁଛି, ପାର୍ବତୀଙ୍କ ଘର ଦୁଆର ମୁହଁ ନେଇ ବରଗଛ ତଳେ ସବୁବେଳେ ସେଇଠି ଗପର ଆଡ଼ା ଜମେଇଛି । ତମ ପୁଅ ଖଣ୍ଡିଏ ଭାରି ପୋଡ଼ାମୁହାଁ । । ଆମ ବାପ ଅଜାମାନେ କଥାରେ କହି ଯାଇଛନ୍ତି ପସ—

ତଳମୁହାଁ ବଙ୍କା ଭୁରୁ,
ତାକୁଟି ଜାଣିବ ନାଠର ଗୁରୁ ।

ମୁଁ ତା ଢଙ୍ଗ ରଙ୍ଗରୁ ଯାହା ବୁଝୁଛି, ଜଲନ୍ଧର ଚଲଚଞ୍ଚଳର ଝିଅ ପାର୍ବତୀ ସାଙ୍ଗେ ବାହା ହେବାକୁ ତା'ର ଭାରି ଇଚ୍ଛା । ଅଳ ଅଲତେଜ ହସିଲା ହସଲା ମୁହଁରେ ରୁକ୍ମଣି ଦେବୀ କହିଲେ—ହଁ ମଉସା ଆମର ସମସ୍ତଙ୍କର ଇଚ୍ଛା ଯେ ପାର୍ବତୀକୁ ଆମ ଘରକୁ ବୋହୂ କରି ଆଣିବାକୁ । ବିଶେଷତଃ ଶଙ୍କର ବାପା ପାର୍ବତୀକୁ ବୋହୂ କରି ତାଙ୍କ ଘରକୁ ଆଣିବେ ବୋଲି ଏକଥା ; ମୋ ଆଗରେ କେତେଥର କହିଛନ୍ତି ।

ମହନ୍ତିଆ ବୁଢ଼ା କଥା ବୁଲେଇ କହିଲେ, ଗାଁ ଭିତରେ ଝିଅକୁ ବାହା ଦେବାକୁ ପାର୍ବତୀ ବୋଉ ମଙ୍ଗିଲେଣ ? ପାର୍ବତୀକୁ

ମୋ ନାତି ଗୋପିଆ ସଙ୍ଗେ ବାହା ଦେବାପାଇଁ ପ୍ରସ୍ତାବ କରିଥିଲି । ଗାଁ ଭିତରେ ଝିଅକୁ ବାହା ଦେବାକୁ ପାର୍ବତୀ ଭୋଉ ହରସ୍ଥାପ ମଙ୍ଗିଲା ନାହିଁ । ସେପାଇଁ ସିନା ଅଉ ଠାଏ କରିବାକୁ ଗଲି । ରୁକ୍ମଣି ଦେବୀ ମୁରୁକେଇ ହସି କହିଲେ—ପାର୍ବତୀ ଭୋଉର ଆମ ଘରେ ଝିଅ ଦେବାକୁ ରାଜି ଅଛି । କାଲି ସ୍କୁଲ ଲେଉଟାଣି ବେଳକୁ ପାର୍ବତୀ ମାମୁଁ ଆମ ଘରକୁ ଆସୁଛନ୍ତି । କାଲି ସେ ବେଳକୁ ତମେ ଟିକିଏ ଆମ ଘରଟେଇଁକି ଆସିବେ ମଉସା । ତାଙ୍କ ସାଙ୍ଗରେ କଥାବାର୍ତ୍ତା କରି ଜବାବ ଛିଣ୍ଡେଇ ଦେଇ ଯିବ ।

ମହାନ୍ତି ବୁଢା ବସିବା ଜାଗାରୁ ଉଠି ଠିଆ ହେଲେ । ତାଙ୍କ କାନ୍ଧରେ ଥିବା ଗାମୁଛାରେ ମୁହଁ ଟିକିଏ ପୋଛିଦେଇ କହିଲେ—ମଣିଷ ପାଞ୍ଚ କଲେ କଣ ହେବ, ବିଧାତା ଯାହା ସଙ୍ଗେ ଯାହାକୁ ଘଟସୂତ୍ର କରିଛି । ମୁଁ ଏ ଗାଁ'ର କେତେ ଲୋକଙ୍କ ମୁହଁରୁ ଏଇ କଥା ଶୁଣୁଚି—ତମ ଟୋକା ତା' ସାଙ୍ଗ ଟୋକାଙ୍କ ପାଖରେ ମୁହଁ ଖୋଲି କହିଲାଣି ମୁଁ ବାହା ହେଲେ, ପାର୍ବତୀକୁ ବାହାହେବ ନୋହିଲେ ଆଉ କାହାକୁ ବିବାହ କରିବ ନାହିଁ ।

ମଣିଷର ଆଶାସ୍ଥୀ ଜୀବନ କେବଳ କଳ୍ପନା ବାସନା ନେଇ ବଞ୍ଚି ରହିଛି । ଶଙ୍କର ଗାଁ ମୁଣ୍ଡ ବରଗଛ ତଳ ଚଉତରାରେ ବସି ଭାବ ହେଉଛି—ଦୁନିଆଁରେ ସମସ୍ତଙ୍କୁ ଯଦି ମୁଠାଏ ଭଲକରି ପେଟପୁରା ଖାଇବାକୁ ଆଉ ମୋଟାସୋଟା ଖଣ୍ଡେ ପିନ୍ଧିବାକୁ ମିଳୁ ଥାଆନ୍ତା ; ତେବେ ଜଣେ ପାଇଁ ଏତେଗୁଡ଼ାଏ ଲୋକ ଘର ଅଗଣା ଛାଡ଼ି ଭାତ ଗଣ୍ଡାକ ପାଇଁ ଦ୍ୱାର ଦୁଆର ଭିକ ପାଇଁ ହାତ ପତେଇ ବୁଲନ୍ତେ । କାହିଁକି ବା ଏତେଗୁଡ଼ାଏ ଲୋକ ଭୋକ ଉପାସରେ ଛଟପଟ ହୋଇ ସନ୍ତୁଦନ ମରୁ ଥା'ନ୍ତେ । ଆଉ କେତେ-ଜଣ ପୁଞ୍ଜିପତି ହୋଇ ପେଟ ମୋଟା କରି ତା'ର ନ୍ୟସ୍ତ ସ୍ୱାର୍ଥକୁ ବଞ୍ଚାଇ ରଖିବା ପାଇଁ ଆଇନ ପ୍ରତାରଣା କାହିଁକି ବା କରନ୍ତେ । ଏ ଯୁଗ ମଣିଷର ସଭ୍ୟତା କେବଳ ଟିଆ ହେଉଛି; ସ୍ୱାର୍ଥଭୋଗ ଓ ଓ ବିଳାସର ଭିତ୍ତି ଉପରେ । କୂଟ ଓ ଅସତ୍ୟ ଏ ଦୁଇଟା ହେଉଛି; ପୁଞ୍ଜି ବଢାଇବାର ଦୁଇଟି ଶୋଷଣ ଯନ୍ତ୍ର ।

ପାର୍ବତୀ ଆରଘାଟ ପୋଖରୀ ଘାଟରୁ ଗାଧୋଇ ସାରି ଉଠି-ଲାଣି । ପୋଖରୀ ଘାଟରେ ପାର୍ବତୀକୁ ଦେଖି, ଶଙ୍କର ଡାହାଣୀଙ୍କ ଭଳି ବାଇା ହୋଇ ତା ମୁହଁକୁ ଅନେଇ ରହିଲା । ପାର୍ବତୀ ପିନ୍ଧିଥିବା ଓଦାଲୁଗା ତାଆର ଦେହର ରୂପ ଯୌବନ ଶ୍ରୀକୁ ଲୁଚାଇ ରଖି ପାରୁନାହିଁ । ମୁଣ୍ଡର ଲମ୍ବିଲା ଗହଳ ବାଳ ପୃଷ୍ଠରୁ ଜାନୁ ପର୍ଯ୍ୟନ୍ତ ଲମ୍ବି ପଡ଼ିଛି ।

ପାର୍ବତୀ ବାଁ କାଖରେ ବହୁଛି ପାଣିଗରା , ସେ ସଳଖ ହୋଇ

ଶଙ୍କର ମୁହଁକୁ ଚାହିଁ ପାରିଲା ନାହିଁ । ଲାଜରେ ତଳକୁ ମୁହଁ ପୋତି ଥର ଥର ହୋଇ ଯାଉଛି । ପ୍ରକୃତ ଅର୍ଥରେ ହାସ ଦେବାପାଇଁ ମନରେ ଯେଉଁ ଉତ୍ତେଜନା ଆସୁଛି, ତାକୁ ଅସ୍ୱୀତ କଲା ଭଳି ସାହାସ ତା'ର ନାହିଁ । ବାଟଘାଟ ଗୋଡ଼ ଅବାଟରେ ପଡ଼ୁଥାଏ । ଶଙ୍କରର ଯୌବନ ଝଲା ମନ ଏକା ଲକ୍ଷ୍ୟରେ ପାର୍ବତୀକୁ ଅନେଇଁ ଓଠରେ ହସ ଖେଳେଇ ପଚାରିଲା—ଏତେଦିନ ପରେ ଆଜି ଏଇଟି ତୁ ମୁଁ ଏକୁଟିଆ, ପିଲା ଦିନର ଖେଳ ମନେ ଅଛି ପାର୍ବତୀ ? ତୁ କେବେଠାରୁ ଏତେ ଲାଜ କରିବାକୁ ଶିଖି-ଲୁଣି ଲୋ ?

ଘରରେ ଓ ଭୟରେ ପାର୍ବତୀର ଗୋଡ଼କୁ ମୁଣ୍ଡଯାଏ ଥର ଉଠିଲା । ଝଟକିତ ସ୍ୱରରେ ଅଙ୍କେଇ ଥଂରେଇ କହିଲା—ତମେ କଣ କହୁଛ ବୁଝି ପାରୁନାହିଁ । ତମର ଉଦ୍ଦେଶ୍ୟ କଣ ? ଦୋଷ କରିବ ତମର, ଜାଣିଶୁଣି ମୋତେ ଦାଣ୍ଡ ମଝିରେ ଲୋକ-ହସା କରିବାକୁ ବସିଚ ।

ଶଙ୍କର ମୁହଁରେ ହରଷ ଭାବ । ସେ ହସିଲା ମୁହଁରେ କହିଲା—କଣ ଆଉ କହିବି, ମୁଁ ତମ କଥା ସବୁବେଳେ ଭାବେ । ତମେ ହୁଏତ ମୋ କଥା କେତେବେଳେ ଭାବୁ ନଥିବ । କେଜାଣି କାହିଁକି, ମୋ ଆଖି ଆଗରେ ପ୍ରତି କ୍ଷଣରେ ଭାସିଯାଏ ତମର ହସ ହସ ମୁହଁଟି ।

ଶଙ୍କରର ଏଇ କେଇ ପଦ କଥା ତା, ମୁଣ୍ଡ ଭିତରେ ଭାବ ଚିନ୍ତା ପୂରାଇ ଦେଲା । ତା'ର ଏ କଥା ଅର୍ଥ କଣ ମୁଁ ଜାଣେ । ଶଙ୍କରଭାଇ ମୋର ପାଇଁ ଉତ୍ତଳ ବିକଳ ହୋଇ ମରୁଛି ଏତେ ଦିନ ଯାଏ ମୋର କଥା ମନରେ ଧରି ଆଜି ଯାଏ ସେ ବାହା ହୋଇ ନାହାନ୍ତି । ତାଙ୍କର ମନ ବାସନା ପୂରଣ କରିବାର ଶକ୍ତି ମୋର ନାହିଁ । ଘରେ ବୋଉ ମୁରବୀ ଅଛି, ତାଙ୍କ ମନ ପାଇବାକୁ ମନ

ଦେଖିବାକୁ ମନ ବ୍ୟାକୁଳ ହୋଇ ଉଠେ । ଠିଆ ହୋଇ ତାଙ୍କ ସାଙ୍ଗେ କଥା କହିବାର ଉପାୟ ନାହିଁ । ଓଃ ଅଉ ପିଲା ଝିଅ ନାହାନ୍ତି । ଭେଣ୍ଡିଅ ମଣିପିଟାଏ ହେଲେଣି । ମୁହଁରେ ନୂଆ ନିଶ ଦାଢି ଉଙ୍କି ଅସୁଛି, ବଳିଲା ବଳିଲା ବାହା ଓସାରିଆ ଛାତି, ଲମ୍ବୁଆ ଦେହ ଦେଖିବାକୁ ଭେଡେ ସୁନ୍ଦର । ମନର ଅନୁତାପ ରୂପିବର୍ଣ୍ଣ, ଅବଶ ଗଳାରେ ପାର୍ବତୀ ଶିଭ ଉଠି କହିଲା—କଣ କହିଲେ ତମକୁ ଲାଜ ମାଡୁ ନାହିଁ ? ତମେ ଏଡ଼ିକି ନିର୍ଲଜ୍ଜା ଏତେ ଶ୍ରେଷ୍ଠ ଲୋକ । ତମେ କଥାଟା ଯେବେ ଅଡ଼କୁ ଟାଣି କହୁଚ ମୁଁ ବେଶ୍ ବୁଝି ପାରୁଛି । ଶଙ୍କର ଭେଡେ ଆଗ୍ରହରେ ପାର୍ବତୀ ମୁହଁକୁ ସିମିତ ହସି ହସି କପାଳ ଉପରକୁ ଭ୍ରୂ ଲତା ଟେକି କହିଲା—ତୋର ଏଇ ସୁନ୍ଦର ଜୀବନ ମୋହନୀ ରୂପ କାହାପାଇଁ, ମୋ'ର ପାଇଁ ସିନା ଲୋ ପାର୍ବତୀ । ପିଲାଦିନୁ ମୁଁ ତୋତେ କହିଥିଲି ପରା ? ତୁ କଣଅଁ [illegible] ହେବୁ ବର । ବିଧି ବିଧାତା ତୋତେ ଏଡ଼େ ସୁନ୍ଦର କରି ଗଢିଛନ୍ତି ଦେଖିଲା ଲୋକ ଝୁରି ଝୁରି ମରିବ । ଯୌବନ ଝୁଙ୍କରେ ପଡ଼ି ତୋତେ ଯେତେ ଥର ଦେଖିଲେବି ମନର ତୃପ୍ତି ମେଣ୍ଟୁନି । ତୋତେ ଆଗରେ ଦେଖିଲେ ମୁଁ ଦୁର୍ବଳ ହୋଇ ପଡ଼େ ସତ । କଣ ପାଇଁ କେଜାଣି ଦେଖା ନ ପାଇଲେ ମନ ଭଡ଼ ଅଧୀର ହୋଇ ଉଠେ ତୋହର ପାଇଁକା ମୁଁ ବହୁତ ଚିନ୍ତିତ ହୋଇ ପଡ଼ିଛି । ତା ଛାତି ଭିତର ଘାଣ୍ଟି ଚକଟି ହୁଏ, ସେଇ ଏଇ ଭେଇପଦ କଥାକୁ ଶୁଣୁଛି । ମିଣିପି ଜାତଟା ଅଜଗର ସାପ ଭଳି ସେମାନଙ୍କ ପରଶ ନିଃଶ୍ୱାସରେ ନାଗ୍ରା ବଶ କମିଅଁ ମୋହିନୀ ଜପ ଅଛି । ଏଇ ବାଳି ଟୋକା ଗୁଡାକ ଚରିତ୍ରହୀନ, ଛଟର ବେହିଆ । ପେଟରେ ଭାତ ନାହିଁ ଟିକିଏ ଖାଲି ବୁଦ୍ଧି ନାହିଁ । ଦେହ ମେହନତ କଲାଭଳି ବ ବଳପ ନାହିଁ, ଅଲଗୁଲ ଗୁଡ଼ାକ ଖାଲି ଖୋଜୁଛନ୍ତି ପ୍ରେମ । ପାର୍ବତୀ ଅଖି ତରଟି ଘୃଣା ଜର୍ଜ୍ଜରିତ ଗୁହାଣିରେ ଶଙ୍କରକୁ ଗୁହ କହିଲା—ଅଉ କହୁଛ

ଲୁହନି । ଖୁବ୍ କହୁ ଗଲଣି । ଏପରିକା କଥା ଆଉ କେବେ ତମୋତେ କହିବ ନାହିଁ । ବଡ଼ ହେଲାରୁ ବୁଦ୍ଧି ଫେରନ୍ତା କଣ, ବିଦେଶ ଯାଇ ଏପରି ମନ୍ଦ ପ୍ରକୃତି ଶିଖି କରି ଆଇଚ ?

ରାଉତରାଘର ଊର୍ମିଳା ନୂଆ ବୋଉ ଗରା କାଖେଇ ପାଣି ନେବାକୁ ପୋଖରୀ ତୁଠକୁ ଆସୁଥିବାର ଦେଖି, ଶଙ୍କର ଆଉ ଉରସି କରି କିଛି କହି ପାରିଲା ନାହିଁ । ଶଙ୍କିତ ହୋଇ ଚୋରମୁହାଁଙ୍କ ପରି ସେଠାରୁ କର ଅଡ଼େଇ ଚାଲି ଗଲାଣି । ପାର୍ବତୀ ଚାଲି ଯାଉ ଯାଉ ରାଉତରା ଘର ନୂଆ ବୋଉ ପଚାରିଲା ଆଖିରେ ତା' ଆଡ଼କୁ ଅନାଇଁ କହିଲା—ଆଲୋ ପାର୍ବତୀ ! ମୁଁ ତୋତେ ଭଲ ବୋଲି ଭାବିଥିଲି, ଦାଣ୍ଡ ବାଟରେ ଠିଆ ହୋଇ ତା ସାଥିରେ କଣ ସଲସୁତରା କଥା ହଉଥିଲ ? ଅଭିଆଡ଼ୀ ଝିଅ ହୋଇ, ମରଦ ପୁଅଟା ସାଙ୍ଗରେ କଥା ହଉଚୁ ଏ ପେଇଁ ତୋତେ ଟିକିଏ ଲାଜ ଲାଗୁନି ? ତୁମେ ଏଡ଼ିକି ବେଲଜ୍ଜୀ, ଖାଲିକଥାବାର୍ତ୍ତାରେ କଣ ପେଟ ପୁରିବ ?

ଡରି ଡରି ପାର୍ବତୀ କହିଲା—ଶଙ୍କରଭାଇ ଆଗେ ମୋତେ କଥା କହିଲେ । ଠାପରା କରି ରାଉତରା ନୂଆବୋଉ କହିଲା—ଆଉଲୋ ହେ !—ଥେଇକି ଥେଇସ୍ଥା, ମୁଁ ଯାହା କହୁଥିଲି ସେଇସ୍ଥା ।

ପେତେ ନାହିଁ କଲେ, ଗାଇବାକୁ ମାଟେ ପୁରୁଷ ଜାତିଟା ଦେହୁସ୍ଥା । ସବୁ ମରଦଙ୍କର ଏପରିକା ଖୋଇ । ମଲାମର. ସେ ଶଙ୍କରାଇ ଉମର ଆଉ ପିଲା ହୋଇ ନାହାନ୍ତି ମ ! ଭେଣ୍ଡା ବୟସିଆ ମରଦ । ଉମର ଏପରିକା ଢଙ୍ଗ ଦେଖିଲେ ଲୋକେ କ'ଣ ଭାବିବେ ?

ଲାଜରେ ପାର୍ବତୀ ମୁହଁ ଜାଲିଗଲା । ତାର ହସ ହସ ଚୋରା ମୁହଁଟି ହଠାତ୍ ମଉଳା ଦିଶିଲା । ରାଉତରାଘର ନୂଆବୋଉଙ୍କର ଏ କିପରିକା ଆଣ୍ଡୁଆ ବୁଝାମଣା କଥା ? ସେ ଥେପ ହୋଇ ପ୍ରମାଦ ମିଶା ଥରିଲା ସ୍ୱରରେ କହିଲା—ଶଙ୍କରଭାଇ କଣ ନାକରା ଲୋକକି ? ସାଙ୍ଗହୋଇ ଇସ୍କୁଲରେ ପଢୁଥିଲୁ ବେଳେ ସେ ନିଜ ଜୀବନ ଠାଉଁ ଭଲ ମୋତେ

ଅଧିକ ସ୍ନେହ କରୁଥିଲେ । ଅଠବର୍ଷ କାଳ ବିଦେଶରେ ଯାଇ ରହି-ଥିଲେ, ଏଇ କେଇଟା ଦିନ ହେଲା ପରବାସରୁ ନେଉଟିଛନ୍ତି । ଯେତେବେଳେ ଆମ ଘରର ଭଲ-ମନ୍ଦ କଥା ପଚାରି, କଥାରେ କଥାରେ ପାଞ୍ଚକଥା ଗପିଲେ । ସେ ଯେତେବେଳେ ଆମ ଘର ସୁଖ ଦୁଃଖ ହାଲ ଚାଲ କଥା ପଚାରୁଛନ୍ତି, ଭାବିଲି; ମୁଁ ତାଙ୍କୁ କଥା ନ କହିବାଟା ଭଲ ହେବ ନାହିଁ ।

ଯେ ଯାହାକୁ ସ୍ନେହ କରଇ ତାକୁ ଯେତେ ବୁଝାଇଲେ, ସେ ବୁଝିବ ନାହିଁ । ସଞ୍ଜତକ ଘର ନୂଆବୋହୂ ମୁହଁ ଫୁଲୁଙ୍ଗା କରି କଥା ଫୋପାଡ଼ିଲା ପରି କହିଲା—ନାଇଁ ମ ପାର୍ବତୀ । ତମେ ଏତେ ସଗୁଛ କାହିଁକି ? ଶଙ୍କରଙ୍କର ତମ ପାଖରେ ଖୁବ୍ ସୋହାଗ ସ୍ନେହମମତା ଅଛି । ଏ କଥା ଆମର ଗାଁରେ କାହାକୁ ଅଛପା ନାହିଁ । ପୁରୁଣା ବନ୍ଧୁ ସାଙ୍ଗରେ ଏତେ ଦିନ ପରେ ଯେତେବେଳେ ଦେଖା ସାକ୍ଷାତ ହେଲା, ତାଙ୍କ ଦେହ ମୁଣ୍ଡ, ଭଲ ମନ୍ଦ କଥା ନ ପଚାରନ୍ତି ନ ବୁଝନ୍ତି କେମିତି ? ସେ ନ ହେଲେ ତମ ମୁହଁରେ ମନ ପ୍ରିୟକା ପ୍ରାଣ ମଙ୍ଗାଣିଆ ହୁଏ ହସେଇବ କିଏ ? ହଇଲୋ । ତମେ ପରା ମାଇକିନିଆଁ ଝିଅଟାଏ, ତମର ଟିକିଏ ଲାଜ ସରମ ଘୃଣା ନାହିଁ ? ବାର ଲୋକ ଯିବା ଆସିବା ବାଟରେ ଠିଆ ହୋଇ ପୁରୁଷ ପିଲା ସାଙ୍ଗରେ କଥା କହୁଛ ? ଏ ସବୁ ବେଲ୍ଲରମାନ ବଜାର ବଜାରୁଣୀ ମାନଙ୍କୁ ସାଜେ ।

ସଞ୍ଜତକ ନୂଆବୋହୂ ଖୁବ ଗୁଲ୍କି ଜଣେ । ନଈଆର କେଉଁ ଶିଖରେ ପାଣି ପଶେ ସେ ଠିକ ଠଉରେ ନେବ । ତା ଢଙ୍ଗ ଜାଣି ପାର୍ବତୀ ଏକାକି ଆସିଲା ଘରକୁ । ଭୟରେ ବରଡ଼ା ପତର ପରି ଥରୁଛି ।

ବାହା ବେଦୀ ଝୁମୁଣ୍ଡିଆ ବନ୍ଧା ସରିଲାଣି । ଗନ୍ଧା ଚୂଲି ସର-ଘର ଯାହା ଯିମିତ ଲୋଡ଼ା ସବୁ ଠିକ୍ ଠିକଣା ସରିଛି । ଫଗୁଣ ମାସ ପାଞ୍ଚ ଦିନ ତିଥିରେ ଶଙ୍କରର ମଙ୍ଗଳ । ତା ପରଦିନ ବାହାଘର ରତ୍ନମଣି ପୁଅର ବାହାଘରକୁ ଘର ବାରି ସଫା ସୁତୁରା କରେଇ ଛନ୍ତି । ସୁନା ରୁପା ଗହଣା କେତେ, କେତେ ଥାନ ଅଳଙ୍କାର ଲୁଗା ପଟା, ବାହାଘର ବଜାର ହାଟ ଧଇଦା, ଦୁରସୋହୁତ, ନାହାକ, ଭଣ୍ଡାରି, ଶଙ୍ଖୁଆ ମହୁରିଆ । ବାଜା ବଜନ୍ତ୍ରୀ ପାଇଁ ବାଜାବାଲାଙ୍କୁ ବନ୍ଦନା କରି । ଆଲୁଅ ବାଣ ଫୁଲ ଫାନୁସ୍ ବାହା ଅଠଙ୍ଗା ଅଗରୁ ମହଁତାର ବୁଢା ଏ ସବୁ ପାଇଁ ବରାଦ କରି ସାରିଛନ୍ତି । ସେ ଏମିତିକା କେତେ ବାହାଘର, ତାଙ୍କ ଦିହକରେ କରିଲେଣି । ଅନନ୍ଦରେ ଆଜି ଯେଉଁ ପରିକା ଶଙ୍କରର ବାହାଘର ଉଛବ ଲାଗିଛି, କେତେଦିନଯାଏ ଭଲ ଏପରି ଖୁସି-ଅନନ୍ଦ ରହିବ । ବାହା ସରିଲେ ବେଦୀ ମୁହଁ ଯୋଡ଼ା. ତା' ପରେ ଯେଙ୍ଗା ଘରେ ଯିବ ।

ମଝିଘର ଭିତରେ ଥାଇ ରତ୍ନମଣି ଦେବୀ ପଚାରନ୍ତି—ମହତା ! ପାଲିଙ୍କି ସବାରୀ ପାଇ କାନ୍ଧିଆ ଗୌଡ଼ଙ୍କୁ ବନ୍ଦନା କଲେଣି ? ହରିହର ମହତାର ବୁଢା ଦୋ, ଦୋ ପାଞ୍ଚ ଦୋହାଇ କହିଲେ—ଆଲେ ବୋହୂ ! ଏକାଳରେ ଗୌଡ଼, କେବେହେଲ-ତାଙ୍କ ଜାତ ବେଉସା ଛାଡ଼ି, ଜାତ ଦୋହାଇ ଶଙ୍ଖରେ ପଶି ମୋଟ ପାଲଟିବାକୁ ବସିଛନ୍ତି । କଲିକତା ଅଫିସରେ ବାବୁମାନଙ୍କ ପାଖେ ଗଣ୍ଡେ କେବେହେଲ ବୃତ୍ତିସ୍ତ ପାଇ-ବାବୁମାନଙ୍କ ଧାଁ । ଧପଡ଼. ବୋଲି ଜାତ

କର ଏକବାରେ ଟୋଷାପଟେଣି ବାବୁ ପାଲଟି ଗଲେଣି । ଆଜେ-ବାବୁ ତମେ ଯେତେଙ୍କର ମୁଣ୍ଡ ସେତେଙ୍କରେ ବୁଦ୍ଧି । ଯଥା ଲୁଚ ଜନ୍ମ ଜଥା ଗରସ୍ତୁ । ତମ ବାପ ଅଜା ଚଉଦ ପୁରୁଷ ଯାହା କରି ଆଇଲେ, ତମେ ନ କଲେ ତାହା ତାମ ଅଟକି ଯିବ କିରେ । ଖିଲ ଯୋଗୁ ତାହା ତାହାଘର ରହିଲାଣି, ଆଉ ଏ ମାସରେ ଏତେ ବାହା ନିମନ୍ତ୍ରଣ ଚିଠି ପଡ଼ୁଛି ଯେ, ଗାଁ'ର ଦଶର ଘରେ ବାହା ସୁଆଣୀ ଲାଗିଛି । ଯେମିତି ସେମିତି କରି ତାହାଘରଟା ଉଠେଇ ଦେଲେ ଜଦାଙ୍କ ଟିକିଏ ବେଶି ନେଲେ ନେବେ ପଛେ ।

ରକ୍ମଣି ଦେବୀ ଦାଣ୍ଡ ବାଟକୁ ଚାହିଁ ଅନ୍ୟ ମନସ୍କ ଭାବରେ କହିଲେ—ଶଙ୍କର ମୋର ନୂଆ ପଲମ ହାଟକୁ ଯାଇଚି, ତାହାଘର ସଉଦା ଆଣି ହାଟରୁ ଏଇଖଣିକା ଧାଇଁ ଧାଇଁକା ଆସୁଥିବ । ପିଲାଙ୍କୁ ମୋଟେ ମଙ୍ଗ ନଥିଲା ବେଳେ ବୁଝାପୋଲ୍ଲ କରି ପଠେ-ଇଛି । ମହଭାର ବୁଢା କହିଲେ ଆଜି ହାଟରୁ ଲୁଗାପଟା ସବୁ କିଣିକରି ଆଣିବ ତା'ହେଲେ ଏବେ ନିଜ କଥା ନିଜେ ବୁଝୁ ନିଜେ କରୁ । ନିଜପାଇଁ ନିଜେ ନ ଭାବିଲେ ଚଳିବ କେମିତି । ମରଦ ପୁଅ ମାଇକିନିଆଁ ଝିଅ ତ ନୁହେ ।

ମାଆମାନଙ୍କର ସ୍ନେହଶୀଳ ମନ ପେଟର ଜନ୍ମିଲା ପୁଅକୁ ଜୀବନରୁ ବଳି ଅଧିକ ସ୍ନେହ କରନ୍ତି । ସେ ପୁଅର ରୂପ-ଯୌବନ ଖେଳ ଦେଖିବାକୁ ଚାହାନ୍ତି ନାହିଁ । ସେ ଖୋଜନ୍ତି ସନ୍ତାନର ସୁଖ ଶାନ୍ତି ଓ ମଙ୍ଗଳ । ସୁଖ-ଶାନ୍ତିରେ ପୁଅ ମୋର ଘର ସଂସାର କରୁ । ତେଇଶଟା ବର୍ଷ ହେଲା ବିଧବା ହେବାର ଯେ ଅଭିଜ୍ଞତା, ମନରେ ଚାହିଁ ଦେଉଚି । ଦୁନିଆଁଟା କଣ ଚହେଲିଁଚି ଶିଖେ-ଇଛି । ଶଙ୍କର ବାପା ସିନା ସେ ସ୍ୱର୍ଗକୁ ଚାଲି ଯାଇଛନ୍ତି ; ସେ ଯାହା ସମସ୍ତ ସମ୍ପାଦ ଯାଇଥିଲେ ସବୁରି ଅଛି । ଲାଜ, ଭୟ, ସଙ୍କୋଚ, ଆଳସ୍ୟ, ଅପାରଗତା ଅଭିଜ୍ଞତା କଳ୍ପନା କେହି ମୁଣ୍ଡ

ଉପରେ ନଥିବା ମାଇପି ସଂସାରରେ ସବୁ ଦୁରେଇ ଦେବାକୁ ହେବ ।

ଆଜି ଗଲେ କାଲି ବାହାଦନ ପଡୁଛି । ରକ୍ମଣି ଦେବୀ ନାକ ଉପରୁ ଓଢଣା-କପାଳ ଉପରକୁ ଟେକି ଦାଣ୍ଡଘରୁ ବାହାର ଖଞ୍ଜା ଅଡ଼କୁ ଚାଲି ଆସିଲେ । ଖଞ୍ଜାରେ ଖୁବ୍ ଗହଳି ଚହଳି ଲାଗିଛି, ସାହି ପଡ଼ିଶା-ବୋହୂ ମାଇପେ-ଝିଅ ଝିଆରୀ ବନ୍ଧୁ ବାନ୍ଧବ ଲୋକେ ଯା' ଆସ କରୁଛନ୍ତି । ମାଇପଙ୍କର ସ୍ୱଭାବ-ପାଇଁ ମାଇପେ ମେଳ ହୋଇ ବସିଲେ, ନିଜ ଘରର ସୁଖ ଦୁଃଖ କଥା ହେବା ସଙ୍ଗେ ସ ପରଘରୁ ଦୁର୍ଗୁଣ ଗୋଟି ଖୋଲି ଗପି ହେବେ । ଏତେ ଟିକିଏ କଥାକୁ ଚାରିଗୁଣ ଗପୁଥିଏ, କଥା ଲହରରେ ପ୍ରକାଣ୍ଡ ବଡ଼ କରି ଗପିବେ । ଦାସଘର କଉତକ ପୋଲି ବରଷ ବୟସରେ ଭେଣ୍ଡିଆ ପେରସ୍ତକୁ ଖାଇ ବାପଘରେ ଆସି ପଶିଛି । ଅତ ପର-ପଅ ଅଇଁଗୁଣୀଟାଏ ଫୁଲେଇ ହୋଇ ଗଲୁଛି—ପାର୍ବତୀ ମାଅ ଏତେ ବଡ଼ ଥିଲା ଘରେ ବନ୍ଧୁ କଲା ଯେ, ଯୋଉଁକି ତ ଦାବା ନବା କିଛି କରୁନି । ଝିଅ ଗହଣାଗାଣ୍ଠି କରି ପାଇଁଚାଳ ଦଅନ୍ତା କ'ଣ ; ଏ ଟାଁରେ ଉମିତିକା ଡେଠଣୀ ଯେମିତିକା ଅଭଲା ଆଉ କେହି ନଥିବେ । ଦୁନିଆଁରେ ଝିଅ କଉ ଅପରୁବ ହୋଇଛନ୍ତି ଯେ, ସ୍ୟାଁ'ଙ୍କୁ ଆଉ କେଉଁଟି କନିଆଁ ମିଳୁ ନଥିଲା—ତାଆର ଘରେ ଯାଇ ବନ୍ଧୁ ତାନ୍ଧୁ ଛନ୍ତି । ସେମାନଙ୍କର ଏତେ ଚୁପ ଚାପେ କଥା କ'ଣ ; ସେ କଥା ରକ୍ମଣି ଦେବୀ ବୁଝିପାରି, ବରଣ୍ଡାରେ ମୁହଁ ଗୁଞ୍ଜେଇ କହିଲେ—ତମେମାନେ ତାଙ୍କ କଥା କଣ ଶୁଣୁଛଲେ, ଆଜି କଣ ନୂଆ ହେଲକି , ଆମ କଉତେଇ କେମିତିକା ମଣିଷ ଜାଣିନ । ପର-ନିନ୍ଦା ଚଖାଣିଆ କଉତେଇଙ୍କର ଗୋଟାଏ ସ୍ୱଭାବ ହୋଇ ଗଲାଣି । ସଧୁଆ ଦାସ ଭାରିଜା-କୁଲଏ ଅଗିଆ ପିଠା ଚୂନା ଚକଟୁ ଥିଲା, ମୁହଁ ମୋଡ଼ି ଦେଇ ସେ କହିଲା—ଗାଁ ଭିତରେ କିଏ ସ୍ୟାଁ'ଙ୍କ କଥା

ନ ଜାଣେ । ସାଙ୍ଗ ମାଇପଙ୍କ ମେଳରେ ବସି ପଢ଼ିଲ ବୋଲି ପର ମଣିଷଙ୍କ ନିନ୍ଦା କରିବା ବଦ୍‌ଖୋଇ ପାରି ଦେଖୁନ—ଦଇବ ସହିଲ ନାହିଁ ଯୁବା ବୟସରେ ତାଙ୍କୁ ବିଧବା କରେଇଛି । ସେଥିରେ ବି ତାଙ୍କର ମନରେ କେତେ ପଞ୍ଚୁଲି-ଅଣ୍ଡିରଚଣ୍ଡି ଗୋଡ଼ାଙ୍କ ପର ସତ୍ରିଆରେ ହେଁ ହେଁ ହାଜୁଥିବେ । ଅଲେ ଗୋବର-ଗୋଡ଼ ଝିଅଙ୍କୁ ଗୁହଁ—ନିଜେ ଯେ କେତେ ଗୁଣବନ୍ତ ଝିଅ । ତାଙ୍କର ସେଇ ଦୁଇ ପଦ କଥା କେତେଲ କାନରେ ବାଜି ମରମରେ ପଶିଲାଣି । କେତେଲ ମୁହଁ ଖାଲୁ ବାହୁଣ ମାରିଲ ପରିକା କହି କହିଲା—ଆପଣାର ଲୋକ ହୋଇ ତମେ ବି ନୂଆବୋହୂ ସେଇ କଥା କହୁଛ । ଅଣ୍ଡରୁ ଭାତ ମୋଣ୍ଡ ହେଉଛି ଅଜ ଦଶେ-ଭାଲେ କାହା କଥାରେ ଲୁଣ୍ଡ ଫିଟେଇବ ନାହିଁ । ସେ ନିଜ ହାତରେ ନିଜେ ଭାତ ମୋଣ୍ଡ ତୋଳି ଗୃହବଡ଼ା ମାଡ଼ କଏ । ମନରେ ଗୋଟାଏ ଅସ୍ବସ୍ତିର ଯନ୍ତ୍ରଣା ଅନୁଭବ କରେ କଏ ତା' ଗ୍ଳନିରେ ଯେପରି ନିଅଁରେ ଜଳେଇ ଦିଅନ୍ତି କଣା ବାଡ଼ିଇଛି । ଦୁଃଖୀ ଅଭିମାନରେ ଫୋଲ ଝରଣୀ ଅଧବାର ଭଗ୍ନ ପ୍ରାଣ ହା. ହାକାର କରୁଛି । ଅମର ଗାଁ ମାଇପଙ୍କର ଏଇପରିକା ହୁଁ ସୁ ଲୁଲଥ କଥା । ତା'ର ମନେ ହେଲା ଗୋରସ୍ତ ଚେଙ୍ଗା କଲେ କି ଅଧବା ହେଲେ, ମାଇକିନିଅଁ ହିଅର ଅଜ ସେ ଅପରାଧର ଯେପରି ଖମା ନାହିଁ ।

ପାହାନ୍ତି ସକାଳର କଅଁଳ ଶୀତଳ ପବନ ଭଳେ ତଳେ ରାତିର ଅନ୍ଧକାର ଅପସରି ଯାଉଛି । ଦରହସ ସୁଆସଙ୍କ ପରଭ କଅଁଳ ସୂର୍ଯ୍ୟ କିରଣ, ସକାଳ ଅନ୍ଧାରି ପରଦା ତଳେ ଉଙ୍କି ମାରୁ-ଲଣି । ପୁଷ୍ପବତୀ ନବ ଯୌବନା ଫୁଲର ମୁହଁରେ ମଧୁଲୋଭ ଭ୍ରମର ଚୁମ୍ବନ ଗୁଞ୍ଜନରେ ମତ୍ତ । ହଳୁଆ ପୁଅ ହଳ ନେଇ ଗୁଲୁଛି ଗହିରକୁ, ମୁହଁରେ ହଳୁଆ ଗୀତ ବୋଲି ଚାଲିଛି—

ରାମ ହେଲେ ବନଗୃହୀ      ସଙ୍ଗେ ଯାଏ ସୀତା ରେ
ସତୀ ସାଧ୍ୱୀ ଶିରୋମଣି ଜନକ ଦୁହିତା ରେ
ପ୍ରାଣଧିକ ସ୍ୱାମୀ ତାଙ୍କ—      ବିଚ୍ଛେଦ ନ ସହେ ରେ
ସେ ଜାନକୀ ରାଜ କନ୍ୟା ବନବାସେ ଯାଏ ରେ ॥

ରତ୍ନମଣି ଦେବୀଙ୍କ ପୁଅର ବାହାଘର । ଖୁବ୍ ଧୁମ୍‌ଧାମ୍, ଆନନ୍ଦ ଉତ୍ସବରେ କାଲି ରାତିରେ ବିବାହ କାର୍ଯ୍ୟ ନିର୍ବାହ ହୋଇ ଯାଇଛି । କନିଅଁ ଘର ଠାରୁ ବର କନିଆଁ ବିଦା ହୋଇ ଲେଉଟାଣି ପଡ଼ିଲେଣି । ଗାଁ ଭିତରେ ବାହାଘର ବୋଲି ଗହିର ବାଟ ଦେଇ ପାଲିଙ୍କି ସବାରି ଟିକିଏ ବୁଲିକରି ଆସୁଛନ୍ତି । ପାଲିଙ୍କି ବାହକ ଗଉଡ଼ଙ୍କର ଗହିର ବିଲରୁ ପାଟି ଶୁଭୁଛି—ହୁଁ ମୁସ ଲୁହରେ, ଯାଉଥା ମାଣ୍ଡରେ । ରତ୍ନମଣି ଦେବୀ ହରଷ ହରଷ ହସିଲା ହସିଲା ମୁହଁରେ ବାଟ ଚଦାଣ କରି ପୁଅ ବୋହୂଙ୍କୁ ବନ୍ଦେଇ-ବାକୁ ଦୁଆର ମୁହଁରେ ଠିଆ ହୋଇ ରହିଛନ୍ତି—

ଗାଁ କନିଅଁକୁ ଗାଁରେ ବର, ଗାଁରେ ବାହାଘର ହେଲା—

ଗାଁ'ଆଯାକ ସଭିଁଏ ଦେଖିଲେ-ଆମ ଗାଁ ଝିଅ ଆମର ଗାଁ ବୋହୂ ହେଲା । ଏଥିରେ ପୁଣି ବର କନିଅାଁଙ୍କୁ ଦେଖିବାକୁ ଆସିଛନ୍ତି । ମାଇପେ ମରଦ, ବୁଢା ଟେଣ୍ଡାପିଲା, ବୋହୂବୁଅଣ୍ଟୁଣୀ ଓ ଝିଅମାନେ ପେଙ୍ଗା ଭାସ ଧକା ଲୁହ ଶଙ୍କର ଘର ଦାଣ୍ଡରେ ଆସି ଜମା ହୋଇ ପଡିଲେଣି । ରତ୍ନମଣି ଦେବୀ ଅଉ ଝିଅ ବୋହୂମାନଙ୍କ ସାଙ୍ଗରେ ବୋହୂକୁ ଡୋଲିରୁ ଓହ୍ଲାଇ, ବାଟ ବନ୍ଦାଣ କରି ନୂଆ ବୋହୂଙ୍କୁ ଘରକୁ ନେଲେ । ଗାଁ'ର ସାନ ସାନ ପିଲା ଛୁଆବୁଢ଼ାଙ୍କ ନୂଆବୋହୂ ବଣ୍ଟା ଗୁଡ଼ ଖାଇବେ ବୋଲି, ଅଗଣାରେ ଆସି ଜମା ହୋଇଛନ୍ତି । ପୁଅ ବୋହୂ ଆଗ ବଡ଼ ବଡଆଙ୍କ ଗୋଡ଼ରେ ପଡ଼ି ପୂର୍ବ ପୁରୁଷଙ୍କୁ ସ୍ମରଣ କରି ମୁଣ୍ଡିଆ ମାରିଲେ । ନୂଆବୋହୂ ଅତି ସ୍ନେହରେ ପିଲାଙ୍କୁ ସବୁ ଗୁଡ଼ ବାଣ୍ଟୁଛି । ଗୁଡ ବଣ୍ଟା ସାରି, ଶାଶୁ ମାନ୍ୟଗଣ୍ୟମାନଙ୍କୁ ଦେଖାଇ ଦିଅନ୍ତି ବୋହୂ ତାଙ୍କୁ ଓଳଗି ହୁଏ । ମାଇପେ ମରଦ କେତେସବୁ ବେଢ଼ିଯାଇ ମୁହଁଚୁଣି ଟଙ୍କା ଦେଇ-ବୋହୂ ମୁହଁ ଦେଖନ୍ତି । ବୋହୂ ମୁହଁରୁ ଓଢଣା ଟେକି ରତ୍ନମଣି ଦେବୀ ବୋହୂ ମୁହଁ ଦେଖାନ୍ତି । ଦେଖି ସାରିବା ପରେ ସେମାନେ କହନ୍ତି—ଖାସା ସୁନ୍ଦରିଆ ବୋହୂଟି, ଜଣେ ଜଣେ ହୋଇ କିଏ କେତେ ପଚାରନ୍ତି । ପାର୍ବତୀ ଚୁପ ହୋଇ ବାଣ୍ଟା ବଧୂ ତକ କରୁଛି । ଯା' ପରେ ମାଇପେ ମିଶି ଅଙ୍କା ପରିହାସରେ ବାରି ଅଛୁଣ୍ଡା ଛୁଣ୍ଡା କଥା ପଚାରୁଛନ୍ତି । ସେ କାହାକୁ କ'ଣ ଅବା କହନ୍ତା !

ତଳ ଅଗଣାରେ ଠିଆ ହୋଇ ମଙ୍ଗରାଜ ବୁଢା ମୁରୁବି ହସି କହୁଥିଲେ—ଏବେତ ଭମ ପୁଅର ବାହାଘର ସରିଲା ବୋହୂ ! ନାତୁଣୀ ବୋହୂଟି ଉତ୍ତମ ଜାଗିଲା, ଦେଖିବାକୁ ଭାରି ସୁନ୍ଦରିଆ ଆମର ଗାଁ ଆଉ ଝିଅ ବୋହୂଙ୍କ ଭଳି ଅଲକ୍ଷଣୀ, ଫରଫର୍ କୁହେଁ, ସେ ଏ ଗାଁ'ଆଯାକରେ ଝିଅଟାଏ ଥିଲା । ତମର କେତେ ଶରଧାର

ଅଲଅଲ ବୋହୂ, ଶଙ୍କର କପାଳକୁ ସୁନ୍ଦ୍ରି ଏମିତ ବୋହୂ ଥିଲା । ଧନ ଦରବ ଗହଣା ଗାଣ୍ଠିରେ କ'ଣ ଘର ପୁରନ୍ତା କି ? ବାପ ମର ଗଲାରୁ ସିନା ଶଙ୍କର ଟିକିଏ ଚଗଲା ବଟଲା ହେଉଥିଲା । ଏଣିକି ବାହା ହୋଲା କରେଇ ଦେଇଚ, ବରଷେ ଛ ମାସେ ଚଳେଇ ନେଲେ, ଭଲେ ସେ ତାଙ୍କ ଘର କରିବେନି କି—? ହଁ ପାର୍ବତୀ ଟୋକିକୁ, ତୁମେ ଏକା ଜିତିଲ ବୋହୂ ! ତମର ଜଗର ରହିଲ । ପୁଅ ବୋହୂ ଯଦି ତମ କଥା ନ ଶୁଣନ୍ତି ନ ମାନନ୍ତି—ଚିର ଦିନ ଦୁଃଖ ଭୋଗିବେ । ଏଣିକି ତାଙ୍କ ଘର ଓସ କରନ୍ତୁ ।

ମହତାବ ବୁଢ଼ାଙ୍କ କଥାରେ ରକୁମଣି ଦେବୀ ହସି ହସି କହିଲେ—ହଁ ମଉସା ! ସେମାନେ ସୁଖରେ ଘର ଦୁଆର କରନ୍ତୁ । କାଲିକି ଭାଇ ଭାତ ରହୁଛି । ଭୁଣିଅଁ ଭାଇ କୁଟୁମ୍ବମାନେ କୁହେଇ ହୋଇ ପଡିବେ—ସେମାନଙ୍କ ମନବୋଧ କରି ଭଲତେ ଖାଇବାକୁ ଦେବାକୁ ହେବ ମଉସା ! ସେ ଧନ ଭାଇ ଭୋଜନ ବେଳେ ତମେ ଆଉ ସମସ୍ତଙ୍କୁ ଡରଗା କରି ଛାଡ଼ିଦେବ । ସେ ନିଜ ହାତରେ ପୁଅର ବାହାଘର କାମ ସବୁ କଲେ, ବନ୍ଧୁ ବାନ୍ଧବଙ୍କ ଘରୁ ବାଲୁଅ ବୋହିଅ ଓଯ, ଯେମିତିକା ଭାର ବେଭାର ଆଣିଥିଲେ—ତାକୁ ସେଇ ପ୍ରକାର ବଦାକି ଦେଇ ବିଦା କରେଇଛନ୍ତି । ମହତାବ ବୁଢ଼ା ଗୁଲି ଯାଉ ଯାଉ କହିଲେ—ବାର ଧନା, ବାର ନେଉଚ କାହାକୁ ଛାଡୁଛୁ କି ମା' ? ମରିଯିବା ଯାଏ କଙ୍କାଳ ଲାଗିଥିବ ।

ରକୁମଣି ଦେବୀଙ୍କ ନଣନ୍ଦ ମୋତି କଟ ମଟ କରି ଗୁହଁ ତରତର ହୋଇ କହିଲା—ହଇଏ ନୂଆ ! ବୋଉ ତମର ଏଇଟି ଏତେ କ'ଣ କଗୁର ପଡ଼ୁଛି ମ ? ବୁଅସୁଣୀ ବୋହୂଟା ସେଇ ପାହାନ୍ତା ପହରୁ ଗାଧୋଇ କରି ଅସିଲାଣି । ଅସି କଅଁଳ ଗାଡୁଅବେଇ ହେଲା, ସେ କ'ଣ ଗଣ୍ଡେ ଖାଇଛନ୍ତି ଲୋ ?

ଦରହସିଲା ମୁହଁରେ ରକୁମଣି ଦେବୀ କହିଲେ—ମଲାମର;

ତମେ ମୋତେ କଣ ପଚ୍ଚାରିବାକୁ ଆଇଚ ? ତମେ ଯାଇ ଓରଘରୁ ଆରିଷା ପିଠା, ଦୁଧ ଗିଲାସେ ଆଣି ବୋହୂକୁ ମୋର ଖୁଆଇବାକୁ ଦଉନ । ତମେ ତ ଅଉ ପରପୁରୁଷ କେହି ନୁହଁ; ଏ ଦୋଷଟା ଏଭା ମୋଅରି ହେଲା ? ମୁଁ ତାଅରି ଶାଶୁ ସିନା, ତମେ ପରା ପିଇଶାଶୁ ରହିଛ ?

ନୂଆବୋଉଙ୍କ ଠଉଁ ଏ ଲଳିତା କଥା ଶୁଣି ମୋତ ଟିକିଏ ଲାଜ ଗଲା ପରି ହେଲା । ମୁହଁ ନେଫେଡ଼ି ହସି ପକେଇ କହିଲି—

ଏ ମୁଣ୍ଡ ପାଇଁ ହେଲି ଦଅଁଙ୍କ ସଣ ।
ସେ ଦଅଁ କହୁଛନ୍ତି ମୁଣ୍ଡଟା ହାଣ ॥

ମୁଁ କ'ଣ ତମକୁ କାହା ଦୋଷ ଗୁଣ କଥା କହୁଛି କି ନୂଆବୋଉ ?

ପାର୍ବତୀ ଖାଟରେ ଯେଉଁ ଧାଇ ବୁଢ଼ି ଅଛି, ପାର୍ବତୀ କାନରେ ଯାଇ ଚୁନା ଚୁନା କରି କହିଲା—ତମ ପାଇଁ ଖାଇବାକୁ ଆଣି, ପିଇ-ଶାଶୁ ତମର ଅସୁଛନ୍ତି । ତମେ ଟିକିଏ ସଣ୍ଟୁଣାରେ ବସୁନ । ପାର୍ବତୀ ପିଇ ଶାଶୁ ହାଣ୍ଡିଶାଳ ଘରରୁ ଅଣି ଜଳଖିଆ ଥାଳି ତା ଆଗରେ ଥୋଇଲେଣି । ମୋତ ପୁରୁଷ ବୋହୂ ପାଟିରେ ପିଠା ଗୁଞ୍ଜି ଅଉ ଶରଢ଼ାଉର ଖୁଆଇ ଦେଉ ଆଅନ୍ତି । ଲାଜରେ ପାର୍ବତୀ ତାଙ୍କ ଆଗେ ଖଲଖ ହୋଇ ବସି ପାରୁନାହିଁ । ସ୍ତ୍ରୀ'ଙ୍କ ଘରେ ବହୁ ପଣିଅଁ କରିବାକୁ-ଅଙ୍କି ରୁବିଦାନ ହେଲା ସେ ଅଇଲା ! କେତେ ଆଦର ସୋହାଗରେ ପିଇଶାଶୁ ତାଙ୍କ ସଣ କାପୁମ ପକେଇ ଦୁଧ ଗିଲାସକ ପାର୍ବତୀକୁ ପିଆଇଲେ ।

ଶଙ୍କର ପାର୍ବତୀକୁ ଦେଖିବ ବୋଲି ଚୁଆଖାଇ ବଲେଇ ଘର ଅଗଣାରେ ଏପଟ ସେପଟ ହେଉଛି । ପାର୍ବତୀ ସେଇ ଘର ଭିତରେ ଥାଇ ସବୁ ଦେଖି ପାରୁଛି, ସେ କାମିଜା ତାକୁ ଦେଖିବ ବୋଲି ଲଳଃସ୍ତତ ହୋଇ ଖାଲି ଗୁରିପିଠି ବୁଲୁଛି । ପାର୍ବତୀ ପ୍ରାଣ ବଦ୍‌ବେଳାଉ କରି ଉଠେ ଶଙ୍କର ଚମ୍ପ ଭୁଷ ମୁହଁ ଦାଉ ଦାଉ

ତାଆର ଆଖି ଆଗରେ ନାଚିଯାଏ । ଦୁଇଟି ଅବାଧିତ ଜୀବନ ମିଳନ ପାଇଁ ମନରେ ସୃଷ୍ଟି ହେଉଥିବା ଉନ୍ମାଦନା, ପ୍ରଥମ ଛୁଆଁସ୍ତ ଯୌବନରେ ସ୍ବା’ଙ୍କର ଅଙ୍ଗ ସ୍ପର୍ଶ କରିଥିଲି । ଆଜି ତାଙ୍କର ଗୋଡ଼ତଳେ ସମର୍ପି ଦେଉଛି-ମୋ ନାରୀତ୍ୱର ସର୍ବସ୍ୱ, ଦେହ, ମନ ଓ ଯୌବନ । ଯେ, ଥିଲେ ମୋର ପିଲା ବେଳର ସାଥୀ, ସେ ହେଲେ ସ୍ୱାମୀ-ଦେବତା । ତାଙ୍କ ସୁଖ ଶାନ୍ତି ଓ ମଙ୍ଗଳ ପାଇଁ ମୁଁ ଚିରଦିନ ଜୀବନ ଉତ୍ସର୍ଗ କରି ଦେଉଛି । ଦିନ ଷୋଳଘଡ଼ି ପାର୍ବତୀ ସେଇକଥା ମନରେ ଘେଟରତେଇ ହେଉଥାଏ ।

ଚଉଠି ରାତି ବାସର ମିଳନ ପାଇଁ ପ୍ରାଣ ଉତ୍କଣ୍ଠ ହେଲାଣି । ସୁତା ନଟିଖିଅ ନ ମିଳିଲା ପରକା, ମନରେ ତାର ଗୃଭୁଲଆ ଭାବନା । ଦୁଇ ପହର ରାତି ହେଲାଣି, ଆକାଶ ଗୃହପିଠି ଅସୁମାରି ତାରା । ନିରବ ନିର୍ଜନ ରାତି. ଭୋରୁ ଆସୁଛି ଧୀର ଶୀତଳ ପବନ । ସେଦିନ ଗାଁ କୁଟୁମ୍ବ ଭିତରୁ କ କେତେ ଝିଅ ଭୋରୁ ସ୍ବାଙ୍କ ଘରକୁ ଖାଇବାକୁ ଆଇଚନ୍ତି । ଆଜି ଶଙ୍କର ଚଉଠି, ଶଙ୍କର ଭୋଉଙ୍କ ଗୋଡ଼ ପାଖିଁ ହାତରେ ପଡ଼ୁଛି । ସେ ଖା’ ପିଅ-ଦେଣି ନିଏଣରେ ବ୍ୟସ୍ତ । ଶଙ୍କର ସଞ୍ଜ ପହରୁ ଖାଇସାରି ପଲଙ୍କ ଉପରେ ଡେଇଁ କରି ଶୋଇ ମିଳୁଟାରେ ଘମାଘୋଟିଆ ନିଦ ଗଲା ପରକା ଘୁଙ୍ଗୁଡ଼ି ଛାଡ଼ୁଛି ।

ହାଣ୍ଡିଶାଳ ଘର କବାଟ କୋଣରେ ବଡ଼ ଲଜ୍ଜାରେ ପାର୍ବତୀ ମୁହଁ ଲୁଚାଇ ବସିଛି । ପଡ଼ିଶା ନେଖା ଯୋଖା-ଯା ନଣନ୍ଦ ଆଇମାନେ କେତେ ଭଙ୍ଗିରେ ଟାପରା କରି ପରିହାସ ଛଳରେ କଥାର ବାଣ ଫୁଟଉଛନ୍ତି—

ଅଲୋ ଖୋଲ କବାଟ;
ଆଜି ଚଉଠି ରାତିର ପହିଲି ଭେଟ
ତେଣେ ଘରେ ପଶିଲେଣି ନାଗର ଶଠ ॥

ମହତାବ ଘର ସୁକାନ୍ତ ଅଇ ନିଜ ହାତରେ ପାର୍ବତୀଙ୍କ ପଟ-ପାଟି କରି, ବେଶ-ଭୂଷା ସଜେଇ ଦେଉଛନ୍ତି । କେଡ଼େ ସୁନ୍ଦର ଦାମିକା ଭଲ ପତଳା ରଙ୍ଗିନ ଶାଢ଼ି ଖଣ୍ଡେ ପିନ୍ଧିଛି । ବେକରେ ଝୁଲୁଛି ଛୋଟ ହାରଟିଏ, ହାତରେ ସୁନା କାଚ-ଶଙ୍ଖା । କାନରେ ଝଟକୁଛି ନାକଥିବା ସୁନା ଗହଣା, ମୁଣ୍ଡରେ ସିନ୍ଦୁର ଟୋପା । ଆଖିରେ ସରୁ କଜ୍ୱଳ ଗାର । ବାରିକଆଣୀ ବାବାଙ୍କ ବୋଉ ପାଦରେ ଅଳତା ମଣ୍ଡି ଦେଇସାରି ଗୃହିଲ ନେଲା ବେଳେ ରକୃମଣି ଦେବୀଙ୍କ ଆଗରେ କହିଲା—ଏମିତିକା ସୁଲକ୍ଷଣୀ ବୋହୂ ଭାଗ୍ୟ ଥିଲେ ମିଳେ । ତାଙ୍କର ସବୁବେଳେ ହସିଲା ପରିକା ମୁହଁଟି, କେଡ଼େ ଶୋଭା ଦିଶେ । ଯେତେବଡ଼ ଶତ୍ରୁ ହେଲେ ବି; ତାଙ୍କ ମୁହଁକୁ ଅନେଇଁ ଦେଲେ, ଶତ୍ରୁ ପଣିଆଁ ତା'ର ପାଣି ପାଟିଯିବ ।

ସୁକାନ୍ତ ଅଇ ହସ କଉତୁକରେ ନାତୁଣୀ ବୋହୂକୁ କହିଲେ—ଅଜି ତଳଠି ସାତ ଲୋ ; ଶଙ୍କର ସଙ୍ଗେ ତୋର ପହିଲି ଭେଟ ହେବ । ଭଲ ପାଇ ପାଇବା ସ୍ତ୍ରୀ'କୁ କହନ୍ତି ଲୋ । ପୁରୁଷଙ୍କ ଭଲ ପାଇବା କେବଳ ମାଇପଙ୍କ ମନରଖା କଥା, ସେଥିରେ ଭଲ ପାଇବା ନଥାଏ । ଏବେ ଚିରକାଳକୁ ତ ତୋର ବନ୍ଧୁ ହେଲା ଶଙ୍କର, ତାଆର ତୋ ସାଙ୍ଗେ ପିଲା ବେଳରୁ ଭିତରିଆ ଘନିଷ୍ଠତା ଥିବ ଥିଲା । ଆଜି ରାତିରେ ନିଜର ବୋଲି ଯେତେବେଳେ ମନର ମରଦକୁ ଦେଖିବୁ, ଉପର ମନରେ ସିନା ଢଙ୍ଗ କରି ଅଡ଼ ଅଡ଼ ହବୁ, ଭିତରେ ଭିତରେ ପ୍ରାଣରୁ ମନମତାଣିଆଁ-ମନ ଫୁଲିବା ହସ ବାହାରୁଥିବ ।

ପାର୍ବତୀ ମୁଣ୍ଡ ବାନ୍ଧି ସାରି ସୁକାନ୍ତ ଅଇ ଗୋଡ଼ ତଳେ ମୁଣ୍ଡିଆ ମାରେ । ସୁକାନ୍ତ ଅଇ ତାକୁ କଲ୍ୟାଣ କରି କହିଲା—ତମ କୁହୁଁଙ୍କୁ ପରମେଶ୍ୱର ଲକ୍ଷେ ଅଇଷ ଦିଅନ୍ତୁ । ହାତର କାଚ ମୁଣ୍ଡର ସିନ୍ଦୁର ବଜର ହୋଇ ଥାଉ । ଘରକୁ ଯେଇ ସୁଖରେ ଘର ସଂସାର

ଭଳ ଲୋ ନାତୁଣୀ ବୋହୂ ।" ଓଡ଼ଣା ତଳୁ ପାର୍ବତୀ ଏକା ଆଖିରେ ଅନେଇଁଲା ସୁକାନ୍ତ ଆଡ଼କୁ । ପାର୍ବତୀ ଗୁପ୍ତ ପ୍ରବଳ ମନ ଅନ୍ଧ କନ୍ଦରେ ଛଟପଟ ହେଉଛି ଅସ୍ଥିର କାମନା । ଅଜ୍ଞ ସାତଠାରୁ—ଯୋଉଁଟି ଅସୁନ୍ଥ ସପନ ପୁଷ୍ପର ସଉଜପାଖ ସୁଖ ଦୁଃଖର ମାୟା । ଆକାଶ ପାତାଳ କେତେ କଣ ଭାବି ପାର୍ବତୀ ମୁହଁ ତଳକୁ ପୋତି ଲୁନି ହୋଇ ବସି ରହିଲା ।

କେତେଡ଼ ଜାଲିଟୀ ସୁକାନ୍ତ ଆଉ ଫୁଲେଇ ହୋଇ ପୁଣି କହିଲା—ଅଲୋ ହେ ନାତୁଣୀବୋହୂ ! ସବୁଦିନ ପାଇଁ ମୋର କଥାକୁ ମନରେ ରଖିଥିବୁ—

ମରଦ ପୁଅ ମାଇପି ରଙ୍କ
ତରଙ୍ଗି ନ ଯିବୁ ଭଡଙ୍କ
ରୂପ ଟକୁଣିଆଁ ମହୁଡ଼ ମଣି
ଅସିରେ ତୋ ଗୋଡ଼ ଭାଙ୍ଗିବ ॥

ପାର୍ବତୀ ସାଙ୍ଗରେ କେତେ ଝିଅ ବୋହୂ ଏକା ସାଙ୍ଗରେ ମେଳ ହୋଇ ସ୍ନାନ ଖିଆ ପିଆ ସରିଲା ପରେ ଗୋଟେ ମାଇପେ ମିଶି ପାର୍ବତୀର ହାତଧରି ଓଁଟାଣି ଯୋଗାଇ ନେଇ ବଖୁରି ଘରେ ପୂରେଇଲେ । ବାହାର ପଟୁ କବାଟ ଟାଣି ଶିକୁଳି ଲଗେଇ ଦେଲେ । ହସି ହସିକା ସୁକାନ୍ତ ଆଉ ଏତେ ମାଇପଙ୍କ ମଝିରେ କହିଲା—ତୁ ଏଡ଼େକ ଝିଲ ; ତୋ' ଶୋଇବା ଘରେ ପଶିବାକୁ ଏତେ ଅମଙ୍ଗ ହେଉଛୁ କାହିଁକି ? ତୋର ଭଗ୍ୟ ଯଉବନ ଉଛୁଳା ଦେହକୁ ଥମ ଶଙ୍କରଙ୍କୁ ସମ୍ପି ଦେଇ ତା' ସାଙ୍ଗେ ମନ ଖୋଲି କଥା କହିବୁ ଲାଜ କଣ ଲୋ ? ଟାପେଶ ଲୋକ ହେବେ ଆଜ କେତେ ଝିଅ ବୋହୂମାନେ ଥଟା ତାମସାରେ କହୁ ଥାଆନ୍ତି—ହଉ ତୁ ଯାଇ ଏବେ ଶଙ୍କରଙ୍କ ସାଙ୍ଗେ କଥାଭାଷା କର । ଆଜ ସ୍ୱତରେ ତମ ଦୁହିଙ୍କର ମଣି କାଞ୍ଚନ ଯୋଗ ହେବ ଲୋ । ବାଣ୍ଡିଆ ମରଦ

ଅଳ୍ପ ଦୋଡେ ପାଖରେ ଶୁଆଇ ଦେଇଛି କର କଅଁଳିଆ କଥା କହୁ ଫାନ୍ଦରେ ପକେଇବ ।

ଜେହ୍ନ ଛୁଇଁ ଦେବା ଲାଜକୁଳି ଲତା ପରି ପାର୍ବତୀ ଲାଜରେ ଝାଉଁଳି ପଡ଼ୁଛି । ମଉନ ହୋଇ କବାଟ କୋଣକୁ ଅଉଜି ଠିଆ ହୋଇ ପୂର୍ବ କଥାମାନ ମନରେ ତେଜି ହେଉଛି । ପିଲା ଦିନରୁ ଦାଣ୍ଡରେ ଖେଳି ବୁଲି, ଏକାସାଥୀରେ ବଢ଼ି ଆସିଥିଲେ । ଆଜି ଯୁବା ଯୁବତୀ ବୟସରେ ଦୁହେଁ ହେଲେ ଦୁହିଁଙ୍କର ଜୀବନର ସାଥୀ । ଶଙ୍କର ଶୋଇବା ପଲଙ୍କ ଆଡ଼କୁ ଚାହିଁ, ପାର୍ବତୀ ମନେମନେ ହସୁ-ଥାଏ । ସୁସଜ୍ଜିତ ଶୟନ କକ୍ଷ । ପାର୍ବତୀ ମନ ଆନନ୍ଦରେ ଘର ଧରୁ ନ ଥାଏ । ଭିତର ଦୁଆର କବାଟ କିଳି ଦେଇସାରି ପିଲସଜ ଉପରେ ଜଳୁଥିବା ଘିଅ ଦୀପ ତେଜି ଦେଲା । ତା ଦେହରେ ଛୁଟିଛି ପୁଲକର ପ୍ରବାହ । ପୁଲକିତ ମନେ ମନେ ଗୁଣି ହେଉଛି—ତାଙ୍କର ଏଇ ସୁନ୍ଦର ମୁହଁଟି, ସରଗ ସମସ୍ତ ଠଉଁ ବଳି ମୋର ଅଧିକ । ଇଚ୍ଛା ହୁଏ ତାଙ୍କ ମୁହଁରେ ୫୦ ଲଗେଇ ଆଗେ ମୁଁ ଚୁମା ଦେବି, ଛାତିକି ଆଉଜାଇ କୋଳ କରି ଧରିବି ।

ଲାଜରେ ମନ କଥା ଗୁଣ୍ଡରେ ଅଟକି ରହିଯାଏ । ତାଙ୍କ ପାଖରେ ବସି ତାଙ୍କ ଦେହ ଛୁଇଁଲେ କାଳେ ଯଦି ତାଙ୍କ ନିଦ ଭାଙ୍ଗିଯାଏ, ସେ ମନରେ କ'ଣ ଭାବିବେ ? ପାର୍ବତୀର ଲାଜୁଆ ଚାହାଣି ଶଙ୍କରର ଶୋଇଲା ମୁହଁ ଉପରେ ପଡ଼େ । ମନକୁ ଅଟକି ଦେଇ ଭଲସା ଅସନା ଭାବ । ସତକୁ ସତ ଶଙ୍କର ଗରୁ ନିଦ ଭାଙ୍ଗି ଗଲାଣି । ତାର ଦୃଷ୍ଟି ପଡ଼ିଲା ପାର୍ବତୀ କବାଟ କୋଣରେ ଲାଜ କୁଟି ହୋଇ ଠିଆ ହୋଇଛି । ପ୍ରେମ ରୂପ ରସ, ଗନ୍ଧ ଗନ୍ଧ ପ୍ରାଣକୁ ତାର ଡାକୁଛି । ଅହା-କେଡ଼େ ସୁନ୍ଦର-କେଡ଼େ ମଧୁର । ଶଙ୍କର ବାଆଁରେଇ ହୋଇ କେତେ ପ୍ରକାର ଆସ ଧରି ସେ ପାର୍ବତୀ ପାଖକୁ ଯାଏ । ସେ ସେପରି ଉପଲବ୍ଧ କରେ—ପାର୍ବତୀ ଲାଜୁଆ ମୁହଁରେ ପଢ଼ୀଛର

କାମନା ଉଦ୍ଦୀପନା ଉତ୍ସ ଓ ସଙ୍କୋଚର ଅସ୍ତ୍ର । ଉତ୍ଥିତ ଜାଗ୍ରତ ଯୌବନ ପ୍ରେରଣାଦାୟିନୀ କୋମଳ ଅଙ୍ଗ ଶୋଭା । ପାର୍ବତୀ ପାଖକୁ ଆସି ତା ମୁହଁକୁ ଚାହିଁ ମୁରୁକେଇ ହସିଦେଇ କହେ—କେତେ ଲାଜ-କୁଳୀଟା ମ ! ପିଲା ଦିନୁ ଯେଉଁ ମୁହଁଟା ଦେଖିଥିଲି; ସେଇ ମୁହଁଟା ତ, ସେ ? ପାର୍ବତୀ ମୁହଁ ବୁଲାଇ ଓଢଣୀ ଟିକିଏ ଟାଣି ଆଣିଲା । ଶଙ୍କର ତାକୁ କାଣେଇଁ କରି ଚାହିଁ କହୁଛି—ଲାଜ ଗୋଟାଏ କ'ଣ ମ ? ପଲଙ୍କ ଉପରକୁ ଚାଲ ନା ! ଏବେଳେ ଅଢ଼ ଲୁଚା ହୋଇ ଅଭିମାନ କରିବାର ବେଳ ନୁହେଁ । ସକାଳ ହୋଇ ଗଲେ ସବୁ କାମ ଭଣ୍ଡୁର ହୋଇ ଯିବ । ତମକୁ ଅଗ୍ନି ସାକ୍ଷୀ ରଖି ଗୃହଲକ୍ଷ୍ମୀ ରୂପେ ବରଣ କରି ଘରକୁ ଆଣିଲି । ଅଜ କାହିଁକି ଚଉଠି ରାତି ମଧୁର ମିଳନ ବେଳକୁ ଅମଙ୍ଗ ହେଉଛ ?

ପାର୍ବତୀ କଣେଇଁ କରି ତାକୁ ଚାହିଁ ଲାଜରେ ଝାଉଁଳି ପଡ଼ି, ଆଖି ମୁଦି ମୁହଁ ତଳକୁ ପୋତି ଠିଆ ହେଲା । ଶଙ୍କର ଦେହରେ ପ୍ରେମ ପ୍ରବାହର ଦାହ ଛୁଟିଛି । ମନ ଭିତରେ ଉହଳ ବକଲ ହୁଏ କୌତୁହଳ ପ୍ରକୃତି । ସେ ପାର୍ବତୀ ହାତ ଧରି ଗେହ୍ଲେଇ କଅଁ-ଳେଇ କହିଲା—କିଏ ତମକୁ ଏପରି ସରଗର ତିଳୋତ୍ତମା କରି ସଜେଇଛି ? ପରିପାଟି ଟିକିଏ ଲୋଭନୀୟ ହୋଇ ପଡ଼ୁଛି ତ ।"

ଶଙ୍କର ମୁହଁକୁ ଚାହିଁବାକୁ ପାର୍ବତୀକୁ ଲଜ୍ଜା ଲାଗେ । ତାଆର ପ୍ରେମ ବିଦଗ୍ଧ ପ୍ରେମିକଟିର ମନ କଥା ବୁଝି ପାରି ଟିକିଏ ମୁରୁକେଇ ହସିଲା । ବାଁଆରେଇ ହୋଇ ତା ହାତ ମୁଠାରୁ ହାତ ଛଡ଼େଇବାକୁ ଚେଷ୍ଟା କଲା । ପ୍ରାଣ ଖୋଜୁଛି ସାନ୍ନିଧ୍ୟ । ପ୍ରାଣର କଥା ମନରେ ଗୁପି ରଖି ନୂଆ ଜୀବନ ଚାହେଁ ସାଂସାରିକ ପ୍ରେମ ସୁଖ ଅନୁଭବ କରିବାକୁ । ମଉନେ ସ୍ୱୀକୃତି ଲକ୍ଷଣ ବୁଝି ପାରି ଶଙ୍କର ତାକୁ ବାହୁ ଆଲିଙ୍ଗନରେ ପଲଙ୍କ ଉପରକୁ ଟାଣି ଓଟାରି ନେଇଗଲା । ଏଇଟା ହେଲା ମାଇପି ଜାତିଙ୍କର ଗୋଟାଏ ଗୁଣ ।

ଓଷଇଅ କରବେ ଯେତେ ପସ୍ତରଲେ ଛୁଣ୍ଡରେ ନା ନା କରୁଥିବେ—

ପାର୍ବତୀ ଗମ୍ଭୀର ହୋଇ ମୁହଁ ଫୁଲାଇ କହିଲା—ମୋ ଖାତ ଛାଡ଼ । ପାର୍ବତୀ ଦେହରେ ପୁଲକିତ ଶିହରଣର ଅସ୍ତ ଉଠିଲା । ଜୋରରେ ନିଃଶ୍ୱାସ ଛାଡ଼ିବାକୁ ଲାଜ ମାଡିଲା । କଣପେଇଁ ତାଙ୍କର ଏପରି ଅବାଧ୍ୟ ପଣ, ଅମାନିଆଁ ଖୋଇ ? ସତେକି ସେ ସେଇଠି ମୂର୍ଚ୍ଛା ହୋଇ ପଡ଼ିଯିବ । ଭରପୁର ଯୌବନ ସହିବାର ଶକ୍ତି ଯେପରି ଦେହରେ ଆଉ ନାହିଁ । ଶଙ୍କର ପାର୍ବତୀ ମୁଣ୍ଡ ଛାତି ଉପରକୁ ଅଉଜାଇ ଆଣି; ପରିହାସ କଲା ପରି କହିଲା—ଯଦି କଥାରେ ଅବାଧ ହୁଅ ମୋ ବଣ ପକାଇବ । ପାର୍ବତୀ ଭାବେ ମୁଁ କେଉଁ କତେ-କରେ ତାଙ୍କ କଥାରେ ପ୍ରତିବାଦ କରିବ ? ମୁଁ ବା ତାଙ୍କ ମନରେ ଅଶାନ୍ତି ଅଣେଇବ କାହିଁକି ? ଶଙ୍କର ଅଖିରେ ବିଚରଣ କରୁଛି ନୂତନ ଢଳ ଢଳ ସୌନ୍ଦର୍ଯ୍ୟ; ଉଦ୍ଭାସିତ ଭସ୍ମ ଯୌବନ ପୂର୍ଣ୍ଣ ସ୍ୱାସ୍ଥ୍ୟ ଉପରେ । ତା ଦରହସୁସ ମୁହଁରେ ଚଳୟ ଉଦ୍‌ବେଗ ଉଚ୍ଛଳ ଭାବ । ତନି ପହରଅ ବାଲୁଅ ଗୁଡ଼ାଇ ହୁକେ ହୋ-ହୁକେ ହୋ କରି ଉଠିଲେଣି । ଦୁହେଁ ଭାବରେ ଉଛୁଳ ଏତେ ସତ ଯାଏ ଦୁହିଁଙ୍କ ଅଖିରେ ନିଦ ନାହିଁ । ଉଭୟଙ୍କ ମନ ହେଉଛି ଉଚାଟ । ଓଦେହ ପୁଲକିତ ହୋଇ ଝିମି ଝିମି ମାରି ଯାଉଥାଏ । ପ୍ରାଣରେ ମାତୁଛି ଉଚ୍ଛଳ ଉନ୍ମାଦନା । ଶଙ୍କର ପାଖରେ ଦେହରେ ଦେହ ଲଗେଇ ବସିଛୁ ବୋଲି ପାର୍ବତୀ ଲାଜରେ ସଢ଼ି ଗଲାଣି । ଶଙ୍କରକୁ ଠେଲି ପାର୍ବତୀ ଟିକିଏ ଦୂରେଇ ଯାଇଁ ବସି କହିଲା—ତୁ ବଡ଼ ଦୁଷ୍ଟ ତମେ ! ବନ୍ଧୁ ବାନ୍ଧବ କୁଣିଆଁ ମଇଟ ଘରେ ଭର୍ତ୍ତି ହୋଇ ରହିଛନ୍ତି । ଅପା କି ବୋଉ ! ଏ କଥା ଦେଖିଲେ କି ଶୁଣିଲେ କଣ ବୋଲି ଭାବିବେ ? ତମେ କହିଲ କଲ ! ଜୋର ଜବରଦସ୍ତିରେ ଶଙ୍କର ପାର୍ବତୀକୁ ପାଖକୁ ଟାଣି ନେଇ କୋଳରେ ଶୁଆଇ ଦେଲା କଲା । ଦର୍ଶିଟି ଯାଉଛ ମନରେ ମିଳନ କାମନାର ପ୍ରସବଣ—ପ୍ରବାହ

ବୋହୂଲାଣି । ନିରୁପାୟ ହୋଇ ପାର୍ବତୀ ତା ସ୍ୱାମୀଙ୍କ କୋଳରେ ମୁଣ୍ଡ ରଖି ଛୁଳି ହୋଇ ଶୋଇଲା । ଦେହରେ ଦେହ ଲଗେଇ ଦୁହେଁ ପଲଙ୍କ ଉପରେ ଶୋଇଛନ୍ତି । ଦୁଇଟି ମିଶିଲା ଦେହ କେଡ଼େ ଶୋଭାକାର ଦିଶୁଛି; ତାହା ଲୁଣ୍ଡରେ ପଡୁଛି ଏ ହେଲେ କଥା ନାହିଁ । ପରସ୍ପର ପରସ୍ପର ମୁହଁକୁ ଅନାଇଁ ଅନେଇଁ ହୋଇ ଆଖିରେ ଯେପରି ସେମାନଙ୍କର ମନର କଥା ହେଉଛନ୍ତି ।

ଏ ଭିତରେ କେତେ ଗୁଡ଼ାଏ ଦିନ କଟି ଗଲାଣି । ସକାଳ ସୂର୍ଯ୍ୟଙ୍କ ଆଲୋକିତ ତେଜ—ଦୁନିଆଁଟାକୁ ଆଲୋକିତ କରୁଛି । ଆକାଶର ଗୁଡ଼ରେ ଧଳା ବଉଦ ମାଳ ମାଳ ବାନ୍ଧି ଭାସି ଯାଉଛନ୍ତି । ସାତ ମଙ୍ଗଳା ଯାକେ ଶଙ୍କର ଦେହରେ ହଳଦୀ ବାହା ପିନ୍ଧା ପାଟ ଯୋଡ଼, ପାଦରେ ଅଳତା, ଆଖିରେ କଜଳଗାର, ବାହା ଅସାଭୂଅ ସୁତା ଚନ୍ଦା ବହୁଛି । ଦାଣ୍ଡକୁ କୁଅଡ଼େ ଭ୍ରମିତ ଗଲେ; ତାକୁ ଅଡୁଆ ଅଡୁଆ ଲାଗେ । ସାଙ୍ଗ ସାଥୀ ବେଣ୍ଡିଆମାନେ ଥଟ୍ଟା କର କହନ୍ତି । ପାର୍ବତୀ ପିଲ୍ଲା ଧରି ଧରିତ ପାର୍ବତୀକୁ ବାହା ହେଲ । ସଂସାର କଣ ବୁଝି ନ ଥିଲ, ଏଣିକି ବୁଝିବୁ ଦୁନିଆ ଭିତରେ ଭଲ ମନ୍ଦ କଣ ନିଜେ ଚିହ୍ନିବୁ । ତେବେ ଗୋଟାଏ କଥା; ଆଉ କେତେ ଦିନଯାଏ ଏ ପାଟ ଯୋଡ଼ ପିନ୍ଧିଥିବୁ ? ଶଙ୍କରକୁ ଲାଜ ଲାଗିଲା । ବରକୁ ଅସି ପାଟ ବଦଳି ଲୁଗା ପିନ୍ଧିବାକୁ ବସିଛି ।

ଶଙ୍କର ବୋଉ ଗୃହିଁଲେ ଘରକୁ । ଶଙ୍କର ଘର ଭିତରେ ପଶି ଭଣି କରୁଛି । ଭଣି ଦେଖି ପଢେଇ ଚାହିଁକ ଉଠିଲେ । ତାଙ୍କ ମୁହଁଟା ମଉଳଣି ଦିଶିଲା । ସେ ଶଙ୍କରକୁ ଖୋବେଲେଇ କର କହିଲେ—ଭାଲୁକା ପିଲାଟା ତୁ; ତୋତେ କାହିଁକ ଏତେ ଲାଜ ମାଡ଼ୁଛି କରେ ? ପାଣି ଯୋଡ଼ ସାତ ମଙ୍ଗୁଳା ନ ପିବାଯାଏ ଦେଇକୁ ଛୁଇଁବାକୁ ନାହିଁ । ଶଙ୍କର ତୁନି ହୋଇ ରହେ । ବୋଉକୁ ସେ କଅଣ ବା କହନ୍ତା ?

ପାର୍ବତୀ ବାର ଗଡ଼ଅରୁ ଗାଧୋଇ ଆସି; ଓଦାଲୁଗା ପାଲଟିବାକୁ ଘର ଭିତରେ ପଶିଲା । ନେତ୍ରମଣି ଦେବୀ ଦେଖିଲେ ପୁଅ ବୋହୂ ଏକାଘରେ ଠିଆ ହୋଇଛନ୍ତି । ମନ ପୁରକୁଠେ ଦୁହେଁ ଲକ୍ଷ୍ମୀ ନୃସିଂହ ପରି ଦିଶନ୍ତି । ତାଙ୍କ ଆଖି ଆଗରେ ଘର ସଂସାର ସରଗପୁର ପରି ଲାଗେ । ମନ ଆନନ୍ଦରେ ଗୁଣି ହୁଅନ୍ତି—ମୋ ଜୀବର ଜୀବନ ଏ ପୁଅ ବୋହୂ ଦୁହେଁ ମୋର ଦୁଇ ଆଖି । ଭାର ବୁଲାଟା ଆଗେ କେତେ ସମୟ ଘରେ ରହୁଥିଲା; ଏବେ ଘର ଛାଡ଼ି ପଦାକୁ ଯିବାକୁ ଖବୁବେଳେ କୁଣ୍ଠିତ ମନ । ଗଲେ ଅଳପ ସମୟ ବାଣ୍ଡରେ ଚାହୁଁ ଘରକୁ ଲେଉଟି ଆସୁଛି । ସଂସାର ବନ୍ଧନ ଏମିତିକା । ପାର୍ବତୀ ହଳଦ ରଙ୍ଗର ଗଣ୍ଡେ କସ୍ତା ଲୁଗା ପିନ୍ଧି ବଡ଼ ଅଇନା ଆଗରେ ଠିଆ ହୋଇ, ମୁଣ୍ଡ କୁଣ୍ଡାଇ ଖୋସା ବାନ୍ଧିଲା । ଆଖିରେ କଜଳ ଲଗାଇ କପାଳରେ ଦେଲା ସିନ୍ଦୂର ବିନ୍ଦୁ । ଆଗରେ ଠିଆ ହୋଇଛନ୍ତି ସ୍ୱାମୀ ଦେବତା । ସେ ଶଙ୍କର ଗୋଡ଼ତଳେ ନଇଁପଡ଼ି ନମସ୍କାର କଲା । ଶଙ୍କର ଆଖି ଓ ମନ ପୂରାଇ ଦେଖିଲା—ପୂର୍ଣ୍ଣ ଯୌବନା, ସୁନ୍ଦରୀ ପତ୍ନୀ ପାର୍ବତୀର ନିଖୁଣ ରୂପ, ପବିତ୍ର ନିର୍ମଳ ବେଶ, କଥା କଥାରେ ମଧୁର ହସ ପିଲାଳିଆ ଚଗଲାଳିଆ ଭଙ୍ଗି । ଶଙ୍କର ତା ହାତ ଧରି ମୁଣ୍ଡ ଟେକି ଅଳ୍ପ ହସି ପଚାରିଲା—କଦେଶକୁ ଯିବ ବୋଲି

ମନ ହେଉଚି ସିନା ଯାଇ ପାରୁ ନାହିଁ । ବିଦେଶକୁ ଗଲେ ମୋତେ ତମେ ନ ଦେଖି ଖାଲି ଝୁରି ହେବ ସିନା ?

ଶଙ୍କର ପାର୍ବତୀ ହାତ ଧରି ଠିଆ ହୋଇ ରହିଛି । ମୁହଁରେ ନବକୁ ଭାବ ଉତ୍କଣ୍ଠ୍ୟ ହେଉଚି; ଦେହରେ ଯୌବନ ଆକର୍ଷଣ ଉତ୍ତେଜନା ଖେଳାଇବା । ପାର୍ବତୀ ଲାଜରେ ନଇଁପଡ଼େ । ଦର ହସିଲା ମୁହଁ ଟେକି ତା ମୁହଁକୁ ଚାହିଁଲା । ତମେ କେଡ଼େ କେହ୍ୱଅ ମ ! ଅରେ, ଛାଡ଼ ବୋଉ ଆସିଯିବେ । ବାର କବାଟ ଦାଣ୍ଡ କବାଟ ମୁକୁଳା, କିଏ କାଳେ ଅସିପାରେ, ସେ କ'ଣ ମନରେ ଭାବିବ ? ଲୋକେ ଭିତର କଥା କ'ଣ ବୁଝିବେ ? ଖରାପ କଥାଟା ଆଗେ ତାଙ୍କ ଆଖିକୁ ଦିଶିବ । ତମେ ଦାଣ୍ଡକୁ ଗଲ, ମୁଁ ଯାଏ ରନ୍ଧା ବଢ଼ା କରେ । ଏ ଗାଁ' ବୋହୂ ଭୁଆସୁଣୀଙ୍କୁ କ'ଣ ଚିହ୍ନି ନାହଁ ? ଓଳି ନ ଦେଖି କହିବେ ଛୁ' ଫଡ଼ା । କଥାଏ ଦେଖିଲେ ପାଞ୍ଚ କଥା କରି ଗପିବେ । ଶଙ୍କର ତା ମୁହଁକୁ ମୁଗ୍‌ଧ ଆଖିରେ ଚାହିଁ କହିଲା—ଆମର ଗାଁ ବୋହୂ ଝିଅମାନେ ଏ କଥା ଭାବନ୍ତେ; ନୋହିଲେ ଏଇ କଥା କହନ୍ତେ—ଶଙ୍କର ତା ସ୍ତ୍ରୀ କୁ ଅଧିକ ଭଲ ପାଏ । ପର ଦୁର୍ଗୁଣ କଥା କହିବା ଗାଁ' ମାଇପଙ୍କର ଗୋଟାଏ ସ୍ୱଭାବ । ଯାହାର ଯାହା ପ୍ରକୃତି, ତା ଛାଡ଼ି ଯିବ କୁଆଡ଼ୁ ? ଏ ପାଇଁ ତମେ ମୁହଁ ଶୁଖାଇ ଠିଆ ହେଲ କାହିଁକି ରାଗିଛ ? ଅଭିମାନ କରିଛ ?

ପାର୍ବତୀ ମୁରୁକି ହସିଲା । ହାତ ଖସେଇ ନେଇ କହିଲା, ତମ ଉପରେ ରାଗିବି କାହିଁକି ? ଅଭିମାନ କରିବି କଣ ପେଇଁ, ମୋ ରାଣ ସତ କହିବ, ମୋର ଏଇ କଥାରେ ବିରକ୍ତ ହେଲ କି ? ମୋର ଦୋଷ ହୋଇ ଥିଲେ କ୍ଷମା କର ।

ମରମ ବ୍ୟଥାରେ ମରଲାଣି
ମୋତେ ମାର ନାହିଁ ମୁଁ ମରିଲାଣି ।

ପାର୍ବତୀ ଏ ଘରେ ଏତେ ଦିନେକେ ଭଲ କରି ଅଳ୍ପ କଥା

ତାଙ୍କୁ କହିଲା । ପାର୍ବତୀକୁ ଘର ଭିତରେ ଏକୁଟିଆ ପାଇ, ଶଙ୍କର ରଙ୍କୁଣି ଲାଖି ପାଇଲା ପରି ତାକୁ କୁଣ୍ଢେଇ ଧରେ । ଚନ୍ଦ୍ରମା ଦେହରେ ଶଶାଙ୍କ ଜଡିଲା ପରି ଶଙ୍କର ଇଚ୍ଛା ଜୀବନ ଭରି ପାର୍ବତୀ ଦେହରେ ଜଡ଼ି ରହିବାକୁ ।

ଶଙ୍କର ବାହୁ ବନ୍ଧନରେ ଥିଲାବେଳେ ପାର୍ବତୀର ମନେ ହୁଏ, ସ୍ୱାମୀଙ୍କ ଠାରୁ ପାଇବାରେ ଏହାହିଁ ସବୁଠାରୁ ଶ୍ରେଷ୍ଠ ଲାଭ । ପୁରୁଷ ଠାରୁ ନାରୀ ନିଷ୍କପଟ ସ୍ନେହ ସୋହାଗ, ପ୍ରେମ ଭଲ ପାଇବା ପାଇଲେ ଆଉ କିଛି ସେ ତାଙ୍କ ପାଖରୁ ଲୋଡ଼େନା । ପାର୍ବତୀ ଅନେଇଲା ଅଗଣା ଝଞ୍ଜାକୁ ଶାଶୂ ତ ଆଉ କାହିଁକି ଦିଶୁ ନାହାନ୍ତି । ଗୋରୁ ଗୁହାଳେ କି ବାରି ଗଡ଼ିଆଆଡ଼େ ଯାଇଥିବେ । ସରମ ରଙ୍ଗା ପାର୍ବତୀର ମୁହଁ । ଦିନ ବେଳା ସ୍ୱାମୀଙ୍କ ପାଖେ ବସିବାକୁ ତାକୁ ବେଢ଼ଙ୍ଗ ଲାଗେ, କେବଳ ସ୍ୱାମୀଙ୍କ ଅନୁରୋଧ ଭାଙ୍ଗି ଯାଇ ପାରୁ ନାହିଁ । ପାର୍ବତୀ ଡର ଡର ହୋଇ କହିଲା, ଦିନେ ପୋଖରୀ ତୁଠରେ ମାଇପଙ୍କ ମେଳରେ ମହନ୍ତାଙ୍କ ଘର ସୁକାନ୍ତୀ ଆଇ ପରିହାସରେ ନିନ୍ଦା କରି କହୁଥିଲା, ଏକାଳକୁ କି ସ୍ଥାନ କାଳ ହେଲା—

କଳିଁଚ କାଟିଛି ଦେବ, ଯାହା ନ ଦେଖିଥିଲ ଏବେ ଦେଖ ।

ଆଲୋ ନାତୁଣୀ ବୋହୂ ! ଏକାଳ ବୋହୂମାନେ ଦିନୁଆରେ ଦେଖିଆ ମରଦଙ୍କୁ ପାଖରେ ଶୁଆଇ ଟେଲ୍ କରୁଛନ୍ତି । ମୁଁ ବୁଢ଼ୀଲୋକ ବହପ ନ ଥିବାରୁ କୁଆଡ଼କୁ ଯା'ଆସ କରି ପାରୁ ନାହିଁ ପିନା ? କିଏ କଣ କରୁଛି ନ କରୁଛି ଏକା ଠାବରେ ବସି ମୋତେ ସବୁ ଜଣା ।" ପୂର୍ବ କାଳେ ଦିନବେଳେ ଗେରସ୍ତ ମୁହଁ ଦେଖିଲେ ପାପ ଲେଖୁଥିଲା । ଏକାଳର ସେସବୁ କଥା ଆମ କାଳେ ନଥିଲା ଲୋ—!

ଏ ବୁଢ଼ୀଟାର ଓ..ଠ ଫେକାଣି ଅଲଗା, ଅଗଣାକୁ ଆସି ଡାକ ଛାଡ଼ିଲାଣି—ନାତୁଣୀ ବୋହୂ କୁଆଡ଼େ ଗଲୁ କିଲୋ ? ଘର ଦୁଆର ସାଅଣ ହେଲା, ସ୍ୱାଙ୍କର ସମସ୍ତେ କୁଆଡ଼କୁ ଗଲେକି ? ପାର୍ବତୀ

ଶଙ୍କର ବାହୁ ବନ୍ଧନ ଫାଶରୁ ଛୁଟି ପିଟି ହୋଇ ପଳେଇ ଆସିଲା । ଲାଜରେ ମୁହଁ ତାର ଝାଉଁଳି ପଡ଼ିଲାଣି । ମନରେ ଭାବିଲା, କେଉଁଠି ଥିଲା ଏ ବେହଲ୍ ବୁଢୀ, ବେଳକାଳ ଜାଣି ଆସି ହାଜର ହେଲାଣି । ସୁକାନ୍ତି ବୁଢୀ ଶଙ୍କର ଶୋଇବା ଘର କବାଟ ଦରଆଉଜା ଦେଖି ପାରି, ଥଟ୍ଟା କରି କହିଲା—ମୁଁ ସେଇ କଥା ପରା ମନରେ ଭାବି ଭାବି ଆସୁଥିଲି । ଏ ଟୋକାର ଏତିକି ହେଲା ଦିନ ବେଳା ଗେରସ୍ତଙ୍କୁ ଘରେ ପୂରେଇ ସୋହାଗ କରୁଛି । ଲାଜରେ ପାର୍ବତୀ ମୁହଁ ଲାଲିଗଲା । କବାଟ ମେଲେଇ ଧୀରେ ଧୀରେ ଦୁଆରକୁ ବାହାରି ଆସିଲା । ହସିଲା ମୁହଁରେ କହିଲା—କି ଲୋ ଅଈ ! ଜନ୍ମିଲା ବେଳେ; ତମ ମାଆ କଣ ତମ ମୁହଁରେ ଟିକିଏ ଲାଜ ପାଣି ଦେଇ ନ ଥିଲେ ? ଆଉ କଣ କହିବାକୁ ମନ ହେଉଛି କହୁନ ।" କଥାଟାକୁ ବାଁରେଇ ଦେଇ ସୁକାନ୍ତି ଆଈ କହିଲା—ନାଇଁମ ନାତୁଣୀ ହୋଇ ! ନାତି ଟୋକା ମୋର ଘରେ ଅଛି ପରା ? ତମ ବାଡ଼ରୁ ନେଉଟିଆ ଶାଗ କେତେ ନେବାକୁ ଆସିଥିଲି, ଶାଶୁ ତୋର କୁଆଡ଼କୁ ଗଲେ କି ଲୋ ?

ଦାମ୍ପତ୍ୟ ଜୀବନରେ ପରସ୍ପର ପ୍ରତି ଶ୍ରଦ୍ଧା ପ୍ରୀତି ସୁଖୀ ଜୀବନର ଅନ୍ୟତମ ମୂଳଦୁଆ । ନାରୀ ଯୌନ ଜୀବନରେ ତା'ର ଯୌନବୋଧ ସବୁବେଳେ ନୃତ୍ୟ ଛନ୍ଦରେ ତରଙ୍ଗାୟିତ ହେଉଛି । ସେଦିନ ଦୋଳ ପୂର୍ଣ୍ଣିମା, ରାତି ଏଗାରଟା ବାଜିଲାଣି । ନିର୍ମଳ

ଆକାଶରେ ପୂର୍ଣ୍ଣିମା ଜହ୍ନ, ଗୁରୁଅଡ଼େ ଜ୍ୟୋତ୍ସ୍ନା ଆଲୁଅ ଝରେଇ ହୋଇ ପଡୁଛି । ଘରଟି ସାଜ ସଜାରେ ପରିପୂର୍ଣ୍ଣ । ତୋଷାଏ ପାଖରେ ଦୀପଟି ତା'ର ଶିଖା ମେଲେଇ ନିଶବଦ୍ ହୋଇ ଜଳୁଛି । ଏତେ ରାତି ହେଲାଣି ପାର୍ବତୀ ଆଖିକୁ ନିଦ ଆସୁନାହିଁ । ତା' ପ୍ରାଣର ଗୋପନ ତନ୍ତ୍ରରେ ମିଳନ ମୂର୍ଚ୍ଛନାର ବେସୁରା ତାନ । ଅଗଣାକୁ ଆସି ଗୁନ୍ଦ ଅଡ଼କୁ ଅନେଇ ଠିଆ ହୋଇ ପାର୍ବତୀ ଭାବୁଛି—ସେ ଅମର ଦୋଳଯାତ୍ରା ଦେଖିବାକୁ ଆର ଗାଁକୁ ଯାଇ-ଛନ୍ତି । ତାହାଙ୍କ ଫେରାଣି ଏତେ ରାତିଯାଏ ଆସିଲେ ନାହିଁ । ସେ'ତ କେବେ କେଉଁଠି ଏତେ ରାତିଯାଏ ରହନ୍ତି ନାହିଁ, ଏଇନେ ଆସୁଥିଲେ ଆସୁଥିବେ । ତାଙ୍କର ଆସିବା ବାଟଟାରେ ଗାଁ ମୁଣ୍ଡ ମଶାଣି, ନିଶା ସନ୍ଧିରେ ସେ'ଠି ଡାଆଣୀ ଚିରୁଗୁଣୀ, ଭୂତପ୍ରେତମାନେ ମେଳା ମେଳା ହୁଅନ୍ତି । ସେଇ ମଶାଣି ବାଟ ବର ଗଛ ମୂଳେ କେତେ ଛାତି ଦମ୍ଭିଲା ଲୋକ ଭେଟଣାରେ ପଡ଼ିଛନ୍ତି । ଏଥିରେ ଭଲ କମିତ ମୁଁ ନିଷ୍ଟନ୍ତ ହୋଇ ଶୋଇପାରେ—ତାଙ୍କର ଚିନ୍ତାରେ ମୋ ଛାତି ଭିତରଟା ଚହଟି ମନ୍ଥି ହେଉଛି । ମନେ ପଡୁଛି ଯେତେ ସବୁ ଭୂତ ପ୍ରେତ ପେତନୀଙ୍କ କଥା ।

ଶଙ୍କର ଅଗଣା ଅଧାବାଟି ଘାଟେସି କେଉଁ ପଛରୁ ଗୋଡ଼ ଚିପି ଚିପି ଆସି ତା' ପଛରେ ଠିଆହେଲା । ପଛରୁ ହାତ ବଢ଼େଇ ତା' ଆଖି ବୁଜିଧରି କହିଲା—ମୁଁ କିଏ କହିଲ ? ପାର୍ବତୀ ଟିକେ ହସିଦେଇ, କେତେ ଆଗ୍ରହରେ ପଛକୁ ମୁହଁ ବୁଲେଇ ତା'ରି ଅଡ଼କୁ ଚାହିଁଲା । ଶଙ୍କର ପାର୍ବତୀ ଆଖି ଛାଡ଼ିଦେଇ ତା' ହାତ ଧରି ଅଗଣାରେ ବସେଇଲା । ମନ ଆନନ୍ଦରେ ତା' ଗାଲରେ ଆଙ୍କିଦେଲା ଚୁମ୍ବନର ଦାଗ । ସେ ତା ଦେହରେ ଦେହ ଲଗେଇ ବସିବାରୁ ପାର୍ବତୀ ଦେହ ଶିର ଶିର କରି ଉଠେ ।

ଦକ୍ଷିଣରୁ ଫଗୁଣ ବାଆ ଶିର ଶିର ହୋଇ ବହି ଆସୁଛି । ପାର୍ବତୀ ଲଜ୍ଜାଭରେ ମୁହଁ ନତ କରି ବସିଛି । ତା' ମନ ଅଭିମାନରେ ଭରି ଯାଉଥାଏ, ତାଆର ସେଇ ଲାଜୁଆ ମୁହଁକୁ ଚାହିଁ । ଶଙ୍କର ଟିକିଏ ବିସ୍ମିତ ହୋଇ କହିଲା ମୁଁ ଯାତ୍ରା ଦେଖିବାକୁ ଯାଇ, ଆସିବାକୁ ଟିକେ ଡେରି ହେଲା ବୋଲି, ରାଗିଛ ନା କ'ଣ ? ମୁଁ କ'ଣ ପିଲାଛୁଆ ହୋଇଛି ଯେ, କେଉଁଠି ହଜି ଯାଉଥିଲି ।

ପୂର୍ଣ୍ଣିମା ଚାନ୍ଦପରି କେଡ଼େ ସୁନ୍ଦର ଗୋଲଗାଲ, ସଜଫୁଟା ପଦ୍ମଫୁଲ ପରିକା ଛୋଟ ମୁହଁ । ପାର୍ବତୀ ନିଜ ହାତରେ ଯତ୍ନ କରି ମୁଣ୍ଡ ବାନ୍ଧିଛି । ଉପର କପାଳରେ ସିନ୍ଦୁର ଟୋପାର ଆଭା ଫୁଟିଉଠୁଛି, ହରିଣୀ ଆଖି ପରି ସୁନ୍ଦର ଆଖି ଦିଓଟି । ଧନୁପରି ବଙ୍କା ବଙ୍କା ସରୁ ଭ୍ରୂଲତା । କୌତୁକ ଭରା ଆଖିରେ ଶଙ୍କର ତାକୁ ନିରୀକ୍ଷଣ କରୁ କରୁ ପଚାରିଲା—ତମେ ଆମ ଘରକୁ ବୋହୂ ହୋଇ ଆସିବା ଚାରିଟା ବରଷ ପୁରି ଗଲାଣି, ମୋ ପାଖରେ ପୁଣି ତମର ଆଉ ଗୋଟାଏ ଲାଜ କ'ଣମ ?

ପାର୍ବତୀ ନିଦ ଢଳଢଳ ଆଖିରେ ମୁହଁ ତଳକୁ ପୋତି ମୃଦୁ ହସିଲା ଓଠରେ କହିଲା—ରାତି ଅଧରୁ ବେଶି ହେଲାଣି ଚାଲ ମ ଶୋଇବା । ତାଆର ଏଇ କଥାରେ ଶଙ୍କରର ମନ କ'ଣ ଅସୁ-ଧରୁଛି । ଅତି ସୋହାଗରେ ପାର୍ବତୀ ପିଠି ଆଉଁଶେଇ ଆଉଁଶେଇ କହିଲା—ପ୍ରେମିକାର ସମସ୍ତ ଅଙ୍ଗପ୍ରତ୍ୟଙ୍ଗ ପ୍ରେମିକ ପାଖରେ ଅତି ଲୋଭନୀୟ ଦିଶେ । ରାତିରେ ପାଖରେ ଶୁଆଇ ଚାନ୍ଦ ମୁହଁକୁ ଥରେ ନ ଦେଖିଲେ, ମୋ ମନ କାହିଁକି ଭାରି ଅଥୟ ହୁଏ । ଏପରି ମହା ମହା ପଣ୍ଡିତମାନେ କହି ଯାଇଛନ୍ତି—ପ୍ରକୃତି ଲାଗି ପୁରୁଷର ସୃଷ୍ଟି, ପୁରୁଷ ପାଖେ ପ୍ରକୃତି ଶୋଭାପାଏ । ଆଦିମଯୁଗରେ ପୁରୁଷ ଓ ସ୍ତ୍ରୀ କିପରି ଥିଲେ ଏବଂ କିପରି ବୈବାହିକ ପନ୍ଥା ଆରମ୍ଭ ହେଲା ତମେ ବୋଧେ ତାହା ଜାଣି ନଥିବ । ସଂସାରର ପ୍ରତ୍ୟେକ

କଥା ଜାଣି ରଖିବା ଭଲ । ଆଜ୍ଞା ତାହେଲେ ପୂନେଇଁ ଗୃହ ଆଲୁଅରେ ବସି ମୁଁ ସେ ସମସ୍ତ କଥା କହୁଛି ମନଦେଇ ଶୁଣ । ଶଙ୍କର ମୁହଁକୁ ଅନାଇଁ ଦାଢହସିଲ ହୋଇ ଭ୍ରୁଲତା ଟେକି ଚାରୁ ପଚାରିଲା—ଏଇ ସ୍ୱଳ୍ପ ଭିତରେ କ'ଣ ସେ ସବୁ କଥା କହି ପାରିବ ? ଶଙ୍କର କହିଲା—ଯେତିକି କହିପାରେ ସେତିକି ଶୁଣ—

ଆଦିଯୁଗର ଯୌନ ଉପଭୋଗକୁ ନିନ୍ଦା କରିବାର ନୁହେଁ । ଦେଖି ପାରୁଛ ତ ଆଧୁନିକ ଯୁଗରେ ପ୍ରେମିକ ଓ ପ୍ରେମିକାମାନେ ଜଣେ ଜଣକୁ ପାଇବାକୁ ଅସୀମ ଚେଷ୍ଟା ସଙ୍ଗେ ମଧ୍ୟ ପ୍ରେମ ନିବେଦନ ଚୁମ୍ବନ, ଆଲିଙ୍ଗନ, କ୍ରିଡ଼ା ଓ ହାସ୍ୟ କୌତୁକ ଉପହାର ପ୍ରେମ ପତ୍ରର ଆଦାନ ପ୍ରଦାନ ଚାଲିଛି । କେହି କେହି ବା ଜୋର ଜବରଦସ୍ତି ବିବାହ କରିବାକୁ ଚାହୁଁଛନ୍ତି । ନାରୀ ଓ ପୁରୁଷଙ୍କର ବିବାହ ପ୍ରସଙ୍ଗ ନାନା ପ୍ରକାର ପ୍ରଭାବ ଓ ପରିବେଶ ବିସ୍ତାର କରିଛି । ସେଇ କଥା କହୁଛି ଆଗେ ଶୁଣ—

ଆଦି କାଳରେ ଅବାଧ ଯୌନ ସଂସର୍ଗ ପ୍ରଚଳ ନଥିଲା । ସେ ସମୟରେ ନିର୍ଦ୍ଧାରିତ ସ୍ୱାମୀ ସ୍ତ୍ରୀ ବୋଲି କେହି କାହାର ନିର୍ଦ୍ଦିଷ୍ଟ ନଥିଲେ । ଆଦିମମାନବ ସମାଜରେ କିଏ କାହାର ଔରସ ଜାତ ବଂଶଧର ବୋଲି କୌଣସି ପରିଚିତ ନ ଥିଲା ।

ଦକ୍ଷିଣ ଅଷ୍ଟ୍ରେଲିଆ ମାଉଣ୍ଟ ସାମ୍ବିୟାର ପର୍ବତ ଅଧିବାସୀ ପାପୁଆସି ଜାତି ଦୁଇ ଭାଗରେ ବିଭକ୍ତ । ଗୋଟାଏ ଦଳ ନାମ କୋଲ୍କ, ଅନ୍ୟ ଦଳର ନାମ ପୂଲ୍‌ତେ । ନିଜ ଦଳର ସ୍ୱଜାତୀୟ ମଧ୍ୟରେ ସେମାନଙ୍କର ବିବାହ ନିଷେଧ । ଓୟେଲ୍‌ସ୍ ପ୍ରଦେଶର ଡାର୍ଲିଙ୍ଗ୍ ଦରିଆର ଅଧିବାସୀଙ୍କର ମଧ୍ୟେ ଏଇପ୍ରକାର ନିତି ମଧ୍ୟ ପ୍ରଚଳନ ରହିଛି । ଏମାନଙ୍କ ମଧ୍ୟରେ ପ୍ରତ୍ୟେକଙ୍କର ଅନ୍ୟ ଦଳୀୟ କନ୍ୟାର ସହ ବିବାହ ଅନୁଷ୍ଠିତ ହୁଏ । ତା' ନହେଲେ ଅନ୍ୟଦଳ ଅପରଦଳ ସଙ୍ଗେ ତାହା କରିବାକୁ କେହି ଯଦି ସକ୍ଷ ନ ହୁଏ,

ପୂର୍ବକାଳେ ଅନ୍ୟ ଦଳ ସେମାନଙ୍କ ସଙ୍ଗେ ଯୁଦ୍ଧ କରି ଜୋର ଜୁଲମରେ କନ୍ୟା ଲୁଣ୍ଠନ କରି ଆଣି ବିବାହ କରୁଥିଲେ । ପ୍ରସ୍ତର ଯୁଗରେ କିଏ କାହା ବାପ ଚିହ୍ନିତ କରିବା ଏକବାର ଅସମ୍ଭବ ଥିଲା । ମା' ନାମେ ପ୍ରାଚୀନ ମାନବ ସମାଜର ମାତୃ ପରିବାର ଗଢ଼ି ଉଠେ । ମନୁଷ୍ୟର ତୀକ୍ଷ୍ଣ ବୁଦ୍ଧି ବଳରେ ପ୍ରସ୍ତର ଯୁଗର କେତେକ ବ୍ୟବହାରିକ ନୀତି ବଦଳାଇ ଲୌହ ଯୁଗ ସୃଷ୍ଟି କଲା । ପୁରୁଷର ଧନ ଦୌଲତ ସମ୍ପତ୍ତି ଶକ୍ତି ବଢିବା ସଙ୍ଗେ ସଙ୍ଗେ ପୁରୁଷ ପୁରୁଷୋତ୍ୱର ସ୍ୱଭାବ ବଶତଃ ନିଜର କ୍ଷମତା ପ୍ରଚୁର ଭାବେ ପ୍ରସାରିତ କରି ଜନନୀ ପାରିବାରିକ ବିଧି ଉପରେ ବିକ୍ଷୋଭ ଓ ବିରୁଦ୍ଧତା କରେ । ପୁରୁଷମାନେ ସେମାନଙ୍କ ପ୍ରତିପତ୍ତି ବଳରେ ମାତୃ ଗୋଷ୍ଠିର ପାରିବାରିକ ସମାଜ ବା ନାରୀ ଅମଳ ବାତିଲ୍ କରି ଦିଏ । ସେଇ କାଳରୁ ପିତୃବଂଶର ପରିଚୟ ମାନବସମାଜ ମଧ୍ୟରେ ପ୍ରଚଳିତ ହେଲା । ସେଇ ଦିନଠାରୁ ନାରୀ ତାର ସମ୍ମାନିତ ଉଚ୍ଚତାକୁ ହରେଇ ପୁରୁଷର ଦାସୀ ବା ପତ୍ନୀ ରୂପେ ପରିଚିତ ହେଉଛି । ସ୍ୱାମୀ ତାର ବଂଶ ଗୌରବ ଅକ୍ଷୁର୍ଣ୍ଣ ରଖିବା ପାଇଁ ତା ସ୍ତ୍ରୀ ଯେପରି ପର ପୁରୁଷ ପ୍ରତି ଆକୃଷ୍ଟ ନ ହୁଏ, ସେଥିପାଇଁ ସତର୍କତା ସହିତ ତାର ସ୍ତ୍ରୀ ହସ୍ତରେ ଲୌହ ଶୃଙ୍ଖଳ ସଦୃଶ କଙ୍କଣ ଦ୍ୱାରା ଭୂଷିତ କରାଇଛି । ତାର ମସ୍ତକଦେଶେ ତରବାରି ସ୍ପର୍ଶରେ ଭୟପ୍ରଦର୍ଶନ କରାଇ କହୁଥିଲା ତୁମେ ପଳାୟନ କରିବାକୁ ପ୍ରୟାସୀ ହେଲେ, ଏହିପରି ଭାବରେ ମୁଣ୍ଡଠାରୁ ଦଫାଲ କରି ଦିଆଯିବ । ଆଜି ସେଥିପାଇଁ ନାରୀ ତାର କେଶବୀଥିରେ ସିନ୍ଦୁରର ଚିହ୍ନ ସ୍ୱରୂପ ନାରୀଗୌରବ ଧାରଣ କରିଛି । ନାରୀମାନଙ୍କ ରୂପରେ ଅଛି ଛଟକ, ନାରୀ ପୁରୁଷର ମନ ଭୁଲାଣିଆଁ ହସ ହସି ପାରେ । ସେ ମଧ୍ୟ ଲୋକ ଦେଖାଣିଆ ସ୍ନେହ ସୋହାଗ କରିପାରେ । ସ୍ତ୍ରୀ କଥାବାର୍ତ୍ତା ବ୍ୟବହାରରେ ପୁରୁଷକୁ ମାୟା ଜାଲ ଫାନ୍ଦରେ ପକେଇ ସଂସାର କୁଣ୍ଡରେ ବାନ୍ଧେ ।

ପାର୍ବତୀ ମୁଖ ଭଙ୍ଗି ଉତ୍ଫୁଲ୍ଲ ଦର୍ଶିଲା । ସେ ଏତେ ହସୁଥିଲା ଯେ ଓଁ ଓଁ ହୋଇ ହସି ହସି କହିଲା, ବାଃ ଭଲ କଥା କହିଲ ଏକା । ପୃଥିବୀରେ ନାରୀ ପ୍ରେମରେ ପଡ଼ିବା ରୋଗ—ସେ ଯୁଗ ମଣିଷଙ୍କର ବି ଥିଲା ? ଏଇଥି ପାଇଁ କହନ୍ତି ପରା ! ପୁରୁଷ ଜାତିକି ବେଳେବେଳେ ବିଶ୍ୱାସ ନାହିଁ । ଥାଉ ଆଜି ସେତିକି କହୁଥାଅ । ଲୁଗା ପଟା ପାଲଟାଇ ଚାଲ ଶୋଇବା, ନିଦ ଲାଗିଲାଣି ।

ସଂସାରର ଅସ୍ଥାୟୀ ଜୀବନ, କେତେ କଳ୍ପନା ଭାବନା ରୂପ ନେଇ ଦିନ ପରେ ଦିନ ବିତିଯାଏ । ଯେପରି ମଣିଷର ବୟସ ତା ସମୟର ସାର୍ଥକତା ଚାହେଁ । ମଣିଷ ସଂସାରୀ ହେଲେ ସଂସାର ଖର୍ଚ୍ଚ ବଢ଼େ, ଅର୍ଥର ନିଅଣ୍ଟ ଲୁହ ସାମାଜିକ ପାରିବାରିକ ବନ୍ଧନ ଲୁହ । ମଣିଷ ସୁଖ ଆନନ୍ଦ ପଛରେ ଧାଇଁ ଧାଇଁ ଯେତେବେଳେ ହତାଶ ହୋଇ ପଡ଼େ; ସେ ପାଇଁ କାହା ବିରୁଦ୍ଧରେ ଅଭିଯୋଗ କଲାଭଳି ତାର କିଛି ନାହିଁ । ସେ ନିଜର କଲା କର୍ମ ଭୋଗିଛି, ଭୋଗୁଛି, ପୁଣି ଆଗକୁ ଆଉ କଣ ଭୋଗିବାକୁ ଅଛି ।

ବର୍ତ୍ତମାନ ଘରର ଆର୍ଥିକ ଅବସ୍ଥା ଶଙ୍କର ଏତେଦିନ ଯାଏ ପାର୍ବତୀ କାନରେ ପକେଇ ନଥିଲା । ଦିନକୁ ଦିନ ଅଭାବ ତାକୁ ଚାରିଆଡ଼ୁ ଘୋଡ଼ାଇ ଧରୁଛି । ବର୍ତ୍ତମାନକୁ ଉପାୟ କଣ ? ଆଉ କେତେ ଦିନବା ଅନାଟନରେ ଚଳିବ । ସରକାରୀ ଶିକ୍ଷା ବିଭାଗର

ବାକି ପଡିଲାଣି । ଗୃଷ ହେଲା ଜୀବନ ମୂର୍ଚ୍ଛା ବାମ । ଯେତେ କୁଅ-ସ୍ତରେ ବରଷଯାକ ପରିଶ୍ରମ କରି ଧାନ ଅମଳ ବେଳକୁ ଯାହା ଭୁଅ-ଇଲା—ଘରେ ଉନ୍ନା ପାଣି କୁଟୁମ୍ବଙ୍କ ପେଟକୁ ନିଅଣ୍ଟ । ଘର ଚଳେ ପାଞ୍ଚ ହାନି ଲାଭ ଭଲ ମନ୍ଦ ରହିଛି । ଏବକାଳକୁ ବନ୍ୟା ମରୁଡ଼ିରେ ଧାନ ଫସଲ ଯାହା କି ହେଉଛି, ଗୃଷଙ୍କର ମଣିଷ କୁଟୁମ୍ବ ପୋଷିବବା କେମିତି ? ସଂସାର କରିବାର କେତେ ଆଶାଥିଲା, ସବୁ ପୋଡ଼ି ଜଳି ଯାଇଛି । ଅସରନ୍ତି ଦୁଃଖ ଅଭାବ ଭିତରେ ଗଢିଥିଲି ସ୍ୱର୍ଗର ସଂସାର । ପାର୍ବତୀ ବଡ଼ି ସକାଳୁ ପୋଖରୀ କୂଳରେ ବାସନ ମାଜି ଗାଧୁଆ ସାରି ପିନ୍ଧା ଲୁଗା ହକାଲା ଆସି ହାଣ୍ଡିଶାଳ ଘର ଓଳାଉଛି । ସେତେବେଳେ ଘର ଦୁଆର ମୁହଁକୁ ଯାଇ ଚିନ୍ତା କ୍ଳାନ୍ତ ମୁହଁରେ ପାର୍ବତୀ ଅଡ଼କୁ ଅନେଇଲା । ଓଠ ମେଲେଇ ସେ କଣ ତାକୁ ପଗୃରିବ ପଗୃରିବ ହେଉଛି । କିନ୍ତୁ ହଠାତ୍ ତାକୁ ପଗୃରି ପାରିଲା ନାହିଁ । ନିଜର ଭାବନା କଥାରେ ନିଜେ ଅରି ଜଟିଲା । ପାର୍ବତୀ ବିଷାଦ ଭୋଳା ବଦନ ଥରେ ଥରେ ସେ ଶଙ୍କର ମୁହଁକୁ ଗୃହିଁ ତାର ମନର କଥା ବୁଝିଲା । ଶଙ୍କର ପାଖକୁ ଆସି ତା କାନ୍ଧ ଉପରେ ହାତ ରଖିଲା । ପାର୍ବତୀ ଫୁଟକିନା ଲେଉଟି ପଡ଼ି ତା ପାଖରୁ କରଛଡ଼ା ହୋଇ ଲାଜରେ କଥା କହିଲା ନାହିଁ । ଶଙ୍କର ମନ ଭିତରେ ସେଇ ଗୋଟାଏ ଭାବନା ଆତଯାତ ହେଉଛି । କାପର ମୁହଁ ଫିଟେଇ ସେ ପାର୍ବତୀ ଆଗେ ମନ କଥା କହିବ । ମୁଁ ବିଦେଶକୁ ଯାଉଛି ଘରେତ ଅଭାବ, କେଉଁଟି କିଛି ନା କିଛି ଗୋଟାଏ ଗୃକିରି କରି ଘରର ଅନାଟନ ମେଣ୍ଟେଇବାକୁ ପଡିବ । ଟଙ୍କା ଅର୍ଜ୍ଜନ କରିବାକୁ ଅଭାବ ଅସୁବିଧାରେ ପଡ଼ି ଆମ ଦେଶର ଭେଣ୍ଡା ଭେଣ୍ଡା ଟୋକାମାନେ ପ୍ରବାସରେ ଯାଇ ପର ଘରେ ମୁଣ୍ଡବିକି କଷ୍ଟ କରି ଦୂର ବିଦେଶରେ ପଡିଛନ୍ତି । ନୂଆ ନୂଆ ଯୁଆନ ଟୋକାଙ୍କ ଭୁଅଷ୍ଟୁଣୀ ସ୍ତ୍ରୀ, ମା, ବାପ ଭାଇ ଭଉଣୀ ପିଲା କବିଲାଙ୍କୁ ଛାଡି, ପେଟ ପାଟଣା ପାଇଁ ବିଦେଶକୁ

ପଳେଇ ଯାଉଛନ୍ତି । ମୁଁ ସେମିତିକା ଏକର୍ ମିଲ୍ କଳ କାରଖାନା ମଧ୍ୟରେ ଯାଇ ଚାକିରି କରିବି । ତା ମନ କଥା ମନରେ ଅଛି । ସେ ଡଅଁଲେଇ କରି ପାର୍ବତୀକୁ ଡାକିଲା । ଘର ଓଳେଇବା ଛାଡି ମୁହଁ ବୁଲେଇ ପାର୍ବତୀ ଶଙ୍କର ମୁହଁକୁ ଚାହିଁଲା । ପୁନେଇଁ ଚାନ୍ଦ ପରିକା ଜୁଲୁ ଜୁଲିଆ ମୁହଁଟି । ଟିକି ଧାରୁଆ ନାକ ତା ସରୁ ଓଠରେ ସତେ କି ଯେପରି କିଏ କୋଟିକିମ କରି ରଙ୍ଗ ବୋଳିଛି । ମୁହଁର ପୁରିଲା ପୁରିଲା ଗାଲ. ଦେଖିବାକୁ କେଡ଼େ ଶୋଭାକାର । ଏ ବର୍ଷକୁ ବାହା ଘର ଚାରି ବର୍ଷ ହେଲା । ଚାରି ବର୍ଷ ଆଗେ ଏହାଙ୍କ ଘରକୁ ନୂଆ ବୋହୂ ହୋଇ ଆସିଥିଲା । ପାର୍ବତୀ ମୁହଁରେ ପୁଲକର ଆଭା । ଝାଡୁଣୀ ମୁଠା କବାଟ କୋଣରେ ରଖି ଦେଇ, ଶଙ୍କର ମୁହଁକୁ ଚାହିଁ ପଚାରିଲା—କ'ଣ କହୁଚ ?

ଶଙ୍କର ତା ହାତ ଧରି ମୁହଁ ଶୁଖେଇ କହିଲା—ଆମ ଘରେ ତ ଧାନ ଚାଉଳ ପୋଷେ ହେଲେ ନାହିଁ । ଆଉ କେତେ ଦିନ ଲୋକ ଉପବାସ ରହି ଦୁଃଖ କଷ୍ଟ ଭୋଗିବା ? ମୁଁ ମଧୁ ମହାନ୍ତି ସାଙ୍ଗରେ ବିଦେଶ କରିବାକୁ ଯାଉଛି, ମୋତେ ଏଥର ପୁଣି ଚାକିରି କରି ଯିବାକୁ ଅନୁମତି ଦିଅ । ଘରର ଅନାଟନ ଦାଉ ଧକ୍କା ଏଣିକି ଅସମ୍ଭବ ଅସହ୍ୟ ହୋଇ ଉଠୁଛି । ଗରିବ ଲୋକ ଆମେ, ଘରେ ବସି ରହିଲେ ପେଟ କେମିତି ପୋଷିବା ? ଏବେ ତ ଆମର ଦୁଃଖ ଅଭାବର ସଂସାର, ଗାଁଅରେ କେହି କାହାକୁ ସାହା ଭରସା ହେବେ ନାହିଁ । ବିଦେଶ ନ କଲେ ଆଉ ଉପାୟ କଣ ? ପୁଣି ଆଗରେ ରହିଛି ଭବିଷ୍ୟତ । ପାର୍ବତୀ ଚମକି ଉଠିଲା । ଶଙ୍କର ମୁହଁକୁ ବଲବଲ କରି ମୁହୂର୍ତ୍ତେ କାଳ ଭାବି ହୋଇ ଚାହିଁ ରହିଲା । ଏ ମୋର ସୁଖ ପାଇଁ ପର ଦେଶରେ ଚାକିରି କରିବାକୁ ଯାଉଛନ୍ତି । ଏପରିକା ପୋଡ଼ପାଡ଼ ସୁଖ ମୁହଁରେ ନିଆଁ । ଅତି ଅକୁଳ ହୋଇ ଧୀରେ ଧୀରେ ପାର୍ବତୀ କହିଲା—ବୁଅଡ଼କୁ ତମେ ଘରୁ ଗୋଡ଼ କାଢି ଗଲେ, ନ ଫେରିବା

ଯାଏ ମନ ଦବ୍ ଦବ୍ ହୁଏ, ପ୍ରାଣ ଛଟ ପଟ ହେଉଥାଏ । ଏବା ମୁଁ ଭାହୁଁକି ବୋଉ ବି ଦଇଛଇ ହୁଅନ୍ତି । ଏ ପେଟର ଭୋକଲୁ ଦୁଃଖ ଠଉଁ ମନର ଦୁଃଖ ବଳେଇବ । ଶଙ୍କର ଶୁଣିଲୁ ହସ ହସିକା କହିଲ—ନୀତ ଶିଯା ଶ୍ଳୋକରେ ଅଛି—

ହରଣାପି ହରେଣାପି ବ୍ରହ୍ମଣାପି ସୁରେରପି ।
ଲଲଟେ ଲିଖିତ ରେଖା ନ ଶକ୍ୟାଃ ପରିମାର୍ଜିତ ॥

କପାଳେ ଲେଖା କେହି ଆନ କର ପାରବ ନାହିଁ । ଦୁନିଆଁରେ ଆମ୍ଭର ପର ଲକ୍ଷ ଲକ୍ଷ ଲୋକ, ସୁଖ ଦୁଃଖ ଭିତରେ ନିଜ ନିଜର କର୍ମ ଫଳ ଭୋଗ କରୁଛନ୍ତି । ପାର୍ବତୀ କିଛି ନ କହି ନିଜକୁ ସମ୍ଭାଳି ପାରିଲୁ ନାହିଁ । ପ୍ରାଣରେ ପ୍ରେମର ଉଦ୍ଧୀପନା ନ ଥିଲେ ମଧ ସ୍ୱାମୀର ପ୍ରାଣସ୍ତୁ ଉପରେ ତାର ସମ୍ପୂର୍ଣ୍ଣ ଅଧିକାର ରହିଛି । ଆକୁଳ ହୋଇ ପାର୍ବତୀ ଶଙ୍କର ହାତ ଧରି ଭୁନି ଭୁନି କରି କହିଲ, ବରଂ ଆମର ଜମେ ଯେତ କିଆରି ସେ ହୁଡ ମାଟି ହିଡରେ ଲଦିଲେ ଚାଲିଯିବ । ବିଦେଶରେ ଯଦି ଗୃକସି ନ ମିଳେ ? ଲୁହ ଭଳ ଭଳ ଅଖି ବାରଣ ମୁହଁରେ ଶଙ୍କର କହିଲ, ଗୃକସି କରିବାକୁ ଅନୁମତି ମାଟିଲି ବୋଲି ଅଭିମାନ ହେଲ ? ତମେ ଗ୍ରୁବ ଅକ୍ଷର ପାଠ ପଢ଼ିଛ, ସବୁ ବୁଝି କଣ ପାଇଁ ଅବୁଝା ହେଉଚ ଭଲ ।"

ଘର ଚଳେଇବା ହାନି ଲାଭ ଦାୟିତ୍ୱ ମୋର ଉପରେ । ମୋର ସେଇ କର୍ତ୍ତବ୍ୟ କରିବା ପାଇଁ ବିଦେଶକୁ ବାହାରିଛି, ବଞ୍ଚିଥିବାଯାଏ ମୁଁ ମୋର କର୍ତ୍ତବ୍ୟ ନିଶ୍ଚୟ କରି ଯିବି । ଗୃକସି ଯଦି ନମିଳେ ରେଲଓ୍ୱେ ଷ୍ଟେସନରେ ମୋଟବୁହା କୁଲି କାମ କରିବାକୁ ଅକ୍ଷମ ହେବି ନାହିଁ ।

ପାର୍ବତୀ କହିଲା ଭାରି ତ ଦମ୍ଭ । ତମକୁ ସିନା ଘରର ଅଭାବ ମାଲୁ ପଡୁଛି ଯେ ଏ ଘରେ ରହିବନି । ବିଦେଶ ଯିବାକୁ ପୁରୁଷକୁଟି ଉଆଁ ମାରୁଛ । ଘର କଲେ ଅଭାବ ରହୁଚି, ସେ କଥା କଣ ଜାଣି

ନ ଥିଲ ? ଶଙ୍କର କଥାର ମର୍ମ ବୁଝିଲା । ସେ ଜାଣେ ପାର୍ବତୀଙ୍କୁ ଗୁରୁ ବନ୍ଧୁ ବୁଝେଇ କହିଲେ ମଧ୍ୟ ସେ ମୋଟେ ବଦେଶକୁ ଛାଡ଼-ବାକୁ ମଙ୍ଗିବ ନାହିଁ । ଗୋଟାଏ ପାଖରେ ସ୍ତ୍ରୀ ଅନ୍ୟ ପାଖରେ କର୍ତ୍ତବ୍ୟ । ଦୁଇଟି କର୍ତ୍ତବ୍ୟ ସମାନ । ଶଙ୍କର ହସିଲା ମୁହଁରେ କହିଲା ଏଥିରେ ବର୍ତ୍ତମାନ ମୁହଁ ଶୁଖାଇବାର କିଛି ନାହିଁ । ଘରେ ଦାନା ମୁଠେ ନାହିଁ, ଚଳିବା କିମିତି ? ଏ କଥା ପାର୍ବତୀଙ୍କୁ ଖୁବ୍ ଅଡୁଆ ଲାଗୁଥାଏ ।

ମହନ୍ତିଙ୍କ ଘର ଅଜା ବୁଢା, ସବୁବେଳେ ଶଙ୍କର ଉପରେ ବଡ଼ ସନ୍ତୋଷ । ନିଜ ଘରେ କିଛି ଧନ୍ଦା ନଥିଲେ, ସ୍ୱା'ଙ୍କ ଘର ଅଡ଼େ ଗୁଲି ଆସନ୍ତି । ସେଦିନ ସକାଳେ ମହନ୍ତିଙ୍କ ବୁଢା ତାଙ୍କ ବାଡ଼ି ଦୁଆର ମୁହଁରେ ଠିଆହୋଇ ଶଙ୍କରକୁ ଡାକି କହିଲେ—କିରେ ଶଙ୍କର ! ବୋହୂ ଅଇଲା ଦିନୁ ଘର ଛାଡ଼ି ପଦାକୁ ବାହାରୁନୁ ନା କ'ଣ, ଦାଣ୍ଡରେ ତ କେବେ ଦେଖା ଦର୍ଶନ ମିଳୁନାହିଁ । ମହନ୍ତିଙ୍କ ବୁଢାଙ୍କ ତୁଣ୍ଡ ଶୁଣି ପାରି—ପାର୍ବତୀ ଚମକି ଉଠିଲା ପାଟିରୁ କଥନ ବାହାରିଲା ନାହିଁ । ହସିବାକୁ ଚେଷ୍ଟା କଲେ ମଧ୍ୟ ବଡ଼ ଅସ୍ତବ୍ୟସ୍ତ ହୋଇ ପଳେଇ ଗଲା ଚୁଲି ମୁଣ୍ଡକୁ ପାଖକୁ । ଗୁରୁ ବରଷ ହେଲା ଏ ଘରେ ସେ ଘରଣୀ ହେଲଣି ତଥାପି ଲାଜପାଣି ମୁହଁରୁ ଶୁଖିନାହିଁ । ପାର୍ବତୀ ମନକୁ ମନ ଲାଜୋସ୍ ହୋଇ କଣେଇଁ ଚାହିଁଲା—ସ୍ୱାମୀ ହସୁଚନ୍ତି ତା ଦେହ ଜଳିଗଲା । ଲାଜ ଲାଜ କରି ଅଭିମାନରେ କହିଲା—ତମେ ବଡ଼ ଦୁଷ୍ଟ ତମର ଟିକିଏ ହେଲେ ଲାଜ ନାହିଁ ମରଦ ପୁଅ ହୋଇ ସବୁବେଳେ ଗୋଟା ହଉ କ'ଣ ମ ?

ହଠାତ୍ ମହନ୍ତିଙ୍କ ବୁଢାଙ୍କ ପାଟି ଶୁଣିପାରି ବାଡ଼ିଦୁଆର ମୁହଁକୁ ଲେଉଟି ଆସି ଶଙ୍କର ଟିକିଏ ଅଗପଛ ଭାବି କହିଲା—ତର ମିଳୁଛି କୁଆଡ଼େ ଯେ କେତେବେଳେ କୁଆଡ଼କୁ ଯିବ, ଘରର କଜିଆ

ତାରଧନ୍ଦା ଲାଗିଛି । ମହନ୍ତାବ ବୁଢ଼ା ମୁହଁ ଫେରାଇ ତାର ଅଡ଼କୁ ଚାହିଁ କହିଲା—ଏ ତାର ଅସାର ଆରମ୍ଭ କରି ଏଗୁଡ଼ାକ ଏତେ ଯୋଗା ତାହାଙ୍କ ଏମିତ ପକେଇଛୁ ? ହାଣି ଶାଗ ପଟାଳି କରି ପନିପରିବା ଫସଲ କଲେ ଭଲ ହୁଅନ୍ତା । ତାହେଲେ ପରିବା କଲେ ସିନା ସାଆନ୍ତଙ୍କ ପର ଖାଇବୁ ।

ଶଙ୍କରର ଆଉ କିଛି କହିବାକୁ ବାଟ ନଥିଲା । ସଙ୍ଗେ ସଙ୍ଗେ ତାଙ୍କ ଖଣ୍ତେ ଅଣି ମାଟି ହାଣିବାକୁ ଆରମ୍ଭ କରିଦେଲା ।

ଗୋଲେଇ ପୋଲେଇ ହୁଏ ପାର୍ବତୀ ମନ, କିଛି ସ୍ଥିର ହୋଇ ଯାଇଛି ଧନ୍ଦା କରି ପାରୁନାହିଁ । ମନରେ ତାର ଭାବନା ଭରିବାକୁ ଲାଗିଲା । ନିଃସହାୟ ହେଲା ପରି ସେ ଭାବେ—ମୋତେ ଛାଡ଼ି କରି ବିଦେଶକୁ ଯିବେ, ସେ କ'ଣ ସତେ ଏଇଆ କରିବେ । ମନ ଅନ୍ଧ କନ୍ଦରେ ଛଟପଟ ହେଉଛି କେତେ ଭାବନା କାମନା । ତାହାଙ୍କ କେଜାଣି ଛାତି ଫଟା କୋହ ଭିଡ଼ି ଅଜଣାରେ ଅମାନିଆ ଲୁହ ଆଖି କୋଣରୁ ଝରି ଗାଲ ଉପରେ ପଡ଼ିଲା । କାହା ପାଇଁ ? କେଉଁ ସୁଖ ଭୋଗାଭୋଗ୍ୟ ପାଇଁ ସ୍ୱାମୀକୁ ଦୂର ଦେଶାନ୍ତରକୁ ଛାଡ଼ି ଦେବାକୁ କେଉଁ ମାଇପିଟାର ଛାତି ସହିବ । ଦାଣ୍ଡରେ ଭିକାରି ଗୀତ ବୋଲୁଛି, ଶୁଣିପାରି ପାର୍ବତୀର ଚୂର୍ଣ୍ଣ ବିଚୂର୍ଣ୍ଣ ଭାବନା ଲାଗି ଯାଏ ।

ଭରି ଭରି ତରଙ୍ଗ ତରଙ୍ଗ ହୋଇ ପାର୍ବତୀ ଶୁଣେ—କୃଷ୍ଣ ପ୍ରେମ ବିରହପୂର୍ଣ୍ଣ ସଙ୍ଗୀତ ଭିଖାରୀଟି ଗାଉଛି ଅତି ମର୍ମସ୍ପର୍ଶୀ ସଙ୍ଗୀତ—

ନିଦ୍ରା ତେଜି ସାରା ରାତି    ବସିଛନ୍ତି ସଖୀ ଶ୍ରୀମତୀ
ବନ୍ଧୁର ଅଗମ ପଥ ଚାହିଁ ।
ଚକୋର ପାଇବ ଚନ୍ଦ    ପାତିଛନ୍ତି ପିରତି ଫାନ୍ଦ
ନିଶି ନାଶେ ଚମକଇ ରାଇ ॥
ଡାକିଲେ କାଉ କୋଇଲି    ରାତି ପାହିଗଲା ବୋଲି
ସଖୀରେ କହଇ ବିନୋଦିନୀ ।
ବୃଥା ଫୁଲେ ଶେଯ ସଜା    ନଇଲେ ହୃଦୟ ରାଜା
କୃଷ୍ଣ ଗୁଣି ଗୁଣି କହେ ଧନୀ ॥
ପ୍ରେମ ଭରେ କମ୍ପେ ତନୁ    ପାଶୋର ନ ଯାଏ ମନୁ
ପ୍ରେମ (କି) ଜ୍ୱାଳା କହି ନ ଯୋଗାଏ ।
ରାତି ଜଗାଗର ବୃଥା    ବନ୍ଧୁ ବିନେ ହୃଦେ ବ୍ୟଥା
(କାହେ) ନିଧିହରା ରଙ୍କୁଣୀ ପରାଏ ॥

ପାର୍ବତୀ କବାଟ ଆଢୁଆଳରେ ଠିଆ ହୋଇ ଭିକାରି ଗୀତ ଏକା ଲୟରେ ମନ ଦେଇ ଶୁଣୁଥିଲେ । ନେତମଣି ଦେବୀ ଦାଣ୍ଡ ଦୁଆରେ ଭିକାରିକୁ ଭିକ ଦେଇ ଆସି, ମଝି ଘରେ ବୋହୂଙ୍କୁ ପାଖରେ ବସାଇ ଈଶ୍ୱରଙ୍କର ଅପାର ମହିମା କଥା କହୁଛନ୍ତି— ଯେଉଁ ମଣିଷ ଯିମିତକା ଈଶ୍ୱର ବିଶ୍ୱାସ କରିବ ତାକୁ ସିମିତକା ତା' ମନ ବୁଝେ ଫଳ ମିଳିବ; ସମସ୍ତେ ଈଶ୍ୱରଙ୍କର ସନ୍ତାନ । ପାର୍ବତୀ ପହରେକାଳ ମୁଗ୍ଧ ହୋଇ ଚାହିଁଲେ ଶାଶୁଙ୍କ ମୁହଁକୁ— ଏଇଠେଇଁ ଟିକିଏ ରସିକତା କରି ପାର୍ବତୀ କହିଲେ—ସବୁ ମଣିଷ ଯଦି ଭଗବାନଙ୍କର ସନ୍ତାନ, ଈଶ୍ୱର ତେବେ ମଣିଷକୁ ଏତେ ଦୁଃଖ କଷ୍ଟ, ରୋଗ ଶୋକ, ମୃତ୍ୟୁ ଦେଉଛନ୍ତି କାହିଁକି ? ସେପେଇଁ ମଣିଷ ଜୀବନକୁ ଅସାର ଶୂନ୍ୟତା ବୋଲି ଅନୁଭବ କରେ ।

ଦରହସୁଣ ମୁହଁରେ କେତେଡ଼ ଖୁସି ହୋଇ ନେସମଣି ଦେବୀ କହିଲେ—ହଁ ବୋହୂ । ତମେ ଯାହା କହିଲ ସେଇକଥା ମୁଁ କହୁଛି ଶୁଣ—ଧନୀ ଦରିଦ୍ର ଆଶା ନିରାଶା ସୁଖ ଦୁଃଖ ରୋଗ ବୈରାଗ ଶୋକ ମୃତ୍ୟୁ ନଥିଲେ ଈଶ୍ୱରଙ୍କ ଅସ୍ତିତ୍ୱକୁ କେହି ଉପ-ଲବ୍ଧି କରି ପାରନ୍ତେ ନାହିଁ । ଜୀବଙ୍କ ମଧ୍ୟରେ ଶ୍ରେଷ୍ଠ ଜନ୍ମ ହେଲା ମନୁଷ୍ୟ ଜନ୍ମ, ତା'ର ଏଇ ଦୁର୍ଲଭ ଜୀବନର ତାହେଲେ କୌଣସି ବାସ୍ତବତା ରହିବ ନାହିଁ । ସେଇ ହୋଇଯିବ କର୍ତ୍ତବ୍ୟ ଜ୍ଞାନ ହୀନ ଅକର୍ମଣ୍ୟ ଜଡ଼ ପଦାର୍ଥ । ମଣିଷଙ୍କୁ ଜାଗ୍ରତ ଓ କର୍ତ୍ତବ୍ୟ ପରାୟଣ କରିବା ପାଇଁ ଏମାନେ ସବୁ ହେଉଛନ୍ତି ଅତି ପ୍ରିୟ ସହଚର ।

ଅଜା ଦୋଳ ପୁନେଇଁ ଯିବା ଆଠ ଦିନ ପରେ ସ୍ୱାହାଙ୍ଗ ମେଳଣ । ପାର୍ବତୀର ଲେଖା ଯୋଖାରେ ବଡ଼ ଯା ହେବେ ପଦ୍ମ-ନାଭ ଘର ଗୃହିଣୀ ଭାରିଯା ହୀରାମଣି । ଆମ ଗାଁ ସାଇରେ ଏମିତିକା ଅଣ୍ଡିରି ଅଭିଲି ବୋହୂ କେହି ନାହିଁ କି ନଥିଲେ । ଦ'ପ୍ରହର ବେଳ ହେବ, ବାହାରେ ଗଛ ଛାଇରେ ସତେକି ନିଆଁ ବରଷୁଛି । ହୀରାମଣି ଆସି ଶଙ୍କରଙ୍କ ଘର ଦାଣ୍ଡ କବାଟ ବାଡ଼େଉଛି । କିଏ ଦାଣ୍ଡକବାଟ ବାଡ଼େଉଛି ଶୁଣିପାରି, ପାର୍ବତୀ ତେଣୁ ଶହୁଁକି ଆସି କଡ଼ପାଟି କରି କହିଲା—ରହ, କିଏକା, କାହୁଁକି ଏମିତ କବାଟ ବାଜଉଛ । ଟିକିଏ ତର ସହୁ ନାହିଁ । ପାର୍ବତୀ କବାଟ କିଳଣୀ ଫିଟେଇ ଦେଲାରୁ ହୀରାମଣି ଘର ଭିତରକୁ ପଶି ଆସିଲା । ଦେଖିବାକୁ ଅର୍ଜ୍ଜୁନ ଧଉଅ ଧେଙ୍ଗେଡ଼ ମାଇପିଟାଏ । ହୀରାମଣି ଅତି ଖୁସିରେ ପାର୍ବତୀକୁ କୁଣ୍ଢେଇ ଧରିଲା । ପାର୍ବତୀ ତା' ମୁହଁକୁ ଚାହିଁ ଥାଏ, ଅଜା ନହଭାବ ଘର ବଡ଼ ଅପାଙ୍କ ଏତେ ସୋହାଗ କାହିଁକି କିଛି ବୁଝି ପାରୁନାହିଁ । କ'ଣ ପେଇଁ ଏତେ ଫେସନ କରି ଲଗାପଟା ପିନ୍ଧି, ସଜବାଜ ହୋଇ ଆସିଛନ୍ତି । କାନରେ ମୂଲ୍ୟବାନ ନାଲି ପଥର ବସା ସୁନା ଫୁଲ, ବେକରେ ସୁନାହାର,

ଦାମିକା ଶାଢୀ ଭାଙ୍ଗିକ୍, ପଗୃରିଲା ଆଡିରେ ପାର୍ବତୀ ଚାହିଁ ରହିଲା ହୀରାମଣିର ହସିଲା ମୁହଁକୁ । ହୀରାମଣିର ଶିତୋଳା ଚାହାଁ କାଣ୍ଡି ପାର୍ବତୀ ହଠାତ୍ ତାଙ୍କୁ କିଛି ପଚାରି ପାରିଲା ନାହିଁ । ତା' ଆଖି ହୀରାମଣି ବେଶଭୂଷା ଉପରେ ଲାଖି ରହିଥାଏ, ସେ କହି ଉଠିଲା—ଆଜି ଏମିତି ଚାହିଁ ରହିଛୁ କାହିଁକି ? ପାର୍ବତୀ ମୁହଁରେ ହସ, ଶାଶୁଙ୍କ ଗୋଡ଼ଧୂଳି ମୁଣ୍ଡରେ ମାରି ହୀରାମଣିର ହାତଧରି ନେଇ ଗଲା ନିଜ ଶୋଇବା ଘରକୁ । ମୁହଁକୁ ମୁହଁ ଯୋଡ଼ି କହିଲା—ଅପା ତମେ ଏତିକି ନିର୍ଲଜ ହେଲ ଛି, ଛି, ଏକା ଢଙ୍ଗ, ପତଳା ସିଲ୍କ ଶାଢୀ ଦେହରୁ ଦଣ୍ଡଥର ଖସି ପଡ଼ୁଛି—ଏତେ ରଙ୍ଗ ଢଙ୍ଗ କରି ବାହାରିଛ କୁଆଡ଼େ ଯିବ କି ? ହୀରାମଣି ଦେବୀ ତେବେ ତୁହିଁଙ୍କ ମୁହଁକୁ ଚାହିଁ ହସନ୍ତି ; ହସି ହସି ଚାଲି ଯାଆନ୍ତି ଦାଣ୍ଡ ଅଗଣା ଆଡ଼େ ।

ପାର୍ବତୀ ମୁହଁରେ କମ୍ପିଲା ଚୂର୍ଣ୍ଣ କୁନ୍ତଳ ବେଢେଇଗୁଡ଼ାଏ ଉଡ଼ି ପଡ଼ୁଥାଏ । ହୀରାମଣି ଅତି ଆଦରରେ ସେଗୁଡ଼ିକୁ ଆଡେଇ ଦେଇ ତା' ମୁହଁକୁ ଚାହିଁ ମୃଦୁ କଣ୍ଠରେ କହିଲା—ହଇଲୋ ସାନବୋହୂ ! ଆଜି ସହାଙ୍ଗ ମେଳଣକୁ ଯିବା ପରା ; ଚଞ୍ଚଳ ହୋଇ ବାହାରୁନା । ପାର୍ବତୀକୁ କେମିତି କ'ଣ ଲାଗେ ଲାଜକୁ ହୁଏ, ଛପି ଛପି କୁଣ୍ଡଳ ଭାବନା ଆସେ ମନକୁ । ପାର୍ବତୀ ଜଣାଇ ଦେବାକୁ ଚାହେଁ ତାଙ୍କୁ ନ କହିଲେ ପେଟ ଯାହା କଲେ ହେବନାହିଁ ଲୋ । ଡର ଡର ଭାଷାରେ ଆଡ଼େ ଅନେଇ ହସି ହସି କହିଲା—ଏଜନେ ସେ ଦାଣ୍ଡକୁ ଯାଉଛନ୍ତି, ଆସନ୍ତୁ ଯିବା । ହୀରାମଣି ମନକଥା ବୁଝୁଥାଏ, ମୁଣ୍ଡର ଅଧା ଓଢ଼ଣୀକୁ ଟିକିଏ ଟାଣି ନେଇ ମୁହଁକୁ କୁଞ୍ଚା କରି ଫାଁ ଫାଁ ଡଲି ପରି କହିଲା—ପ୍ରାଣେଶ୍ୱରଙ୍କ ଠାରୁ ଏପର୍ଯ୍ୟନ୍ତ ହୁକୁମ ମିଳିନାହିଁ ନା କ'ଣ ? ପାର୍ବତୀ ସୁନ୍ଦର ମୁହଁରେ ସରମରଙ୍ଗା ମଧୁର ହସ ଫୁଟି ଉଠିଲା, କହିଲା—ଆରେ ନା ଲୋ ଅପା ! ଏ ଦାମୀର

ଆଜି ସ୍ୱାମୀଙ୍କ ପାଖରେ ଏପର୍ଯ୍ୟନ୍ତ ପେଶ କରି ହୋଇ ନାହିଁ । ସ୍କୁଟରର ଡେସ୍କରେ ଖୋଲି ଗୁଣ୍ଡିଏ କାଗଜ ହସମଣି କହିଲା—ରଖିଦେ ତୋ' ଗେରସ୍ତ ପୋଷାକ ଗାଡ଼ିରୁ ଚୋର କରିନେବ ଗୁଣ୍ଡାକୁ ।

ଥରିଲା ସ୍ୱରରେ ପାର୍ବତୀ କହିଲା—ମୋ କଥାରେ ଏତେ ହେଉଛି କଣ ଅପା ? ତାଙ୍କ ସମ୍ବନ୍ଧରେ ମୋର ଖରାପ ଧାରଣା ମୁଁ କେବେ ମନରେ ଆଣିବି ; ଅନ୍ୟ ମାନେ, ତାଙ୍କଠାରେ ଆଉ ମୋ ମୁହଁ ଦେଖିବେ ନାହିଁ କି ତାଙ୍କ ଘରେ ପୂରେଇବେ ନାହିଁ । ଅବମାନନାରେ ମୁହଁ ଶୁଖେଇ ହସମଣି କହିଲା—ସବୁ ଜାଗାର ଭଲ ଦେଖେ କେହି ଅବଳ ବଳରେ ବା କେହି ଅଧିକାରରେ ଶୁଣେ । ଯୁଗ ଯୁଗ-ଧର ମାଇପେ ପୁରୁଷର ଖେଳଣା ହୋଇଛନ୍ତି ଦାସୀ, ନା ଭକ୍ତ ସାଥୀ । ମାଇପଙ୍କର ଗାଲରେ ଛିଣ୍ଡା ଗରଗରରେଁ ଘରେ ପିଠା କଥା ଶୁଣିବା ଛଡ଼ା ଆଉ କିଛି ସ୍ତ୍ରୀ ଜାତିର କରିବାର ଅଧିକାର ନାହିଁ । ପାର୍ବତୀର ମୁହଁ ଗମ୍ଭୀର ହୋଇ ପୁଣିଥରେ ଏମ ଆଖିରେ ପାଣି ଭରି ସେ କହିଲା—ଏହି ସମସ୍ତଙ୍କରେ ଏ ଘର ମାଲିକ ମୁଁ ଦାସୀ ହୁଏ ତ ଆଉ କ'ଣ ? ସ୍ୱାମୀଙ୍କ ପାଖୁ ସେବା ପାଇବା ଠାରୁ ବଡ଼ ବ୍ରହ୍ମାଣ୍ଡରେ ସ୍ତ୍ରୀ'ର ଆଉ କିଛି ବଡ଼ ନାହିଁ । ନାରୀର ଜୀବନରେ ସବୁ ଭଲ ଭାବ ଦେଇ ହେଉଁ ନାରୀର ମନ ଭାଙ୍ଗିଗଲେ ଥାଏ ହୁଏ ତା'ର ଜୀବନରେ ଶାନ୍ତି ନାହିଁ, ଅଶାନ୍ତି, ନରକ ଭୋଗିବାକୁ ପଡ଼େ । ତେବେ ତୁମେ ତାହାର କଣ କହୁଛ ଯେ ଅପା ?

ପାର୍ବତୀର କଥାଗୁଡ଼ା ହସମଣି ଦେହରେ ଯେପରି ଜର କରିଛୁ ଥିଲା । ତଥାପି ସ୍ୱର୍ଣ୍ଣ ମା ଭୁଲିକୁ ବାହାର ପଡ଼ିଲା—ତେବେ ବୋଲୁଥିଲେ ଦୁନିଆରେ ଏମ ମାଉସୀ ଏବେ ଯେପରି ମନେହୁଏ କହୁଛି । ସେଥିରେ ଏକା ...

ତୋଳିଦେଲେ । ପାର୍ବତୀ ମନଟା କୋଉଠା ଗଲା ହେଉଥାଏ । ମୁଁ ଯଦି ଏ ଘରର ବୋହୂ ନ ହୋଇ ଅନ୍ୟ ଘରକୁ ବୋହୂ ହୋଇ ଯାଇଥା'ନ୍ତି ତେବେ ତା' କଥା ଅଲଗା ଥିଲା । ଛି ଛି ଏଭଳି କଥା ମନକୁ ଆସୁଚି ।

ଦାଣ୍ଡ ଦୁଆରୁ ଶଙ୍କର ଡାକ ଶୁଭିଲା—ବଡ଼ଦେ ଅଟେଇ ଭୁଆ ହେଇଏ ଗଲେଣି ହେଲା ଯାଅ । କଣ ଲୁଚ ହେଉଥିଲେ ଲୁଚି ପାର୍ବତୀ କହିଲା—ଅପା ! ମୋ ଭଉଣୀ ତମେ ଅକସ୍ମାତ୍ ପାଇଲେ । ଶଙ୍କର ଗୋଡ଼ା ଭିତରେ ଆସି ହୁସ୍ନମଣିକୁ ଦେଖି କହିଲା—ଆରେ ହୁସ ନୂଆବୋହୂ ଗଲେ ? କେତେବେଳୁ ଆମ ଘରକୁ ଆସିଲଣି ? ହୁସ୍ନମଣି କହିଲା—ମୁଁ ତମ ଘରଣୀ ପାଖକୁ ଆସି-ଥିଲି, ସାଙ୍ଗହେବ ସବୁଦିନ [illegible] ଦେଖି ଗିଲାକୁ—ମୁଁ ଯାଉ ମୁଁ' ତମ ଜାଣଣି, ଶଙ୍କରକୁ କ'ଣ କହୁଚୁ [illegible] ଲୁଚାପୋଲି କରୁ ଥିଲେ । ମୁଁ କେମିତି ଏତେ କହୁଚି ମୋ କଥାକୁ [illegible] ମାନୁନି ପର ହେଲେ । ପାର୍ବତୀ ତୋରୁ ଲୁହାଳରେ ଲୁହ ପକାଉଛ ବୋଇ ଧଳୁ ବାହାର ଗିଲା ଜେବେଲେ କହିଲା—ଭଉଣୀ ଡିସ ଅପା କହୁ ଚେଲିଭ ହସେଇଥାଏ । ଶଙ୍କର [illegible] ଆସି ପାର୍ବତୀ ମୁହଁକୁ ଚାହିଁ ମୁରୁକେଇ ହସିଲା, ତା'ର ମନର ଅହଙ୍କାର ଉଛୁଳି ପଡ଼ୁଥିଲା । କେତେ ସୁନ୍ଦର ମୁଣ୍ଡ ବାନ୍ଧିଛି, ଆଖିରେ ଦେଇଛି ସରୁ କଜ୍ଜଳ ଗାର ମଥା ସିନ୍ଥିରେ ସିନ୍ଦୂର ଗାର, କପାଳରେ ସିନ୍ଦୂର ଟୋପା । ଅଙ୍ଗ ଭରିକି ସରଳ ଲୁଗାପଟ, ଅଙ୍କର ପିନ୍ଧାପିନ୍ଧି ଗିମିଭ ଥିଲା ।

ଲୁହାର ଭାବଣ୍ଡାରେ ପାର୍ବତୀ ଯାଉଁ ଯାଉଁ ସ୍ୱା,ଡ଼ୁକୁ ଟିକଏ ଭଉଣୀର ଶବ ଲୁହି ହେଉଛି । ଶଙ୍କର ହୁସ୍ନମଣି ଅଡ଼କୁ ଅନାଇ ହସି ହସି କହିଲା—ଓଃ [illegible], ଯୋଉଟା ଦେବତା ପରି ସବୁବେଳେ ସେବା ଅସ୍ୱଧନା କରେ । ତାଙ୍କ ଘରକୁ ଯାଉଥିଲି ଲୁହ ଧନକୁ ଆଉଧନ ରହି ପାରୁନ ନାହିଁ ପରା ।

ମୁଁହ ମୋଡ଼ି ହିରାମଣି କହିଲା—ଆଉ ଲୁହଜାମ ଲୁହଣା ସେଗୁଡ଼ା । ସବୁ ମରଦ ସମାନ, ମାଇପଙ୍କୁ ଶୁଣେଇବେ ମନଧରା କଥା, ଦୟା ଦେଖେଇବେ ଆଖିକୁ ଅବଧାନ କିନ୍ତୁ ଭିତରେ ଭିତରେ ତାଙ୍କର ପ୍ରକୃତ ଭଲ ପାଇବା ନ ଥାଏ । ସେ ଖାଲି ତମର ସେବା ଆରାଧନା କରିବାକୁ ତମ ଘରକୁ ଆଇଚି । ତମ ଭାଇଙ୍କ ଦେଖୁନ ମୁଁ ଭଲ ମନ୍ଦରେ କେଉଁ କଥା ପଦେ ପଚାରିଲେ ସେଥିରେ ତାଙ୍କର ସବୁବେଳେ ଟେଢ଼ା କଥା । ମୁଁ ଯେତେ କାମ କଲେ ତାଙ୍କ ଆଖିକୁ ଦିଶିବ ନାହିଁ, ସବୁ ନା ପସନ୍ଦ । ମୁଁ ଭାବୁଛି ପାର ହୋଇ ଯିବ ନୋହିଲେ ନାରୀ ସ୍ୱାଧୀନତା ଆଇନର ଆଶା ନେଇ ତାଙ୍କୁ ଛାଡ଼ପତ୍ର ଦେଇଦେବି । ଶଙ୍କର ମୁହଁରେ ବେଦନାର ଭାବ ଉଙ୍କିଟିଏ ଉଠିଲା, ଅଳ୍ପ ହସି କହିଲା—ତାହେଲେ ତମେ ଅନ୍ୟାୟ କରିବ । ନାରୀର କର୍ତ୍ତବ୍ୟ ସ୍ୱାମୀଙ୍କୁ ସାନ୍ତ୍ୱନା ଓ ଶାନ୍ତି ଦେବା । ପାର୍ବତୀ ଗୋରୁଙ୍କ ଆଗରେ କୁଣ୍ଡା ପକେଇ ସାରି ଦେଖୁଛି ଦୁହାଁଳିଆ ଗାଈ ପଲା ଚରରେ ମୁହଁ ଲଗେଇ ତା କଅଁଳା ବାଛୁରିଟି ଦୁଧ ପିଉଛି । ଆଖିବୁଜି ଗାଈ ତା ବାଛୁରି ଦେହ ଚାଟୁଛି ବାତ୍ସଲ୍ୟଭରା ସ୍ନେହରେ ।

ହିରାମଣି ଉଠି ଠିଆ ହୋଇ ସ୍ୱଗତରେ ତମ ତମ ହୋଇ କହିଲା—ମରଦମାନେ କାହିଁକି ମାଇପିଙ୍କୁ ଏତେ ଜଳିଗୁଣା ଦେଇ କହୁଚେ, ପେଟକୁ ମୁଠାଏ ଖାଇବାକୁ ଓ ଖଣ୍ଡେ ପିନ୍ଧିବାକୁ ଦେଉଛନ୍ତି ବୋଲି ହାତ ଉଠେଇ ମାରିବେ, ପୁଣି ବେଳେ ବଡ଼ ବଡ଼ ଦୂର ଦେଶକର କଥା କହୁଚେ । ତାଙ୍କର କାହିଁକି ଏତେ କଡ଼େଇ । ମରଦଗୁଡ଼ା ଭଲ ମଣିଷ ଏକା ମାଇପିଗୁଡ଼ା ନାହେଁସ ଲୋକ ନା ? ଏ ମରଦଙ୍କ ପୀରତି ଦେଖ, ମୁହଁଟା ସରସ ଭିତର ଫାଙ୍କ । ଶଙ୍କର ତା' କଥାରେ ଉତ୍ତର ନ ଦେଇ ଚାଲି ଯାଉଥିଲା—ପାର୍ବତୀ ଏଣିକି

ଆସୁଛି ଦେଖି ଅଗଣା ମଝିରେ ଅଟକି ଠିଆ ହୋଇ କହୁଛି—ହୁସ୍ ନୂଆବୋଉ କଣ କହୁଛି ଶୁଣୁଛନ୍ତି ନା ?

ପାର୍ବତୀ କହୁଛି ଉମେଶ କଲିକତା ଯିବାକୁ ବାହାରୁଛ, ଏଥର ତାଙ୍କ ଘରକୁ ଯାଇ ତାଙ୍କଘର ବଡ଼ଭାଇଙ୍କୁ ଭଲମନ୍ଦ ଏବୁକଣା ବୁଝେଇ ସୁଝେଇ କହୁ ଅସୁନ । ଦୁନିଆଁରେ ସୁଖ ଦୁଃଖ ସଭିଙ୍କର ଲଗିଚି, ଏଥିପେଇଁ ଗେରସ୍ତ ଭାରିଜା କଲି କରି ମୁହଁ ଫୁଲଫୁଲି ହେଲେ ସ୍ୱର୍ଗପୁରି ସୁଖ ଘର ସଂସାର ଅଶାନ୍ତିର ଅନ୍ଧକାର ପାଲଟେ । ମାଇପିଟା ଯାତ ବାହା କରୁ, କି ମରଦ ପୁଅ ଯାତ ବାହା କରୁ, କିଏ ତାହାର ଭାଗ୍ୟ ବଦଳାଇ ପାରବ କି ?

ଆଷାଢ଼ ମାସ ଶେଷ ହୋଇ ଗଲାଣି । ସେଦିନ ଦ'ପହରେ ଶଙ୍କର କବାଟ ମେଲାକରି ବସି ଭାବୁଥାଏ—ମଣିଷ ସବୁ ସହି ପାରେ, କିନ୍ତୁ ନ ଖାଇ ନ ପିଇ ରହି ପାରେନା । ଅଜି ପର୍ଯ୍ୟନ୍ତ ବର୍ଷା ହେବାକୁ ନାହିଁ, ଫସଲ କିଆରୀରେ ଯେପରି କିଆଁ ଦୁଳା ବବସୁଛି । ବର୍ଷା ନ ହେଲେ ଦେଶ ଯେ' କି ସର୍ବନାଶ ହେବ ସେ କଥା ନିରକ୍ଷର ଗ୍ରାମ୍ୟ ଠାରୁ ଅବୁଝା ପାଞ୍ଚ ବରଷର ପିଲା କହିପାରେ । ଦୁନିଆଁରେ ଲୋକ କମିତ ବଞ୍ଚିବେ, ଏ ସଂସାର ରସାତଳ ଯାଏ ହୋଇଯିବ । ଗୃହଅଟେ ଦୁର୍ଭିକ୍ଷ ପଡ଼ିବ, ଲୋକେ ଖାଇବେ କଣ ?

ମନ କଥା ମନରେ ଅଛି, ପାର୍ବତୀଙ୍କୁ ଡାକି ଶଙ୍କର ବ୍ୟାକୁଳ କଣ୍ଠେ କହିଲେ—ଏବର୍ଷ ଗୃହର ଅବସ୍ଥା ତ ଦେଖୁଛ, ବିଦେଶକୁ ଯାଇ ରୁଜିଗାର ନ କଲେ ଆମେ ପୁଣି ଚଳିବା କିପରି ? ପାର୍ବତୀ ଶଙ୍କରର ଶୁଖିଲା ମୁହଁକୁ ଚାହିଁ କହିଲା—ମୁଁ ଗୃହସ୍ଥ ଘରର ଝିଅ ଗୃହସ୍ଥଘରର ବୋହୂ । ଘରର ଅଭାବ ଅନାଟ ଦେଖି ବିଦେଶ କରି ଯିବାକୁ ଚାହୁଁଛ । ମୋର ଏ ଦୁଃଖରୁ ସେ ଦୁଃଖ ବଳିଲା ଯିବ । ତମେ ଘରୁ ପଦାକୁ ଗୋଡ଼ କାଢ଼ିଲେ ଘରକୁ ନ ଫେରିବାଯାଏ ମନ ଦକ ଦକ ହେଉଥାଏ । ପାର୍ବତୀର କରୁଣ ପିଲା ଆଖିରୁ ଲୁହ ଦୁଇ ବୁନ୍ଦା ଝଲସି ଉଠିଲା । ରହି ୨ ଶଙ୍କର କହିଲା—ଅଳ୍ପ ଅଳ୍ପ ଥିଲାବାଲା ଲୋକଙ୍କ ଘରେ ଅଭାବ ହା ହା କାର ପଡିଗଲାଣି । ନିଜ ଖାଇବା ସଂସାର-ଚାଳନ କରି କରି ଦେଉଛନ୍ତି, ନୋହିଲେ ତାହା ପାଖରେ ବନ୍ଧକ ରଖିଲେଣି ଲୋକଙ୍କ ପେଟର ଦାଉ ସହି ନ ପାରି । ଆମର ଏଇ ଛୋଟ ସଂସାର ହେଲେ କଣ ହେଲା ଅନେକ ସମସ୍ୟା ଅଛି, ଅତ ଖାଇବା ପିଇବା ଲୋଡ଼ା । ବିଦେଶ ନ ଯିବା ଛଡ଼ା ଆଉ ଉପାୟ କଣ ? ମୁଁ ଟିକିଏ ନିତ୍ୟାନନ୍ଦ ଭାଇଙ୍କ ଘର ଆଡ଼କୁ ଯାଉଛି । ଫେରୁ୨ ଡେରି ହୋଇ ପାରେ, ବ୍ୟସ୍ତ ହେବନାହିଁ ।

ମେଘୁଆ ବଉଦ ମାଳରେ ଆକାଶ ଅନ୍ଧାର । ତା ଠାରୁ ଅନେକ ଅଧିକ ଦୁଃଖରେ ଅନ୍ଧାର ପାର୍ବତୀର ମନ । ଘର ଦୁଆର ମୁହଁ ଅଗଣାରେ ଏକୁଟିଆ ବସି ଆକାଶକୁ ଚାହିଁ ଅସୁମାର କେତେ କଣ କଥା ଭାବି ହେଉଛି । ଗଲାଦିନ ମାନଙ୍କର କେତେ ସବୁ ସୁଖ ଦୁଃଖ କଥା ବଉଦ ଖଣ୍ଡ ପରି ମନ ମଧ୍ୟରେ ଭାସି ଚାଲିଛି । ସେ ମୋତେ ଦେଖିଲେ କେତେ ଖୁସି ହେଉଥିଲେ, ସେ ମୋତେ ପାଇ-ବାକୁ କେତେ କଳ୍ପନା ରାଜ୍ୟରେ ସୁଖ ସ୍ୱପ୍ନ ଦେଖୁଥିଲେ । କିନ୍ତୁ ଆଜି ଏ କଣ ହେଲା ? ମୋର ସବୁ କଥାରେ ତାଙ୍କର ନା, ନା ଭାବ । ମୋର ଭାଗ୍ୟଟା ପୋଡ଼ା ବୋଲି ସେ ବିଦେଶ କରି ଯିବାକୁ ବାହାରି ଛନ୍ତି ଯାଆନ୍ତୁ । ମୁଁ କାହିଁକି ତାଙ୍କ ସୁଖ ଆନନ୍ଦରେ ବାଧା ଦେବି ?

ବାହାର ଅଗଣା ଅନ୍ଧାର । ଘର ଭିତରେ ଆଲୁଅ ଜଳୁଛି । ଦୁଆର ମୁହଁକୁ ବସିଛି ପାର୍ବତୀ । ଶଙ୍କର ଘର ଭିତରକୁ ଆସି ପଲଙ୍କ ଉପରେ ଗୋଡ଼ ଲମ୍ବାଇ ବସିଲା । ପାର୍ବତୀ ମନର ଘଟଣା କଣ ଜାଣିବାକୁ ସେ ଉଦ୍‌ବିଗ୍ନ ହୋଇ ଉଠିଛି । ପାର୍ବତୀର ହସ ଖୁସିର ମୁହଁ ମଉଳା ଦିଶୁଛି । ଆଖିରେ ଜଳ ଜଳ ହେଉଛି ଲୁହ । ଶଙ୍କରର ତାକୁ ପଚାରିବାକୁ ସାହାସ ହେଉ ନଥିଲା । କେତେବେଳୁଁ ମନ ଦମ୍ଭ କରି କହିଲା; ମୁଁ ବିଦେଶକୁ ଯିବି ବୋଲି ମନରେ ଦୁଃଖ କରୁଛ; ମୁଁ ଏବେ ରହି ପାରେନି । ପାର୍ବତୀ ଗମ୍ଭୀର ମୁହଁରେ କଟମଟ କରି ନିମିଷେ ଶଙ୍କର ମୁହଁକୁ ଚାହିଁଲା । ଦୁଇଟି ଫେସର ଖସିଲା ଗଣ୍ଡ ପଡ଼ିଲୁ, କେହି କୁଆଡ଼େ ନାହିଁ । ମୁହଁ ଲେଉଟାଇ

ଅଣି ଶଙ୍କର ମୁହଁକୁ ଚାହିଁ କହି ଉଠିଲା, ଘର ଦୁଆର ଛାଡି ଅଜଣା ଅଶୁଣା ଦୂର ବିଦେଶ ଜାଗାକୁ ନ ଗଲେ କଣ ଚଳି ହେବନି ? ତମକୁ ଦଣ୍ଡେ ନ ଦେଖିଲେ, ମୋ ମନ ଛୁଆ ଖୋଇ ବିଲେଇଙ୍କ ପରି ହେଉଥାଏ । ତମକୁ ନ ଦେଖି ମୋ ଦିନ ଗୁଡ଼ାକ କେମିତି କଟିବ ? ପାର୍ବତୀର ଏପରି ସ୍ୱାମୀ ସୁଆଗ ଆଜି ନୂଆ ନୁହେଁ । କେତେ ସବୁ ପଛ କଥା ଶଙ୍କରର ମନେ ପଡୁଛି । ଅତି ସ୍ନେହରେ ମୁଁ ତାକୁ ଟେଲ କରିଛି । ଏହି ଛାତ ଉପରେ ପାର୍ବତୀର ମୁହଁ ରଖି ମୁଁ କେତେ ଦୁଃଖ ଭୁଲିଛି । ଏଇ ମୋ ଛାତକୁ ଆଜି ଛାଡ଼ି ବସିଲେ ରଙ୍କୁଣୀ କୋଟିନିଧି ପାଇଲା ପରି ମୋତେ ଲାଗେ । ଶଙ୍କର ମୁହଁ ଟିକିଏ ଶୁଖି ଆସିଲା । ମନର ଦୁଃଖ ଚାପି ପାରୁ ନାହିଁ । ଅଭାବର କଷ୍ଟ ତାକୁ ଉନ୍ମାଦ କରିଛି । ଶୁଖିଲା ହସ ହସି ବୁଝାଇ ଦେଇ କହିଲା; ଆମ ଘରେ ଏତେ ଅଭାବ ଅନାଟନ ତମେ କଣ କିଛି ଜାଣି ପାରୁ ନାହଁ । କଲିକତାରେ ପରା ପଇସା ଉଡୁଛି । ଯେ ପାରୁଛି ସେ ଧରୁଛନ୍ତି । ମୁଁ ଏଥର ଯାଏ ନା ରହିଥା, ଦେଖିବୁ ଟଙ୍କା କମେଇ ରଙ୍ଗ ଢଙ୍ଗିଆ କେତେ ଲୁଗା ଗହଣା ଗଣ୍ଡି ଆଣିବି ତମ ପାଇଁ । ପାର୍ବତୀ ଆଖିରେ ଛଳ ଛଳ ହେଲା ଲୁହ । ଯେପରି ତା ଆଖି ସହାନୁଭୂତିରେ କହି ଉଠୁଛି ଏହାଙ୍କୁ ବିଦେଶ ଯିବାକୁ ଏ ବୁଦ୍ଧି କିଏ ଦେଲା । ସ୍ୱାମୀ ମୁହଁକୁ ଚାହିଁ ଭକ୍ତିରେ ପାର୍ବତୀ ମନ ନଇଁ ଆସିଲା । ପାର୍ବତୀର ମଉଳିଲା ମୁହଁ ଥରିଲା ଥରିଲା ଗଳାରେ କହିଲା; ମୁଁ ତମକୁ ମୋ ରାଣ ପକେଇ କହୁଚି ଯିବ ଯାଅ—ସେଠି ଟଙ୍କା ରୋଜଗାର କଲେବି କେବେ ଅନ୍ୟାୟ ଅପବ୍ୟୟ କରିବ ନାହିଁ । ବିଦେଶ ଜାଗାରେ କେତେ ଗୁଣ୍ଡା ବଦମାସିଆ ଲୋକ ଥାଆନ୍ତି । ସେମାନଙ୍କ ପାଖରେ ବସିବ ନାହିଁ କି ତାଙ୍କ ସାଙ୍ଗରେ କେବେ ମିଶିବ ନାହିଁ । ମୁଁ ଯାହା କହିଲି ଟିକିଏ ଚିନ୍ତା କରି ଦେଖିବ ।

ଶଙ୍କର ପାର୍ବତୀର ମୁଣ୍ଡକୁ ଆବେଗ ଭରା ମନରେ ଛାତିର

ଅନ୍ଧକାର ଅଣିଲା । ପିଠି ଅଡ଼େଇଁ ଦେଇ କହିଲା, ଏ କଥା ଲକ୍ଷ୍ମୀ ଠାକୁରାଣୀଙ୍କର ଉପଦେଶ ବା ତମ ଆଦେଶ ଦିଅ ହୁକୁମ ହୋଇ ଥିଲେ ମଧ୍ୟ ଅଲବତ୍ ମୋତେ ମାନିବାକୁ ପଡ଼ିବ । ପାର୍ବତୀ ଦେଖିଲା, ତା ସ୍ୱାମୀଙ୍କ ଆଖିରେ ଅଗ୍ରହ ଓଠରେ ଦରହାସ । ସେଥିରୁ ସେ ବୁଝିଲା ସେ ନିଶ୍ଚୟ ତାଙ୍କ ହୃଦୟର ଭାଷା କହୁଛନ୍ତି, ମୋ ମନ କହୁନାହାନ୍ତି । ପାର୍ବତୀ ଓଠରେ ଫୁଟିଲା ସ୍ୱାମୀଙ୍କର ପ୍ରତିଜ୍ଞା ପାଳନର କଠୋର ସଂକଳ୍ପ ମୁହଁରେ ତୃପ୍ତି ମଧୁର ହସ । ଶଙ୍କର ମୁହଁକୁ ଚାହିଁଲା । ଲାଜରେ ଓଢ଼ଣା ଟାଣିଲା । ସେ କଣ କହିବାକୁ ଚାହେଁ ଭୁଲିଯାଏ । ଭାବେ ମୁଁ ପରା ଏହାଙ୍କ ରଙ୍ଗ ଜାଣେ, ଆଉ କଣ ନୂଆ ହେଲାକି ? ମୁଁ ତାଙ୍କୁ ବିଦେଶ ଯିବାକୁ କାହିଁକି ମନା କରିବି ।

ରାତିର କାଳକଳା ଅନ୍ଧାର ଘୋଟି ଆସୁଛି ଚାରିଆଡ଼େ । ଦଶ ପହର ରାତି ହେଲାଣି । ଆଜି ପାର୍ବତୀ ଆଖିରେ ନିଦ ନାହିଁ । ତା ଆଖିରୁ ଝରୁଛି ଲୋତକ ଧାର । ଯେତେ ପୋଛୁଛି ମନା ମାନୁ ନାହିଁ । ଆଜି ପରା ସେ ମଙ୍ଗଳ ରାତି ବୁଧ ପାହାନ୍ତି ସେ ବିଦେଶକୁ ଯିବେ । ଆଖିରୁ ଲୁହ ଗଡ଼େଇଲେ ତାଙ୍କର ଅକଲ୍ୟାଣ ହେବ । ମାଇପିଙ୍କ ଗୁପ୍ତ ତଳ ବେଦନା କଥା ନ କହିଲେ ଏ ମଣିଷ ଜାତ କାହୁଁ ଜାଣିବେ ? ଶଙ୍କର ନିଦ ଭାଙ୍ଗି ଯିବାରୁ ଚାହିଁଲା ପାର୍ବତୀ ଆଡ଼କୁ । ସେ ଶୋଇଥିଲା କେତେବେଳୁ ପାଖରୁ ଉଠିଯାଇ ଲଗା ଜାମିକ ସଜାଡ଼ି ଗଣ୍ଠିଲି ବାନ୍ଧୁଛି । ମନେ ମନେ ଅକାଶ ପାତାଳ କେତେ କଣ ଭାବି ହେଉଛି ।

ପାର୍ବତୀ ହାତଧରି ପାଖରେ ପାଲୁଙ୍କ ଉପରେ ବସେଇ ହସିଲା ମୁହଁରେ ଶଙ୍କର କହିଲା—ତମେ ମୋତେ ଗୁଡ଼ ଗାଁରେ ଏକୁଟିଆ ରହି ପାରିବ ନାହିଁ ? ଏମିତ ମୁହଁ ଶୁଖେଇ ବସିଛ କାହିଁକି ? ପାର୍ବତୀ ଆଖିରେ ଲୁହ, ମୁହଁରେ ହସ ଟାଣି କହିଲା—ଏ ସଂସାର ତମର, ତମେ ଯାହା କହିବ ସେଇଆ ହେବ । ତାର ସହାନୁଭୂତି

ମଧ୍ୟ କେଉପଦ ପାର୍ବତୀ ଘୁଞ୍ଚ ଭିତରେ କଣ୍ଠା ଘା'ରେ ଲୁଣ ଛିଟା ପଡ଼ିଲା ପରି ଲାଗିଲା ।

ସେତେବେଳକୁ ଆକାଶ ଜହ୍ନ ପଶ୍ଚିମକୁ ଢଳି ପଡ଼ି ଫିକା ଦିଶୁଛି । ପୂର୍ବ ଦିଗରେ ଶୁଆଁତାରା ଉଠିଲାଣି । ସକାଳ ହୋଇ ଗଲେ ଲୋକେ ଉଠି ପଡ଼ିବେ । ଚାର ଲୋକଙ୍କ ମୁହଁ ଚାହିଁ ଗଲେ ଯାତ୍ରା ଶୁଭ ହୁଏନା । କାଳଅନ୍ଧାରୀ ଥାଉ ଥାଉ ସର୍ବମଙ୍ଗଳ ଜଗନ୍ନାଥଙ୍କ ନାଁ ସୁମରଣା କରି ଘରୁ ଅନୁକୂଳ କରି ବିଦେଶ ଯିବା ଭଲ । ଶଙ୍କର ବୋଉ ତାଙ୍କ ଶୋଇବା ଘରୁ ବାହାରି ଆସି ଡାକିଲେ—ଅରେ ବାପା କାଳଅନ୍ଧାରୀ ଲାଗିଛି । ଶୀଘ୍ର ଶୀଘ୍ର ଘରୁ ଅନୁକୂଳ କରି ବାହାରି ଯାଅ । ତା ବୋଉର ଡାକରେ ଶଙ୍କରର ନିଦ ଭାଙ୍ଗି ଗଲା । ଅଗଣାକୁ ବାହାରି ଆସି ମୁହଁ ଧୋଇ ସାରିଲା ପରେ ଲୁହ ଛଳ ଛଳ ଆଖିରେ ପାର୍ବତୀ ଧଡ଼ପଡ଼ ହୋଇ ଶେଯ ଉପରୁ ଉଠି ଯାଇ ପିନ୍ଧା ଲୁଗା କାନିର ବନ୍ଧା ଗଣ୍ଠିଲିଟା ଶଙ୍କର ହାତକୁ ଦେଇ ତା ଗୋଡ଼ତଳେ ମୁଣ୍ଡିଆ ମାରି ଠିଆ ହେଲା । ଆଖି କୋଣରୁ ଝରି ପଡ଼ିଲା ଲୁହ ଦୁଇ ବୁନ୍ଦା ତା ଆଖି ଉପରେ ଶଙ୍କରର ଆଖି ପଡ଼ିଲା । ପାର୍ବତୀ ସର-ମରେ ସଙ୍କୋଚିତ ହୋଇ ମୁହଁ ଉପରକୁ ଓଢ଼ଣା ଟାଣି ଆଣେ । କଅଁଳେଇଁ ଗେଲେଇ କରି ଶଙ୍କର କହିଲା—ମୁଁ ବିଦେଶକୁ ଯାଉଛି ବୋଲି ତମେ ମନରେ ଦୁଃଖ କରୁଛ ଦେଖୁଛି । ମୁଁ ଏଇ ଚୈତମାସ ମଧ୍ୟରେ ଛପର କରି ଗାଁ'କୁ ଆସିବି । ଅରେ ସିମନ୍ତ କାହା ପରି ଠିଆ ହୋଇ କଣ ଭାବୁଛ । ଶଙ୍କର ନିଜକୁ ଅପରାଧୀ ମଣିଲା । ଆଉ ଯେ କଣ କହିବ, ତା ତୁଣ୍ଡ ଖୋଲିଲା ନାହିଁ । ପାର୍ବତୀ ଆଗରେ ଉଭା ହୋଇଥିବା ସ୍ୱାମୀଙ୍କ ମୁହଁକୁ ଚାହିଁଲା । ତାଙ୍କର କରୁଣ ଅଗାଧ ଭରା ଆଖି ଦୁଇଟି ତୀକ୍ଷ୍ଣ ଭାବରେ ଚାହିଁ ରହିଛି ତାଆର ଅଡ଼କୁ । ଶଙ୍କର ମଧ୍ୟ ଅଗଣାକୁ ଯାଇ ବୋଉକୁ ଡାକ

ପ୍ରଣାମ କରି ଗୋଡ଼ ଧୂଳି ନେଇ ଅନୁକୂଳ କରି ଯାଆନ୍ତି । ଶଙ୍କର ମୋର ଗଙ୍ଗା ଦାଦୀଙ୍କୁ ମନେ ମନେ ସୁମରଣା କରି ଗୋଟିଏ ଠେକ ହୋଇ କହିଲେ—ମା ! ମୋ ପୁଅକୁ ତୁମେ ସା ଭରସା ହେଉଥିବ । ଚଗଲା ମୋର ତୋଅର ସ୍ୱଭଳକୁ ଯାଉଛି ।

ପାର୍ବତୀ ମନେ ମନେ କେତେ ଦିଅଁ ଦେବତାଙ୍କୁ ଗୁହାରି କଲେଣି ତା ସ୍ୱାମୀର ଶୁଭ ମନାସୁ ଥାଏ । ଭାବନାର ଗୋଲକ ଧନ୍ଦା ପାର୍ବତୀ ମନ ଭିତରେ ବିଚ୍ଛେଦ ବିରହ ବେଦନାର ଝଙ୍କାର ଯାଉଥାଏ । ସେ ବିଦେଶ ଯାଇ ପାଞ୍ଚଟା ମଣିଷଙ୍କ ସାଙ୍ଗେ ଜଣେ ମଣିଷ ହୁଅନ୍ତୁ ।

ସେତେବେଳକୁ ଆମ ଗାଁ ମାଇପିମାନେ କାଳି ଅନ୍ଧାରୁ ଆଜି ଆଜି ଉଠି ବାସି ପାଇଟିମାନ କରୁ ଥାଆନ୍ତି । କିଏ ଦାଣ୍ଡ ଅଗଣା ଓଳାଉଛି କିଏବା ମାଟି-ଗୋବର ପାଣିରେ ଦୁଆରମୁହଁ ପିଣ୍ଡା ଲିପାପୋଛା କରୁଛି । ଶଙ୍କର ଗାଁ ବାଟରେ ଯାଉଥିଲା ବେଳେ କିଏ ଯେପରି ତା' କାନରେ କହୁଛି—ଆମ ଗାଁ ଯୁବକ ତୁ ବୁଝିବୁ ଯା' ନାହିଁ । ଯେତେଣେ ଜନ୍ମ ସେତେଣେ ସା କର୍ମ ଯେଉଁ ଭୂଲ ଥାଏ । ଶଙ୍କର ବୁଦ୍ଧିମାନ ପୁରୁଷ ସିଂହ, ମନରେ ଭାବେ—ଅଟେ ମଣିଷଟି ମନକୁ ଦୁର୍ବଳ କରି ଗାଁ'ରେ ପଡ଼ି ରହିଲେ ଚଳିବ ନାହିଁ । ଗହିର ବିଲ ହିଡ଼ ବାଟରେ ସେ କେତେବେଳେ ଶଗଡ଼ଗୁଳାରେ ଅଟେଇ ଗଲାଣି ସେ ଜାଣି ପାରେ ନାହିଁ । ପଛରେ ତାର ପଡ଼ି ରହିଲା ଗର୍ଭ ଧାରଣୀ ମା, ଆମର ସେଇ ଜନ୍ମ ମାଟି ଗାଁ ଆଉ ତାର ସେଇ ସେହ ସୁଆଗିନୀ ସ୍ତ୍ରୀ । ବିଦେଶକୁ ଯାଇ କିଛି ଟଙ୍କା ରୋଜଗାର ଆଣିଲେ ସେମାନଙ୍କ ଟିକିଏ ନିଶ୍ଚିନ୍ତ ହେବ । ସେ ବେଳକୁ ଆଉ ସେଇଁ ମନରେ ଭାବନା ଦୁଃଖ ନଥିବ ।

ପନ୍ଥ ଲୁହା ବୋଲ୍ଲ କରବାରୁ ସାନନ୍ଦ ମିସ୍ତ୍ରୀ ଗୃହମାସ ହେଲା ଶଙ୍କରକୁ କଳଘରେ କାମଖଣ୍ଡେ ଦେଇଛନ୍ତି କପଡ଼ା ଗୋଦାମରେ ।

ବର୍ତ୍ତମାନ କାଳରେ ମାମଲା ଖୋର କର୍ମ ବୋଲିଅ ଅଭ ଧର୍ମୀ ପଇସା ଥିଲା ବାଲାମାନେ ନାମ ପ୍ରସ୍ୱାସୀ ଦେଶ କର୍ମୀ ବୋଲେଇ ନେତା ହେଉଛନ୍ତି । ସେ ନେତାଙ୍କର ନୈତିକତା ଜ୍ଞାନ କ'ଣ ଏକଥା ଆଦୌ ତାଙ୍କୁ ଜଣା ନାହିଁ । ସେମାନେ କେତେ ସଂଘ ଦଳ ସବୁ ଗଢୁଛନ୍ତି । ନାନା ପ୍ରକାର ଅନୁଷ୍ଠାନମାନ ଗଢୁଛନ୍ତି । ତ୍ୟାଗି ସଚ୍ଚୋଟ ଜାତି ପ୍ରେମି ଦେଶ ସେବକ ଦୁସ୍ଥର ବନ୍ଧୁ ଏ ସମସ୍ତ ନୈତିକତା ବୋଧ ଥିବା ନେତାମାନେ ମୁମୂର୍ଷ ଦୁର୍ବଳ ହୋଇ ପଡ଼ିଲେଣି । ଆଜି ଏଇ କାଲିଆତ ଲୁଟେପେଷ ଲୋକ ସମାଜ ମଧ୍ୟରେ ସେଇସବୁ ଲୋକଙ୍କର ଆଦର ନାହିଁ । ତୋଳ ଖାଏ ମାଡ଼ ହାଡ଼ ଖାଏ କଉଡ଼ି । ସେଇପରି ନ୍ୟାୟରେ ଓଠରେ ନରମ ହସ ଟାଣି ମୁହଁରେ ଗରମ ଗରମ ବୋଲି ହାଁକି ଜନସାଧାରଣଙ୍କୁ ଫାଙ୍କି ଦେଇ କରେ ପ୍ରଚାର କରି ବାଙ୍କ ମାରି ନେଉଛନ୍ତି ରାଜନୀତି ଡାକ ଡରକ ଛକା ପଞ୍ଝାରେ ।

ଗଲା ରବିବାର ଦିନ ସଭାରେ ଯାହା ପ୍ରସ୍ତାବ ହେଲା ସେକଥା ଶଙ୍କର ମନକୁ ପାଇଲା । ଶ୍ରମିକ ସମସ୍ୟା ଆଶୁ ସମାଧାନ ପାଇଁ ପଣ କରିବା ; କିନ୍ତୁ ଏ ପାଞ୍ଚଜଣଙ୍କ ପରି ଜଣେ ମୁଁ ହୋଇ ପାରିଲେତ ? ଏମାନଙ୍କର ମଧ୍ୟରେ ଅଧିକାଂଶ ଟୋକାଙ୍କର କାନ୍ଧରେ ଝୁଲି ପଡ଼ନ୍ତି । ଏମାନେ ଏପର୍ଯ୍ୟନ୍ତ ମାଇକିଲିଆ ମୁହଁ ଦେଖି

ନାହାନ୍ତି । ଏସବୁ ଝୋଟାଙ୍କ ପରି ସେ'ଠି ଆଉ ମୁକ୍ତ ବିହଙ୍ଗ ନୁହେଁ । ସେ ସଂସାର, କୁଟୁମ୍ବୀ, ମା ସ୍ତ୍ରୀ ପ୍ରଭୃତି ଭାର ବହିବାକୁ ରହିଛନ୍ତି ।

ପ୍ରତି ରବିବାର ସନ୍ଧ୍ୟାରେ ସମିତି ଘରେ ବହୁ ଲୋକ ଆସି ଏକାଠି ହୋଇ ବସନ୍ତି । ନିଜ ନିଜ ଭିତରେ ବାରଆଡୁ ନାନା ପ୍ରକାର ଆଲୋଚନା ପଡେ । ଶଙ୍କର ମନରେ କେତେ ସବୁ ସମାଜ ଗଠନ ମୂଳକ ଭାବନା ଖେଳୁଥିଲା । ସେ ସଭିଙ୍କ ମଝିରେ ବସିପଡ଼ି କହିଲା—ଆମେ ଗରିବ ଗୃହସ୍ଥ। କୁଲି-ମୁଲିଆ ମୂର୍ଖ ବୋଲି ଚୁପ୍ ହୋଇ ବସି ରହିଲେ ଚଳିବ ନାହିଁ । ଆମ ଦେଶ ଇଂରେଜ ଶାସନ ଅମଳ ବେଳୁ ଆମ ଲୋକଙ୍କର ଏପରି ବଦ୍ ଅଭ୍ୟାସ ହୋଇ ଯାଇଛି ଯେ—ଏ ସବୁ ବଦ୍‌ଖୋଇ ପାଇଁ ଦଣ୍ଡ ଫଳାଭ୍ ହେଉ-ଛନ୍ତି , କିନ୍ତୁ ସେ ପ୍ରକୃତିକୁ ଛାଡୁ ନାହାନ୍ତି । ଆମେ ସବୁ ପିଲା ଅଭାବ ପାଇଁ ବିଦେଶକୁ ଆସିଥାଉ, ଦି' ପଇସା ଅର୍ଜନ କରି ଘରର ଅଭାବ ଅନାଟନ ମେଣ୍ଟାଇବାକୁ । ଆମ ଭିତରୁ ଅନେକ ଭାଇ ଗଞ୍ଜେଇ ଅଫିମ-ମଦ ଆଦିରେ କେତେ କଦର୍ଯ୍ୟ ନିଶାରେ ଅପବ୍ୟୟ କରି ପଇସା ଉଡ଼େଇ ଦେଉଛନ୍ତି । ମୋତେ ତାଙ୍କର ଏସବୁ ମୋଟେ ଭଲ ଲାଗୁନି । ଏପରିକା ବାରି ନିଶା ଫିକରରେ ରହୁଲେ ମନରେ ଉଚ୍ଚ ଭବିଷ୍ୟ ପାଇଁ ଚିନ୍ତା ଆସିବ କୁଆଡୁ ? ଆମ ଏଇ ସମିତି ଘରେ ଦୈନିକ ଖବର କାଗଜ ମଗେଇ ଚାନ୍ଦା ଆଦାୟ କରି କେତେଗୁଡ଼ିଏ ବହି କିଣି ଗୋଟାଏ ପାଠାଗାର ପ୍ରତିଷ୍ଠା କରି-ବାକୁ ହେବ । ଭଲ ଭଲ ଶିକ୍ଷା ଉପଯୋଗୀ ବହିମାନ ପଢ଼ିଲେ ସେମାନଙ୍କର ବୁଦ୍ଧି ଫେରନ୍ତା, ତାହେଲେ ବା ଅମ ଭାଇମାନେ ବଦ୍‌ଗୁଣ ଛାଡ଼ି ପାରନ୍ତେ ! ତାଳଧ କହିଲା—ଏଇ କଥା ସତ ଯେ ବାବୁ, ସେଥିପାଇଁ ସମସ୍ତ ଭାଇଙ୍କର ସାହାଯ୍ୟ ସହାନୁଭୂତି ଲୋଡ଼ା । ବଳରାମ ବାବୁ ବାହାନ୍ତି—ସେଦିନ ଏ ସମିତି ଘରେ

ଏଇକଥା କହୁଥିଲେ, ଏଇନେ ଗଲେ କୁଆଡ଼େ ?

ଶଙ୍କର ତାଙ୍କୁ ବୁଝେଇ କରି କହିଲା—ଯେଉଁମାନେ ଅଙ୍କ ଅସି ନାହାନ୍ତି କାଲି ଅସିବେ । ଯେଉଁମାନେ ଅଙ୍କ ଏଇଠି ଅଛନ୍ତି ସେମାନେ ତ ସବୁ ଶୁଣୁଛନ୍ତି । ଆଗେ ଆମ କାମ ଆରମ୍ଭ ହେଉ, କାମ ଆରମ୍ଭ ହେବାର ଦେଖିଲେ, ଭାଇମାନେ ସବୁ ମନକୁ ମନ ଚାନ୍ଦା ଦେବେ । ଯଦିଓ ସେମାନେ ଚାନ୍ଦା ନ ଦଅନ୍ତି, ତାହେଲେ ଆମେ ସମସ୍ତଙ୍କ ପାଖରୁ ଭିକ ମାଗି ଅନୁଷ୍ଠାନଟିକୁ ବଞ୍ଚେଇ ରଖିବା । ସମସ୍ତଙ୍କୁ ଚମକେଇ ଦେଇ ନରି ପଲେଇ କହିଲା—ଯାଃ ହେ-ଶଙ୍କର ବାବୁ ! ମୁଁ ଦେଖୁଛି ତମେ ବଡ଼ ନାବେଲସ ମଣିଷ । ତମର କଥା କଥାରେ ଟିକେ ବାଗସାଗ ନାହିଁ । ତାହା ଆଗେ କେଉଁ କଥା କହୁଚ ? ଆମର ଏଇ ଲୋକମାନେ ପସ ଗଲ୍ପରେ ତଳେଇ ମୁଣ୍ଡ କାଟିଦେବେ । ଏମାନେ ଯେଉଁ ମଣିଷ ସ୍ୱାଁ'କୁ ଚିହ୍ନିଛନ୍ତି ? ଶଙ୍କର ଅଳପରେ ହସି ଶାନ୍ତ କଣ୍ଠେ କହିଲା—ଚିହ୍ନି ପାରିଛି ବୋଲି କହିଲି ସିନା, ସବୁ ଲୋକତ ସମାନ ନାହାନ୍ତି । କଥା ଅଛି ପରା—

ମଣିଷରୁ ମଣିଷ ଅନ୍ତର    କେହି ହୀରା କେହି ପଥର

ଆମେମାନେ ଦେହ ମେହନତ କରି ଦୁଃଖ ଦାରିଦ୍ର୍ୟ ମଧ୍ୟେ ମଣିଷ ହେଉଛୁ । ପାଠ ପଢାପଢି ଏବଂ ଶିକ୍ଷା ଦୀକ୍ଷା ଆମର ନାହିଁ ବୋଲି ସିନା ଉନ୍ନତ ବୁଦ୍ଧି ଆମର ନାହିଁ, ମୂର୍ଖ ପଶୁଙ୍କ ଭଳି ଜୀବନ କଟଉଁ ଅଛୁଁ । ପାଠ ଶାଠ ପଢି ଜ୍ଞାନ ବିବେକ ଅର୍ଜନ କଲେ ବୁଦ୍ଧି ହୀରା ଆମେ ମନୁଷ୍ୟର ନ୍ୟାୟ୍ୟ ଅଧିକାରୀ ହେବୁ । ସେମାନେ ଆମର ଗରିବ ମଣିଷ ; ତାଙ୍କର ଭଳି ମହଲ କୋଠାରେ ମଉଜ ମଜଲିସରେ ଭୁରିଭୋଜନ ଧୂମଧାମ୍ ଚାଲିଛି । ଲୋକଙ୍କ ଉପାସ ପେଟକୁ ଗଣ୍ଡେ ଭାତ ନପାଇ ବଞ୍ଚିବା ଆଶାରେ ତାଙ୍କର ଦର୍କମାନୁ ଅଇଁଠା ଖଣ୍ଡୁ ପଡ଼ିବ ଚାହିଁଛି ଆଣି ଖାଉଛି ।

ବର୍ତ୍ତମାନ ସମୟରେ ବାଧ୍ୟ କରି ଲୋକଙ୍କ ଉପରେ ଜୋରରେ କିଛି କାମ କରିବା ଉଚିତ ନୁହେଁ । ଆମେ କେବଳ ଭଲ ପ୍ରେମ ମିଳି ମିଶି ଆମର ଯେତିକି ଶକ୍ତି ଅଛି କରି ଯିବା । ଏ ଲାଗି କାହା ସଙ୍ଗେ ତର୍କ କରିବା ପ୍ରୟୋଜନ ନାହିଁ । ଆମ୍ଭର ଏହି ପାଠାଗାରର ମୂଳ ପନ୍ଥା ହେବ ଶିକ୍ଷା ଆଉ ଗଠନମୂଳକ କାର୍ଯ୍ୟ ।

ନବ ପଲ୍ଲୀର ପୂର୍ବପର କହୁଲା, ଏତେ ଶୀଘ୍ର କ'ଣ ଏ ସାଧାରଣ ଲୋକଙ୍କର ହୃଦୟ ପରିବର୍ତ୍ତନ ହୋଇ ପାରିବ ବୋଲି ଭରସା କରୁଛ ? ମୁଁ ଗୋଟାଏ ଲୋକ ଅସି ଅଧ ବୁଢ଼ାଟାଏ ହେଲିଣି । ଅଦ୍ୟାପି ସତ୍ୟ ସମିତି କଣ ତା ଧାର ପର୍ଯ୍ୟନ୍ତ ମାଡ଼ି ନାହିଁ । କେବଳ ଲୋକଙ୍କ ମୁହଁରୁ ଶୁଣି ଆସୁଛୁ । ଲୋକଙ୍କୁ ଏକତା କରିବା ପାଇଁ କେତେ ସତ୍ୟ ସମିତି ଚକଟେ କ'ଣ ହେଉଛି ବୋଲି ସମସ୍ତେ କହୁଛନ୍ତି । ସବୁଠାରେ ଠିକ୍ ସ୍ୱାର୍ଥ ଉଲଟା କଥା ହେବାର ଦେଖୁଛି । ସେଥିରୁ ଗାଁର ନିଜ ନିଜ ମଧ୍ୟରେ ମନାନ୍ତର ଘଟୁଛି । ଏକର ଦେଖିଲା ଏ ଛାତ୍ରମାନେ ନବ ପଲ୍ଲୀର ବୃଥା କଥା କହି ତର୍କ କରିବାକୁ ବାହାରିଛନ୍ତି । ତର୍କ କରିବାକୁ ବସିଲେ ତର୍କର ମିମାଂସା ନାହିଁ ।

ଅବଶ୍ୟ ନ ହୋଇ ଯେ କହୁଲା, ପ୍ରଥମ କାମ ଆରମ୍ଭ କଲା ପରେ ଭଲ କି ମନ୍ଦ କ'ଣ ହେବ ସିନା ବୁଝି ପାରିବା ? ସଂସାର ଚାଲୁଛି ଏହା ଅଛି । ଗୁଲାଣିରେ କୌଣସି ମହତ ଉଦ୍ଦେଶ୍ୟ ସାଧନ କରି ହେବ ନାହିଁ । ମୁଁ କହୁଛି ଆମ ଏହି ସମିତି ଆଗେ ଆସେ କାମ ଆରମ୍ଭ କରିବା । କଣ କଲେ ଭଲ ହେବ ତାର ଗୋଟାଏ ଶେଷ ସିଦ୍ଧାନ୍ତ କର । ଏତେ ଗୁଡ଼ାଏ କଥା ପଡ଼ି ଗଲାଣି । ଏ ପର୍ଯ୍ୟନ୍ତ ଆଉ କାହା ମୁହଁରୁ କୌଣସି ଉତ୍ତର ମିଳୁ ନାହିଁ । ଅନ୍ୟ ସମସ୍ତେ ସମସ୍ତଙ୍କ ଅଡ଼କୁ କେଉଁଠି କରେଇ ଚାହୁଁଛନ୍ତି । ଶେଷରେ ତରଥରା ପଧାନଙ୍କ ସମର୍ଥନ କରି ଲୋଚନ କହିଲେ, ଶେଷ ବାକୁ

ଲୋକଙ୍କ କଥା କହୁଥିଲେ ସେ କଥାକୁ ହସି ଉଡ଼େଇ ଦେବାର ନୁହଁ । ତା ବୋଲି ଆମେ ସବୁ ଲୋକଙ୍କୁ ଏକ ପ୍ରକାର ଭାବିବା କଣ ଠିକ ? ଦୁନିଆଁରେ ସବୁ ଲୋକ ମାନେ ତ ଅଳ୍ପ ମନ୍ଦ ଲୋକ ନୁହନ୍ତି । ବିଦ୍ୟା ବୁଦ୍ଧି ଜ୍ଞାନ ପାଇଁ ସବୁ ଜୀବଙ୍କ ଠାରୁ ମଣିଷ ସବୁ ଉନ୍ନତ । ତା ନୋହିଲେ ମଣିଷ ଆଉ ପଶୁଙ୍କ ମଧ୍ୟରେ କ'ଣ ବା ପ୍ରଭେଦ ଅଛି ? ଯେ ମଣିଷକୁ ଓଲଟ ବୋଲି ଭାବେ ସେ ହେଉଚି ଜଣେ ଓଲଟ ଲୋକ । ଏ ପ୍ରସ୍ତାବର ପ୍ରସଙ୍ଗେ ଯାହା ସମର୍ଥନ କଥା ପଡ଼ିଲା ସମସ୍ତେ ଶୁଣିଲେ । ଆଉ ଏମାନେ ଅଧିକା କଣ କହୁ ଥାଆନ୍ତେ ? ପଲେଇଏ କଥା ପଡ଼ିଲେ କହନ୍ତି, ଜାଣିଚ ମୋ ଘର କଟକରେ । ମୁଁ କଡି ପାଠୁ ଅଛାଏ । କେତେ ବଡ଼ ବଡ଼ ନେତାଏ ଚିହ୍ନନ୍ତି । ଆମର ଗାଁ ବୋହୂ କୁଆପୁଣୀମାନେ କଣ କହନ୍ତି କେବେ ଶୁଣିନାହ ଯଦି ମୁଁ କହୁଚି ଶୁଣ—ଯେ ବେଶି ପାଠୁଅରେ ଥାଇ

ତାକୁ ମୁର୍ଛା ପଡାଇ ଥାଇ ।

ନବ ପଲେଇ ଠିକ୍ ଏ ଚିଡ଼ିଲା ପରିକା ହୋଇ କହିଲା, ଯାଃ ହେ ବୈଲୋଚନ ବାବୁ ! ତମର ଖାଲି ସବୁ କଥାରେ ଟାପସ । ଅଛା ହଉ ହଉ କମିଟିକା ପାଠାଗାର କରୁଛ ଦେଖା ଯିବ ଯେ ?

ଶଙ୍କର କହିଲା, ଆପଣମାନେ ବ୍ୟସ୍ତ ହୁଅନ୍ତୁନି । କାଲି ସଞ୍ଜକୁ ଲକ୍ଷ୍ମୀପୂ ଅଣନ୍ତୁ ଏ ବିଷୟରେ ପୁଣି ଆଲୋଚନା ହେବ । ସମିତି ଘରୁ ସମସ୍ତେ ଯେଝା ଯେଝା ବାଟରେ ଚାଲି ଗଲେଣି ।

ରାତି ଆଠଟା ବାଜିଲାଣି । ବାହାରେ ଜହ୍ନର କହ୍ନ ଆଲୁଅ । ଭିତ ରାସ୍ତାରେ ଧୂଳିଆକୁ ଧୂଳିଆଡ଼କୁ କେଉଁ ଗାଡ଼ି ମଟର ଟାଙ୍ଗା ରିକ୍ସା ଠେଲା ଗାଡ଼ି ଚାଲିଛି । ମଣିଷର ସୁଅ ଛୁଟିଛି । ଯେ ଯାହା ଉଦ୍ଦେଶ୍ୟରେ ଚାଲିଛନ୍ତି । ଆମର ଏ ସ୍ୱାଧୀନ ଦେଶ ସଭ୍ୟ ସ୍ଥାନରେ ଗଳି କନ୍ଦରେ କୁଡ଼ିଆ ବାନ୍ଧି ରହୁଥିବା ଶ୍ରମିକ ମାନଙ୍କର ବସ୍ତି ବାସ ସ୍ଥାନକୁ ଲୋକେ ବସ୍ତି ବୋଲି କହନ୍ତି । ଏଠାକାର ଘର ଗୁଡ଼ାକ

ପାଖ ଭାଙ୍ଗ ପରଦା ଘର ବଗିଚା ଗୁଡ଼ାକ ସ୍ତେଠ, ଅତି କୁଆଣିଆଁ । ଝାଟି ମାଟି ଦିଆ କାନ୍ଥ ସ୍ଥଳରେ ଖୋଲି ଛପର, ପାଇଖାନା ଘର ଗୁଡ଼ା ଘର ଦୁଆର ମୁହଁରେ ଦୁର୍ଗନ୍ଧ ନରକପରି ହାଁ କରି ରହିଛି । ଅସ୍ୱାସ୍ଥ୍ୟକର ହେଲେ ବି ବର୍ଷ ବର୍ଷ ଯୁଗ ଯୁଗ ଧରି ଲୋକମାନେ ଏଠି ରହି ଆସୁଛନ୍ତି । ଶଙ୍କର ସିମିଣ୍ଟ ଘରେ ଏକୁଟିଆଟା ହୋଇ ବସି ଭାବିବାକୁ ଲାଗିଲା—ସଂସାରରେ ଆମର ଅଭାବ ଥାଉ ଥାଉ କାହିଁକି ମୁଁ ପାର୍ବତୀକୁ ବନ୍ଧ ହେବାକୁ ମନାଥିଲି—ଭିତର ହୁରୁ ହୁରୁ ନୁହେଁ, ଉପରର ହୁରୁ ହୁରୁରେ ପଣ ଏହା କରିଛି । ସେତେବେଳେ ଏତେ କଥା ଭାବି ନ ଥିଲି । ପିଲାଦିନୁ ମୁଁ ତାକୁ ଭଲ ପାଉଥିଲି ବୋଲି ପିତା ତା ବୋଉ ମୋ ହାତରେ ତାକୁ ଛାଡ଼ି ଦେଲେ । ସ୍ୱର ମାସ ହେଲା ଆସିଲଣି କାଲି ବୋଉଏଟା ଠିକ୍ ଘରକୁ ପଠେଇଛି । କିମିତି ଚଳୁଥିବେ କେଜାଣି ? ତା ପାଖକୁ ଖଣ୍ଡେ ଚିଠି ଲେଖିବାକୁ ବି ସାହାସ ମୋର ନାହିଁ । ମଣିଷ ଦରିଦ୍ର ହେଲେ ସବୁ ସୁଖ ଆନନ୍ଦ ଲୁଅଣ୍ଡେ ଉଭେଇ ଯାଏ । ଏତେ ଦିନ ପରେ ଖଣ୍ଡେ ଚିଠି ଲେଖିବାକୁ ମନ ଡାକୁଛି । ପାର୍ବତୀ ଭାବୁଥିବ, ଏତେ ଦିନରୁ ଗଲେଣି, ନିଜର ଭଲ ମନ୍ଦ ଖବର ଦି'ଧାଡ଼ି ଲେଖି ଖଣ୍ଡେ ଚିଠି ଦେଉ ନାହାନ୍ତି । ଏଇ ଅନୁଶୋଚନାରେ ଶଙ୍କର ପ୍ରାଣ ଅଲଟି ହୋଇ ଉଠିଲା, ଚିଠି ଖଣ୍ଡେ ଲେଖିବାକୁ ଆରମ୍ଭ କଲା ।

କଲ୍ୟାଣିୟା ପ୍ରାଣର ପାର୍ବତୀ !

ଏତେ ଦିନ ପରେ ତମ ପାଖକୁ ଆଜ ଚିଠି ଲେଖୁଚି । ସେ ପାଇଁ ମୁଁ ଲଜ୍ଜିତ ଓ ଦୁଃଖିତ । ଏ ଦୂର ବିଦେଶରେ ରହି ଦିନ ରାତି ତମର ନାଁ ମୋର ଜପାମାଳି ହୋଇଛି । କେତେବେଳେ ତମର କଥା ଭାବି ଅସ୍ଥିର ହୁଏ । ମନରେ କଷ୍ଟ କରିବ ନାହିଁ । ଯେତେ ଦୂରରେ ଥିଲେ ମଧ୍ୟ ମୁଁ ତମର । ବୋଉଏଟି ଟଙ୍କା ପଠେଇଛି, ଖର୍ଚ୍ଚ କରୁଥିବ । ବୋଉକୁ ମୋର ଭୂମିଷ୍ଠ ପ୍ରଣାମ ଦେବ ।

ତମକୁ ଖୁସି କରିବାକୁ ତା ପରେ ଗୋଟାଏ କବିତା ଦେଲି ।
ପ୍ରବାସ ଯେ କଷ୍ଟ ସେଇ କଥା ସବୁ ଭଣି ଲେଖିବି ଚିଠି ।
ମଣିଷ ବୋଲି ଯାହାକୁ କୁହ ସେ ଗୁଣ୍ଡ ଗୋରୁ ପର ଆନ୍ତି ଏଠି ॥
ଗୋଟାଏ ଘରେ ଏକାଠି ରହନ୍ତି ଦଶ କି ବାର କି ତେର ।
କଲ କାରଖାନା ଘରେ ସବୁଠୁ ବେଶି ବାବୁ ଭୟାଙ୍କୁ ଡର ॥
ମୋର ଏଠାରେ ଦେହ ଭଲ ଅଛଇ ଜାଣିବ କୁଶଳ ।
ଯେତେ ଶୀଘ୍ର ପାର' ଚିଠି ଲେଖି ଦେବ ଘର ହାଲ ଶୁଭ ମଙ୍ଗଳ ॥
ଭୁଲି ହୁଏ ନା ମନର ମୋର କେବେ ତମର ବିରହ ଦାଉ ।
ଯେତେ ଭୁଲି ଯିବି ସବୁ; ସେତିକି ମନେ ପଡେ ଅଉ ॥
ଏ କଥାକୁ ମୋର ତମେ ପରତେ ଯିବକି ସତେ ହୃଦୟ ରାଣୀ ।
ଏଇ ଦୂର ପରବାସେ ତମ ପାଇଁ ମୋର ଜୀବ ଗଲେଣି ॥
ତମର ବିରହ ଅନ୍ତର ଦହେ ତେବେବି ମଧୁର ଲାଗେ ।
ଉହଳ ବିକଳ ହେଉ ଅଛି ମୁହିଁ ତମର ଅନୁରାଗେ ॥
ପ୍ରିୟତମା ତମ ଯଉବନ ଦେହ କାନନ ରୂପ କାଉଁରି ।
ମୋର ଅନ୍ତରରେ ଉଠୁଅଛି ସତେ କେତେକେତେ କଥା ଉର୍ମି ॥
ପ୍ରାଣ ଭରା ପିପାସା ଲଂଘେ ସୀମା ବିପୁଳ ଅଭିଳାଷେ ।
କର୍ତ୍ତବ୍ୟ ପାଇଁ ସିନା, ସୁଖକୁ ଜଳାଞ୍ଜଳି ଦେଇ ରହିଛି ପରବାସେ ॥

ତୁ ସରିବ ନାହିଁ ପ୍ରିୟେ
ତମର ପ୍ରିୟତମ—।

ଯାହା ଭାବ ଯାହା ହେଉ ପ୍ରାଣସଖି, ଶୁଣ ଦେଲି ମୋର ।
ମୋର ଚିଠି ପାଇ ବେଗି ଜଣାଇବ ତମର ଶୁଭ ସମାଚାର ॥

ଦିନର ସୂର୍ଯ୍ୟ ଆଲୁଅ ଲିଭି ଯାଇ ମାଡ଼ି ଆସିଲା ଘମା ଘୋଟିଆ ଅନ୍ଧାର । ସେଇ ସକାଳ ପହରୁ ବର୍ଷା ଝରୁଛି । ସେଇଥିରେ ଚନ୍ଦ୍ର ବୁଢ଼ୀ ପାର୍ବତୀ ଘର ପାଇଟି ଧନ୍ଦାରେ ଏ ପାଖ ସେ ପାଖ ହେଉଛନ୍ତି । ବାଡ଼ରେ କେଇଟା କଖାରୁ ମଞ୍ଜି ପୋତି ଦେଇ ସାର ଗାତରେ ଗଛ ଲଗେଇ ପୋଖରୀରୁ ପାଣି ଆଣିବାକୁ ବାହାରନ୍ତି, ଶଙ୍କର ବୋଉ ତାଙ୍କୁ ଉପଲକ୍ଷ୍ୟ କରି କହିଲେ—କିଲୋ ବୋହୂ ! ତୁମେ ବର୍ଷାରେ ତିନ୍ତୁଛ କାହିଁକି ? ଏଥିରେ ତୁମର ଦେହ ଖରାପ ହେବ ନାହିଁ ? ମୁଁ କଣ ସବୁ କଥାରେ ତୁମକୁ ଜଗିଥିବି ? ମୁଁ ମନା କରୁଛି, ବର୍ଷା ପାଣିରେ ଚନ୍ଦ୍ର ବୁଢ଼ୀ କାମ ପାଇଟି କରନ୍ତି ।

ଶାଶୁଙ୍କ ମୁହଁକୁ ଚାହିଁ ପାର୍ବତୀ ମୁରୁକେଇ ହସେ । ବର୍ଷା ପାଣିକି ଡରି, ବସି ରହିଲେ ଘର ପାଇଟି କେମିତି ସବୁ ହେବ ? ଶାଶୁ ବୋହୂ ଦୁହେଁ ମୁହାଁ ମୁହିଁ ହୋଇ ଠିଆ ହୋଇଛନ୍ତି । ଶଙ୍କର ବୋଉ ଧମକାଣି ଦେଇ କହିଲେ—ଅଲୋ ଅଲକ୍ଷୀ, ଅବୁଝା ମଣା ଘର ଝିଅଟା ! ଆମର କେଉଁ ଏତେ ଘର ପାଇଟି ବଳେଇ ଯାଉଛି ?

ପାର୍ବତୀ ଲେଉଟି ଆସି ସେତେବେଳେ ଘର ଭିତରେ ପଶିଲେ । ଶଙ୍କର ବୋଉ ପାର୍ବତୀ ପିନ୍ଧା ଲୁଗାରେ ହାତମାରି ଗମ୍ଭୀର ହୋଇ ସେପଟରେ କହିଲେ ପିନ୍ଧା ଲୁଗା ବର୍ଷା ପାଣିରେ ଜୁବୁ ଜୁବୁ ଓଦା । ଯାଆ ମାଆ, ମୋ ମା'ଟା ପରି ! ଆଗେ ଓଦା ଲୁଗା ପାଲଟି ପକା ।

ତମ ଦେହକୁ ଦେଖିଲ, ଝପର ହେଲଣି । ଦେହ କେଡ଼େ ଅସନା ଦିଶୁଛି ।

ଜଗା ମହାନ୍ତି ଭାରଯା ଆସି ତାଙ୍କ ଓଳି ତଳ ପିଣ୍ଡାରେ ଠିଆ ହୋଇ କହିଲା, ବଡ଼ ଅପା ମ ! ସେ କୁଲଶିର ଯାଇଥିଲେ ଯେ— ତମ ପାଇଁ ସେ ଭଲ ଚିଜଟିଏ ଆଣିଛନ୍ତି ।

ପାର୍ବତୀ ହସିଲା ମୁହଁରେ କେଡ଼େ ଆଗ୍ରହରେ କହିଲା, ସେ ଚିଜ କଣମ ?” ଜଗା ଭାରଯା କେତକୀ କାବ କାବ କରି ହସି ଉଠିଲା । କହିଲା ବିଦେଶରୁ ଗେରସ୍ତ ତମର ଡାକରେ ଚିଠି ଦେଇଛନ୍ତି । ଖୁସି ହୋଇ କେତକୀ ହାତ ଭିତରେ ଚିଠି ଖଣ୍ଡିକ ପାର୍ବତୀ ହାତରେ ଗୁଞ୍ଜି ଦେଲା । ସତେ ତ ଆମ ସାଆନ୍ତଙ୍କ ଭଳି ଭାରିଯାକୁ କାହା ମରଦ ଏତେ ସ୍ନେହ କରନ୍ତି ନାହିଁ । ଆଜି ମଣିଷ ବୁଢ଼ା ଯୌବନ ଦେହକୁ ଅନାନ୍ତି, ଦେହଟା ପାଇଁ ମନ କଣନ୍ତି । ତମକୁ ଛାଡ଼ି କଣ ସେ ବିଦେଶ କରିବାକୁ ଯାଇଥାଆନ୍ତେ ? ସଂସାରର ଅଭାବ ପାଇଁ ବାଧ୍ୟ ନିରୁପାୟ ହୋଇ ସିନା ପରବାସକୁ ଯାଇଛନ୍ତି । ବଡ ଅପା ! ସାଆନ୍ତେ ଯେ ଖାଲି ତମକୁ ଭଲ ପାଆନ୍ତି ସେତିକି ନୁହେଁ, ସେ ତମ କଥାକୁ କେବେ ତଳେ ପକାନ୍ତି ନାହିଁ । ପାର୍ବତୀ ଅଛେଳି କରି କେତକୀ ଗାଲରେ ଅଙ୍ଗୁଠି ମାରି କହିଲା, ଆଲୋ ଫୁଲେଇ ମାଇପିଟା, ତାକ ଘରୁ ଏ ଚିଠି କିମିତି ତୋ ହାବୁଡ଼େ ପଡ଼ିଲା ? ତୁ ଲୋ ଏତିକି କପଟି ? ସେ ତ ଆମର ବିଦେଶରେ ଯାଇଁ ନିଶ୍ଚିନ୍ତ ହୋଇ ବସି ରହିଲେ ; ଆମେ ଗାଁରେ ବାର ଦହଗଞ୍ଜ ହେଲେ ତାଙ୍କର କ’ଣ ଗଲା । ପାର୍ବତୀ ମନ ବାହୁନା ଉଠିଲା । ତୁଣ୍ଡ ଖୋଲିଲା ନାହିଁ କଣ କହିବ । ମୁହଁରେ ହସ ଲାଗି ରହିଛି । ଅଭିମାନର ଉଚ୍ଛ୍ୱାସରେ ଚଞ୍ଚଳ ଅଧୀର ଘୁରୁଣିଆ ହେଉଛି ମନ । ଘର ଓଳିଆ ଲଫାପାଟା ଖୋଲି ତରବର ହୋଇ ଚିଠି ପଢ଼ିଲା । ନିଜକୁ ଆଜି ଯେପରି ସେ ସମ୍ଭାଳି ପାରୁନାହିଁ । ଆଖିରୁ ଧାର ଧାର ଲହ ଝରି ପଡୁଥାଏ ।

ମିଶିପେ କେତେ ଢଙ୍ଗରେ, ଏ ଚିଠି ଖଣ୍ଡି ଲେଖିଛନ୍ତି । ଚିଠି ପଢି ମନେ ମନେ ସେ ଖୁବ୍ ଆନନ୍ଦିତ ହେଉଥିଲା । ମନ ଭିତରଟା ଗର୍ବରେ ଭରି ଫୁଲି ଉଠିଲା । କେତକୀ ବାଡ଼ା ହୋଇ ଝିଙ୍କଏ ଟିଏ ବହୁ ଅଛା'ଙ୍କର ନାକରେ ହସି କହିଲା—

ନଈ ପାଣି ଯାଉ ନାହିଁ
ଧନ ଯେତେ ହେଲେ ପରବାସୀଆ ଲୋ ଘରେ ମନ ରହୁନାହିଁ ।

ବଡ଼ ବଲ ବଲ ଏ ମାଇପି ଜୀବନ ଲୋ ! ସ୍ୱାମୀଙ୍କୁ ବିଦେଶ ପଠେଇ ଦେଇ ଗାଁରେ ଏକୁଟିଆ ରହୁ ହେବ କାହିଁକି ? କଣ ଚିଠିରେ ଏତେ ଲେଖିଛନ୍ତି କି ? କେତକୀ ପ୍ରଶ୍ନର ଉତ୍ତର କଣ ଦେବ ବୋଲି ପାର୍ବତୀ ମନେ ଭାବୁଥିଲା । କିନ୍ତୁ କିଛି କହି ପାରିଲା ନାହିଁ ।

ଶଙ୍କରର ବୋଉ ସେପେଇ ଘର ଭିତରେ ଚୁଲି ଲଗେଇବା ପାଇଁ ଘସିର କୁହୁଳା ପକଉ ଥାଆନ୍ତି । ସହଳ ସହଳ ରନ୍ଧା ବଢ଼ା କାମ ସାରିଦେଲେ ଏ ବେଳା ପାଇଁ ନିସ୍ତନ୍ତ । ଘସି ଧୂଆଁରେ ଆଖି ମଳି ମଳି ସେପେଇ ଘର ବାହାରକୁ ଆସି ଶଙ୍କର ବୋଉ କହିଲେ, ଏତେବେଳ ହେଲାଣି ଦାଣ୍ଡ ଦୁଆର ମୁହଁଟାରେ ଟିଏ [illegible] ନାହିଁ କି ? ବର୍ଷା ତ ଛାଡ଼ି ଗଲାଣି, ଚୁଲି ଲଗେଇ ଦେଇ ସାରିଲିଣି ସେପେଇ ଗଣ୍ଡାଏ ଚଉଳ କରି ଦେଇ ସାରିଲେ ଏ ବେଳା ପାଇଁ ନିସ୍ତନ୍ତ । ଶାଶୁ ତାର ଡାକିଲା ପରେ ପାର୍ବତୀ ସେପେଇ ଘର ଭିତରକୁ ଆସି ଅଧା ଚାଳିକୁ ଆଉଜି ବସି ଅଣେଇ ଅଣେଇ କହିଲା ପୁଅ ତମର ଚିଠି ଦେଇଛନ୍ତି ବୋଉ । ସେଥିରେ ତମକୁ ଭକ୍ତି ଦେଇ ଲେଖିଛନ୍ତି । ଶଙ୍କର ବୋଉ ବଡ଼ ଆଗ୍ରହରେ ହସିଲେ ପଚିଶ ହାଡ଼ ଦୋହଲାଇ ଗୋଟାଏ ଦୀର୍ଘ ନିଃଶ୍ୱାସ ବାହାରି ଗଲା । ଛାତିଟା ଯେପରି ହାଲୁକା ଲାଗିଲା । ହସି ହସି କହିଲେ, ତା ଉଦେଇ

ସୁଅ ଛଟି ଦେଉଛନ୍ତି ମନ ତାଙ୍କର ଆନନ୍ଦ । ଚୁଲି ଉପରେ ଭାତ ଫୁଟୁଛି । ପଣତ୍ତ ପକେଇ ପାର୍ବତୀ ପରଷା କାଟି ବସିଲା । ପୁଞ୍ଜିଏ ଆଳୁ, ଦୁଇଟି ବାଇଗଣ, ତା ସଙ୍ଗରେ ସଜନା ଛୁଇଁ ପକେଇବ ଏ ବେଳାକ ପାଇଁ ଏତିକି ସେ ଯଥେଷ୍ଟ । କୌଣସି ପ୍ରକାରେ ଦିନେ ଗଲେ ଯୁଗେ ଯାଉଛି । ଶଙ୍କର ଟୋକୀ ଚୁଲି ପାଖରୁ ଉଠି ଯାଇ କହିଲେ, ଭାତ ଫୁଟିଲାଣି ଜାଳ କମେଇ ଦିଅ ବୋହୂ । ମୁଁ ଯାଉଛି ବାରି ପୋଖରୀରୁ ପାଣି ଗରେ ଆଣିବି । ଶାଶୂ କେତେବେଳେ ପର ଝିଅ ବୋଲି ଭାବନ୍ତି ନାହିଁ । ହାତରୁ ପାଇଟି ଛଡ଼େଇ ନେଇ ଶେଷ କରନ୍ତି । କହନ୍ତି—ଆଲୋ ତୁ ପର ପିଲାଟି, ଆଗେ ଦେଖେ ଶିଖୁଣି, ତୋ କରିବା ବୟସ କଣ ପଳେଇ ଯାଉଛି ? ପାର୍ବତୀ ମୁଣ୍ଡ ତୁଙ୍ଗାଣି ଚୁଲିରୁ ଜାଳ କମେଇ ଦେଇ ସେପେଇରେ ଲାଗିଲା ।

ଯେଉଁ ନୂଆ କାରଖାନା ହୋଇଥିଲା, ସେଇ କାରଖାନାର ଶ୍ରମିକମାନେ ଧର୍ମଘଟ କରି ଦଳ ବାନ୍ଧି ଚାଲିଛନ୍ତି—ମଜଦୁର ସଂଘ ଜିନ୍ଦାବାଦ, ଆମର ଦାବି ମାନିବାକୁ ହେବ—ନୋହିଲେ ଗାଦି ଛାଡ଼ିବାକୁ ହେବ ।

ସୁକାନ୍ତ ଆଉ ଅଗଣାକୁ ଆସି କହେ—ଏ କରମ ଟୋକିଆ ଗୁଡ଼ାକ କାମ ନକରି ଏମିତ ଥେଇ ଥେଇ ହୋଇ ନାଚିଲେ ସାଙ୍କର କଣ ଭଲ ହେବ, ଏ କଥା ମୋ ମନକୁ ପରତେ ଆସୁ ନାହିଁ ।

### କୁହାଲିଆଙ୍କର ବାଣୀ

କାମବେଳେ ଛ, ପା, ଖାଇଲା ବେଳକୁ ନ ପା ।

ଅସିବ କୁଅଡ଼ୁ ? ଏବକାଳରେ ଯିଏ ଖଟି ପାରିଲା ତା ପିଲା ଛୁଆ ଉପାସ ରହିବେ କାହିଁକି ? ସ୍ୱାଧୀନ ସରକାର ହଡ଼ବଡ଼େଇ ଗଲେଣି । ଏହାପରେ କେତେ ଗୁଣ୍ଡା ବଦ୍ମାସ ଲୋକଙ୍କୁ ନେଇ ଜେଲରେ ପୁରେଇଲେଣି, ଜୋରିମାନା କରିଲେଣି । ଆଉ କେତେ ଲୋକଙ୍କୁ ହଇରାଣ ହରକତ କରେଇବେ ।

ପାର୍ବତୀର ଡାହାଣ ଆଖିଟା ଟାହିଁକି ଡେଉଁଗଲାଣି । ବାବାବୋଲ ସୁକାନ୍ତ ଆଉ ମୁହଁକୁ ଥରେ ଚାହିଁବା ପରେ ମୁରୁକି ହସ ହସି କହିଲା, ଅଁକା ବୁଢ଼ା ଅମର ତମକୁ ଏତେ ଭିତର କଥା କହିଲେ ସାରିଲେଣି । ଏମାନେ ଏମିତି କଣ ବୁଢ଼ାକୁ ଧର୍ମଘଟ କରୁଛନ୍ତି । ଯୁଆ ଭିତରେ ଏପରିକା କିଛି ମରଯଥିବ ବୋଲି ସିନା ? ଆଗେ ହେଲେ ମାଇପି ଲୋକ, ସଜନଙ୍କ କଥା କେତେ ବା ଜାଣୁ । କାଣ୍ଡି ଚଟୁ ଉଙ୍କା ଇସ୍କୁଲ୍ ଯାଏ ଅମର ପଢ଼ା ।

ସୁକାନ୍ତ ଅଇ ପାନ ଖିଅ ଖଇରୁ କଳା ଦାନ୍ତ ଗୁଡ଼ାକ ଦେଖାଇ ଓଠ ଏନପେଞ୍ଚ କହିଲା, ଟୁଣ୍ଡିଅ ସାହୁ ଦିଧିଅ ଭାଲି କଲିକତାକୁ ଅଇଚି । ତୁ ଶୁଣିଲୁଣି କାଲେ ନାତୁଣୀ ବୋହୂ । ଭୋ ଟେରେସ୍ତିର ଏ କି ଢଙ୍ଗ ବା ? ସେ ପରା କହୁଥିଲା, କେଜାଣି କେଉଁ ପାର୍ଟିର ନେହିରି ବାସନ୍ତୀ ସମ୍ପୂ ଖୋଲାଥାଏ ମ, ଦେଖିବାକୁ କେଉଁଟି ଡେଏନ ପରିକା । ଭୋ ଟେରସ୍ତ ତା ସାଙ୍ଗରେ କେଳ ନାହିଁ ଅବେଳ ନାହିଁ ବୁଲି କି ନେତାଗିରି କରି ଲୋକଙ୍କୁ ମତଉଚି । ଧନେ ଟଙ୍କାଖାନା ଅଁଡ଼େ ଦୁହେଁ ହାତ ଧରାଧରି ହୋଇ ଯାଉଥିଲେ । ଦେଖିଲେ ଲୋକଙ୍କୁ ଲାଜ ମାଡିବ । ତୋତେ ଗୁଞ୍ଜ ଟାହୁ କାମିଡ ସଗିକଲା ଲୋ ?

ସୁକାନ୍ତ ଅଉର ଏଇ କଥା କେଇପଦ ପାର୍ବତୀ ରମୁଣ୍ଡ ଟୋଲ ମାଳ କରି ଦେଲା । ସେ କଥାକୁ ଅଙ୍କାରେ ଉଡ଼ାଇ ଦେବାକୁ କହିଲା—ସୁନ୍ଦରିଅ ଟିକ ଦେଖିଲେ ସମସ୍ତଙ୍କର ସ୍ନେହ କରିବାକୁ ମନ ହୁଏ । ତାଙ୍କ ଅଣ୍ଟାରେ ଭିଲଥିଲେ ସେ କୋଉଁଏ ଗଣ୍ଡା ଖାଇଯା କରନ୍ତୁ ମୋର କଣ ଯାଏ । ପର ମଣ୍ଡିଙ୍କ କଥା ମୁଁ ଶୁଣିକି କାହିଁକି ? ଭଏମେତ ଅଉ ଖାଲି ହପକାଖିଆ ଖବର ଦେବାକୁ ଅଇଚି ।

ସ୍ୱାର ଉପକାରୀ ବନ୍ଧୁ

ଆମ୍ବ ଅଣ୍ଟି ନାହିଁ ଶିମ୍ବ ଅଣ୍ଟି ନାହିଁ, ମିଛେ ନାଉ ମରଦାଙ୍କୁ ନିନ୍ଦୁ

ତମକୁ ମୋ ରାଣ ଅଛି ଆଉ ଆଉ ଏ କଥା କାହା ଆଗେ କହିବ ନାହିଁ । ତାଙ୍କ ଦୋଷ ଏ କଥା ଶୁଣିଲେ ଜୀବନ ହରେଇ ଦେବେ ।

ଦାଣ୍ଡ କବାଟ ଖୋଲିଲା ବେଳୁ । ଗୁହାଳ ଦାଣ୍ଡରୁ—ଗାଁ ଦାଣ୍ଡରେ ଗାଁ ଗୋଠାକ ସାଙ୍ଗ ପିଲା ମେଳ ବାନ୍ଧି ଖେଳୁଛନ୍ତି । ମହନ୍ତିଙ୍କ ଘର ବଡ଼ ସାଆନ୍ତଙ୍କ ସାତ ବରଷର ପୁଅ ବୁଢ଼ିଙ୍କ ଆଖି ମିଟିକା ମାରି କଥା ଭୁଲାଉଛି । ଛ' ବରଷର ପିଲା କଳିଆ ଦାସ ପୁଅ କାନ୍ଦୁ ସ୍କୁଲ ପାଇଁ ବରଷ ହେବ, ମହାନ୍ତି ଘର ଜମ୍ବୁଆ ଜାଇ କାନ୍ଧି ଖେଳେଇ ହେଉଛି । ସେଠାରେ ଅଡ଼େଇ ଅଡ଼େଇ କରେଇ କ୍ଷୁଦ୍ର ହସୁଛି । ପ୍ରଫୁଲ୍ଲ ବି ଅଠ ବରଷ ହେଲାଣି ବାରଣ୍ଡାରେ ବସି ମୁଣ୍ଡ ଟେକାଉଛି । ବାଞ୍ଛାନିଧି ମାଷ୍ଟରଙ୍କ ବାଁ ଗୋଡ଼ରେ ମାଛିଆଖିଆ, ଟିପେଇ ଟିପେଇ ପିଲାଙ୍କ ପାଖକୁ ଆସି ସ୍କୁଲ ପିଲାଙ୍କୁ ଧମକେଇ କହିଲେ, କିରେ ପିଲାଏ ! ପାଠ ପଢ଼ା ପଢ଼ି ନ କରି ତମର ସବୁ ଖେଳ ଚାଲିଛି । ମାଡ଼ ମିଳୁଛି ନା ରେ ? ଏହାର ପ୍ରତିଫଳ ନ ଦେଇ ମୁଁ ଛାଡ଼ିବି ନାହିଁ ଟି ? କହିକି କହି ସେ ସେଠାରୁ ବାହାରି ଗଲେ । ମାଷ୍ଟ୍ରେ ଚାଲି ଯିବାରୁ ପିଲାମାନେ ଗୁଣ୍ଡ ଦମ୍ଭ କରି ଘେରି ହୋଇ ବସି ନିଜ ଭିତରେ କଥା ପକାନ୍ତି—ଏ ମାଷ୍ଟ୍ର ଟା ବଡ଼ ଗୋଗଣ୍ଡ ବାଡ଼ିଆ କରି ମାରେ । କାନ୍ଦୁ ସ୍ୱ ସମସ୍ତଙ୍କ ଉପରେ ମୁରବି ସାଜିଥିବା କଥା କହୁଛି, କାଲି ମାଷ୍ଟ୍ର ଯଦି ଇସ୍କୁଲରେ କାହାକୁ ମାରେ ସବୁରି ଇସ୍କୁଲରେ ଧର୍ମଘଟ କରିବା । ଭଦମାସିଆ ମାଷ୍ଟ୍ର ଜବତ ହୋଇଯିବ । ଆଉ ସକାଳ ବେଳା ତମେ ସମସ୍ତେ ଦେଖିବ ତ, କାରଖାନା ଲୋକମାନେ କିପରି ଧର୍ମଘଟ କରି ଯାଉଥିଲେ । ସବୁ ପିଲାଏ ସମ୍ମତ କରି କହିଲେ, ତମେ କାନ୍ଦସିଇ ଅସଲ କଥା କହୁଛ ।

ଭାଲ୍ ମାରିଲେ ଧର୍ମ୍ମଘଟ କରବା । ଧର୍ମ୍ମଘଟକାରୀଙ୍କର ସତ୍ର ଦେହରୁ ଅନୁଉ଼ ଗନ୍ଧ ଯାଇ ନାହିଁ । ସଙ୍ଗେ ସଙ୍ଗେ କାଷ୍ଟ ଦେଲ । ଗାନ ଶୁଣା ଗଲା । ସ୍କୁଲରୁ ମାଡ଼ ଦେବା ବନ୍ଦ ହେଉ—ନୋହିଲେ ବାଙ୍ଗୀ ମାଷ୍ଟ୍ର ସ୍କୁଲରୁ ଯାଉ । ଖୁବ ବରଷର ପିଲା ସେତେବେଳେ କହିଲା—ଆମ ବୁଢ଼ା ମାଷ୍ଟ୍ରଙ୍କର ବାପ ନାହିଁ, ସେ ପରା ତା ବୋଉ ପୁଅ ?

ପାର୍ବତୀ ଆଉ ସୁକାନ୍ତ ଆଈ ପିଲାଙ୍କ ମୁହଁରେ ଏ କଥାମାନ ଶୁଣି ତାଟଙ୍ଗା ହୋଇ ଗଲେଣି । ହସିଲା କଣ୍ଠରେ ସୁକାନ୍ତ ଆଈ କହିଲା, ଆଜନ୍ତୁ ଏ ପିଲା ଗୁଡ଼ା ଏମିତିକା ହେଲେଣି । ଯୁଁଙ୍କର ତ ପୁଣି ଅଉ ଦିନ ଭାଲ ଅଛୁ ।

ପାର୍ବତୀ କହିଲା, ସେଇ କଥା ମୁଁ ଭାବୁଛି । କେତେ ସାନ ପବନ ନିଷ୍କଳଙ୍କ ନିଷ୍କପଟ ଶିଶୁ ଏଇ ଦିନୁ ତାଙ୍କ ମନରେ ଏଇ ପ୍ରଭାବ ପଡ଼ିଲାଣି । ଆଜନ୍ତୁ ଯେଉଁ ଆଦର୍ଶ ଦେଖିଲେ ଶୁଣିଲେ—ଭବିଷ୍ୟତରେ ଏମାନେ ଏହାହିଁ କରିବେ । ଦୁନିଆ ମଣିଷକୁ ଗଢ଼େନି ଦୁନିଆକୁ ମଣିଷ ଗଢ଼େ ।

ଦୁଇ ତିନି ଦିନ ହେବ ପାର୍ବତୀ ଶାଶୁଙ୍କ ଦେହ ଭଲ ନାହିଁ, ତଥାପି ସେ ସେଇଥିରେ ଧୁସୁର ଧୁସୁର ଘର ପାଇଟି କରୁଥାଆନ୍ତି । ତାଙ୍କର ଆଉ ଗଣ୍ଡେ ବୋଲି ଲାଗୁ ନାହିଁ । ଅବେଳାଙ୍କ ପରି ଚାଷ ଲାଗା ଖଣ୍ଡିକ ପିଣ୍ଡା ଦାଣ୍ଡକୁ ବାହାରିବାକୁ ଲାଜ କରନ୍ତି । ଯିଏ ଏ ଘରର ମୁରବୀ ସେ ଯାଇ ବିଦେଶରେ ନିଶ୍ଚିନ୍ତ ହୋଇ ବସିଛନ୍ତି । ପାର୍ବତୀ ମନ ଦୁକୁ ଦୁକୁ ହେଉଛି । ଭାବୁଚି ସେ ମୋର ଅସ୍ପୃଶ୍ୟ ଅଧିକ । ଯାହାଙ୍କ ହାତ ଧରି ଥିଲି ତାଙ୍କ ସ୍ୱଭାବ ଚରିତ୍ର ଦେବତାଙ୍କ ପରି ଥିଲା । ଆଜି କାହିଁକି ମୋ ପ୍ରତି ତାଙ୍କର ଏପରି ଅନାସ୍ଥା ଭାବ । ମୁଁ ଖାଲି ଧାଣ୍ଡି ହେଇ ମରୁଚି । ତାଙ୍କ ବୋଉ ଭାଲ୍ ପଣ୍ଡି ହେଲେ ଦୁଆର ମୁହଁ ଆରେ ବସି ଆଖିରୁ ଲୁହ ଗଡ଼ାଉ ଥିଲେ । ତାଙ୍କ ଆଖିରୁ

ଲକ୍ଷ ଗଡ଼ୁଲେ ଅକଲ୍ୟାଣ ହେବ । ମୋତେ ବାଧ୍ୟ ମାଉଲି । ଯେବେ ସେ ଘରକୁ ଆସିବେ ତାଙ୍କୁ ମୁଁ ଏ ସବୁ କଥା କହିବ ।

ଗ୍ରୀଷ୍ମମାସ ହୋଇ ଗଲାଣି କୋଡ଼ିଏଟି ଟଙ୍କା ପଠେଇଥିଲେ । ସେ କଣ ଭାବୁଛନ୍ତି ତାଙ୍କୁହିଁ କଣା ଏତେ ବଡ଼ ସଂସାର ଅଭି ଚଳିବ କିମିତି ? କାହା ପାଖରେ ହାତ ପାତିବି ? ଆତ୍ମୀୟ ସ୍ୱଜନ ଭାଇ ଭଗାସ୍ତଏ—କିଏ କେବେ ଦେବା ନେବାକୁ ଭଲ ପାଇଲାଣି ? ଯାହା ବା ଧାନ ଗଣ୍ଡାଏ ଘରେ ଥିଲା ସେତକ ବନ୍ଦିବସ୍ତା କରି ଅବ ବର୍ଷର ବାକି ଖଜଣା ଦିଆ ହୋଇଛି । ଯାହାଙ୍କୁ ମୁଁ ପ୍ରାଣ ଦେଇ ଭଲ ପାଇଥିଲି, ସେ କୁଟୁମ୍ବ ପୋଷିବାକୁ ଅପାରଗ ହେଲେ । ଦୁନିଆଁରେ ମରଦ ଗୁଡ଼ା ସବୁ କ'ଣ ଏଇଆ ? ପାଖରୁ ଅନ୍ତର ହେଲେ ସବୁ ଭୁଲି ବସନ୍ତି । ସଣି ନିୟମ ପକେଇ ଅଳ୍ପ ଖଣ୍ଡେ ଚିଠି ଲେଖିବ । ବହୁ ଦିନ ହେଲା ଚିଠି ଖଣ୍ଡେ ଦେବ ଦେବ ବୋଲି ହୋଇ ଦେଇ ନାହିଁ । ସେ ଏତକ ନିଷ୍ଠୁର । ତାଙ୍କ ସ୍ମୃତିଷ୍ଟା ଏତେ ଷ୍ଟାଣ । ସେ ମୋର ସ୍ୱାମୀ, ଇହକାଳ ପରକାଳର ଦେବତା । ଶୁଣା କଥା ସୁକାନ୍ତ ଅଈ ଯାହା କହୁଥିଲା । ସେ କଥା କଅଣ ସତ ? ଅଉ କେଉଁ ଭାଗ୍ୟବତୀକୁ ସ୍ୱାମୀ ମୋର ଭଲ ପାଇ ଛନ୍ତି ? ନା, ନା ଏହା କଦାପି ହୋଇ ପାରେ ନା । ମୋର ଏପରି ଭାବିବା ପାପ ହେବ । ମୋ ମୁଣ୍ଡକୁ କଣ ପିତ୍ତ ଉଠିଲା କି ?" ସେଇଥିପାଇଁ ଏପରିକା ଖରାପ ଧାରଣା ଗୁଡ଼ା ମୁଣ୍ଡରୁ ବାହାରୁଛି । ଦୁଃଖ ବେଳରେ ଅପ୍ରିୟ କଥା ଭାବିବା ଠିକ୍ ନୁହେଁ । ଭାବନା କରି ବସିଲେ ଦୁଃଖ ବଢ଼ିବ ବରଂ କମିବ ନାହିଁ । ମନରେ ଦୁଃଖର ନିଆଁ ଦାଉଦାଉ ହୋଇ ଜଳୁଛି । ଯାହାକୁ ମୁଁ ମୋରବୋଲି ଜାଣେ, ଯାହାଙ୍କ ସ୍ନେହ ସୋହାଗ ଗେହ୍ଲାରେ ତାଙ୍କର ଏ ସଂସାର ଚଳୁଥିଲା ସେ ମୋତେ ଭଲ ପାଇବାକୁ ଶିଖାଇଥିଲେ । ତାଙ୍କର କରି ମୋତେ ଅଯତ୍ନ କରି ନେଇ ଏପରି ଦୁର୍ବ୍ୟବହାର କରିବା

ତାଙ୍କର କଣ ଅପରାଧ ନୁହେଁ ?" ପୁରୁଷ ଜାତିଟା କେବଳ । ନାରୀ ଉପରେ କଷ୍ଟ ଦଅନ୍ତି । ପ୍ରକୃତ ସ୍ତ୍ରୀର ହୃଦୟକୁ ଚିହ୍ନି ପାରନ୍ତି ନାହିଁ ।

ପ୍ରାଣର ଅଧିକ ପ୍ରିୟତମ ମୋର, ପ୍ରଣାମ ନେବ ।

କେଉଁ କାରଣ ପାଇଁ ତମେ ମୋ ଉପରେ ରାଗିଛ ମୁଁ ଜାଣି ନାହିଁ । କେଉଁଥି ପାଇଁ ମନରେ କଷ୍ଟ କରି ଚିଠି ଦେଉନ । ବହୁଦିନ ହେଲା ତମ କର ଲେଖା କୌଣସି ଭଲ ମନ୍ଦ ଚିଠି ନ ପାଇ ମୋତେ କିଛି ଭଲ ଲାଗୁନାହିଁ । ତମର ଘର ପ୍ରତି ଏପରି ଅନାସ୍ଥା ଭାବ ଦେଖି ବୋଉ ତମର ମନରେ ଦୁଃଖ କରୁଛନ୍ତି । ସ୍ତ୍ରୀଙ୍କର ବାଞ୍ଛିତ ପରମ ଗୁରୁ ହେଲେ ସ୍ୱାମୀ । କେବେ ସେ ତମ ଶ୍ରୀଚରଣ ଦର୍ଶନ କରିବ ସେ ପାଇଁ ତମର ପ୍ରବାସ ବାହୁଡ଼ା ବାଟକୁ ଅକୁଳ ଅଶ୍ରୁରେ ଅନେଇ ବସି ରହୁଛି । ଏତେ କପଟି ତମେ ! ଗ୍ରୀଷ୍ମ ମାସରେ ଛୁଟିରେ ଘର ଆସିବ ବୋଲି କହି ଯାଇଥିଲ, ଆଠ ମାସ ପୂରି ଗଲାଣି । ଅଦ୍ୟାବଧି ଆସିଲ ନାହିଁ । ପିଲାଦିନର କଥା ମନରୁ ପାଶୋରି ପାରୁନାହିଁ । ସେହି କଥା ଭାବିଲେ ଭାରି ଦୁଃଖ ଲାଗୁଛି । ମୁଁ ତମର ପାଖେ ଅର୍ପଣ କରି ଦେଇଛି ମନକୁ, ଯାହା ଦେଲେ ଅଉ ଲେଉଟାଇ ଆଣି ହୁଏ ନା । ତମର ପ୍ରତ୍ୟେକ କଥାଟା ମୋର ସ୍ମୃତିରେ ଅଲିଭା ଅକ୍ଷରେ ଲିପିବଦ୍ଧ ହୋଇ ରହିଛି । ମୋର ଏଇ କଥା ସତେ କଣ ତମର ସେଇ ପାଷାଣ ହୃଦୟରେ ଭେଦିବ ? ମନର ସମସ୍ତ କଥା କେଉଁ ମୁହଁରେ ଏ ଚିଠି ଉପରେ ଲେଖିବ ସାହାସ ହେଉ ନାହିଁ । ବିଦେଶରେ ରହି ଟଙ୍କା କମେଇବା ଅଉ ଲୋଡ଼ା ନାହିଁ । ଘରକୁ ଆସି ଘର ଭାର ଦେଖ । ତମଟା ପେଟ ଚଳିଯିବ । ତମର ସେଇ ଦେଇଥିବା ଚିଠି ଖଣ୍ଡିକ ବାରମ୍ବାର ପଢ଼ିଲେ ମଧ୍ୟ ମନଟା ଶାନ୍ତି ଲାଗୁ ନାହିଁ । ଲୋକଙ୍କ ମୁହଁରୁ ଶୁଣୁଛି ପ୍ରବାସରେ ତମେ ନେତା ଗିରି କରି ବୁଲୁଛ । ସେ କେଉଁକ

ଖେଳରେ ମାତନ୍ତି । ତ୍ୟାଗ କରିବା କ୍ଷମତା ଯେତେବେଳେ ତମର ନାହିଁ, ସେତେବେଳେ ମିଛକୁ ଭଲେଇ ପଣିଆ ଦେଖାଇ, ସୁନାମ ପେଇଁ ଲୋକଙ୍କୁ ପ୍ରତାରଣା କର ନାହିଁ । ମିଛ ମାହାଲିଆ ନାଁ ପାଇଁ ପ୍ରକାଶରେ ସବୁ ନେତାଏ ଏପରିକା ଢଙ୍ଗ ଦେଖାଉଛନ୍ତି । ଯେଉଁ ଦିନ ତମେ ଆସିବ ସେଇଦିନ ମୋର ପ୍ରତୀକ୍ଷା ସଫଳ ହେବ । ଆଉ କଣ ଏତ୍ତିଢ଼ ଫିଠାଇ ଲେଖିବି । ଇତି ।

ତମର—ବିରହିଣୀ ।

ତା ପରେ ଗୋଟିଏ କବିତା—

ହଇ ଏ ପ୍ରାଣଧିକେ ! ତମର ବିହୁନ ଦିନ ଲାଗଇ ନିସ୍ତଟିଆ ।
ତମରି ସ୍ମୃତି ଧରି ମୋ ଦିନ କଟି ଯାଏ ନୀରବେ ଏକୁଟିଆ ॥
ମୋର ସ୍ମୃତି ତଳେ ପଲଟେ ପଲକେ କାଟେ ତେନ୍ତୁଳିଆ ବିଛା ।
ଆଉ କେତେ କାଳ ବସିଥିବି ଚାହିଁ ପଲଙ୍କ ପଡ଼ିବ ଛୁଛା ॥
କେବେ ଯେ ମୋର ଆଶା ପୂରିବ ତବ ଅଲିଙ୍ଗନ ଲଭି ।
ସତେ ଯେ କେବେ ଘରେ ବାହୁଡ଼ିବ ଦେଖିବି ଶ୍ରୀମୂର୍ତ୍ତି ଛବି ॥
ହସ ମଧୁରେ ନିଶିଥରେ ଅଧରେ ଚୁମ୍ବନ କେବେ ଦେବ ।
ମନ ମନ୍ଦିର ସଜା କେବେ ସ୍ମୃତିରେ ଧରି ମୋହର ସନ୍ତାପ ହରିବେ
ଏଇ ହେଉଛି ବଡ଼ ନିଦାରୁ କଥା ଶୁଣିଲେ ପଢ଼ିଲେ ହସିବେ ଲୋକେ
ଘରର ଦୁଃଖ କଅଣ କହିବି ଯାହା ଲେଖିଅଛି ମନର ଦୁଃଖେ ॥
ସପନ ତୋଳା ନିଦ ଭାଙ୍ଗିଲା, ଚମକେ ମୋହର ସ୍ମୃତିତଳ ।
ବହୁତ ଭାବେ ତମର ସେଇ ହସଏ ଭାବ ଏକେଲେ କଅଁଳ ॥
ଛଳ ନ କରିବେ ମୋର ପ୍ରାଣେଶ୍ୱର ଡାକଇ କହୁଚି ଅହେ
ପ୍ରବାସୀ ।
ଏତେ ଭୁଲ ମନ ମୋ ସଣି ରହିଲ ସହଳ ଫେରିବ ନିଦାକ ଛୁଟିରେ
ଗ୍ରାମବାସୀ ॥

ତମର ଚରଣ ସେବିକା ଦାସୀ—ପାର୍ବତୀ

ଚିଠି ଲେଖିଲାବେଳେ ପାର୍ବତୀ ଆଖିରୁ ଧାର ଧାର ଲୁହ ଗଡୁଥିଲା । ସେ ଧୈର୍ଯ୍ୟ ତାର ଆଉ ନାହିଁ । ହାତ ଥରୁଛି । ଚିଠାକୁ ଭାଙ୍ଗ କରି ଖାମରେ ମୁଦ୍ରି ଦେଲା । ସଂସାର କଲେ ଅପଦ ବିପଦ ଦିନେ ନା ଦିନେ ଆସିବ । ଯେ ବିପଦକୁ ଗୋଡ଼ରେ ଚକଟି ମନ୍ଥି ଚାଲି ଯିବ ତାର ଜିତ୍ ହେବ । ସେ ଝଡ଼ପ ନ ଥିଲେ ସବୁ ଦୁଃଖ କଷ୍ଟ ମୁଣ୍ଡ ନୁଆଁଇ ସହି ଯିବାକୁ ହେବ । ପାର୍ବତୀ ମନଟା ଭଲ ନ ଥାଏ । ଏଣିକି ସବୁବେଳେ ତାର ଭୁଲା ଭୁଲା ଭାବ, ସତେ ଯେପରି ପ୍ରାଣରୁ ଅଧିକ ମୂଲ୍ୟବାନ ଜିନିଷ ହଜି ଯାଇଛି । ସେଇଥିପାଇଁ ବେଳେ ବେଳେ ସେ କଣ ଭାବୁଛି, ସେ ହୋସ ତାର ନାହିଁ । ପ୍ରାଣର ଅନ୍ତରତା ବେଦନା ମନ ଭିତରେ ବାର ବାର ଘୋରେଷେଇ ହେଉଛି । ପାର୍ବତୀ ମୁଣ୍ଡ ବଥେଇଲା, ଆଉ ଭାବି ପାରିଲା ନାହିଁ । କବାଟ ବାଡ଼େଇ ଶାଶୁ ଡାକିଲେ ବୋହୂ ବୋହୂ ! ବସିଲା ସ୍ଥାନରୁ ଉଠି ଆସି ପାର୍ବତୀ ଧଡ଼ ପଡ଼ ହୋଇ ଅଉଜା କବାଟ ମେଲେଇ ଠିଆ ହେଲା ।

ଶଙ୍କର ବୋଉ ଘର ଭିତରକୁ ନ ଆସି ଦୁଆର ମୁହଁରେ ରହି କହିଲେ, ହେଲେ ମା ! ମଣିଷ ଯାହା ଭାବେ ତାହା କରି ପାରେନା ସେଥିରେ କେତେ ବାଧା ବିପଦ ଆସି ପଡ଼େଁ । ଶଙ୍କର ମୋର ସୋଜଗାରିଆ ପୁଅ ହୋଇ, ତାହାଙ୍କୁ ଏ ବୁଦ୍ଧି ଧରିଛି । ଅନ୍ତ ଫାଡ଼ି ଯାହାକୁ ଜନମ ଦେଲି; ସେ ପୁଅ ଯଦିଓ ଦୁର୍ଦ୍ଦଶା ଦେଲା, ଏହାପାଇଁ ତାହାକୁ ମୁଁ ଦୋଷୀ କରିବି । ତମର ଶ୍ୱଶୁର ରକତରୁ ଜାତ ସେଇଁ ପୁଅ, ସେ ପୁଅର ନିନ୍ଦା ଯେତିକି ହେବ ନାହିଁ, ଇହକାଳ ପରକାଳ ଦେବତା ମୋହର ସ୍ୱାମୀଙ୍କର ଅଧିକ ନିନ୍ଦା ହେବ । ପାଞ୍ଚ ଲୋକେ ଶୁଣିଲେ କହିବେ—ସେ ଅମୁକଙ୍କ ପୁଅ ପରା ? ସେ ପୁଣି ବଳାର ଛୋଟାଙ୍କ ସାଥିରେ ମାତିଛି । ଆମେ ପୂର୍ବ ଜନ୍ମର କଲା କର୍ମ ଫଳ ଭୋଗୁଥାଏ ।

ନଈ ଶୁଖିଲେ କି ଭରିବ ନାଅ
ସ୍ତନ କ୍ଷୀର ଶୁଖିଲେ କି କରିବ ମାଆ ।

କହୁ କହୁ ଶଙ୍କର ବୋଉଙ୍କ ମନ କାନ୍ଦି ଉଠିଲା । ବିକଳ ହୋଇ କହିଲେ, ପର ଘର ଝିଅକୁ ଆଣିଥିଲି ସେମାନଙ୍କର ସୁଖ ଆନନ୍ଦ ଦେଖିବି ବୋଲି । ମୋହର କୁଳର ନୂଆ ଅନ୍ନପୂର୍ଣ୍ଣୀ ବୋହୂ ଲକ୍ଷ୍ମୀ, ତା ପେଟକୁ ଭାତ ନାହିଁ, ଦେହକୁ ଲୁଗା ନାହିଁ । ପାର୍ବତୀର ବସିଲା ଠାରୁଁ ଉଠିବାକୁ ହାତ ଗୋଡ଼ ଚଳୁ ନାହିଁ । କାଳର କୋହ ଉଠୁଥାଏ ପେଟ ଭିତରୁ । କେତେ ସମୟ ତୁନି ରହିବା ପରେ କହିଲା, ଲୋକେ କହିବା କଥା ସତ କି ମିଛ ଆମକୁ ଜଣାନାହିଁ । ଲୋକେ ସିନା ତାଙ୍କ ନାଁରେ ଦୁର୍ନାମ ଦଉଚନ୍ତି । ସେ ପାଇଁ ସିନା ମନରେ ପାପ ଛୁଇଁଲା । ତାଙ୍କ ମନ ଭିତରେ କି ଚିନ୍ତା ଖେଳୁଚି । କି ଅବସ୍ଥାରେ ସେ ସେଇଠି ଅଛନ୍ତି । ସତ କି ମିଛ ସେଟାକୁ ଯାଇ ନିଜ ଆଖିରେ ନ ଦେଖିଲେ ଜାଣିବାର ଉପାୟ ନାହିଁ । ଯାହା ନ ଦେଖିବି ଦୁଇ ନୟନେ, ପରତେ ନଯିବ ଗୁରୁ ବଚନେ । ବୋଉ ବୁଝଅଂଶା ଏଇୟା, କିଏ କାହାର ନୁହେଁ । ପାର୍ବତୀ ମୁହଁ ଗମ୍ଭୀର କଲା । ସଞ୍ଜ ଲାଗି ଆସିଲାଣି । କାନ୍ଥ ଠଣାରୁ ସଳିତା ନେଇ ଘିଅ ଘଣ୍ଡରେ ବୁଡ଼ାଇ ସଞ୍ଜବତୀ ଦେଇ ଆସିବାକୁ ଦାଣ୍ଡ ଦୁଆର ପାଖ ଚଉଁରା ନିକଟକୁ ଗଲା । ସଞ୍ଜଦୀପ ଚଉଁରା ମୂଳେ ଥୋଇ ଦେଇ କରୁଣ ଛଳ ଛଳ ଆଖି, ବିନୟରେ ତଳେ ମଥା ଲଗାଇ ଓଳଗି ନିବେଦନ କଲା । ମାଆ ବୃନ୍ଦାବତୀ ତାଙ୍କର ମଙ୍ଗଳ କର । ଆଖି ଫାଟି ଲୁହ ଝରି ପଡ଼ିଲା ଚଉଁରା ମୂଳେ । ଭଲବଲ ଆତ୍ମାର କରୁଣ ସ୍ୱର ବାହୁନି ଉଠିଲା । ଅମର ଗାଁର ଝିଅବୋହୂ, ବଳ ବୁଢ଼ା ମାଇପେ ପଞ୍ଚା ପଞ୍ଚି ହୋଇ ତାଙ୍କର ଚର୍ଚ୍ଚା ଚଳାନ୍ତି । କିଏ ମୁହଁମୋଡ଼ି ମୁରୁକି ହସି କହୁଚି, କିଏ ବା ନାକଟେକି କହିଲାଣି—ପାର୍ବତୀ ଗାଁ ଭିତରେ ଝିଅ କରି ବାହା ହୋଇଥିଲା

ଯେ ମରଦ ପିଲାଙ୍କୁ ମୋଟେ ଦେଖିନ, ସେ ତା ଶୁଦ୍ଧ ସ୍ୱଭାବ ଜାଣିବ କେମିତି ? ପାର୍ବତୀ ଯେପରକା ଗୁଣର ଝିଅ ସେମିତିକା ରୂପର ଚହଟ ଅଛି । ଯଦି ସେ, ସେ ଘରକୁ ବୋହୂ ହୋଇ ନଯାଇ ଅନ୍ୟ କେଉଁ ଘରକୁ ବୋହୂ ହୋଇ ଯାଇ ଥାଆନ୍ତା, କେତେ ସୁଖରେ ଗେରସ୍ତର ସଂସାର କରୁଥାଆନ୍ତା ।

ପାର୍ବତୀ ବୋଉ ଝିଅକୁ ଟିକିଏ ଦେଖି ଯିବ ବୋଲି ସାହି ବୁଲା ବାହାନା କରି ବେଳେ ବେଳେ ଏ ସାହିକି ଆସନ୍ତି । ସେଦିନ ପାର୍ବତୀ ରୂପ ଦେଖି ଅଡ଼େ ଶୁଖି ତାଙ୍କ କୋରଡ଼ିଆ ବଡ଼ ବଡ଼ ଆଖିରେ ଲୁହ ଭରିଗଲା । ଦୌଡ଼ି ଆସି ଝିଅକୁ କୁଣ୍ଢେଇ ପକେଇ ହାତରେ ତା ଥୋଡି ଟେକି ଧରି କହିଲେ, କି ଏବ ହେଲଣି ଟେଲି ତୁ ପାରୁ ?

ମଉଳା ମୁହଁରେ ଶୁଖିଲା ହସ ହସି ପାର୍ବତୀ କହିଲା, ଆଉ ତୁ ଭଲ ଅଛୁ ତ ବୋଉ ?

ପାର୍ବତୀ ବୋଉ ବ୍ୟସ୍ତ ହୋଇ କହିଲେ, ଝିଅ ଦେଇ ପୁଅ ପାଇଥିଲି, ତମର ସୁଖ ଶରଧା ଆଖିରେ ଦେଖିବି ବୋଲି; ତୋର ଏଇ ଦୁଃଖ ପୁଣି ମୁଁ ଦେଖିଲି । ନିଆଁ ଲଗା ଜୀବନଟା ମୋର ଯାଉ ନାହିଁ; ଖାଲି ଛଟ ପଟ ହୋଇ ମରୁଛି । ସବୁ ଅଜୁ ନିଅଣ୍ଟା, ଖାଲି ଦହଗଞ୍ଜିଆ ଜୀବନ ମୋର । ଗାଁରେ କୋଉଁ ଘର କରିଥିଲି, ସୁଖରେ ସଂସାର କରି ନାମ କରିବେ । ଏ ଆଖିରେ ଦେଖିବି ଦୁଃଖ ଯିବ । ତୁଣ୍ଡ ଖୋଲି ନ କହିଲେ କଣ ହେବ; ମୁଁ ପରା ତୋତେ ଜନମ ଦେଇଛି । ତୋ ମନ କଥା କଣ ଜାଣି ପାରିବି ନାହିଁ ? ତୁ ତାଙ୍କର କଥା ଭାବି ଭାବି ଝୁରି ଝୁରି ଅଣହେଳାରେ କେତେ ଦେହ ଝଡ଼ ଗଲାଣି ।

ପାର୍ବତୀ ଛାତିର କୋହ ସମ୍ଭାଳି ପାରୁନାହିଁ । ମନ କଥା ଛାତିରେ ଲୁଚିଲା ଭୁଲିଲା । ସବୁ ବେଳେ କେମିତି ଖସପ ଖସପ ଲାଗୁଚି । ଟେକର୍ ପାଇଁଟରେ ମନ ଲାଗୁ ନାହିଁ । ଆକାଶ ଆଡ଼େ ଅନାଏ ; ନେଳିଆ ଆକାଶରେ ତାରା ଗୁଡ଼ାକ ଚାରିଆଡେ ବିଛେଇ ହୋଇ ରହିଛନ୍ତି । ସମସ୍ତେ ଯେପରି ମୋହରି ଆଡ଼କୁ ଚାହିଁ । ପଚାରୁଛନ୍ତି ତମ ଗେରସ୍ତ କାହାନ୍ତି ମ ? ବେଳେବେଳେ କାନରେ ବାଜି ଯାଉଛି ତାଙ୍କର ସେଇ ସୋହାଗିଆ ଡାକ—ହଇଏ ?

ସକାଳ ଆଠଟା, କଳିଙ୍ଗ ଲାଇବ୍ରେରୀରେ ମନ୍ତ୍ରଣାସଭା ବସିଛି ତା ସଙ୍ଗେ ମଧ୍ୟ ନୈଶ ପାଠଶାଳାର କାର୍ଯ୍ୟକର୍ମ ସ୍ଥିର କରାଯିବ । ଯାହା ଅଳ୍ପ କେତେଖଣ୍ଡି ବହି କିଣା ହୋଇସାରିଲାଣି । ପ୍ରତିଦିନ ସନ୍ଧ୍ୟାରେ ପ୍ରାୟ ଷାଠିଏ ଜଣ ଛାତ୍ର ଛାତ୍ରୀ ପଢୁଛନ୍ତି । ସ୍କୁଲର 'ଶିକ୍ଷୟିତ୍ରୀ ଶ୍ରୀମତୀ ମିନାକ୍ଷୀ ମହାପାତ୍ର ଉତ୍ସାହିତ କର୍ମପନ୍ଥା ଜଣେ ଠିକ୍ କରିନାହାନ୍ତି, ଏହି ବୈଠକରେ ତା'ର ଶେଷ ନିଷ୍ପତ୍ତି ହେବ ।

ଶଙ୍କର ଅଠମାସ କାଳ କାରଖାନାରେ କାମ କରି ଯାହା ଅର୍ଥ କମେଇ ଥିଲା, ଏକ ସର୍ବସାଧାରଣ ପାଠାଗାର ପାଇଁ ତାହା ବ୍ୟୟ କରିଛି । ସେ ଅନ୍ନ ତ୍ୟାଗ, ପ୍ରାଣପାତ କରି ବଡ଼ ଉତ୍ସାହରେ ଲାଗି ପଡ଼ିଛି । କେବଳ ମନର ଉତ୍ତେଜନାରେ ହେଉ ବା ହୋଇପାରେ ପ୍ରକୃତ ପକ୍ଷେ ଲୋକଙ୍କ ମଙ୍ଗଳ ପାଇଁ ଏପରି ବ୍ୟାକୁଳତା ତା ମନରେ ପ୍ରେରଣା ଆଣିଛି ।

ସ୍କୁଲ ଓ ଲାଇବ୍ରେରୀର ଭିନ୍ନ ଭିନ୍ନ ବିଭାଗ ପରିଚାଳନା ପାଇଁ ଉପଯୁକ୍ତ କର୍ମୀମାନେ ନିଯୁକ୍ତ ହୋଇ ସାରିଛନ୍ତି । ମିନାକ୍ଷୀ ଦେବୀ ସ୍କୁଲର ଶିକ୍ଷୟିତ୍ରୀ, ଆଉ ଅଭିମନ୍ୟୁ ମହାନ୍ତି ଲାଇବ୍ରେରୀର ପରିଚାଳକ ।

ମିନାକ୍ଷୀ ଦେବୀଙ୍କର କଳା ମୁଗୁନି ପଥର ପରି ଜିଟେଲ କୁନ୍ଦଲା କୁନ୍ଦଲା ଗଢଣ ସ୍ୱାସ୍ଥ୍ୟ, ତୁଳିରେ ଅଙ୍କିଲା ପରି ଭସାଣିଆ ଆଖି, ବର୍ତ୍ତୁଳ ନିଖୁଣ ସୁନ୍ଦର ମୁହଁ । କଟକ ରାଣୀହାଟରେ ତାଙ୍କ ଘର । ଚାରିବର୍ଷ ହେଲା ବାପ ମା ମଲେଣି । ସେ ବାପ ମା'ଙ୍କର ଏକମାତ୍ର ଆଦରର ଝିଅ ଥିଲା । ବାପ ମା ମଲା ପରେ ଆତ୍ମୀୟ ସ୍ୱଜନ ଭାଇ ଭଗାରୀଏ ଯେଉଁମାନେ ଥିଲେ, ସେମାନେ କେହି ଏହାଙ୍କର ଭଲ ମନ୍ଦ ଖବର ବୁଝିଲେ ନାହିଁ । ଚାରିଆଡୁ ଅଭାବ ଅନାଟନ ଘେରି ଆସିଲା, ଖାଇବା ପିନ୍ଧିବା ଅଭାବରେ ସେ ବ୍ୟସ୍ତ ହୋଇ ପଡ଼ିଲା । ଘରେ ପଡ଼ି ପଡ଼ି ବାପା ମାଆଙ୍କୁ ଝୁରି ଝୁରି ମନ ଇଚ୍ଛା କାନ୍ଦେ । ଦେହର ଲଜ୍ଜା ଘୋଡ଼ାଇବାକୁ ଖଣ୍ଡେ ଲୁଗା ନାହିଁ, ଘରେ ଖାଇବାକୁ ଦାନା ନାହିଁ । ଆଉ କେତେ ଦିନ ବା ବାର ହଇରାଣ ହରକତ ହୋଇ ଚଳିବ । ଅଭାବ ହା-ହୁତାଶରେ ପ୍ରାଣ ଛଟ ପଟ ହେଲା । ଘର ଛାଡ଼ି ପଳାଇବାକୁ ବାର ଆଡ଼କୁ ମନ ଉଡ଼ିଲା । ଡାକ୍ତର ଗିରିଧାରୀ ବାବୁଙ୍କ ଘର ପାଖରେ ମିନାକ୍ଷୀ ଘର ଅଗରୁ ବଡ଼ ଘନିଷ୍ଠତା ଥିଲା । ଗିରିଧାରୀ ବାବୁଙ୍କ ପୁଅ ପ୍ରଶାନ୍ତକୁ ମିନାକ୍ଷୀ ଭାଇ ବୋଲି ଡାକେ । ପ୍ରଶାନ୍ତ କିନ୍ତୁ ମିନାକ୍ଷୀକୁ ଭିନ୍ନ ଆଖିରେ ଦେଖେ । ସେ ମିନାକ୍ଷୀର ରୂପ ଯୌବନ ଚହଟରେ ମୋହି ହୋଇ ବେଳେ ବେଳେ ତାଙ୍କ ଘରକୁ ମିନାକ୍ଷୀର ସୁବିଧା ଅସୁବିଧା କଥା ବୁଝିବା ବାହାନାରେ ଆସେ ।

ସେ ଲଫଙ୍ଗା ଟୋକା ମିନାକ୍ଷୀର ମନର ଭାବ ବୁଝିପାରି ତାକୁ କଲିକତାରେ ଗୃହଶ୍ରୀ ମୋହରେ ଭୁଲେଇ-ଭାଲେଇ ନିଜ ସାଥିରେ କଲିକତାକୁ ନେଇ ଆସିଥିଲା । ଏଠାରେ ଘର ଭଡ଼ା ନେଇ ଅ… ଦିନକାଳ ଦୁଇଜଣ ଯାକ ବେଶ୍ ସୁଖ ଖୁସିରେ ଚଳିଲେ । କିନ୍ତୁ ନି… ଦିନକୁ ପ୍ରଶାନ୍ତ ବଜାରକୁ ଯାଉଛି ବୋଲି କହିଗଲା ଯେ; ଆଉ ବସାକୁ ଫେରି ନାହିଁ । ପ୍ରଶାନ୍ତ ନ ଆସିବାରୁ ମିନାକ୍ଷୀ ମନ…

ଉପରେ ଯେପରି ଆକାଶ ଭାଙ୍ଗି ପଡ଼ିଲା । ସେ ଭାବିଲା ବୋଧେ ସେ ଯେଉଁ ଆଶାରେ ମୋତେ ଗୃହକର୍ତ୍ରୀ ମୋହ ଦେଖାଇ ଏଠାକୁ ଆଣିଥିଲେ ମୋ ଠାରୁ ସେଥିର କୌଣସି ସୂଚନା ନ ପାଇ ସେ ନିଜେହିଁ ମୋ ଠାରୁ ବଞ୍ଚିତ ହୋଇଗଲେ । ଶିକ୍ଷିତର ଶିଷ୍ଟାଚାର ପରିବର୍ତ୍ତେ ମୋ ପ୍ରତି ସେ ଏତେଖିଏର ଅଭଦ୍ରତା ଆଚରଣ କରିବେ ବୋଲି ମୁଁ ଏହା କେବେହେଲେ ଭାବି ନ ଥିଲି । ମୋର ଅଜ୍ଞାତରେ ସେ ବିଷ ଦେଇ ଗଲେ । ଏ ନିଆଶୀ ଜୀବନ ଆଉ ରଖିବି ନାହିଁ । ନାଁ; ନାଁ—। ଭାବନାର ଖିଅ ଅଡ଼ୁଆ ହୋଇଯାଏ । ପୁଣି ଭାବେ; ଆତ୍ମ-ହତ୍ୟା କରି ମହାପାପ ଅର୍ଜ୍ଜନ କରିବ କାହିଁକି ? ଏପରି ନାନା କଥା ଭାବି କାନ୍ଦିଲା । କଥା ଲୁଚିଲା ନାହିଁ । ଗୃହଅଡ଼େ ଏ ବିଷୟ ସ୍ପଷ୍ଟ ହୋଇଗଲା ।

ଶଙ୍କର ଏ ଖବର ପାଇ ତାଙ୍କ ବସା ଘରକୁ ଗଲା । ଅତି ଦୁଃଖରେ ତାକୁ ମିନାକ୍ଷୀ ମୁହଁ ବୁଲେଇ କଣେଇ ଚାହିଁଲା । ଶଙ୍କର ତା ସଙ୍ଗେ ଦେଖାକଲା, ମିନାକ୍ଷୀ ଦୁଇ ଆଖିରୁ ଧାର ଧାର ହୋଇ ଲୁହ ବହି ପଡ଼ୁଛି । ମିନାକ୍ଷୀ ଲଜ୍ଜିତ ହୋଇ ମୁହଁ ଘୋଡ଼ାଇ ବସିଲା ଓ ନିଜ ମନକୁ ନିଜେ ପ୍ରଶ୍ନ କଲା, ଶଙ୍କର ବାବୁ ବା କାହିଁକି ଆସୁଛନ୍ତି । ଲୋକଙ୍କ ମୁହଁରୁ ଶୁଣିଛି ଏଇ ଶଙ୍କରବାବୁ ଜଣେ ହେଜ୍‌ଚନ୍ତ ବିପ୍ଳବ-ପନ୍ଥି ଲୋକ—ସ୍ତ୍ରୀଙ୍କର ସମସ୍ତଙ୍କ ପ୍ରତି ଦୟାଭାବ । ମୂଲିଆଙ୍କ ଆନ୍ଦୋଳନରେ ଯୋଗ ଦିଅନ୍ତି । ସଭା ସମିତିରେ ବକ୍ତୃତା କରନ୍ତି । ମରଦ ଗୁଣ୍ଡାଙ୍କର ସ୍ୱଭାବ ଏହା ପ୍ରକାର । ଏହାଙ୍କୁ ବା କେଉଁ ବିଶ୍ୱାସ । ଏହାଙ୍କ ମନ ଭିତରେ କଣ ଅଛି କିଏ କେମିତି ଜାଣିବ ? ମିନାକ୍ଷୀ ଛାତି ଧୁଡ଼ୁ ଧୁଡ଼ୁ କରେ । ସରମରଙ୍ଗା ମୁହଁରେ ମାନମାରି ଭୂନି ହୋଇ ବସେ । ଦୁନିଆଁଟା ଦିଅ ନିଅର କାରବାର । ଯେ ଦିଏ ସେ ପୁଣି ନେବାକୁ ଇଚ୍ଛା କରେ ।

ତାହାର ମୁହଁ ଆଡ଼କୁ ଗୃହିଁବାକୁ ଲାଜ ମାଡୁଛି । ଶଙ୍କର ସାନ୍ତ୍ୱନା ପୂର୍ଣ୍ଣ ସହାନୁଭୂତି ବାଣୀ ଶୁଣେଇ କହିଲା; ଆପଣ ଓଡ଼ିଆ ଘର ଝିଅ । ସେପରି ଅସୁବିଧାରେ ପଡ଼ି ନ ଥିଲେ ବିଦେଶ ଜାଗାକୁ ଚାକିରି କରିବାକୁ ଆସି ନ ଥାନ୍ତେ । ଆପଣ ହତାଶିଆ ହୁଅନ୍ତୁ ନାହିଁ । ଶୁଣୁଛି ଆପଣ ମେଟ୍ରିକ ପାଶ କରିଛନ୍ତି । ଆମ ପାଠଶାଳା ପାଇଁ ଜଣେ ଶିକ୍ଷୟିତ୍ରୀ ଲୋଡ଼ା ହେଉଥିଲେ । ଆପଣ ଏଠାକାର ନିରକ୍ଷର ଭାଇ ଭଉଣୀମାନଙ୍କର ପଢାଇବା ଦାୟିତ୍ୱ ନିଅନ୍ତୁ ।

ମିନାକ୍ଷୀ ମନରେ ଭାବନାର ସୁଅ ଛୁଟିଛି । ସବୁ ଉଦ୍ୟମ ପଣ୍ଡ ହୋଇଛି । ଯାହାର ଭରସାରେ ଏତିକି ଆଶା କରି ଆସିଥିଲା, ତାହା ବିଫଳ ହୋଇଛି, ସେଇ ଅଦୃଷ୍ଟଠାରୁ ଆତ୍ମସମ୍ମାନ ରକ୍ଷା କରି ପାରିଛି । ମିନାକ୍ଷୀ ମୁଣ୍ଡରେ ପାଗଳାମି ଭରିଛି । ବଢ଼ା କେଶ ଫିଟି ଅଲସ୍ୱଲମ୍ବ ହୋଇ ପଡ଼ିଛି ପିଠି ଗୃବକଡ଼ରେ । ହସ ଝୁସି ମୁହଁଟି ବିରସ ଦିଶୁଛି, ସରମରେ ସତେ କି ସଢ଼ିଯିବ । ପେଟ ଭିତରେ ତାର ବୋହ ଲହରି ଭାଙ୍ଗୁଛି । କେତେ ଆଗ୍ରହ ହୋଇ କେତେ ଆଶାରେ ଆସିଥିଲା । ବ୍ୟର୍ଥ ମନୋରଥ ହୋଇ ସେ ପୁନଃବାର ଘରକୁ ବାହୁଡ଼ି ଯିବ । ନା—ଏ ଯେଉଁ ଶିକ୍ଷୟିତ୍ରୀ କାମ ଦେବାକୁ ସୁପାରିଶ କରୁଛନ୍ତି ସେଥିରେ ମଙ୍ଗିବ । ଘର ଭିତରେ ଗଦାଏ ଲୋକ ଜମା ହେଲେଣି । ଯେ ଆସିଲା ସେ ତାହାର ଆଡ଼କୁ ଅନାଇଁ ରହୁଛି ।

ଯେତେ ହେଲେ ଅଭିଆଡ଼ୀ ବୟସ୍କା ମାଇକିନିଅ ଝିଅ, ତାହା ମୁହଁ ପ୍ରତି ଗୃହିଁବାକୁ ଲାଜ ମାଡୁଛି । ତଳକୁ ମୁହଁ ଉଠାଇ, ମିନାକ୍ଷୀ ଦୁଇ ହାତ ଯୋଡ଼ି ଶଙ୍କରକୁ ନମସ୍କାର କରି କହିଲା, ଆପଣ ଏ ଦୁଃଖିନୀଟା ପାଇଁ ଏତେ କଷ୍ଟ କରିବାକୁ ବାହାରିଛନ୍ତି ! ସଂସାରରେ ମୋର ଆଉ କିଏ ଅଛି ଯେ ତାହା ଦୁଆରେ ଯାଇ ଠିଆ ହେବି ।

କଟରଇ ଦିଅନ୍ତୁ, ତା ହେଲେ ଖାଇବା ପିନ୍ଧିବା ଦୁଃଖ ଘୁଞ୍ଚିବ । ମିନାକ୍ଷୀ ଆଖିରେ ଛଳ ଛଳ ହେଲା ଲୁହ । ଆଜି କଣ କହିବ ଜାଇ ପାରୁନି ଥିଲା ନାହିଁ । ସତଙ୍କାଠ ବୋଲା ଶୁଖିଲା ମୁହଁରେ ଉଛୁଳି ଉଠିଲା ଶାନ୍ତିର ଆଭା ।

ମିନାକ୍ଷୀ ସେଇ ଦିନଠାରୁ ଏଠାକାର ନୈଶ ବିଦ୍ୟାଳୟର ମାଷ୍ଟ୍ରିଆଣୀ ଗୃହିକିରି କରୁଛି । ଏଇ ଘଟଣାକୁ ପକେଇ ସେଇ କଥା ଗୁଡ଼ା—ଯାଆ ମହିଳେ ବସି ଲୋକଙ୍କର ଫୁସୁରୁ ଫାସୁର କଥା ଚାଲିଥାଏ । ନବ ପଲେଇ ରଜନୀ ପତିଙ୍କୁ ଅନେଇଁ କହିଲା, ଆଜି ଯୁଗକୁ ଯେଉଁ ସବୁ କଥା କେବେ ଦେଖା ନ ଥିଲା କି କାନରେ ଶୁଣା ନ ଥିଲା । ଶଙ୍କର ବାବୁଙ୍କୁ ନିଜ ଲାଜ ନିଜକୁ ଖାଉଲାନି ? ଭେଣ୍ଡିଆ ଟୋକାଗୁଡ଼ାଙ୍କୁ ମାଇପିଟାଏ ପାଠ ପଢ଼େଇବ ହେ ? ଭୁଆଁ ବଲେଇ ବୈଷ୍ଣବ ସାଜି ମୂଷା ପିଲାଙ୍କୁ କାଶୀତୀର୍ଥ କରିବା ପାଇଁ ନେଲା ପରିକା—ଏମିତି ଉପକାର କଲେ କେତେ ନ କଲେ କେତେ ? ଦେଖିବା ଶୁଣିବା ଲୋକେ ହସୁଛନ୍ତି ପରା । ଏଭଳି ବେଲହ୍ଜା ବୋହୂଆ ଯୁଗ ହେଲାଣି ।

ରଜନୀକୁ ନବିର ଏପରି ଅଶ୍ଳୀଳ କଥା ଉପହାସ କଲାଭଳି ଲାଗିଲା । ସେ ତାକୁ ବୁଝେଇ କରି କହିଲା, ଶଙ୍କର ବାବୁ ବଡ଼ ସାଧାରଣ ଲୋକ । ଆମ ଭିତରେ ଅଧିକାଂଶ ଲୋକେ ନା ଦସ୍ତଖତ କରିବାକୁ ଜାଣନ୍ତି ନି । ଆମ ଭାଇମାନଙ୍କ ଭିତରେ ଏକତା ରହିଲେ ଏଥିରେ ସମସ୍ତଙ୍କର ଉପକାର ଅଛି । ମାଇପିଟାଏ ମାଷ୍ଟ୍ରିଆଣୀ ହୋଇ ପାଠ ପଢଉଛି ବୋଲି ତା ବିଦ୍ୟା ବୁଦ୍ଧି ଗୁଣ ଗୁଡ଼ାକତ ଆଉ ମାଇକିନିଆଁ ନୁହେଁ । କେତେ ଲୋକ ପାଠ ଶାଠ ପଢି ମୂର୍ଖ ଦୋଷରୁ ପାର ହୋଇ ଯିବେ । ଲାଇବ୍ରେରୀରୁ ପାଞ୍ଚ ପ୍ରକାର ବହି ପଢି ଲୋକେ ଭଲ ମନ୍ଦ ପାଞ୍ଚ କଥା ଶିଖିଲେଣି । ଏହା ନା ମରଦ ପଣିଆଁ । ଭାଏ କାହା ପାଇଁ ଏତେ କରେ ?

ସେ ଏତେ ଗୁଡ଼ାଏ କାମ କଲେଣି । ଅଟେ ଆମ ଲୋକଙ୍କୁ ଭଲ କରି ପଦେ କଥା କହି ଆସୁ ନ ଥିଲା । ଏଇକ୍ଷଣି ତାଙ୍କୁ ତମେ ପଦେ କୁହ ସେମାନେ ତମଙ୍କୁ ସେଇ ଗୋଟାଏ କଥାକୁ ପାଞ୍ଚ ପ୍ରକାର କରି ବୁଝେଇ ଦେବେ ।

ନରି ପଲେଇ ବିରକ୍ତ ହୋଇ କହିଲା, କାହିଁରେ ତମେ ଭାଇ ହୋଇନ ? ଏ କାମକୁ କେହି ଲୋକ ଭଲ କହୁ ନାହାନ୍ତି, ଯାଙ୍କର ଯେତେ ସବୁ ଦୁନିଆଁ ବାହାର କଥା । ଅଚ୍ଛା ହେଉ ଏଠାର ଦେଖା ଯିବ ଯେ ? ହଉ ହେ—

ଏ ଗୁଡ଼ାକ ମୂର୍ଖଙ୍କ ଚଲଣି ଗୋର
ଅଣ୍ଟି ନ ପୂରିଲେ ଅଡୁର ବୋଲ ॥

ଆମର ଏଠି ଯେତେ ସବୁ ଗଜମୂର୍ଖ ଭାଇମାନେ ଅଛନ୍ତି; ଏଇ ଷୋଳ ବରଷୀ ମାଷ୍ଟ୍ରିଆଣୀ ସ୍କୁଲରେ ପଢ଼ି ଏଣିକି ଗୋଟାଏ ଗୋଟାଏ ପଣ୍ଡିତ ହୋଇ ବାବୁ ହାକିମ ହୋଇ ଯିବେ । ହଁ ହେ ଏମିତିକା ବହୁତ ଶିକ୍ଷିତ ଲୋକଙ୍କୁ ମୁଁ ଦେଖିଚି । ସେ ଯେଉଁ କଟକି ଗୁଇଁ ଟୋକା ଖଣ୍ଡିକ ମିନାକ୍ଷୀ ମାଷ୍ଟ୍ରିଆଣୀଙ୍କୁ ସାଙ୍ଗରେ ଧେଇ ପଲେଇ ଆସିଥିଲା ସେ ପୁଣି ତା ଉଦ୍ଧାର ପାଇଁ ନୁହେଁ କି ?

ତ୍ରିଲୋଚନ ସବୁ ଶୁଣି ନ ଶୁଣିଲା ପରିକା ଏତେବେଳଯାଏ ଚୁପ ହୋଇ ବସିଥିଲା । ମନେ ମନେ ନରି ପଲେଇ ଉପରେ ଚିଡ଼ି-ଯାଉଥାଏ । ଶଙ୍କର ବାବୁଙ୍କ ଠାରୁ ନରି ପଲେଇ କଣ ବେଶି ଜାଣିବାର ? ସେ ଆମ ଗାଁଙ୍କ ଉନ୍ନତି ପାଇଁ ଏତେ ଖଟୁଛନ୍ତି ।

ସଗରେ ମୁହଁ ଫଣ ଫଣ କରି ନରି ପଲେଇ ମୁହଁକୁ ଚାହିଁ କହିଲା, ଅଚ୍ଛା କହିଲ ନରି ବାବୁ ! ତମେ ଗୋଟାଏ ଅଧାବୁଢ଼ାଟିଏ ହେଲଣି ସଭା ମଝିରେ ପାଞ୍ଚଜଣଙ୍କ ପାଖରେ ବସି ଏମିତିକା ଅଶ୍ଳୀଳ କଥା କହନ୍ତି ? ନିଜ ବୟସ ଓ ଅବସ୍ଥା ଉପରେ ନିର୍ଭର

କରିଥିବା ଆଦର୍ଶବାଦୀ ମଣିଷର ଅତି ମହତ ମୂଲ୍ୟବାନ ଆତ୍ମ ତ୍ୟାଗରୁ ଉନ୍ନତ ଜାତୀୟତା ବିକାଶ ହୋଇଥାଏ ।

ମିନାକ୍ଷୀ ମାଷ୍ଟ୍ରାଣୀ ଉଠିଲେ କହିବାକୁ । ବେକରେ ନାଇ ଥିବା ସୁନାହାର ଝଟକି ଉଠୁଥାଏ । ସେ ପିନ୍ଧିଛନ୍ତି ବେଢ଼େ ସୁନ୍ଦର ଦାମିକା ଶାଢ଼ୀ ।

ଏ ସ୍କୁଲରେ ଶିକ୍ଷୟିତ୍ରୀ କାମ କରିବା ମିନାକ୍ଷୀ ଦେବୀଙ୍କର ବରଷେ ପୂରି ଗଲାଣି । ଏଠାକାର ପ୍ରାୟ ସବୁ ଲୋକ ତାଙ୍କୁ ଚିହ୍ନିଲେଣି । ଭଲ ପାଆନ୍ତି । ଧୀର ପ୍ରକୃତି କୋମଳ କଥା । ଯେଉଁ ଦାୟିତ୍ୱ ସେ ମୁଣ୍ଡେଇଛନ୍ତି ତୁଲାଇବାକୁ ପଡ଼ିବ । ନିଜ ଆତ୍ମ ମର୍ଯ୍ୟାଦାର ଆଦର୍ଶ ରକ୍ଷା କର୍ତ୍ତବ୍ୟ କରି ଜୀବନରେ ବଞ୍ଚି ରହିବା ପାଇଁ ପ୍ରତ୍ୟେକ ମଣିଷର ଗୋଟାଏ ଅବଲମ୍ବନ ଲୋଡ଼ା । ଦୁନିଆଁରେ ଅନ୍ୟର ସାହାଯ୍ୟ ସହାନୁଭୂତି ବିନା ମଣିଷ ତିଷ୍ଠି ପାରିବ ନାହିଁ । ମିନାକ୍ଷୀ ମାଷ୍ଟ୍ରାଣୀ ଅନ୍ତର ଖୋଲି କହିଲେ, ଶଙ୍କର ବାବୁଙ୍କ ବିବେଚିତ ପ୍ରସ୍ତାବରେ ମୁଁ ଏକ ମତ । ଯେଉଁ ମାନେ ମୂର୍ଖାମିରେ ପର ନିନ୍ଦା କରନ୍ତି ଯେ ଯାହା କହି ପ୍ରବର୍ତ୍ତାଇ ଦେଉଚି ଭଲ ମନ୍ଦ ନ ବୁଝି ଉତ୍ତେଜନାରେ ମାତି ଯାଉଛନ୍ତି । ଏହା ଜାତୀୟ କଲ୍ୟାଣ ପକ୍ଷେ ମଙ୍ଗଳ ନୁହେଁ । ଯେଉଁମାନେ ଚିନ୍ତାଶୀଳ ବ୍ୟକ୍ତି, ଦେଶ ଓ ଦଶର କଥା ଚିନ୍ତା କରନ୍ତି—ଜନ ମଙ୍ଗଳ ପାଇଁ ଜୀବନ ଉତ୍ସର୍ଗ କରନ୍ତି, ସେଇମାନେ ହେଉଛନ୍ତି ଜାତିର ଆଦର୍ଶବାଦୀ ପଥର ଅଗ୍ରଣୀ ଲୋକ ।

ଏଇ ଲାଇବ୍ରେରୀ ଓ ନୈଶ ପାଠଶାଳା ସର୍ବସାଧାରଣଙ୍କର କହିଲେ ଆପଣମାନଙ୍କର । ତମେ ରୋଜଗାର କରୁଛ ବୋଲି ପଇସାକୁ ଅପବ୍ୟୟ କରନି । ତମ ମାନଙ୍କର ଦେହ ମେହନତ ଝାଳ ବୁହା ପଇସା । ତମ ମାନଙ୍କ ଠାରୁ ଚାନ୍ଦା ସଂଗ୍ରହ ହୋଇଥିବା ଅର୍ଥ, ଜାତୀୟ ସେବାରେହିଁ ବ୍ୟୟିତ ହେଉଛି ।

ଏ ଅନୁଷ୍ଠାନର କାର୍ଯ୍ୟ କର୍ମ ତୁମ୍ଭେମାନେ ସ୍ଥିର କର । ଏହାର ଉନ୍ନତ ଅବନତ ତୁମମାନଙ୍କ ଉପରେ ନିର୍ଭର କରୁଛି । ମହାମାନର ମହାତ୍ମା ଗାନ୍ଧି ସତ୍ୟ ଅହିଂସା ଓ କ୍ଷମାର ପ୍ରଚାର କରୁଥିଲେ । ନିରକ୍ଷର ଅଧାରଗ ଅକ୍ଷମ ଦୁଃଖୀ ନିର୍ଯ୍ୟାତିତଙ୍କ ସେବା ମାନବ ଧର୍ମ ଏହା ଆଦର୍ଶ ସେବା ବୋଲି ସେ କହି ଯାଇଛନ୍ତି । ପ୍ରତ୍ୟେକ କାମରେ ଧୈର୍ଯ୍ୟ, ପ୍ରତୀକ୍ଷାର ପ୍ରୟୋଜନ । ଆଉ କେତେ ଦିନ ଆମ ଭାଇମାନେ ମୂର୍ଖ ହୋଇ ରହିଥିବେ ? ଆମ ଜାତିକୁ ଯେଉଁମାନେ ଦ ଆଖିରେ ଦେଖି ପାରନ୍ତି ନାହିଁ ଓ ଆମର ଅରଜନ ଖାଇ ଆମକୁ ହୀନ ବୋଲି ଭାବନ୍ତି, ସେଇମାନେ ଆମ ଜାତୀୟ ଶାସନ ମୁଣ୍ଡ ଉପରେ ବସିଛନ୍ତି । ପାଠ ଶାଠ ଯେତେଦିନ ଯାଏ ନ ପଢି ଆମେ ଆମ ଘର ସମ୍ଭାଳିଲା ଭଳି ଜ୍ଞାନ ନ କମେଇବା ସେତେଦିନ ମାର ନେଉଥିବେ ମହାପାତ୍ରେ. ଆମେ ଜଳକାଙ୍କ ପର ଗୁହ୍ନ ବହୁଥିବା ।

ଆମେ ଆମର ଏଠାକାର ଲୋକଙ୍କୁ ଉନ୍ନତ ଶିକ୍ଷିତ ମଣିଷ କରି ଗଢିବାକୁ ଯାଉଛୁ । ନିରକ୍ଷରତା ଦୂର କରି ପାରିଲେ ଆମ କାମ ସାର୍ଥକ ହୋଇଚି ବୋଲି ଭାବିବୁ । ମୂର୍ଖ ଦୋଷରୁ କୁସଂସ୍କାର ଲୋକ ଭିତରେ ବଢୁଛି । ବିଦ୍ୱାନ ବୁଦ୍ଧିଆ ସୁବିଧାବାଦୀମାନେ ଆମର ଦେଶରୁ ଲାଭ ଉଠାଇ ନେଉଛନ୍ତି । ଆମ ଜାତୀୟ ମାନଦଣ୍ଡ ଭାଙ୍ଗି ପଡୁଛି । ନିଜ ନିଜ ଭିତରେ କଳହ ସୃଷ୍ଟି କରି ନିଜ ଜାତିର ଭବିଷ୍ୟତକୁ ପୋଡି ପାଉଁଶ କରନ୍ତୁନି । ଜ୍ଞାନ ଅର୍ଜନ କରି ଦେଶର ଶିକ୍ଷା ଶିଳ୍ପ ବାଣିଜ୍ୟ ଉନ୍ନତି ପାଇଁ ଜାତୀୟ ସଂଗଠନରେ ଲାଗି ପଡନ୍ତୁ । ଓଡ଼ିଆ ନିଜକୁ ଚିହ୍ନ । ଦେଶର ସମ୍ମାନ ବଞ୍ଚାଇ ରଖିବାକୁ ଶିଖନ୍ତୁ । ଯେଉଁ ଜାତିର ରକ୍ତରେ ଆମର ଜନ୍ମ, ସେ ଜାତି ପ୍ରତି ଆମର କର୍ତ୍ତବ୍ୟ ବହୁଛି । ଉଦେଶ ଓ ମାତୃଭାଷା ପ୍ରତି ଆମର କର୍ତ୍ତବ୍ୟ ଜ୍ଞାନ ରହିବା ଉଚିତ । ପ୍ରବାସରେ ଏଇ ଅନୁଷ୍ଠାନର ଉନ୍ନତି କଲ୍ପେ ଆପଣମାନଙ୍କ ସହଯୋଗ ଓ ସହାନୁଭୂତି କାମନା କରୁଛୁ ।

ମୁହୁର୍ମୁହୁଃ କରତାଳି ଦ୍ୱାରା ସମସ୍ତେ ସମର୍ଥନ ଜଣାଇଲେ ଅଙ୍ଗକାର ବୈଠକ ଏତିକିରେ ଶେଷ କରାଗଲା । ରଜନୀ କହିଲା, ଆପଣମାନଙ୍କ ସମବେତ ଚେଷ୍ଟାରେ ଅନୁଷ୍ଠାନଟି ଭଲ ଭାବରେ ଚାଲିବ ମୋର ବିଶ୍ୱାସ । ମିନାକ୍ଷୀ ମାଷ୍ଟ୍ରାଣୀଙ୍କ ଆଲୋଚନା ସମାଲୋଚନା ତାକୁ ଶୁଣିବା ପାଇଁ ଭାରି କୌତୁକ ଲାଗେ । ସେ ଉତ୍ସାହିତ ହୋଇ ହସି ହସି ପଦାକୁ ଆସିଲା । ରଜନୀ ପଦାକୁ ବାହାରି ଆସି ଶୁଣିଲା, ନର ପଲେଇ ଗୁରୁ ପାଞ୍ଚଜଣଙ୍କ ମଝିରେ ଠିଆ ହୋଇ କହୁଛି, ମିନାକ୍ଷୀ ମାଷ୍ଟ୍ରାଣୀ; ଦେଖିବାକୁ ଉତ୍ତମ ସୁନ୍ଦର ମାଇପିଟାଏ । ତା ରୂପରେ ଛଇ ଛଟକ ଅଛି ।

ବୈଲୋଚନ ଅକଟ କରି କହିଲା—ଏତେ ଲୋକଙ୍କ ମଝିରେ ଏତେ ବଡ ନାକରା କଥା କିମିତି କହୁଛ ? ଏମିତି କେହି କାହାକୁ କହନ୍ତି ?

ନର ପଲେଇ ବେଖାତିରିଆ ହୋଇ ହସି କହିଲା, କାହିଁକି କହନ୍ତି ନି—କାହିଁକି ଏକଥା କଣ ସତ ନୁହେଁ ? ହଇହେ ! ରଜନୀ ମାଷ୍ଟ୍ରେ ! ମାଷ୍ଟ୍ରାଣୀଟିତ ହେଲେଣି ଏବେ କଣ ବାହାଘର ହେବ ?

ରଜନୀ କହୁଛି, କଅଣ ଆଉ ବାହାଘର ହେବ ହେ ? ଫଟା ମାଟି ହାଣ୍ଡିରେ ମାଟି ଲେପିବା କଥା । ବୟସ ଥିଲା ବେଳେ ଯେତେବେଳେ ହୋଇ ନାହିଁ । ଆଉ ଏତେବେଳେ ପୋଡ଼ିଗଲା ଭିଅଣର ସୁଆଦ ଖୋଜିଲେ ଆସିବ କୁଆଡୁ ?

ଶୁଣିବା ଲୋକ ତା କଥାର ଢଙ୍ଗରୁ ବୁଝିଲେ ମିନାକ୍ଷୀ ମାଷ୍ଟ୍ରାଣୀକୁ ବାହା ହେବାକୁ ସେ ଏକବାରେ ଅମଙ୍ଗ ନୁହେଁ । ପୁଣି ପର ନର ପଲେଇ କହିଲା ହଉ ଦେନେନା ଦେନେ ଭିତରିଆ ଖବର ପଦାରେ ପଡ଼ିବ ଯେ ? ତମେ ଯେତେବେଳେ କର୍ମୀ, ସହକର୍ମୀଣୀଟିଏ ତ ମିଳି ଯାଇଛି । ଅବେ ୪ପଦ ବାରୁଣୀ ଯୋଗ ହାତ

ପାଖରେ ପାଇ ଛାଡ଼ିବ ନାହିଁକି ? ଆମ ଦେଶର ଲୋକ ହୋଇ ତମେ ବାହା ହେବାକୁ କମିତ ଅମଙ୍ଗ ହେଉଚ ?" ମରଦପୁଅର ଏହାଠୁଁ ବଳି ନିନ୍ଦା କଥା ଆଉ ଅଛି ?

ପାଞ୍ଚ ଅଙ୍ଗୁଠିରେ ମୁଦିଟା ଜଳା ଲୋ ଗଳାରେ ପଦକ ହାର ।
ଝିଅ; ଟୋକିଁ ତୁହେଁ ଏକ ମନ ହେଲେ ଘଡ଼ିକରେ ବାହାଘର ॥

ସମସ୍ତେ ଖେଁ ଖେଁ ହୋଇ ହସି ଉଠିଲେ । ମିନାକ୍ଷୀ ସମସ୍ତ ଶୁଣି ନ ଶୁଣିଲା ପରି ଛଳନା କରି ତୁନି ରହିଲା । ବାଆଁରେଇ ହୋଇ ଅନ୍ୟ ଆଡ଼େ ଚାଲିଗଲା । ଶୁଖିଲା ମୁହଁ ଆହୁରି ଶୁଖିଗଲା । ଅଭଦ୍ର ଗୁଣ୍ଡାଙ୍କର ବ୍ୟଙ୍ଗ ଭାଷା, ଖଲ ଲୋକଙ୍କର ଖଲ କଥାଶୁଣି ସେମାନଙ୍କ ମୁହଁ ପ୍ରତି ଚାହିଁବାକୁ ସଙ୍କୋଚ ଲାଗିଲା ।

ପାର୍ବତୀର ମନର ସବୁଠି ବାହୁନି ଉଠୁଛି । ଦାରିଦ୍ର ଓ ଘରର ଅଭାବ ବଡ଼ ପୀଡ଼ା ଦେଲାଣି । ଦେହରେ ଯେଉଁ ସୁନା ଗହଣା କେଇ ଖଣ୍ଡ ଥିଲା ତାହା ବନ୍ଧା ପଡ଼ିଲା ଯେ ଆଉ ମୁକୁଳି ପାରିଲା ନାହିଁ । ପାର୍ବତୀକୁ ଅଠଦିନ ହେଲା ଜର ହେଉଚି । କାମ ପାଇଟି କରିବାକୁ ହାତ ଗୋଡ଼ ଚଳୁନାହିଁ । ତାର ମନ ଭିତରେ ଅଝି ଦୁଇଟା ଏ କଥା ସେ କଥା ବୁଲୁଛି । ମନଟା ଘାଣ୍ଟି ହୁଏ ଶଙ୍କର ଲାଗି । ସେ ଯେପରି ଆପଣା କୋଠି ନିଧି ହରେଇଛି । ଶଙ୍କର ଚିନ୍ତାରେ ତା ଦେହରେ କେବଳ କେଇଟି କଣ୍ଟା ସାର ହୋଇ

ବହିଲଣି । ପ୍ରାଣ ଧାଉଁଛି ତାଙ୍କର ଅଡ଼େ । ଯାହାଙ୍କ ପାଇଁ ଛାତି ଭିତରେ ଧୁ, ଧୁ ହୋଇ ନିଆଁ ଜଳୁଛି, ଦିନେ ନା ଦିନେ ସେ ଘରକୁ ଆସିବେ । ଦୁଇ ଦିନ ଆଗରୁ ନୋହିଲେ ଦୁଇଦିନ ପରେ ତାଙ୍କ ସଙ୍ଗରେ ଦେଖା ହେବ । ତାଙ୍କୁ ନ ଦେଖି ମୋ ମିଳନଲୋଭୀ ମନଟା ପାଗଳ ହୋଇ ଉଠୁଛି । ମୁଁ ତୃଷିତ ସେ ଜଳଧର । ମୁଁ ଚକୋରୀ ସେ ଚନ୍ଦ୍ର । ପ୍ରେମରେ ଯେତେବେଳେ ପ୍ରାଣଟା ମତୁଆଲା ହୋଇ ଉଠେ, ଦେହ ସାରା ଶିହରଣରେ ପୁଲକିତ ହୁଏ । ପ୍ରାଣ ଯେତେବେଳେ ଚାହେଁ ପ୍ରେମିକର ଅବିରନ୍ତ ପ୍ରେମୋଚ୍ଛ୍ୱାସ ଉପଭୋଗ କରିବ ସେତେବେଳେ ଯୁବତୀ ଷୋଳବର୍ଷୀ ଅମର ଗାଁ ବୋହୂର ଗେରସ୍ତ ଯାଇ ବିଦେଶରେ ଅଛନ୍ତି । ତାଙ୍କ ପାଖକୁ ଯିବା ପାଇଁ କେତେବ କେମିତି ମନେ ହୁଏ । ତା ମନ ଡାକେ, ହାଏ ! ଗାଁକୁ ଅଧମ ! ମୁଁ ପରା ତମ ବାଟକୁ ଅନେଇଁ ବସିଛି । ପାର୍ବତୀର ମୋଟା ଦେହ କ୍ଷୀଣ ହୋଇଗଲା, କି ସୁନ୍ଦର ଶୋଭାକାର ରୂପ ଝଣ ହେଲାଣି । ଓଠରେ ନାହିଁ ହସ, ଚାହାଣିରେ ନାହିଁ ଆଗ୍ରହ । ବଡ ବିରସ ଦିଶୁଛି ମୁହଁ । ମଳିନ ମନରେ କହୁଚି, ତମେ ମୋ ହୃଦୟ ଦେବତା ହୋଇ ମୋ ହୃଦୟର କଥା କଅଣ ତୁମେ ଜାଣିନା ?

ନେତ୍ରମଣି ଦେବୀ ଦୁଆର ମୁହଁରେ ଅଟକା ହୋଇ ଆସି ବସି ବୋହୂକୁ ପାଖକୁ ଡାକି ମୁଣ୍ଡ କୁଣ୍ଡେଇଁ ଦେଇ କେଉଁ ଯତ୍ନରେ ମୁଣ୍ଡ ବାନ୍ଧି ଦେଉଛନ୍ତି । ଅଜଣାତରେ ମନର ଭାବ ଗୁଡ଼ି ଭଲେ ଗୋଟେଇ ପୋଟେଇ ହେଉଛି । ମୁଁ ତାଙ୍କୁ ବିଦେଶ ଯିବାକୁ କହୁ ନାହିଁ । ତା ପାଖରୁ କିଛି ଲୋଡ଼ୁ ନାହିଁ । ମୁଁ ଲୋଡ଼େ ପୁଅକୁ, ସେଇ ମୋର ପ୍ରାଣର ଧନ ଦଉଲତ ।

ମନ କାନ୍ଦି ଉଠିଲା, କେଶ ବେଣୀ ପକେଇ ବିକଳ ହୋଇ କହିଲେ—ଅଲୋ ବୋହୂ ! ଅନନ୍ତା ସାହୁ ଦୋକାନୀର ସାତଟଙ୍କା ଛ ଅଣା ପଇସା ବାକୀ ହେଲାଣି । କଣା ପଇସାଟାଏ ବି ଘରେ

ନାହିଁ । ଯେବେ ଦେଖା ହେଲେ ବାକି ପଇସା ତକି ମାଗୁଛି, କଣି ଅଉ ଉପାୟ ହେବ ? ଶଙ୍କରର ଏପରି ନିର୍ଦ୍ଦୟ ବ୍ୟବହାର ଆଉ ମୋର ଏ ଛାତି ସହୁ ନାହିଁ । ମରିଗଲେ ବରଂ ଭଲ ହୁଅନ୍ତା । ବାରି ହଇରାଣ ହନ୍ତସନ୍ତ ଜୀବନ ଭଲ ଲାଗୁନାହିଁ । ସେ ଘର ଅଭାବ କଥା ମନରେ ଚିନ୍ତା କଲା ନାହିଁ । ଅନ୍ତପାଣ୍ଡି ଜନମ ଦେଇଛି ବୋଲି ସିନା ମନଟା ଅଧୀର ହୁଏ । ଦଧୁଆ ସ୍ୱାଇଁ ଗାଁକୁ ଆସିଛି ସେ ମୋତେ ଦିନେ ଡାକି କରି କହିଲା—ଶଙ୍କର କେଉଁଠି ଘରକୁ ଆସିବ ନାହିଁ । କାରଖାନାରେ ଯେଉଁ ଆନ୍ଦୋଳନ ଚାଲିଛି ସେ ସେଥିରେ କେଉଁଠି ଅଗୁଆ ହୋଇ ବାହାରିଛି । କି କାରଖାନା ବାବୁ ଭୟା, ସରକାରୀ ପୋଲିସ ତାହାକୁ ସେ ଖାତିର କରୁ ନାହିଁ । ନିଜେ ଦେହମେହନତ କରି ରୋଜଗାର ପଇସାରେ ସେଠି କେଉଁଠି ଗୋଟାଏ ସ୍କୁଲ କରି ମାଷ୍ଟ୍ରାଣୀଟିଏ ଆଣି ବସେଇଛି । ସେଠାରେ ଅଉ କିଏ ମରଦ ପୁଅ ଅଛି ନା ଏଇ ଏକା ? ପରଦେଶକୁ ଦୁଃଖ କରିବାକୁ ଯାଇ ଏପରିକା ପରଙ୍କ କଥାରେ ପଡ଼ି ଉଦ୍‌ଭାଯ୍ୟା ହୋଇ ମାତିବା ଦରକାର କଣ ? ଯେତେ ସବୁ ମିଲ ମୁଣ୍ଡିଆ ଅପାଧିକୁ ସାଧି କରୁଛନ୍ତି । ଅତ୍ୟାଚାର ନିର୍ଯ୍ୟାତନାରେ ସଢ଼ୁଛନ୍ତି ମରୁଛନ୍ତି । ନାଁ କରୁଛନ୍ତି କୁହାଳିଆ ନେତାଏ । ଏ ସବୁ ଷଡ୍ୟାନ ବୁଦ୍ଧିଆଲୋକଙ୍କର ମିଲ ମୁଣ୍ଡିଆଙ୍କୁ ଶାସନ କରିବାର ଫିକର । ବର୍ତ୍ତମାନ ଯେତେ ଜଣ ନେତାପରି କାମକରୁଛନ୍ତି ସେମାନଙ୍କ ଅସ୍ତୁର ବ୍ୟବହାରରୁ ବୁଝାଯାଏ ଯାହା ସମସ୍ତ କରୁଛନ୍ତି ନାମ ପାଇଁ ଯଶ ବା କ୍ଷମତା ପାଇଁ । ତାହାର ଏଠେ ବଡ଼େଇ ଛାତିରେ ହାତଦେଇ କହି ପାରିବ, ମୁଁ ସ୍ୱାର୍ଥ ତ୍ୟାଗରେ ସର୍ବସାଧାରଣଙ୍କର କାମ କରୁଛି ।

ପାର୍ବତୀ ଦେହ ଝିମେଇଁ ଉଠିଲା । ଆଖିରେ ଛଳ ଛଳ ହେଲା ଲୁହ । ମୁହଁର ରେଙ୍ଗ ଫିଙ୍ଗିଲା ପଡ଼େ । କହିଲା, ତମେ ବୋଉ ଏଡ଼କି କପଟୀ । ଏତେ ଦିନ ଯାଏ ଏ କଥା ମୋ ପାଖେ କହିନ

ଛଡ଼େଇ ରଖିଥିଲି । ମୋତେ ଆଜି ତାଙ୍କ ଘର ଦୁଆର ଭଲ ଲାଗୁ ନାହିଁ । ମୁଁ ତାଙ୍କ ପାଖକୁ ଯିବି ତେବେ ଯାଇ ତାଙ୍କ ମନ ଫେରିବ । ସେ ଯାଇ ଘରକୁ ଲେଉଟିବେ । ତାଙ୍କ ଦୋଷ ଗୁଣ ଦେଖିଲେ ମୋତେ କଅଣ ମିଳିବ । ତୁଙ୍କି ମନରେ ତାଙ୍କୁ ଯାହା ଭଲ ଦିଶୁଛି ସେ ତାହା କରୁଛନ୍ତି । ମିଣିପଙ୍କ ପ୍ରକୃତି ପରି ମାଇପିଙ୍କର ଜାଣିହୁଏ ରୁପ ଚହଟ ଦେଖିଲେ ନୂଆ ପରି ଲାଗେ । ମନ ଟାଣି ହୋଇଯାଏ ତାଙ୍କର ଅଡ଼େ ।କିଛି ଧନ ପାଇଁ ନିଜର ପରିସ୍ଥିତିକୁ ଭୁଲି ଯାଆନ୍ତି । ଦୁନିଆଁର ମରଦ ଗୁଡ଼ାଙ୍କର ପ୍ରକୃତି ଏଇଆ ।

ଥକ୍କା ହୋଇ ଚନ୍ଦ୍ରମଣି ଦେବୀ ଚାହିଁଲେ ବୋହୂ ମୁହଁକୁ । ତାଙ୍କ ଆଖିରୁ ଲୁହ ଝରିଲା । ନିଜର ପୁଅ ଦୁର୍ଗୁଣ କଥା ଶୁଣିବାକୁ ଦୁଃଖ ଲାଗେ, ଲାଜମାଡ଼େ । ଯେଉଁ ପୁଅକୁ ନିଜ ଗର୍ଭରୁ ଜନ୍ମ ଦେଇଚି, ସେ ପୁଅ ପ୍ରତି ରାଗ ଦ୍ୱେଷ କରିବ କିଣ ପାଇଁ । ମନ ଦୁଃଖରେ ପାର୍ବତୀ ତା ସ୍ୱାମୀର କଥା ଭାବି ହେଉଚି—କିଏ ସେ ସେଇ ଭାଗ୍ୟବତୀ ମାଇପିଟା ଯେ ଆମ ତାଙ୍କର ଏଡ଼େ ଆପଣାର ଲୋକ ହେଲା । ଆଜି ମୁଁ ତାଙ୍କ ହାତ ଧରି ଅଗ୍ନି ସାକ୍ଷୀ ରଖି ବିବାହ କରିଥିଲି ମୁଁ ତାଙ୍କ ଘର ବୋହୂ ହୋଇ ମୁଁ ହେଲି ପର । ମୁଁ ତାଙ୍କୁ ବିଦେଶ ଭରି ନ ଯିବାକୁ ସଣି ନିୟମ ପକେଇ ବାରଣ କଲି ମୋ ମନା କାନକୁ ନେଲେ ନାହିଁ । ସେ ବିଦେଶରେ ରୋଜଗାର କରି ଟଙ୍କା ଘରକୁ ପଠାଇଲେ ଘର ସୁଖରେ ଚଳିବ ।

ଅକାଳେ ଗୋଦସ୍ତି କଲା ବେଉସା
ଲାଭ ଖାଇଗଲା ଚୁଟିଆ ମୂଷା ।

ସେଇପରିକା ଏ କଥା ହେଲା । ତାଙ୍କର ପରବାସ ରୋଜଗାର ସେତିକି ଥାଉ । ରଖି ଦେଇଥାଆନ୍ତୁ ତାଙ୍କର ଭଲ ଲୋକ ପଣିଆଁ । ଦୁଆସୁଣୀ ବୋହୂ ଘର କୋଣରୁ ଗୋଡ଼ କାଢ଼ି ବିଦେଶକୁ ଯାଉଛି ବୋଲି ଦେଖି ଶୁଣି ଅମର ଗାଁ ଲୋକମାନେ ଯାହା ଭାବିବେ ଭାବନ୍ତୁ

ଯେମିତକା ପାରେ ତାଙ୍କୁ ଯାଇ ଗାଁକୁ ଲେଉଟାଇ ଆଣିବ । ତାଙ୍କର ଟଙ୍କା ରୋଜଗାର ଏତିକି ହୋଇଥାଉ—ଗାଁକୁ ଆସିଲେ ଯାଇ ତାଙ୍କ ମୁରବୀ ପଣିଆ ଛାଡ଼ିଯିବ । ହୋଲ ଖାଇବ ମାଡ଼ ହାଣ୍ଡି ଖାଇବ କଉଡ଼ି । ଏତେ ଗୋଳମାଳରୁ ପର ଦେଶରେ ଆମକୁ କଣ ମିଳବ । ସେ ଘରେ ନ ଥିବାରୁ ତାର ଘର ଦୁଆର କେତେ ହତଶିରିଆ ଲାଗୁଛି । ଯାହା ଯେଉଁଠି ଥିଲା ସବୁ ସେଇ ପରିକା ଅଛି । ଏକା ସେ ସିନା ଏଠି ନାହାଁନ୍ତି । ତାର ମଞ୍ଚିରେ ନଡ଼ିଆ ଗଛ, ପାଚେରୀ କଡ଼କୁ ପିଜୁଳି ଗଛ. କମଳା ଗଛ । ସେ ଲଗେଇଥିବା ତାଙ୍କ ଗୋଲାପ ଗଛରେ ଫୁଲ ଫୁଟିଲଣି । ସମସ୍ତେ ଯେପରି ବିରସ ହୋଇ ତାଙ୍କରି ବାଟକୁ ଅନାଇ ରହିଛନ୍ତି । ସତେ ଯେପରି ସେମାନେ ମୋତେକି ପଚାରୁଛନ୍ତି—ହଇ ଲୋ ବୋହୂ ! ଶୁଣୁଛ ? ତମର ସ୍ୱାମୀ କାହାନ୍ତି ମ ? ତାହାଙ୍କ ଯେପରି ମନରେ ଚୋଟାଏ ଭସ୍ତ ଅଛେ । ତାଙ୍କର ଏପରି ବେଦନା କଣ ମୋର ମରଣର କାରଣ ହେବ । ପୂର୍ବ ଜନ୍ମରେ କି ପାପ କରିଥିଲି କେଜାଣି, ଯେଉଁ ମଣିଷ ମୋର ନିଜର ଥିଲେ—ଯାହାଙ୍କ ଉପରେ ମୋର ଏତେ ଆଶା ଥିଲା, ତାଙ୍କ ଭାବନାରେ ଖାଲି ଛଟ ପଟ ଦହଗଞ୍ଜିଆ ଜୀବନ ତାର ହଇରାଣ ହରକତ ହୋଇ ପେଟରେ ଓଦା କନା ଦେଇ ଆଉ କେତେ ଦିନ ମାନ ମହତ ଜଗି ଚୁପ୍ ହୋଇ ରହିବ ? ଅଉ ଦେହରେ କେଇଖଣ୍ଡ ଗହଣା ଅଛି, ବନ୍ଧା ଛନ୍ଦା ପକେଇ ତାଙ୍କ ପାଖକୁ ଯିବ । ପାର୍ବତୀ କାନ୍ଦ କାନ୍ଦ ହୋଇ ଶାଶୁଙ୍କୁ ତା'ର କହିଲା—ତାଙ୍କର ଦୋଷ ବାଛିଲେ କଣ ହେବ ? ସବୁ ମୋର ଭାଗ୍ୟର ଦୋଷ । ସେ କିମିତ ନିଶ୍ଚିନ୍ତ ହୋଇ ନିର୍ବୋଧଙ୍କ ପରି ବିଦେଶରେ ବସିଛନ୍ତି । ଘର କଥା କଣ କେଜାଣି ଭାବୁଛନ୍ତି ତାଙ୍କୁହିଁ ଜଣା ।

ନେଳମଣି ଦେବୀଙ୍କ ଛାତି ଅଗାଧ ଦୀର୍ଘ ନିଃଶ୍ୱାସ ଛୁଟିଲା । ବୋହୂ ଚୁପି କାନ୍ଦୁଣୀ ମାନ୍ଦୁଣୀ ହୋଇ କହିଲେ—

ମା'ର ସନ୍ତାନ ପ୍ରତି କେତେ ସ୍ନେହ ମମତା, ଯେଉଁ ମା ଦଶ ମାସ ଗର୍ଭ କଷ୍ଟ ଭୋଗ କରିଥିବ ସେ ଜାଣେ । ତାର ପୁଅ ତା ଆଖିର ମଣି, ଅଞ୍ଚଳର ନିଧି । ମା ପରଙ୍କା ପୁଅର ମର୍ମ ଆଉ କେହି ବୁଝିବେ ନାହିଁ ଲୋ ବୋହୂ ! ଯାହାକୁ ଦିନେ କୋଳରେ ବସେଇ ଗେହ୍ଲରେ ହୁଁଳ ହାତୀ ଗୀତ ଗାଇ ଖୁଆଇ ଦେଉଥିଲି, ଏଇ ଭୋକକ ଖାଇ ଦଏରେ ପୁଅ । ସେଇ ପୁଅ ମୋର ପୋଷିବା ଟେଣ୍ଡା ବୟସ ବେଳେ, ଏମିତିକା ଚଗଲ ବଗଲ ଢଙ୍ଗ ମୋତେ ଭଲ ଲାଗୁ ନାହିଁ, କାଲି ଚଳି ଗୁଣେ ମଣିଷ ଏ ପ୍ରକାର ହୁଏ, ଘର ଭିଙ୍କି କୁମ୍ଭୀର ପାଲଟେ । ଭଲ ବୟସ ରହିଲଣି ମୁଁ ଆଉ କେଉଁଠିକି ଯିବି ? ଗଲେ ମଶାଣିକି ଯିବି ଯିନା । ତମେ ବା ବୋହୂ ତା ପାଖକୁ ଗଲେ ତା ମନ ଫେରିବ । ଗାଁକୁ ସେ ନିଶ୍ଚୟ ଆସିବ ।

ସୂର୍ଯ୍ୟ ଦେବତା ସୁନା ଥାଳି ପଠ ପରି ପୂର୍ବ ଆକାଶରେ ଉଦୟ ହୋଇ ଆସୁଛନ୍ତି । କା-କା-କା ଡାକି କାଉପଲ୍ଲ ଫଡ଼ ଫଡ଼ ହୋଇ ଏ ଗଛ ସେ ଗଛ ପ୍ରତି ଘରେ ବୁଲି ସକାଳ ହେବାର ଶୁଭ ସମାଚାର ସମସ୍ତଙ୍କୁ ଜଣାଇ ଦେଉଛନ୍ତି । ମଙ୍ଗଳ ଗ୍ରହ ବୁଧ ପାହାନ୍ତିରେ ଅନୁକୂଳ କରି ବିଦେଶ ଯାଗାକୁ ପାର୍ବତୀ ଯିବ ବୋଲି ଭାହାବଟା । ଅପରିଚିତ ନୂଆ ଯାଗାକୁ ଜଣେ ଟିକା ପରିଚୟ ବିଶ୍ୱାସୀ ମଣିଷ ସାଙ୍ଗରେ ଯିବା ଭଲ । ସେଥିପାଇଁ ତା ସାଙ୍ଗରେ

ଯାଉଚି ସ୍ୱାଇଁ ଘର ଦଧିଆ । ମନ ଛକ ପକ ହେଉଚି ପର ମଣିଷଙ୍କ ଉପରେ ବିଶ୍ୱାସ କେତେ ? ଟିକେଟ କରି ପୁରୀ ଷ୍ଟେଶନରୁ ଗାଡିରେ ଉଠିଲେ । ଗାଡି ଛାଡିବା ସିଗନାଲ ଦେବା ସଙ୍ଗେ ସଙ୍ଗେ ଗାଡି ଇଞ୍ଜିନଟା ପୁରୀଠାରୁ ଉତ୍ତର ମୁହାଁ ହୋଇ ଭୁସ୍ ଭୁସ୍ ଶବ୍ଦକରି ଆଗକୁ ଦୌଡ଼ିଲା । ଡବା ଝରକା ଫାଙ୍କରେ ପାର୍ବତୀ ପଦାକୁ ଅନାଇଁଥାଏ । ମାଲତୀପୁର, ଚାରଙ୍ଗ, ସତ୍ୟବାଦୀ, ଖୋର୍ଦ୍ଧା, କଟକ, ଜଗତସିଂହପୁର ପ୍ରଭୃତି ଷ୍ଟେଶନ ଗୁଡ଼ିକ ଦେଖୁ ଦେଖୁ ଗାଡି ପାର ହୋଇ ଗଲା । ଆକାଶର ପୂର୍ବେଇ କୋଣରେ ବଡ କଳାବଉଦ ମେଘ ଖଣ୍ଡେ ଉଠେଇଛି । ପାର୍ବତୀ ମନ ଆକାଶ କଳାବଉଦ ତଳେ ବିଜୁଳି ଘଡଘଡି ଚମକ ଖେଳାଉଚି ଘର ଚିନ୍ତା । ଘମାଘୋଟିଆ କଳା ଧୁମର ମେଘ ଖଣ୍ଡକ ଏଇନେ ସତେକି କେତେଠି ଅସରା ପାଣି ବରଷି ଯିବ ।

ପାର୍ବତୀ ଭାବୁଛି ଆମର ସୁଖର ସଂସାରରେ କାହିଁକି ଅଶାନ୍ତିର ସୃଷ୍ଟି ହେଲା ? ପେଟକୁ ଦେହକୁ ନ ମିଳିବାରୁ ସିନା ଭାତ ପାଇଁ ଗାଁ ଗଣ୍ଡା ଦେଶ ଛାଡ଼ି ବେଶିଆ ମଣିଷ ଗୁଡ଼ା ବିଦେଶରେ ଯାଇ ପଶୁଛନ୍ତି ? ଯଦି ଗାଁ ମାନଙ୍କରେ ଗ୍ରାମ କମିଟି କରି ଗାଁ'ର ସମସ୍ତ ଜମି ଜୋଠ ଚାଷ କରି ବାର ଫସଲ ଫଳେଇ ପାରନ୍ତେ ଓ ଯେଉଁମାନେ ଅଧିକ ମେହନତ କରନ୍ତେ ସେମାନେ ଅଧିକ ଫସଲ ନିଅନ୍ତେ, ତେବେ କିଆଁ ଘର ଦୁଆର ଛାଡି ପରଦେଶରେ ପରଘରେ ଗୁଲାମି କରନ୍ତେ ? ପରବାସୀ ହୋଇ ସ୍ୱାମୀଙ୍କୁ ସବୁ କ'ଣ ବା ମିଳୁଛି ଏତେ ହଇରାଣରୁ ? ଯଦି ଏଇ ପରିକା ସବୁ ଲୋକଙ୍କର ହୃଦୟ ପରିବର୍ତ୍ତନ ହୁଏ, ତେବେ ଯାଇ ସମବାୟ ଚାଷରେ ଏ ସବୁ ସମସ୍ୟାର ସମାଧାନ ହୋଇ ପାରିବ ।

ପାର୍ବତୀ ବାହାରକୁ ମୁହଁ ଓହଲାଇ ରେଳ ରାସ୍ତା କଡ଼ ଜଙ୍ଗଲ ପାହାଡ଼ ଗୁଡ଼ାକ ଦେଖୁଥାଏ । ସ୍ୱାମୀ ଘର ଦଧିଆ, ଯାହାର ଭାଲ

କାଟିଲେ ବଚନ ବାହାରୁ ନଥିଲା, ସେ ଏବେ ପାଖରେ, ଅଡ ଅଡ ହୋଇ ତେଡରେଇ ଚାହିଁ ଓଠ ନେଫେଡ଼ି ହସି କହିଲା—ଏପରିକା ମୂର୍ଖ ଓହଲାଇ ବାହାରକୁ ଲଙ୍କି ମାର ନାହିଁ । ତମେ ସ୍ଥିର ହୋଇ ବସ ନୁଅଇ ! ଗାଡ଼ି ଚାଲିଲା ବେଳେ ଟିକଏ ସାବଧାନ ହୁଅ ।

ତାର ଏପରି ସ୍ନେହପୂର୍ଣ୍ଣ କଥାରେ ପାର୍ବତୀକୁ ଟିକଏ ସରମ ଲାଗିଲା । ସେ କିଛି ନ କହି ସାବଧାନ ହୋଇ ବସି ରହିଲା । ଦଧିଆ ପାର୍ବତୀ ପାଖରେ ବସିବାକୁ ଇଚ୍ଛା କରୁଥାଏ । ତା ମନ ମଧ୍ୟରେ ମାୟା ମରିଚିକାର ତୃଷ୍ଣା ନିବାରଣ ପାଇଁ ମନଛଳା ଭେଳିକି, ଯେଉଁ ମତଲବରେ ସେ ପାଖରେ ବସିବାକୁ ପ୍ରୟାସ କରୁଛି, ସେ କଥା ମୁହଁରେ କହୁ ବା ନ କହୁ, ତାର ଲୋଲୁପ ଚାହାଣିର ଉଦ୍ଦେଶ୍ୟ ତା ଦେହରେ ଯୌନ ଆକର୍ଷଣର ଉତ୍ତେଜନା ଖେଳାଇବା ।

ଦଧିଆ ଉପର ମନରେ ସ୍ନେହ ଆଦର ଦେଖେଇ ବାର ବାର ପାର୍ବତୀ ମୁହଁକୁ ଚାହିଁ ମୁରୁକି ହସା ମାରୁଥାଏ । ପାର୍ବତୀ ଦେହକୁ ଦେହ ଲଗେଇ ବସିଛି ବୋଲି ମନ ଆନନ୍ଦରେ ଦଧିଆ ଗର୍ବରେ ଫୁଲି ଉଠୁଥାଏ । ଅସ୍ତେ ଅସ୍ତେ ଘୁଞ୍ଚି ଘୁଞ୍ଚିକା ଆସି ଦେହରେ ଦେହକୁ ସାଣ୍ଟି ବସିଲାଣି । ତାହାର ଏପରିକା ବ୍ୟବହାରର ନିଗୂଢ଼ ଅର୍ଥ ହେଉଚି—ଯୌନ ସମ୍ଭୋଗର ନୀରବ ନିମନ୍ତ୍ରଣ ।

ସେ ମଣିଷଙ୍କ ପାଇଁ ଘରୁ ଗୋଡ଼ କାଢ଼ି ପଦାକୁ ବାହାରିଚି ବୋଲି ସିନା, ଛର ଏ ମେଣ୍ଢା ଟୋକାଟାର ମୋ ପ୍ରତି ଏମିତିକା ବେଏଡ଼ା ବ୍ୟବହାର । ଉପର ପାପ ଦେଖୁ ସିନା ଦେଖି ପାରିବେ ନାହିଁ ସେଣ୍ଟଅଁରେ ନାକେକଲି ପୋଡ଼ି ମରି ଯିବ । ଯାହାକୁ ଭରସା କରି ବିଶ୍ୱାସରେ ସାଙ୍ଗ ହୋଇ ଆସିଥିଲି, ସେ ମୋହର ମହାଳମସିଆ ଦେହ ଉପରେ ଲୋଭିଲା ଆଖି ପକାଉଛନ୍ତି । ଯେଉଁମାନେ ହେଉଛନ୍ତି ସୁବିଧାବାଦୀ ଲମ୍ପଟ ସେମାନଙ୍କର ଏପରିକା ବଦ୍‌ଖୋଇ । ସ୍ୱାଇଁଘର ଟୋକାଟାର ସୁହାଣି

ଇଙ୍ଗିତ ପାର୍ବତୀକୁ ବଡ଼ ଖରାପ ଲାଗୁଥାଏ । ଦଧୂଅ ଯେତେବେଳେ ପାର୍ବତୀର ହାତ ଧରି ପକେଇଲା ସେତେବେଳେ ତା ଦେହ ସାରା ଯେପରି କଣ୍ଟା ଉଠିଗଲା । ବିରକ୍ତ ହୋଇ ଘୃଣାରେ ହାତ ଝିଙ୍କାଡ଼ି କହିଲା—ହାତ ଛାଡ଼ ମ !" ପାର୍ବତୀ ଚିନ୍ତା କଲା ଏତେବେଳେ ଦଧୂଅ ଉପରେ ସବୁ କ୍ଷ ରୋଷ କଲେ—ଯେଉଁ କାମ ପାଇଁ ଘରୁ ବାହାରିଚି ସେ କାମ ସମସ୍ତ ଭଣ୍ଡୁର ହୋଇଯିବ । ଏଠି ଯଦି ସିମି-ତଙ୍କୁ କିଛି କହିବା ଭଲ ଉପାୟ ଥାଆନ୍ତା, ଏଇକ୍ଷଣି ତା ମଉଅଲ ଗିରିଟା ଛଡ଼େଇ ଦେଇ ଥାଆନ୍ତି । ପର ସ୍ତ୍ରୀର ଅମ୍ଭମର୍ଯ୍ୟାଦା ହାନି କରିବାର ପରିଭବ ପାଇଥାଆନ୍ତା । ଦଧୂଅର ବଡ ପଣ ରହୁ ।

କେତେକ ଚରିତ୍ରହୀନା ସହରିଆଣୀ ବଜାରୁଣୀମାନଙ୍କ ପରି ଆମର ଗାଁ ବୋହୂମାନେ ନୁହନ୍ତି । ସେମାନଙ୍କର ବେଶଭୂଷାକର ଓଠରେ ଲିପଷ୍ଟିକ ଆଉ ଗାଲରେ ପାଉଡ଼ର ସଙ୍ଗେ ରୁଜ ବୋଲି ହୋଇ ଯେପରି ଚିନା କଣେଇ ସଜ କଲା ପରି ଦେହକୁ ସଜେଇଥାନ୍ତି ଆଉ ପରିପାଟି କରି । କିନ୍ତୁ ଆମର ଗାଁର ବୋହୂମାନେ ମୋଟାସୋଟା ପିନ୍ଧି ଦେହର ଲଜ୍ଜା ନିବାରଣ କରନ୍ତି । ଯାହାଙ୍କର ପଖାଳ ନେଉଟିଆ ଶାଗ ଖରଡ଼ା ଖାଇ ଦିନ କଟେ—ସେଇମାନେ ଜୀବନ ଠାରୁ ନାରୀର ସତୀତ୍ୱକୁ ଅଧିକ ମନେ କରନ୍ତି । ଏପରି ବେଶରମ ପାଶ୍ଚାତ୍ୟ ଢଙ୍ଗ ଶିଖିବେ କୁଆଡୁ ? ଗାଡିଆସି ଖଡ଼ଗପୁର ଷ୍ଟେଶନରେ ଠିଆ ହେଲା । ପାର୍ବତୀ କାବା ହୋଇ ମୁହଁ ଶୁଖିଲା କରି ବସି ଭାବୁଥାଏ— କାହା ଘରର ବୋହୂ ହୋଇ ଏ ବଦମାସିଆ ଲୋକଟା ସାଙ୍ଗରେ କାହିଁକି ଆଇଲି ? ଏ ଅଲଜୁକ ନିଲଠାଟାକୁ ମୁଁ କ'ଣ ବା କହିବି ? ଦୁନିଆରେ ପୁଣି ଏମିତି ବେହିଆ ଓବସ ଲୋକ ଅଛନ୍ତି । ମନକୁ ଦମ୍ଭ କରି ସେ ଡବାର ଚାରିଆଡ଼େ ଥରେ ଆଖି ବୁଲେଇ ନେଲା । ଯେଉଁ ଅଠ ଦଶ ଜଣ ବସିଛନ୍ତି ସମସ୍ତଙ୍କ ଦୃଷ୍ଟି ତାଆରି ଉପରେ । ସେଗୁଡ଼ାକର ମୁହଁରେ ମଉଅଳିଆ ମାଦକତା ଭରି ଢେଏଡ଼ା ଢଙ୍ଗର

ଗୁହାଣି ଦେଖି ପାର୍ବତୀର ହାତ ଜଳିଲା । ଭୟ ଲାଗିଲା ବଡ଼େଇ ଯାଗା କେତେବେଳେ କ'ଣ ଦୁର୍ଘଟଣା ଘଟିପାରେ । ମନେ ମନେ ପରମେଶ୍ୱରଙ୍କୁ ଡାକୁଥାଏ । ଭଗବାନ ତମେ ଏ ଅରକ୍ଷିତାଅଣିକ ଭରସା ହୋଇଥାଏ ।

ଦଧିଆ ଉପରେ ଭାର ସଗହେଲା । ଲାଜରେ ଭୁଜି ଭୁଜି କହି କହିଲା—ତମକୁ ସାହସ ଭରସା କରି ପରବାସକୁ ଆଇଥା, ତମେ ପୁଣି ଏପରି କ୍ରନକରରେ ମୋତେ ଦେଖୁଛ । ପର ସ୍ତ୍ରୀଙ୍କ ଉପରେ ଲୋଭ କରିବା ହେଉଛି ଅ ମଣିଷର ସ୍ୱଭାବ । ସାଙ୍ଗରେ ଅଣି ଅଧବାଟରେ କଣ ପାଇଁ ମୋତେ ଜଳେଇ ପୋଡେଇ ମାରୁଛ—ତମେ ବଡ଼ ଚଟଲା ହେଲଣି ।

ଦଧିଆ ସ୍ତ୍ରୀଙ୍କର ସେଇ ଗୋଟାଏ କଥା ମନ ଭିତରେ ଚକଟି ମନ୍ଥି ହେଉଛି । ମନର ଉତ୍ତେଜନାରେ ମଣିଷର ବୁଦ୍ଧି ବୃତ୍ତି ଲୋପ ପାଇଯାଏ—କିନ୍ତୁ ସମସ୍ତ ଯାଏ ଦଧିଆ ଗମ୍ଭୀର ହୋଇ ବସିବା ପରେ, ସେ କଣ ଭାବିଲା କେଜାଣି କୁଟୀଳ ହସ ହସି କହିଲା, ଟିକିଏ ଥଟ୍ଟା କରି କହୁଥିଲି ନା, ନୂଆବୋଉ ! ଏକ ସାମାନ୍ୟ କଥାକୁ ମନରେ ଅବଗୁଣ ପାଇ ତମେ ମୋ ଉପରେ ଚିଡୁଛ ? ପାର୍ବତୀ ପ୍ରତିବାଦ ନ କରି ତା କଥାକୁ ସତ ବୋଲି ମାନି ନେଲା—ଲାଜରେ ଟିକିଏ ଶଙ୍କିଯାଇ ସାବୁଚି ନିଜ ଇଜ୍ଜତ ନିଜ ହାତରେ । କିଏ କାହା ଉପରେ ଜୋର କରି କାଢିନେଇ ପାରିବ ନାହିଁ । ତାଙ୍କ ପ୍ରତି ସନ୍ଦେହ କରିବ କାହିଁକି ? ସେ କଥାରୁ ମୋତେ କଅଣ ମିଳିବ । ଧୈର୍ଯ୍ୟ ଧରି ଧୀର ସ୍ଥିର ଉଦ୍ୟମରେ ଯେ ନିଜ କାମ କରିଇ ନେଇପାରେ ସେ ବୁଦ୍ଧିମାନ ମଣିଷ । ସ୍ୱରକୁ ଚୁପି ରଖି ପାର୍ବତୀ ଧୀରେ ଧୀରେ କହିଲା—ତମେ ପୁଣି ଏପରିକା ଉପୁଟାସିଆ ମଣିଷ । ତମେ ଉପରେ ପାଣି ଡାଲି ଭିତରେ ଟଙ୍କର ସିଅ କାଟିବାକୁ ବସିଛ । ଦଧିଆସ୍ତ୍ରୀଙ୍କ ଏ ପ୍ରଶ୍ନର କଅଣ ଜବାବ ଦେବ । ସବୁ ଶୁଣି ନ ଶୁଣିଲା ପରି

ତଳକୁ ମୁହଁ ପୋତି ବସିଲା । ଏଣୁ ତେଣୁ ବାର ଗପ ସପ ହେଉ ହେଉ ଗାଡି ଅସି ସକାଳ ନ ହେଉଣୁ ହାଓଡ଼ା ଷ୍ଟେସନ ପ୍ଲାଟଫର୍ମରେ ଠିଆ ହେଲା । ପ୍ଲାଟଫର୍ମରୁ ମୁଷାଫିରଯାଏ ମଣିଷର ସୁଅ ଛୁଟିଛି । ପଞ୍ଚାଏ ଗାଡିରେ ଉଠିବ ବୋଲି ଧାଁ ଧପଡ଼ କରୁଛନ୍ତି । ଅଉ ପଞ୍ଚାଏ ଲୋକ ବାହାରି ଅସିବା ପାଇଁ ବ୍ୟସ୍ତ ହୋଇ ଦୌଡ଼ୁଛନ୍ତି । ଆଠନମ୍ବ ପ୍ଲାଟଫର୍ମରେ ଗାଡ଼ିରୁ ଓହ୍ଲାଇ ପାର୍ବତୀ ଏକ ନମ୍ବର ପ୍ଲାଟଫରମରେ ବାହାରକୁ ବାହାରିଲା । ଟିକଟଚେକରାଣୀ ମାଇପିଟିଏ ଟିକେଟ ଚେକ କରୁଛି । ଏଇ ମାଇପିଟାର ସାହସକୁ ଧନ୍ୟ । ଯୁଗ ବଦଳିଛି ମାଇପେ ସବୁ ପାଞ୍ଚ ମରଦଙ୍କ ସଙ୍ଗ ସରସା ହୋଇ ନିଜେ ଅର୍ଜନ କରି ପଇସା ଖଅଇବାକୁ ଶିଖିଲେଣି । ମଫସଲ ଗାଉଁଲି ବୋହୂ ପାର୍ବତୀକୁ ଦେଖି ସେ ନାକ ଟେକି ଲୁଚିମ୍ ହସ ହସିଲା । ଚେକ-ରାଣୀ ହାତରେ ସୁନାବାଲା, ପତଳା ସିଲ୍‌କ ଶାଢୀ ତଳେ ଦେହର ରୂପଶିଖା ଫୁଟି ଦିଶୁଚି । ବୟସ ତିରିଶରୁ ଉପର ହେବ ! ଅବିଯାଏ ଅବିଅଢ଼ୀ ଅଛି, ମୁଣ୍ଡରେ ସିନ୍ଦୁର ନାହିଁ । ତା ହେଲେ ଏପରିକ ମନ ମୋହିନୀ ରୂପ ବା ବେଶ କାହାପାଇଁ ? ଏ ସବୁ ଝିଅମାନଙ୍କ ଗୁହାଣି କଥାବାର୍ତ୍ତା ବ୍ୟବହାରରେ ବାର ମଣିଷକୁ ଅପଣାର କରି ପାରନ୍ତି । ଏଇ ଧରଣର ମାଇପେ ଯୌବନର ପୂର୍ଣ୍ଣ ସୁଯୋଗ କରି ଭୋଗ କରି ନିଅନ୍ତି । ଏମାନେ ମୁକ୍ତ, ସ୍ୱାଧୀନ । ମନ ଯୁଆଡ଼େ ଗୁହଁବ ସେଇଆଡ଼କୁ ଯିବେ । ପାଞ୍ଚଲୋକଙ୍କର ଦେହରେ ଦେ-ବାଜୁଛି । ମଣିଷ ଗୁଡ଼ାକ ଦେହରେ ଗୁଡ଼େଇ ପୁଡ଼େଇ ହୋଇ ବାହା ଚାଲୁଛନ୍ତି । କଲିକତା ସହରରେ ମଣିଷ ଗୁଡ଼ାକ ପୋକ ମାଛି ପରି ହାଉ ଯାଉ ହେଉଛନ୍ତି । ହାଓଡ଼ା ଷ୍ଟେସନ ଆଗରେ ଟ୍ୟାକ୍ସି, ବସ୍ ଗୁଡ଼ା ଧାଡି ଧାଡ଼ି ହୋଇ ଠିଆ ହୋଇ ରହିଛି । ରାସ୍ତାରେ ଭଡ଼ କରି ବସ୍ ଟ୍ରାମ ଚାଲିଛି । ଷ୍ଟେସନ ଠାରୁ ଅଳପ ଦୂରରେ ଠିଆ ହୋଇଚି କେତେ ଭୟଙ୍କରିଆ ପ୍ରକାଣ୍ଡ ବଡ ହାଓଡ଼ା ପୋଲ ।

ହାରେ ଛନ୍ଦା ଛନ୍ଦି ହୋଇ ଠିଆ ହୋଇଛି । ଯେପରି ଗୋଟାଏ
ହାର ପାହାଡ଼ । ପୋଲ୍ ତଳେ ଗଙ୍ଗା ପାଣିର ସୁଅ ଛୁଟିଛି ।
ପୋଲ୍ ମଝିରେ ବସ୍, ଟ୍ରାମ ଲରି ଘୋଡ଼ା ଗାଡ଼ି ଟ୍ୟାକ୍‌ସି ଚାଲିଛି ।
ପୋଲ୍ ଦୁଇକଡ଼ରେ ମଣିଷ ଚଲା ବାଟ । ଆକାଶ ପାତାଳ ଦେଖେ
କଣ ଭାବି ଭାବିକା ପାର୍ବତୀ ଦଧିଆ ପଛରେ ପୋଲ୍ ଉପରେ ଚାଲି
ଆଏ । ଏଠାକାର ଲୋକ ଗୁଡ଼ାକ ଏଣୁକି ବେଲକ୍ଷା । ଏତେଲୋକ
ଚଲା ବାଟଟାରେ ଗୋଟାଏ ଜୁଆସୁଣୀ ଝିଅଟାର ପିନ୍ଧା ପଣତ କାନିଟା
ଟାଣି ଦେଇ ବିନା କାରଣରେ ହାସ ପରିହାସରେ ହସି ହସି ଜଣେ
ଭେଣ୍ଡିଅ କହିଲା, ଅଲୋ, ମୋ ସଙ୍ଗରେ କାଳିଘାଟ ବୁଲିଯିବୁ ଚାଲେ।
ପଛରେ ଚାଲୁଥିବା ଲୋକେ ହୋ ହୋ ହୋଇ ହସନ୍ତି । ତାଙ୍କର
ଭିତରୁ କିଏ ଜଣେ କହିଲା ଏ ଟୋକାର ଭାରି ଛଇ ଛଟକ ଅଛି ।
ସେ ଝିଅଟା ତା କଥାରେ ମଜିଗଲା । ଦୁହେଁ ହାତ ଧରା ଧରି ହୋଇ
ବାଟ ଚାଲିଛନ୍ତି । ସହରରେ କେତେ ପ୍ରକାର ନିଶାଖୋର ବଦ୍‌ମାସିଆ
ଗୁଣ୍ଡା ଡାକୁମାନେ ଅଛନ୍ତି । ସେ ଝିଅଟା ମନ ଖୁସି ଉଲ୍ଲାସରେ
ଛାତି ଫୁଲେଇ ଅପଣା ଛୁଇଁ ଛୁଇଁ ସେ ଟୋକା ପଛେ ପଛେ
ଗୋଡ଼ାଇଲା । ରିକ୍‌ସାବାଲାକୁ ଡାକି ମୋଚିପଡ଼ା ଥାନା ପାଖରୁ
ରିକ୍‌ସାରେ ବସିଲେ । ହାତଟଣା ରିକ୍‌ସା ବୁଢ଼ା ମଣିଷଟା ଟାଣୁଛି ।
ଏ ସଭ୍ୟ ଯୁଗରେ ପୁଣି ମଣିଷ ଉପରେ ମଣିଷ ସବାର ହେଉଛି ।

ସର୍ବ ସାଧାରଣ ଅନୁଷ୍ଠାନରେ ଜାତି ବା ଧର୍ମର ଭେଦ ରଖିବା ଉଚିତ ନୁହେଁ । ମନୁଷ୍ୟମାନେ ଗୋଟିଏ ଜାତି । ଏଠାକାର ନୈଶ ବିଦ୍ୟାଳୟ ଓ ଲାଇବ୍ରେରୀରେ ସଭିଙ୍କ ପ୍ରତି ସମାନ ବ୍ୟବହାର । କାହାପ୍ରତି ପାତର ଅନ୍ତର ବ୍ୟବହାର କରାଯାଏ ନା, ଶିକ୍ଷା କାରଗରୀ ହସ୍ତ ଶିଳ୍ପ, ସାଧାରଣ ପାଠାଗାର, ଭିନ୍ନ ଭିନ୍ନ ବିଭାଗ ପରିଚାଳନା ପାଇଁ ତତ୍ତ୍ୱାବଧାରକ ନିଯୁକ୍ତ ହୋଇଛନ୍ତି । ଏହି ଅନୁଷ୍ଠାନ ଜରିଆରେ ସ୍ୱାବଲମ୍ବୀ ହେବାକୁ ସମସ୍ତଙ୍କୁ ଶିକ୍ଷା ଦିଆଯାଏ । ଅଧିକାଂଶ ଲୋକେ ଆଗେଇ ଆସିଲେଣି । ସାହାଯ୍ୟ ଓ ସହଯୋଗ କରିବାକୁ ପ୍ରତ୍ୟେକ ଲୋକଙ୍କର ପ୍ରାଣ ହସୁଛି । ତାଙ୍କର ଉଗାସ୍ତ ଶୋଷକ ଗୋଷ୍ଠି ଦୁଃଖିତ ହେଉଛନ୍ତି । ଭାବୁଛନ୍ତି ଏ ମଳି ମୁଣ୍ଡିଆ କୁଲି ଗୁଡ଼ାକ ଆମର ବନ୍ଧା ନିୟମକୁ ଭାଙ୍ଗି ଦେଇ ପାରନ୍ତି । ଯେ ଗୁଡ଼ାକ ଯଦି ଲେଖାପଢ଼ା ଶିଖି ଜ୍ଞାନ ଉପାର୍ଜ୍ଜନ କରି ଜ୍ଞାନୀ ହୋଇ ଯାଆନ୍ତି, ଆମ ଠେଙ୍ଗା ନାଲି ଆଖି ଦେଖି ଯେ ଅଉ ଡରିବେ କାହିଁକି ?

କାରଖାନାର କର୍ତ୍ତୃପକ୍ଷ ଏହାର ମୂଳ ଉତ୍ପାଟନ କରିବା ପାଇଁ ଚିନ୍ତିତ ଓ ବ୍ୟସ୍ତ ହୋଇ ଉଠିଲେଣି —ଏ ମୂର୍ଖମାନଙ୍କ ଭିତରେ ଯେ ସଂସ୍କାରର ବୀଜ ଦେଉଛି ତାକୁ ଏଠାରୁ ଅଙ୍କୁରରେ ଉପାଡ଼ିବାକୁ ହେବ । କାରଖାନାର ଲେବର ଅଫିସର କେବେ ଦିନେ ଓଳିଏ ଘଣ୍ଟାକ ପାଇଁ କୁଲି ବସ୍ତି ଆଡ଼କୁ ଆସନ୍ତି ନାହିଁ । ଆଜି ସେହି ଲୋକ ପୁଣି କୁଲି ବସ୍ତିମାନଙ୍କରେ ବୁଲି ବୁଲି ଲୋକଙ୍କୁ ବୁଝାଉଛନ୍ତି । ତମମାନଙ୍କୁ କାର୍ଯ୍ୟର ଦକ୍ଷତା ଅନୁଯାୟୀ ମଜୁରି ଦିଆ ହେଉଛି ।

ମିଳୁଛି, ଅଟା ଆଦି ଖାଦ୍ୟ ଦ୍ରବ୍ୟମାନ କଣ୍ଟ୍ରୋଲ ନିର୍ଦ୍ଧାରିତ ଦାମରେ ଯୋଗାଇ ଦିଆ ହେଉଛି । ଆକସ୍ମିକ ଦୁର୍ଘଟଣା ପାଇଁ କ୍ଷତି ପୂରଣ ବ୍ୟବସ୍ଥା ରହିଛି । ଲାଭାଂଶ ବୃଦ୍ଧି ବୋନସ୍ ଦିଆ ହେବା ସତ୍ତ୍ୱେ ତମେମାନେ ଗୋଟାଏ ସ୍କୁଲ କରି ନାନାପ୍ରକାର ଅନର୍ଥ ଲଗାଉଛ କ'ଣ ପାଇଁ ? ହଇହେ, ତମ ବାପ ଅଜା ଅ ଆ ଚିହ୍ନି ନ ଥିଲେ, ସେମାନେ ଅଜ୍ଞ ମଣିଷ ନ ଥିଲେ ?

କୁଲି ବସ୍ତି ଘର ଗୁଡ଼ା ଗୁଡ଼ି ମାଟି ଦିଆ ବେଢ଼ା । ଜାଗା ବଡ଼ ଅପରିଷ୍କାର ଅପରିଚ୍ଛନ୍ନ । ସେଇ ବସ୍ତି ମଝିରେ ହେଉଛି ଲେବର୍ସ ସ୍କୁଲ ଘର । ସ୍କୁଲ ଘରେ ଚେୟାରରେ ମିନାକ୍ଷୀ ମାଷ୍ଟ୍ରାଣୀ ବସିଛନ୍ତି । ତାଙ୍କ ଓଠରେ ଲାଗି ରହିଛି ହସ । ସବୁବେଳେ ତାଙ୍କର ଅନ୍ୟ ମନସ୍କ ଢଙ୍ଗ । ଲୁଚେଇ ଲୁଚେଇ ବେଳେ ବେଳେ କାନ୍ଦନ୍ତି । କେତେବେଳେ ପୁଣି ମନକୁ ମନ ହସନ୍ତି । ଅଇନା ଆଗରେ ଠିଆ ହୋଇ ନିଠେଇ ନିଠେଇ ମୁଣ୍ଡ କୁଣ୍ଡାଇ ଗଭା ବାନ୍ଧନ୍ତି । ସେଦିନ ଏକଲା ବସି ଭାବି ହେଉଛନ୍ତି । ନୂତନତ୍ୱରେ ମଣିଷ ଆନନ୍ଦ ପାଏ କାହିଁକି ? ଦୁନିଆରେ ନୂଆ କିଛି ସୃଷ୍ଟି କରିବା ପାଇଁ ମଣିଷ ସବୁ ଉଦ୍ୟମ କରୁଛି । କଣପାଇଁ ସେ ନୂଆ କିଛି କରିବ ନୂଆ କିଛି ଦେଖିବ ? ଦୁଃଖ କଷ୍ଟ ସହି ସହି ଯେଉଁମାନଙ୍କର ଦୁଃଖ ଦେହସୁହା ହୋଇ ଗଲଣି । ସେମାନେ ଦୁଃଖ ପାଇଁ ଏତେ ବ୍ୟାକୁଳ ନୁହନ୍ତି । ଯେଉଁମାନଙ୍କର ସୁଖର ଜୀବନ, ଦୁଃଖ ନ ଭୋଗିଲେ ଦୁଃଖର ଅବସ୍ଥା କଣ ସେମାନେ ବୁଝି ପାରନ୍ତି ନାହିଁ । ବଞ୍ଚିଥିବା ଯାଏ ଧନ ଜୀବନର ଲୋଭ କେହି ଛାଡ଼ି ପାରନ୍ତି ନାହିଁ । ଲେବର୍ ଅଫିସର ଦେଖିଲେ, ଏଠାରେ ବେଶି ସମୟ ରହିବା ଏକବାରେ ଉଚିତ ନୁହେଁ । ଟିକିଏ ସହାନୁଭୂତି ଦେଖେଇ ସେ ପୁଣି କହିଲେ—ଏମାନଙ୍କ ପରି କାହାଣୀ ମାତିଲେ କାରଖାନା ମାଲିକଙ୍କର କିଛି କରି ପାରିବେନି । ଲେବର ଅଫିସରଙ୍କ କଥାରେ ନର ପୋଲେଇ ହସି ହସି ଗଡ଼ିଗଲା । ଆଉ

କେତେ ଜଣ ଖୋସାମଦିଆ ହଁ ଭରି କହିଲେ—ହଁ ଆଜ୍ଞା ଛେଳି ଗୋଡରେ ଧାନ ମାଡ଼ିଲେଣି କେବେ ବାବୁ ? ତା ହେଲେ ଧାନ ବେଙ୍ଗଲା ପଞ୍ଜାବଙ୍କୁ ଗୋରୁ ଲୋଡା ହୁଅନ୍ତେ ନାହିଁ । ଆଉ କେତେ ଜଣ ମିନାକ୍ଷୀ ମାଷ୍ଟ୍ରାଣୀ କଥା ପକେଇ ଲେବର ଅଫିସରଙ୍କୁ ଶୁଣେଇ ଶୁଣେଇଁ ପରିହାସରେ କହିଲେ—ମିନାକ୍ଷୀ ମାଷ୍ଟ୍ରାଣୀ ରୂପ ଚହଟ ଯଉବନ ଲୀଳାରେ ପଡ଼ି ଶଙ୍କର ତାଙ୍କୁ ଆଣି ସ୍କୁଲରେ ମାଷ୍ଟ୍ରାଣୀ ଚାକିରି କରେଇ ଦେଇଛି—ଦିନରେ ମାଷ୍ଟ୍ରାଣୀ ରାତିକି ଶଯ୍ୟା ସଙ୍ଗିନୀ । ସ୍କୁଲ ଝରକା ଅନ୍ତୁଆଳରେ ଠିଆ ହୋଇ ମିନାକ୍ଷୀ ସବୁ ଶୁଣିଲା । କେଜାଣି କାହିଁକି ମୁଣ୍ଡଟାରୁ ଗୋଡଯାଏ ଥରି ଉଠିଲା । ଏତେବଡ ଦୁର୍ନାମ ମଣିଷ ମଣିଷକୁ ଦେଇପାରେ । ସତେ ଯେପରି କିଏ ତା କଲିଜାରେ ଛୁରୀ ଚଳାଇ ଦେଲାପରି ତାକୁ ଲାଗିଲା ଏ ଛାର ଚାକିରିଟା ପାଇଁ ଦୁନିଆଁ ଲୋକ ଦୁର୍ନାମ ଦେଇ ଛକେଇ କହିବେ । ମନରେ କେତେ କେତେ ରାଗ ଅଭିମାନ ଆସୁଥିଲେ ବି ଲୋକମାନଙ୍କର ଏପରି ସବୁ କୁତ୍ସା ଅପବାଦ ଅଶ୍ଳୀଳ ସମାଲୋଚନା ଅଭଦ୍ର କଥା ତାକୁ ପୁଣି ଯେପରି ପରିହାସ ପରି ଲାଗୁଛି । ଆଦର୍ଶ ପାଇଁ ସବୁ ନିନ୍ଦାକୁ ମନରୁ ଆଡେଇ ଦେବାକୁ ହୁଏ । କୁଶିକ୍ଷା, କ୍ରୋଧ, ହିଂସା ଅଖାଦ୍ୟ ଅପରିଚ୍ଛନ୍ନତା, ଅସଭ୍ୟତା ଅଦୂରଦର୍ଶିତା, ଭୀରୁତା, ଖଳତା, ନିର୍ବୁଦ୍ଧିତା; ବିଶ୍ୱାସଘାତକତା ଏପରି କେତେ ଗୁଡାଏ ମଣିଷ ବ୍ୟବହାର ବଦ୍‌ଗୁଣ ପାଇଁ ସରଗ ସଂସାର ନରକ କୁଣ୍ଡ ପରି ଭୟାନକ ହୋଇଥାଏ । ଶଙ୍କରବାବୁ କେବେ ସିଧା ସଳଖ ମୁହଁ କରି ମୋ ଆଡ଼କୁ ଅନାଇଁ ନାହାନ୍ତି । ସ୍ପଷ୍ଟବାଦୀ ଅତି ଉଚ୍ଚମନା ଲୋକ । ଶିଶୁପରି ତାଙ୍କ ମନ ଅତି ସରଳ । ମିଛୁଟାରେ ଯେଉଁ କଥା ଦୁର୍ନାମ ରଟୁଛି, ସେ କଥାକୁ ଖାତିରକି ଆଣିବ କାହିଁକି?

ମିନାକ୍ଷୀ କାହାକୁ କିଛି ନକହି ସେଠୁ ପଳେଇ ଯାଇ ନିଜ ଖଟରେ ଶୋଇ 'ମାଇ ମାଆ' କହି ଖଣ୍ଡି [illegible]; ପ୍ରକୃତସ୍ଥ ହୁଏ,

ପରପଞ୍ଚ ଲୋକଙ୍କର ଖେଳକଥା ଭୁଲେ—ବନ୍ଧୁଟା ପଶୁ ପଶୁ ତାଙ୍କୁ ଟିକିଏ ଗ୍ଲାନି ବୋଧ ଲାଗିଗଲାଣି ।

କେଉଁଠି ଥିଲା କେଜାଣି ଏତିକି ବେଳେ ନର ପଲେଇ ତା ଶୋଇବା ଘରେ ପଶେ । ମିନାକ୍ଷୀର ଶୋଇଲା ମୁହଁକୁ ଘଡ଼ିଏ କାଳ ପୁଲକିତ ଆଖିରେ ତନ୍ମୟ ହୋଇ ଚାହିଁ ରହେ । ମନର ଆବେଗ ଉତ୍ତେଜନା ଜୁଆଁରେ ସେ ଅଳଟି ପାଲଟି ହେଉଛି । ସେ ଝୁଙ୍କିରେ ପଡ଼ି ଅସ୍ତେ ଅସ୍ତେ ତା ପିଠିରେ ହାତ ପକେଇଲା । ହଠାତ କାହାର ହାତ ଛୁଆଁ ଦେହରେ ବାଜିବାରୁ ମିନାକ୍ଷୀ ଧଡ଼ ପଡ଼ ହୋଇ ଉଠି ବସେ । ଚହିଁକି ଉଠି ଖଟ ଉପରୁ ଉଠି ଯାଇ ତଳେ ଠିଆ ହୋଇ ମୁହଁ ଢୁଆଁଇ ଜିଜ୍ଞାସି କହିଲା—ତମେ ମୋ ଶୋଇଲା ଘରେ ପଶି ଏ କଣ କରୁଛ ? ମିନାକ୍ଷୀ ମନ ଭିତରେ ଭିନ୍ନ ପ୍ରକାର ଗୋଟାଏ ସନ୍ଦେହ ଓ ଭୟ ହେଲା । ନର ପଲେଇଟା ଏଡିକି ଥୋବଡ଼ ବେହୁଆ ମଣିଷଟାଏ । ତାର ଲାଜ ସରମ ଟିକିଏ ହେଲେ ନାହିଁ । ନର ପଲେଇ ମିନାକ୍ଷୀ ମାଷ୍ଟ୍ରାଣୀ ଅଣ୍ଟା ଚାରି ପିଟି ହାତ ଗୁଡ଼େଇ କୁଣ୍ଢେଇ କୁଣ୍ଢେଇ ଧରି ହସି ହସି କହିଲା—ଶଙ୍କର ସାଙ୍ଗରେ ଯେତେ ବେଳେ ତମର ଏତେ ଭାବ; ମୋ ପାଖରେ ତମର ଏତେ ଲାଜ କରି ବାର କୌଣସି କାରଣ ନାହିଁ । ମୁଁ କଣ ତମକୁ ଭଲ ଲାଗୁନି ? ବଡ଼ ଅରସିକା ମାଇପିଟାଏ ତ ତମେ । ହଇହେ ମୁଁ ପରା ତମକୁ ଭଲ ପାଏ ବୋଲି ଜାହିର କରିବାକୁ ଚାହେଁ । ମିନାକ୍ଷୀ ମାଷ୍ଟ୍ରାଣୀର ବିଦ୍ୟା ବୁଦ୍ଧି ଅଛି । ସେ ଏତେ ସହଜରେ କାହା ଫାନ୍ଦରେ ପଡ଼ିବା ଝିଅ ନୁହେଁ । କେଉଁ ଅଲୁହା କଥା ସ୍ପନ୍ଦନରେ ମନର ତନ୍ତ୍ରୀ ଥର ଉଠୁଛି ସ୍ୱାର ଅଭଦ୍ର ବ୍ୟବହାରରେ ଅବାକ୍ ହୋଇ ଗଲାଣି । ବଡ ଭାବ-ନାରେ ପଡ଼ିଲାଣି । ଅତ୍ୟାଧିକ ରାଗରେ ତା ମୁହଁ ଲାଲ ପଡ଼ିଗଲା । ବିରକ୍ତ ହୋଇ ଗର୍ଜି ଉଠି ଧିକ୍କାର ଦେଇ କହିଲା ଧିକ୍—ନରପିଶାଚ ସାବଧାନ; ଭାରି ଅଭଦ୍ର ଲୋକ ତମେ । ମୁଁ କହୁଛି ଚାଲିଯାଅ ଏ ଘରୁ

ବାହାର ଯାଅ; ନୋହିଲେ ତୋ ଗୁଣ୍ଡାଗିରି ଛଡେଇ ଦେବି । ଯାହା ମନରେ ପାପଥିବ ସେ ଭସ୍ମୀଭୂତ ହେବ । ନରିଅ ମିନାକ୍ଷୀ କଥାରେ ପ୍ରମାଦ ଗଣିଲା । ଅଉ ସେ କିଛି କହିବା ଆଗରୁ ନରି ପଟେଲ ଆଗ ବଳି ପଡି କହିଲା—ଅଉ ମୁଁ ତମଙ୍କୁ କିମିତି ବୁଝେଇବି କହିଲେ ? ମୁଁ ଟିକଏ ପାଇରେ ଠିଆ ହେଲେ ତମ ଇଜ୍ଜତ ଚାଲି ଯାଉଛି ନା କ'ଣ ? ହଇ ହେ ତମେ ମାଇପିଟାଏ ହୋଇ ବାର ଲୋକଙ୍କ ପାଖରେ ଆଉଯାଉ ହେଉଚ । ଅହେ ଏ ପୁଣି ମୋତେ ଭଦ୍ରତା ଶିଖାଉଛନ୍ତି । ସେ ନରପଶୁ ଥରେ ଏଣେତେଣେ ଆଖି ବୁଲେଇ ନେଇ କୁଟିଳ ହସ ହସି ପୁଣି କହିଲା—ମୁଁ ତମର ସୌନ୍ଦର୍ଯ୍ୟ ରୂପରେ ମୁଗ୍ଧ ହୋଇ ପଡ଼ିଛି । ଜାଣିଚ ଏ ପ୍ରେମ ମୋତେ ଭିକ୍ଷା ଦେଲେ ତମ ପ୍ରେମ ସରି ଯାଉନାହିଁ । ତମକୁ ଝୁଁରି ଝୁଁରି ରାତ ତହଲ ବିକଳ ହୋଇ ମରୁଛି ।

ମିନାକ୍ଷୀ ମାଷ୍ଟ୍ରାଣୀ ମୁଣ୍ଡ ଭାତଚକ ପରି ଘୂରୁଛି । ଦେହ ଗୋଟା ପାଣି ଝରୁଥାଏ । ତଣ୍ଟି ଅଠା ଅଠା ହୋଇ ଗଲାଣି । ପେଟ ଭିତରୁ କାନ୍ଦର କୋହ ଉଠୁଥାଏ । ଏତିକି ବେଳେ ନରି ପୋଟେଲ ଜୋର ଜବର ଦସ୍ତି କରି ତା ହାତକୁ ଧରିଲା । ମିନାକ୍ଷୀ ଚିଡ଼ିଯାଇ ତା ହାତମୁଠାରୁ ହାତ ଛଡେଇଆଣି ଚଟକିନ୍ ନରି ପଟେଲର ଗାଲରେ ବ୍ରହ୍ମଘାତିଆ ଚାପୁଡ଼ା ଲଗାଇ ଦେଇ ଦୁଃଖରେ ଥରିଲା କଣ୍ଠରେ କହିଲା—ଅଭଦ୍ର ଦିକଦାର କଥର ନା କହୁଚ । ମଣିଷ ହୋଇ ନାରୀ ସମ୍ମାନ ରଖିବାକୁ ଶିଖିନୁ ?

ମନରେ ସଗଙ୍କର ଜଣରେ ହାତ ଦେଇ ଅଗ୍ରହ ଭଙ୍ଗା ସ୍ୱରରେ ନରି ପଟେଲ କହିଲା—ମୋ ସାଙ୍ଗରେ ଭଜିଅ କଲେ ପରିଣାମ ଶେଷକୁ ଖରାପ ହେବ କହୁଚି । ଏ ତମର ମୋର ଭିତିରିଆ କଥା, ତମେ ଏତେ ଚିଡୁଛ କାହିଁକି ? ମୋ ସାଙ୍ଗରେ ଦିନେନା ଦିନେ ଭଲ ଲଗିବା ପଡ଼ିବ । ଯାହା ହାତଧରି ବାହା ହୋଇଥିଲି ସେ ତ

ଗାଁରେ ରହିଲା, ବିଦେଶରେ ମାଇପି ସ୍ନେହ ସୁଆଗ ଟିକିଏ ମିଳୁଛିକି କେଉଁଠୁ ? ବଳେ ଘରୁ ବରଷକେ ପନ୍ଦର ଦିନ ଛୁଟିମିଳେ । ତମକୁ ଦେଖିଲା ଦିନୁ ମୋ ମନ ତମରି ଠେଇଁ ଲାଗି ରହିଛି ପରା ।

ମିନାକ୍ଷୀ ଛାତିଟା ଚମକି ଉଠିଲା । ଲାଠି ଚୋଟଖିଆ ଡମ୍ପା ସାପ ଭଳି ଫଁ ଫଁ ଗର୍ଜ୍ଜନ ଛାଡ଼ି ବଡ଼ ପାଟି କରି କହିଲା—ତମର ଏପରିକା ଅଭଦ୍ର କଥାରୁ ମୋତେ କଅଣ ମିଳିବ ? ମୋ ଉପରେ ଅମାନୁଷିକ ଅତ୍ୟାଚାର କରିବା ପାଇଁ ବାଟ ଓଗାଳି ଠିଆ ହୋଇଚ ଘର ଦୁଆର ମୁହଁକୁ ଉଠ । ନୋହିଲେ ଏଇ ଦେଖ କହି ଟେବୁଲ ଉପରୁ ଝୁଲ ଝାଡ଼ଟା ଉଠାଇ ଆଣି ନର ପଟେଲଙ୍କ ପିଠିରେ ସପା ସପ୍ କିଛି ପ୍ରହାର କଲେ । ରାଗରେ ଓ ଲଜ୍ଜାରେ ନର ପଟେଲଙ୍କ ମୁହଁ ରଙ୍ଗା ପଡିଗଲା । ଜ୍ଞାନଶୂନ୍ୟ ହୋଇ ମଣ୍ଡଳାଣି, ଆଖି ଯୋଡାକ ଚକାପରି ଘୂରୁଥାଏ । ଘଡ଼ିଏ କାଳ କଠ ମଠ ହୋଇ ମିନାକ୍ଷୀ ମାଷ୍ଟ୍ରାଣୀ ମୁହଁକୁ ଚାହିଁ ଦାନ୍ତରେ ଦାନ୍ତ ଚିପି ତାକୁ ଝଧାଇ ଉଠାଇ ମାରିବାକୁ ଯାଉଛି ଏପରିକା ବେଳେ ଶଙ୍କର ଆସି ତା ଆଗ ଓଗାଳି ଠିଆହୋଇ କହିଲା—ସାବଧାନ ନର ପଟେଲ ! କାରଖାନାରେ ବାବୁ ସାହେବ ମାନଙ୍କର ଅଇଁଠା ଗ୍ଲାସ ବାସନ କୁସନ ଧୋଉଚୁ ବୋଲି ସରଦାରୀ ଚାକିରି ଖଣ୍ଡେ ପାଇଛୁ । ସେପାଇଁ କାହାକୁ ଆଉ ତୋର ଖାତିର ନାହିଁ ଦେଖୁଛୁ । କୁଳାଙ୍ଗାର, ମୁଁ ସବୁ ଦେଖିଛି, ଶୁଣିଛି । ମାଷ୍ଟ୍ରାଣୀ ଦେହରେ ହାତ ଦେଲେ ତାଅର ପ୍ରତିଫଳ ପାଇବୁ ।

ନର ପଟେଲ ରାଗରେ ଅସ୍ଥିର ହୋଇ ସମସ୍ତ ରାଗ ଶଙ୍କର ଉପରେ ସାଧିବାକୁ ଚହେଁ । ଶଙ୍କର ଉପରେ ଝାମ୍ପି ପଡ଼ି ଶଙ୍କରକୁ ଧରିଲା । ଶଙ୍କର ଯେତିକି ଭଲ ସେତିକି ଅଖାଡୁ ଡେଅଜା ମଣିଷ । ତା ରାଗ ଚଢିଲେ କାହାକୁ ଛାଡିବାର ପାତ୍ର ନୁହେଁ । ସେ ରାଗରେ ପ୍ରଜ୍ଜ୍ୱଳିତ ହୋଇ ତାକୁ ଶୂନ୍ୟେ ଶୂନ୍ୟେ ଟେକି ନେଇ ବାହାରକୁ ଫୋପାଡ଼ି ଦେଇ କହିଲା ଛୁଟା ଏମିତିକା ନରାଧମ ପଶୁ ।

ପୋଷା ବିଲେଇ ବଣକୁ ଗଲେ ବଣବୁଅଁ ହୋଇଯାଏ । ସହରରେ ସେପରି ଭଦ୍ରତା କୋଠାବାଡି ଜଙ୍ଗଲକୁ ଆସିଲେ ଗାଁ ମଣିଷର ବ୍ୟବହାରରେ ପାଲଟିଯାଏ । ହିଂସ୍ର ବଣ ପଶୁଙ୍କ ଭଳି ହୋଇଯାଏ ମଣିଷର ପ୍ରକୃତି ।

ସେତେବେଳେ ଅଠଟା ହେବ । ସ୍କୁଲ୍ ପାଖ ପଡ଼ିଆରେ ନବି ପଟେଲ, ଶ୍ୟାମ ସାହୁ, ଲୋକ ଭଞ୍ଜ, ଜଗନ୍ନାଥ ହେମ୍ବ୍ରମ ବସି ଗଳ୍ପ କରୁଥିଲେ । ନବି ପଟେଲ ବଡ ଦମ୍ଭରେ କହୁଚି, ଏଠାକାର ଅଧି-କାଂଶ ଲୋକେ ଶଙ୍କର ଉପରେ ଖେପି ଗଲେଣି । ହାବୁଡ଼ା ପଡ଼ିଲେ ଲାଠି ମାଡ଼ରେ ପୁଅର ମୁଣ୍ଡଟାକୁ ଛତୁ କରି ଦେବେ । ସ୍କୁଲ୍ ନାଁ କରି ଲୋକଙ୍କ ପାଖରୁ ମୋଟା ଟଙ୍କା ଚାନ୍ଦା ଉଠାଇ ଏଇଠୁ ଗାଁକୁ ପଳେଇବ ପୁଅ ଏତେ ଚାଲାକ । ଏଥର ସବୁ ଲୋକେ ତା ଚାଲାକି ବୁଝି ଗଲେଣି । ଆଗେ ମାଡ଼ ପରେ ବିଚାର, ତେଣିକି ଯାହାହେବ ହେଉ । ଜଗନ୍ନାଥ ପଣ୍ଡା ଖେଁ ଖେଁ ହସି କରି କହିଲା—ନବି ମଉସା ହଁ ହଁ ତମର ଯେମିତିକା ବହପ ସେମିତିକା ଛାତି ଦମ୍ଭିଲା କଥା ଭଲ ଚରିତ୍ରବାନ ମଣିଷ ବୋଲି ସିନା ମିନାକ୍ଷୀ ମାଷ୍ଟ୍ରାଣୀ ତୁମଘରେ ଲୋଭେଇ ପଡ଼ିଥିଲା । ବିଶେଷତଃ ସମୟରେ ଗୁଟେଣି ବଦ୍‌ଖୋଇ ପଦାରେ ପଡ଼ିଯାଏ । ଜୋରକରି ତମେ କିଛି କରି ପାରିବ ନାହିଁ । ଲୋକଙ୍କୁ ବୁଝେଇ କେତେଦିନ ଅଟ୍ଟାରେ ରଖେଇବ । କେବଳ ଟିକିଏ ଉତ୍ତେଜିତ କରି ପାରିବ । ଏପରି ହିଂସ୍ର ବର୍ବରତା ଉତ୍ତେଜନା କେତେବେଳଯାଏ ରହିବ ? କ୍ଷଣିକ ସେଇ ଉତ୍ତେଜନା

ମୋହନିଆଁରେ ପଡ଼ି ତମେ ଓ ତମମାନଙ୍କ ସାଙ୍ଗରେ ଯେଉଁମାନେ ଥିବେ ସମସ୍ତେ ସେଇ ନିଆଁରେ ଜଳି ପୋଡ଼ି ପାଉଁଶ ହେବେ । ବୃଥା ଅନର୍ଥକ ଅଶାନ୍ତି ଭିଆଇଲେ, ଷୋଳ ଅଣା ଯାତ ଛଡ଼ା ଲାଭ କଣ ହେବ ତମର ?

କାଳିଆ ପଣ୍ଡା ମୁନ୍ସିଗଞ୍ଜ ବାରବାଲିସିନା ବାଉବାଲିମାନଙ୍କର ପୋଷା ଗୁଣ୍ଡା । ସେଠାକାର ମାଇପିଙ୍କର ଦେହ ବିକା ପଇସାର ଜଣେ ଅଂଶୀଦାର । ତିନି ଭାଗ ଜୀବନଟା ମାଡ଼ ପିଟି ଗୁଣ୍ଡାଗିରି କରି କଟେଇ ଦେଲାଣି । ଶଙ୍କରୁ ସେଇବାଟରେ ଆସୁଛି ଦେଖିପାରି ନବ ପଲେଇ ଭୟରେ ହାତ ବଢେଇ ଯାଏ । ସେ ଆଖି ଠାରିକାରି ଶଙ୍କର ପିଛା ଧରିବାକୁ କାଳିଆକୁ ଇସେରା କରେ । ଝାପସା ମୁହଁ ସଞ୍ଜ ଅନ୍ଧାର । ଶଙ୍କର ମନରେ ଖୁସି ଆନନ୍ଦର ଅନ୍ତନାହିଁ, ସେ କେବଳ ଏତିକି ଭାବୁଛି, ଏତିକି ଜାଣେ, ନିଜ ଦେଶ ଭାଇମାନଙ୍କର ମଙ୍ଗଳକର କଳ୍ପନା କରିବ । ନିରକ୍ଷର ଅଜ୍ଞ ଭାଇମାନଙ୍କୁ ମନୁଷ୍ୟ ଗଢିବ । ମୋର ପରି ଗରିବ ଦୁଃଖି ଲୋକେ ଦେଶକାମରେ ଲାଗିଛନ୍ତି । ସ୍ୱାର୍ଥ ତ୍ୟାଗ କରି ସେମାନେ ଯଦି ଆଗଭର ନ ହୁଅନ୍ତି କୌଣସି ଲୋକହିତକର କାର୍ଯ୍ୟ ହୋଇ ପାରିବ ନାହିଁ । ମୁଦିଆଲି ଗଳି ଭିତରେ ପଶି କଚ୍ଛି ବାଟ ଯାଇଛି ପଛରେ କାହାର ଅଛିବା ପାଦ ଶବ୍ଦ ଶୁଣାଯାଏ । ଶଙ୍କର ପଛକୁ ଲେଉଟି ଚାହିଁଲା କିଏ ଜଣେ ଲୋକ ତା ପଛରେ ଆସୁଛି । ତା ହାତରେ ଗୋଟା ଲଉଡ଼ି ଠେଙ୍ଗା । ସେ ଲୋକ ଜଣକ ପାଖକୁ ଆସିବାରୁ ଶଙ୍କର ତାକୁ ଚିହ୍ନିଲାଣି । ଏଇତ ସେଇ କାଳିଆ ଗୁଣ୍ଡା । ତାର ହସିବାକୁ ଇଚ୍ଛା ନଥିଲେ ମଧ୍ୟ ମୁହଁରେ ନକଲି ହସ ହସିକା ଶାନ୍ତ ଭାବେ ପଚାରିଲା, କିହୋ ! ଏପରି ପଛରେ ଛକି ଛକି ଆସୁଛ କାହିଁକି ? ମୁଁ ଶୁଣୁଛି ମୋତେ ମାଡ ଦେଲେ ତମକୁ ନବ ପଲେଇ କେତେ ଟଙ୍କା ଦେବ ବୋଲି କହୁଛି । ସେତେ ସବୁ ଶୁଣା କଥାକୁ ମୁଁ ବିଶ୍ୱାସ କରେନି ।

କିନ୍ତୁ ଅଭିଯାତ୍ରୀ ଆଉ କୌଣସି କଥା ତାକୁ କହିବାକୁ ଦେଲେନାହିଁ ସେ ହିଂସ୍ର ପଶୁଙ୍କ ଭଳି ସ୍ୱରରେ ଅଖି ରକ୍ତବର୍ଣ୍ଣ କରି ଶଙ୍କର ଅଣ୍ଡାକୁ ଲକ୍ଷ୍ୟ କରି ଠେଙ୍ଗାମାଡ଼ ସପାସପ୍ କଷେଇ ଦିଏ । ଗୁଳି ଖିଆ ସିଂହ ଭଳି ପଛକୁ ବୁଲି ପଡ଼ି କାଳିଆ ତଣ୍ଟିକୁ ଦୁଇ ହାତରେ ଚାପି ଧରି ତଳେ ପକାଇ ଶଙ୍କର ମାଡ଼ି ବସେ । ଏତିକିବେଳେ ବଦ୍-ମାସିଆ ନବ ପଲେଇ କେଉଁଠି ଥିଲା କେଜାଣି ଲୁଚି ରହି ଗୋଟାଏ ଝମାଇଟା ଶଙ୍କର ମୁଣ୍ଡକୁ ଲକ୍ଷ୍ୟ କରି ଫୋପାଡେ । ଶଙ୍କର ଅର୍ଦ୍ଧ ମୂର୍ଚ୍ଛିତ ଅବସ୍ଥାରେ ତଳେ କଚଡ଼ି ପଡ଼ିଲା । ଦୁଇଜଣ ଅଭିଯାତ୍ରୀ ମିଳି ଆଉ କିଛି ସମୟ ପର୍ଯ୍ୟନ୍ତ ଦଙ୍ଗା ହେଙ୍ଗାମ କରି ଥାଆନ୍ତେ, ଗଳିଆଗରେ କେଇଜଣ ଲୋକଙ୍କ ପାଟିତୁଣ୍ଡ ଶବ୍ଦ ଶୁଣି ପାରି ସେ ବଦମାସିଆଙ୍କର କଲିଜା ଭୟରେ କମ୍ପିଲା । ଦୁହେଁ ଦଉଡ଼ା ଦଉଡ଼ି ହୋଇ ଲାଲବାଗ ପାଇଖାନା ଗଳିରେ ଯାଇ ଲୁଚି ପଡ଼ିଲେ ।

ଲୋକା ବୈଲୋଚନ ଆଉ କୁଳିଆ ହେବକା ସତ କାମକୁ କାରଖାନାକୁ ଯିବେ ବୋଲି ବାହାରିଛନ୍ତି । ଲୋକା ବୈଲଚନକୁ ଶୁଣେଇଁ କହିଲା, ଶଙ୍କରବାବୁ ମାଷ୍ଟ୍ରାଣୀ ରୂପ ଯୌବନରେ ଭୋଳ । ଶନିବାର ଦିନ ବିନାଥ ମେଲା ପାଖରେ ବସି ଗଳପ କରି ନରିଆ କହୁଥିଲା ଶଙ୍କରବାବୁ ମାଷ୍ଟ୍ରାଣୀ ପ୍ରେମ ଫାନ୍ଦରେ ପଡ଼ିଛନ୍ତି, ଘରକୁ ଲୁଚିକି ଟଙ୍କା ପଇସା ଦେଉ ନାହାନ୍ତି । ଲୋକଦ୍ୱେଷୀ ଆଉ ସ୍କୁଲ୍‌ଟା ମଣିଆ ନାଁକୁ, ନିଜର ସ୍ୱାର୍ଥ ସିଦ୍ଧି କରିବା ପାଇଁ ଏପରିକା ବ୍ୟବସ୍ଥା ।

ଶଙ୍କର ପ୍ରତି ବୈଲୋଚନର ପ୍ରଗାଢ଼ ବିଶ୍ୱାସ । ଠାଙ୍କୁଠରଅ ନରି ପଲେଇ ତାଙ୍କ ସାଙ୍ଗରେ କେଉ ଗୁଣେଲୁ ସରି ହେବ । ନରିଅଟା ଯେପରି ଅଭଦ୍ର ସେମିତିକା ଲଫଙ୍ଗାଟାଏ । ଦିନେ ମିନାକ୍ଷୀ ମାଷ୍ଟ୍ରାଣୀ ଶୋଇବା ଘରେ ପଶି ତାଙ୍କ ପିନ୍ଧା କାନିକୁ ଟାଣୁଥିଲା । ଶଙ୍କରବାବୁ ଭଦ୍ରଲୋକ ଘରପୁଅ ବୋଲି ତାଙ୍କର ହାତୁଡ଼ରେ ପଡ଼ିବାରୁ କେଇ-ମାନଟାକୁ ଛାଡ଼ିଦେଲେ ।

ଗଲ ଅଧଘଣ୍ଟା ଯାଏ ଅସି ବୈଲୋଚନ ଚମକି ଉଠିଲେ । ଦେଖିଲେ ଶଙ୍କର ମୁଣ୍ଡଫାଟି ରକ୍ତାକ୍ତ ଦେହରେ ଭୂଇଁରେ ମୂର୍ଚ୍ଛାହୋଇ ପଡିଛି । ଷଣ୍ଢ ସ୍ୱରେ ଆଖି ଡୋଳା କପାଳକୁ ଉଠିଯାଏ । ବୈଲୋଚନ ଚିତ୍କାର କରି ଉଠି କହିଲେ ଅରେ ଦେଖିଲ, ଶଙ୍କରବାବୁ ବଞ୍ଚିଛନ୍ତି ତ ? କୁଳଆ ଶଙ୍କର ନାକରେ ହାତ ଦେଇ ଦେଖେ ନିଶ୍ୱାସ ପ୍ରଶ୍ୱାସ ଚାଲିଛି । ବୈଲୋଚନ ବେଶ୍ ବୁଝିପାରିଲେଣି ଏପରି ନୃଶଂସ ଭୟାନକ କାଣ୍ଡ ନରି ପଲେଇ ଛଡା ଅନ୍ୟ କେହି କରି ନାହାନ୍ତି । ବୈଲୋଚନ ଦାନ୍ତ ରଗଡି ଗର୍ଜ୍ଜନ କରି କହିଲେ— ଆଉ ତୁ ନରିଆ ତୋତେ ମୁଁ ଦିନେ ଦେଖି ନେବି, ତା ନୋହିଲେ ମୋ ନାଁ ବୈଲୋଚନ ଦାସ ନୁହେଁ । ସ୍ୱାର୍ଥ ଲୋଲୁପ ଖଳ ଲୋକଙ୍କ କୁଶିକ୍ଷାରେ ପଡି ଅମ ଲୋକଙ୍କର ଏମିତିକା ବଦ୍ ଅଭ୍ୟାସ ହୋଇ ଗଲଣି, ଭଲ କଥାଗୁଡାକୁ ଖରାପ ବୋଲି ବୁଝୁଛନ୍ତି । କେବେ ଯେ ସେଦିନ ଆସିବ ଅମ ଲୋକେ ମିଳିମିଶି ଚଳି ମଣିଷ ହେବେ ।

ଶଙ୍କରର ଏକବାରେ ଚେତା ଚୈତନ୍ୟ ବୁଡି ଯାଇଥିଲା । ଦୀର୍ଘ ଘଣ୍ଟାଏ ଦିଘଣ୍ଟାପରେ ତାଆର ଜ୍ଞାନ ଫେରିଛି । ଡାକ୍ତରଖାନାରେ ପହଞ୍ଚାଇ ଦେଇ ବୈଲୋଚନ ବେଙ୍କ କାରଖାନାକୁ ଚାଲି ଗଲେଣି । ମିନାକ୍ଷୀ ମାଷ୍ଟ୍ରାଣୀ ଶଙ୍କରର ସେବା ଶୁଶ୍ରୂଷା ହେପାଜତ କରିବାରେ ଲାଗିଛି । ତାଙ୍କର ଏପରି ଦୁରବସ୍ଥା ଦୁଃଖ ଦେଖି କିଏ ସେ କରିବ

କୁଅଁଡ଼ିକି ଯିବ ତାଙ୍କୁ ଗୃହିଦଗ ଶୂନ୍ୟ ଦିଶୁଛି । ପୂର୍ଣ୍ଣବାବୁ ଘଣ୍ଟାକୁ ଘଣ୍ଟା ବାସନ୍ତୀ ଡାକ୍ତରଣୀ ପାଖକୁ ଧାଁ ଧପଡ କରୁଛନ୍ତି ।

ସ୍ତ୍ରୀଙ୍କର ଅଇସ ଥିବାରୁ ସିନା ଏତେ ବଡ ମାଡଖାଇ ବଞ୍ଚି ଯାଇଛନ୍ତି । ଯେଉଁ ଦେଶରେ ସ୍ୱାଧୀନ ସରକାର ଥାଉ ଥାଉ ଗୁଣ୍ଡା ବଦମାସିଆ, ଧନୀ, ଦଳଚଣ ସ୍ୱାର୍ଥ ଚକାନ୍ତରେ ଦେଶର ସାଧାରଣ ଲୋକଙ୍କର ଧନ ଜୀବନ ବିପଦଗ୍ରସ୍ତ । କେବଳ ନାମ ବା ଚାସ୍ତେ ଏ ନବ୍ୟ ସଭ୍ୟ ଦୁନିଆରେ ଗଣଙ୍କ କାମ କରିବା ନାଁ କରି । ଜଣ ଜଣ ନେତାଇ ଦଳ ଦଳ ବୋଲି ଖୋଲି ହୋ ହୋ ହଉଛନ୍ତି ସିନା, ପ୍ରକୃତ ଜନକଲ୍ୟାଣକର କାର୍ଯ୍ୟ କରିବାକୁ ଅଣ୍ଟା ଭିଡ଼ିବାକୁ ନାହାନ୍ତି । ଆଦର୍ଶ ଓ କର୍ତ୍ତବ୍ୟ ଜ୍ଞାନ ଏମାନଙ୍କର କାହିଁ ।

ଶଙ୍କର କରୁଣ ଛଳ ଛଳ ଆଖିରେ ମିନାକ୍ଷୀ ମୁହଁକୁ ଅନାଇ ଶୁଖିଲା ହସ ମୁହଁରେ ଟାଣି ପଚାରିଲା—ପୂର୍ଣ୍ଣବାବୁ ଆସିଥିଲେ ପରା କୁଆଡ଼କୁ ଗଲେକି ?

ମିନାକ୍ଷୀ କାନ୍ଦଲା କାନ୍ଦଲା ସ୍ୱରରେ କହିଲା—ପୂର୍ଣ୍ଣବାବୁ ବାସନ୍ତୀ ଡାକ୍ତରଣୀ ପାଖରୁ ଔଷଧ ଆଣିବାକୁ ଯାଇଛନ୍ତି । ଶଙ୍କର ବାବୁ ତମ ଦେହ ଟିକିଏ ଭଲ ଲାଗୁଚି ? ଦିନଟା ସାରା ଯନ୍ତ୍ରଣାରେ ଛଟ ପଟ ହେଉଛ, ଏବେ ଦେହ କିମିତି ଅଛି କହିଲ ? ଶଙ୍କର ଉଠିବସିବାକୁ ଚେଷ୍ଟା କଲା । ମିନାକ୍ଷୀ ତାଙ୍କୁ ଧରିକି ଅଉଜାଇ ବସିଲା ।

ଶଙ୍କର ମ୍ଲାନ ହସ ହସି ବ୍ୟାକୁଳ ହୋଇ କହିଲା—ହଁ ମୁଁ ବର୍ତ୍ତମାନ ଟିକିଏ ସୁସ୍ଥ ବୋଧ କରୁଛି । ନବଅ ସରଦାର କଣ କମ କଥା କଲା ? ଭିଡ଼ରେ ସେହି ଏକା ଏପରି ଅଘଟଣ ଗୃହଁଲ୍ୟକର ଘଟଣା ଘଟିଗଲା ।

ଅଭୁରି ଗୋଟାଏ ଦୀର୍ଘ ନିଃଶ୍ୱାସ ମାରି ପୁଣି ସେ କହିଲା, ଏଇତ ସେଇ ମିନାକ୍ଷୀ ଦେବୀ ନିଃସଙ୍କୋଚରେ ଦିନସାରା ପାଖରେ

ବସି ତମା ସେବା କରୁଛ । କଥାରେ କଥାରେ ଓଠରେ ଲାଗି ରହୁଚି ହସ । ହସ ହସି ହସିବା ବେଗୀ ମୁହଁରେ ହସ ଚହଟାଉଚ । ନରିଅ ପଲେଇ ଏହା ଦେଖିଲେ ଈର୍ଷାରେ ଜଳିଯିବ ।

ମିନାକ୍ଷୀ ଲାଜସ୍ ହୁଏ । କେତେ ଭାବନା ଖେଳୁଚି ତା ମୁଣ୍ଡରେ । ମିନାକ୍ଷୀ ଆଖିରୁ ଲୁହ ଗଡ଼ିଲା କହିଲା—ମୋତେ ଆଜ ଲାଜ ଦିଅନା ଶଙ୍କର ବାବୁ । ମୋଅଛି ଏଇ ଚମ ଚିକ୍କଣ ରୂପ ଯୌବନ ଚହଟ ଚିକଳର ଆକର୍ଷଣ ତା ମନରେ ଉତ୍ତେଜନା ଆଣିଥିଲା । ମୋରି ଦେହର ଲୋଭରେ ତାର ଏତେ ହୁଂସୁକୁଳିଆ ନାଦ ଛନ୍ଦ କଥା । ତା ଭିତରେ ଯେ ଏତେ ମନ୍ଦଗୁଣ ଅଛି, ମୁଁ କମିତ ଜାଣିବ । ମୋତେ ଆଜ ଏଠାରେ ଭଲ ଲାଗୁନାହିଁ, ତମ ଦେହ ଭଲ ହୋଇ ଗଲେ ମୁଁ କଟକ ଚାଲି ଯିବ । ତମେ ମୋ ସାନ କୁହା ଅମାନ୍ୟ ନ କରି କିଛୁଦିନ ପାଇଁ ଗାଁକୁ ଯାଅ, ଏଠାରେ ରହି ଆଉ ଅଶାନ୍ତି ବଢାଅ ନାହିଁ । ନିଜ ଘର ସଂସାର ଦେଖିଲେ ମନ ଫେରିବ । ଯେତେ ଦିନଯାଏ ଆମ ଦେଶରେ ଶିଳ୍ପ କଳକାରଖାନାମାନଙ୍କରେ ମୁଷ୍ଟିମେୟ କେତେ ଜଣଙ୍କର ମାଲିକ ପଣିଆ ରହିଥିବ, ସେତେଦିନ ପର୍ଯ୍ୟନ୍ତ ଦେଶରେ ଅନାଚାର ବ୍ୟଭିଚାର ରହିବ । ଏହି ସୌଦାଗର ମାନେ ଦେଶର ନାଗରିକଙ୍କର ଶୋଷଣକାରୀ ଜୀବାଣୁ । ତା ନୋହି-ଥିଲେ ଆପଣ ସେମାନଙ୍କ ହାତରୁ ମାଡ଼ ଖାଇ ଏପରି ଦୁର୍ଦ୍ଦଶା ଭୋଗି ନଥାନ୍ତେ । ଶଙ୍କର ମିନାକ୍ଷୀ କୋଳରୁ ଧୁଁଷି ଯାଇ କଣେଇ ଚାହିଁଲେ ମିନାକ୍ଷୀକୁ । ମୁଣ୍ଡରେ ଟିକିଏ ଯନ୍ତ୍ରଣା ଅନୁଭବ କରି ଦୃଷ୍ଟି ଫେରାଇ ପୁଣି ମୁଣ୍ଡ ଥୋଇଲେ ତକିଆ ଉପରେ ।

ମିନାକ୍ଷୀ ପିଠି ଆଉଁସି ଦେଇ ବିନତି କରି ପ୍ରବୋଧନା ଦେଇ କହିଲା—ସାଧାରଣ ଲୋକଙ୍କ ପାଇଁ କାମ କରିବାକୁ ଯାଇ ଅନର୍ଥକ ବେକରେ ଗୁଡ଼ାଏ ଅଯଥା ଶତ୍ରୁ ସୃଷ୍ଟି କରିବାରେ କଣ ଦରକାର । ଯାହାଙ୍କ ପାଇଁ ଆପଣ ଏତେ କରୁଛନ୍ତି, ସେମାନେ ଆଜଯାଏ

ଆପଣଙ୍କୁ ଚାହିଁ ପାରିଲେ ନାହିଁ । ଆପଣଙ୍କର ମହତ୍ତ୍ୱ କାର୍ଯ୍ୟ ଧର୍ମ ଓ ଔଦାର୍ଯ୍ୟର ଉପଯୁକ୍ତ ମର୍ଯ୍ୟାଦା ଏମାନେ ଆପଣଙ୍କୁ ଦେବେ ନାହିଁ । କହୁ କହୁ ମିନାକ୍ଷୀ କାନ୍ଦି ପକାଇଲା । ମୁହଁ ଅନ୍ୟ ଆଡ଼କୁ ଫେରାଇ ନିଜକୁ ସମ୍ଭାଳି ନେଲା । ଶଙ୍କର ଝାଳବାଳେଇ ଉଠିଲା ପରି କହିଲା, ନବ ପଲ୍ଲେଇଙ୍କର ଏପରି ଅବାଞ୍ଛିତ ନିର୍ମମ ବ୍ୟବହାର କଥା ମୁଁ ଜାଣୁ ନାହିଁ । ମୋତେ ପଛରେ କିଏ କଣ କହୁଚି, କିଏ କଣ ମନେ କରୁଛି—ସେ ବିଷୟ ପାଇଁ ମୁଁ ଚିନ୍ତିତ ବା ବ୍ୟସ୍ତ ନୁହେଁ । ଦୁଃଖ ନ ଭୋଗିଲେ ମଣିଷ ସୁଖ ଆଶା କରିବା କେବଳ ଅବାସ୍ତବତା । ସ୍ୱାର୍ଥ ପାଇଁ ମଣିଷ ମନରେ ହିଂସ୍ରତା ଭାବ ସୃଷ୍ଟି ହୋଇଥାଏ । ଈଶ୍ୱର ପ୍ରତ୍ୟେକ ମଣିଷର ମନକୁ ଉଦାର ଉଚ୍ଚମନା କରନ୍ତୁ । ଯେପରି ପ୍ରଦୀପ ସଳିତା ନିଜେ ପୋଡ଼ି ପାଉଁଶ ହୋଇ ଅପରକୁ ଆଲୋକ ଦାନ କରି ପାରୁଛି, ସେପରି ମଣିଷ ମନରୁ ହୀନ ନୀଚତା ଭାବ ଦୂର କରି ମହାନ୍ ତ୍ୟାଗ ଭାବ ପୂର୍ଣ୍ଣ, ଉନ୍ନତ ଉଦାରତା ହୃଦୟବାନ କରନ୍ତୁ । ଭବିଷ୍ୟତରେ ଆମର ଏଇ ଅନୁଷ୍ଠାନର ଅବସ୍ଥା କଣ ହେବ କିଛି କହି ହେଉନାହିଁ ମିନାକ୍ଷୀ ଦେବୀ । ମିନାକ୍ଷୀ ମୁହଁରେ ବିରକ୍ତିର ରେଖା ଫୁଟି ଉଠିଲା । କ୍ଷତ ଉପରେ ଯେପରି ବେଦନାର ଝଡ଼ ବୋହୁଛି ।

ମଣିଷ କହିଲେ ସମସ୍ତେ ମଣିଷ । ତା ନୋହିଲେ ଆଦର୍ଶ ମଣିଷ ମଧ୍ୟରେ ପାର୍ଥକତା ରହିବ ନାହିଁ । ଦୁଃଖ ଆସିଲେ ଦୋଷ ଦୁର୍ବଳତା ତ୍ରୁଟି କେଉଁଠି ଧରା ପଡ଼ିଯାଏ । ନିଜକୁ ସତର୍କ ହେବାକୁ ପଡ଼େ, ମଣିଷ ସ୍ୱଭାବ ମାର୍ଜିତ ହୁଏ । ସବୁ ଲୋକଙ୍କ ମୁହଁରୁ ଯଦି ପ୍ରଶଂସା ଶୁଣିବାକୁ ମିଳେ, ତା ହେଲେ କେହି ଭଲ କାମ କରି ପାରିବ ନାହିଁ । ମଣିଷ ଜନ୍ମଗତ ପ୍ରକୃତି ସ୍ୱାର୍ଥପରତା । ସେ, ସେ ପ୍ରକୃତି ପ୍ରଦତ୍ତ ଧର୍ମ । ମନୁଷ୍ୟ ଯେତେ ବୈଭବ ଅର୍ଜନ କରୁନା କାହିଁକି କେବେବି ମଣିଷ ମନର ଆଶା ଶେଷ ନାହିଁ । ସେ ଆତୁର

ଅଧିକ ଶ୍ରୀବୃଦ୍ଧି ପାଇଁ ସବୁ ସମୟରେ ଚେଷ୍ଟା କରୁଛି । ଯେଉଁମାନେ ଦଳଗତ ସ୍ୱାର୍ଥ ବା ନିଜର ସ୍ୱାର୍ଥ ତ୍ୟାଗ କରିବା ପାଇଁ କୁଣ୍ଠିତ ହୋଇ, ନିଜର ପଡ଼ୋଶୀ ଲୋକମାନଙ୍କର ଦୁରବସ୍ଥା ପ୍ରତି ଉଦାସୀନ ରହୁଛନ୍ତି, ସେ କେବଳ ପଡ଼ୋଶୀ ଭାଇମାନଙ୍କ ପ୍ରତି ଶତ୍ରୁତା କରୁନାହିଁ, ସେ ତା ନିଜ ଭବିଷ୍ୟତ ଜୀବନର ପରମ ଶତ୍ରୁ ।

ଦଧିଆର ଗୁଲି ଚଳନ ଢଙ୍ଗ ତାଙ୍କ ପାର୍ବତୀକୁ ଭଲ ଲାଗୁନାହିଁ । ସେତେବେଳେ ତା ହାଡ଼ ଗୁଡ଼ାକ ତା ଶରୀରରେ କଡ଼ମଡ଼ କରି ଉଠୁଥିଲା । ସରମରେ ତୁଣ୍ଡ ଖୋଲି କିଛି କହି ପାରୁ ନ ଥାଏ । ସ୍ୱାମୀ ସାଙ୍ଗରେ ଯେତେବେଳେ ପରବାସକୁ ଆସିଛି, ସ୍ୱାମୀଙ୍କ ମନରେ କଷ୍ଟ ଦେବା କଣ ପାଇଁ ? ନିର୍ବୋଧ ମିଣିପ ଜାତିଟାର ଏମିତିକା ହୀନ ବୁଦ୍ଧି ? ପାର୍ବତୀ ମନ ଦୁଃଖରେ ଭାବନା ମନରେ ମରେ । ମୋ ପ୍ରତି ତାଙ୍କର ଯେଉଁ ଲୋଭ ଅଛି; ସେଇ ଲୋଭର ନିଆଁ ତାଙ୍କ ମନରେ ଧିକ୍ ଧିକ୍ ହୋଇ ଜଳୁଛି । ଦଧିଆ ମନରେ ସସ୍ତ ନାହିଁ ଖରଷର ଭାବ । ମନରେ ଜଳୁଲା ଉଦ୍‌ବେଗ ରୂପି ଅବରୁଦ୍ଧ ଗଳାରେ କହିଲା, ମୋର ସବୁ ଦୋଷ କ୍ଷମା କର ନୂଆବୋଉ । ଦେଖୁଛି ମୋ ଉପରେ ତମର ଧାରଣା ସହାନୁଭୂତିଶୀଳ ନୁହେଁ । ମନର ଉତ୍ତେଜନାରେ କେତେବେଳେ କଣ କହି ପକେଇଛି, ସେ ପାଇଁ ରୋଷ କରନି ।

ଦଧିଆ ମୁହଁକୁ ଚାହିଁ ନଇଁଲା ସ୍ୱରରେ ପାର୍ବତୀ କହିଲା, ଗୋଟାଏ ଗାଁରେ ଚୂଲକୁ ଚୂଲ ବାନ୍ଧି ପଡ଼ିଥାଏଁ । ଆମେ ଗୋଟାଏ ଗାଁର ବାସିନ୍ଦା ଗୋଟାଏ ପରିବାର ଭଳି । ଗାଁର ମଣିଷ ହୋଇ ଗାଁର ଚଳନ ଜାଣିନାହିଁ । ତମେ ଜାଣ, ତମର ଏପରି କୁତ୍ସିତ ପ୍ରସ୍ତାବରେ ମୁଁ କେବେ ରାଜି ହୋଇ ପାରିବି ନାହିଁ । ତମର ଯେତେ ସବୁ ଛୋଟ ଛୋଟ କୁବ୍ୟବହାରକୁ ମନରେ ଗଣ୍ଠି କରି ଧରି ନାହିଁ । ତମର ଯେତେ ଗୁଡ଼ାଏ ସବୁ ଭେସେସ କଥା, ନା ପସନ୍ଦ କରି ପରିହାସରେ ଉଡ଼ାଇ ଦେଇଛି । ଆଉ ବାର ବାର ଛୋପସ ହୋଇ ସେ କଥାଗୁଡ଼ା କୁହ ନାହିଁ । ପାର୍ବତୀ ମନରେ ସବ୍ରଗ ନାହିଁ ଦଧିଆ କଥା ଶୁଣିବାକୁ । କେମିତି ଯାଇ ତା ସ୍ୱାମୀ ପାଖରେ ପହଞ୍ଚିବ ମୁଣ୍ଡରେ ତାଅର କେବଳ ସେଇ ଚିନ୍ତା ଘେରୁଛି । ତା କଥାରେ କାନ ନ ଦେଇ ସିଧା ସିଧା ବାଟ ଚାଲିଥାଏ । କୈଳାସ ଦାସ ବାଡ଼ରେ ଶଙ୍କର ରହେ । ସେ ବାଡ଼ ପାଖ ହେବାରୁ ଭୟ ଭୟ ଦଧିଆ କହିଲା, ଏଇ ବାଡ଼ରେ ଶଙ୍କର ଭାଇ ରହନ୍ତି ନୂଆବୋଉ ।

ବାଟରେ ଦେଖିଲା ନରିଆ ସରଦାର ଭାରି ବାବୁଆଣି କରି କୁଆଡ଼େ ବାହାରକୁ ଯାଉଛି । ଦଧିଆକୁ ଦେଖି ଠିଆ ହୋଇ ପଚାରିଲା, ଆଜି କଅଣ ଗାଁକୁ ଆଇଲ ? ଦଧିଆ ତାକୁ ଜୁହାର ହୋଇ କହେ ବରଷକ ପରେ ପନ୍ଦରଟା ଦିନ କମ୍ପାନୀରୁ ଛୁଟି ମିଳିଥିଲା; ନ ଆସି ବା କଣ କରନ୍ତି ?

ଟିକିଏ ପାଖକୁ ଯାଇ ନରିଆ ଭୁଲା କରି ପଚାରେ—ଏ ସୁନ୍ଦରୀ ମାଇପିଟା କିଏ କରେ ? ସ୍ତ୍ରୀ ଦେହରେ ରୂପ ଯୌବନ ଉଛୁଳି ଉଠୁଛି—କେଉଁ ଚଉକସ ମାଇପିଟା ହୋଇଛି । ଦଧିଆ ସବୁ ଶୁଣି ମୁରୁକି ମୁରୁକି ହସୁଥାଏ—ତମେ ଜାଣିନ ଏ ପରା ଅମର ଗାଁ ବୋହୂ ! ଶଙ୍କରଭାଇଙ୍କ ଘର ମଣିଷ ।

ବାଟ ମଝିରେ ଠିଆ ହୋଇ ଦଧିଆ ଗପ କରୁଥିବାର ଦେଖି

ପାର୍ବତୀ ବାଡ଼ି ସଦର ଦରଜା ଠେଲି ଧଡ଼ପଡ଼ ହୋଇ ଅଗଣା ଭିତରେ ପଶିଲା । ମନେ ମନେ ଗୁଣି ହେଲା, ଏଇ ଅରମା ଅସନା ଜାଗାରେ ରହନ୍ତି ଯେ ମୋର ଜୀବନର ଆଶା ଭରସା ସର୍ବସ୍ୱ ସମ୍ବଳ । ଚାଲିଲା ପରେ ପାର୍ବତୀ ଆଗେ ଆଗେ ଗଲେ, ପଛରେ ଯାଉଚି ଦଧିଆ ।

ଆଖିରୁ ଲୁହ ପୋଛୁ ମିନାକ୍ଷୀ ପଦାକୁ ବାହାରି ଆସିଲା । ସିଏ କି ଆଖି ଆଗରେ ସାରା ଦୁନିଆ ଭ୍ରମୁଛି । ମନ ଭିତରେ ବାଜି ଉଠୁଛି ମହା ଦୁଃଖର କ୍ରନ୍ଦନ । ଶଙ୍କର ବାବୁ ଲୋକ ସାଧାରଣଙ୍କ ପାଇଁ କାମ କରିବାକୁ ଯାଇ ଯେଉଁ ଦୁର୍ଦ୍ଦଶା ଆଜି ଭୋଗୁଛନ୍ତି । ତାଙ୍କର ସେବାରେ ନିଜକୁ ଉତ୍ସର୍ଗ କରୁଛି ବୋଲି ମୁଁ ଆଜି ଧନ୍ୟା । ସେଇ ମୋର ଈପଦର ବନ୍ଧୁ, ମୋର ଚିର ନମସ୍ୟ ।

ପାର୍ବତୀ ହସିଲା ହସିଲା ମୁହଁ ଅନାଇଲା ତାଆରି ଆଡ଼କୁ । ତାଆରି ଆଡକୁ ଅନାଇଁ ମିନାକ୍ଷୀ ଥକ୍କା ମାରି ଛିଡ଼ା ହୋଇ ଭାବି ହେଲା ଏ ସ୍ତ୍ରୀ ଲୋକ ଜଣକ କେଉଁଠୁ ଆସିଛନ୍ତି, କଅଣ ଚାହୁଁଛନ୍ତି ମନରେ ଆନନ୍ଦର ପୁନେଇଁର ଜୁଆର ଆନନ୍ଦରେ ଉଜ୍ଜ୍ୱଳ ଦିଶୁଛି ପାର୍ବତୀର ଶୁଖିଲା ମୁହଁ । ଭାବୁଚି ପଚାରିବ ଶଙ୍କର ବାବୁଙ୍କର ଘରଟା କେଉଁଠା ? ଏଇ କେଇ ପଦ କଥା ପଚାରିବାକୁ ସାହାସ ହେଲା ନାହିଁ । ଅଧିକନ୍ତୁ ବ ନିଜ ସ୍ୱାମୀ ନାଁ ତୁଣ୍ଡରେ ଧରିବାକୁ ସରମ ଲାଗୁଚି । ଲୁଗା ଗଣ୍ଠିଲିଟା ହାତରେ ଧରି ଦଧିଆ ଶଙ୍କର ବସା ଦୁଆରକୁ ଆଗେଇ ଯାଇ, ଗଣ୍ଠିଲିଟା ରଖି ସାରି ଘର ଭିତରକୁ ଅନାଇଁ ହଠାତ୍ କହିଲା—କିଏ ଶଙ୍କର ଭାଇ ଘରେ ଶୋଇଛନ୍ତି କି ?

ଶଙ୍କର ଶେଯରେ ଶୋଇ ଛଟପଟ ହେଉଛି, ଆଖିକୁ ଟିକିଏ ହେଲେ ନିଦ ନାହିଁ । ଶୁଣି ପାରିଲା ପଦାରେ କିଏ ନା ଧରି ଡାକୁଛି । ଶଙ୍କର ତାକୁ ପଚାରିଲା—କିରେ ଦଧିଆ, ଗାଁ ଯାଇଥିଲୁ ପରା ଆଜି ଗାଁରୁ ଫେରିଲୁ କି ? ଦଧିଆ ଖୁସିଟାଏ ହୋଇ କହିଲା, ହେଇପରା ତମ ଭାଉଜ ମୋ ସାଙ୍ଗରେ ଆସିଛନ୍ତି । ତମେ ପରା ଟଙ୍କା ପଠେଇ

ଲୁଅଡ଼େ ପଠେଇଲ ନାହିଁ, ଏମାନେ ଖାଇବେ କ'ଣ ?

ଶଙ୍କର ମନ କାନ୍ଦ ଉଠିଲା । ବିକଳ ହୋଇ ଧାଇଁଲା ବାହାରକୁ । କବାଟ ଫାଙ୍କରେ ଦିଶୁଛି ଧୋବ ଫର ଫର ଶାଢ଼ୀ, ହସିଲା ହସିଲା ମୁହଁ ଏକେଡ଼େ ଅଗ୍ରହରେ ସେ ଘର ଭିତରକୁ ଗଲା । ପରନ୍ତୁ ଲୁଙ୍କ ଉଦେଖିଲା ପରେ ସେ ଚମକି ଉଠିଲା । ମୁହଁ ଉପରକୁ ଟାଣି ଅଣିଲା ଓଢଣା, ଓଠରେ ଦରହସୁସ ବ୍ୟଥା ଭରା ହସ । ଦିନ ଦି'ପହରେ ସେ କେବେ ଶୁଅନ୍ତି ନାହିଁ, ଆଜି କାହିଁକି ଶୋଇଛନ୍ତି ? ଯାଏଁ ଉଠେଇ ଦିଏଁ ।

ତଥାପି ପାର୍ବତୀ ତା ମୁହଁକୁ ଚାହିଁ କଥା କହି ପାରୁ ନାହିଁ । ଶଙ୍କର ଦୁଇ ଗୋଡରୁ ଧୂଳି ନେଇ ମୁଣ୍ଡରେ ମାରିଲା । ଲାଜ ଲାଜ ହୋଇ ଥରେ ଭଲ କରି ତାଆରି ଦେହ ପ୍ରତି ଚାହିଁଲା । ବୈଶାଖ ମାସ ଖୁବ୍ ଖୁବ୍ ଗରମ ଦେହର ଫରୁଆଟା ଝାଳରେ ଓଦା ହୋଇ ଯାଇଛି । ଶଙ୍କର ଦେଖିଲା ପାର୍ବତୀର ପୂର୍ବ ସ୍ୱାସ୍ଥ୍ୟ ନାହିଁ । ଥାଳପଟ ପରି ଗୋଲ୍‌ଗାଲ୍ ମୁହଁ ମଳିନ ଦିଶୁଛି, ଆଖି ତଳେ କଳା ଦାଗ, ଦୁଇ ହାତରେ କଳା କାଚ ଦି ପଟ କରି ରହିଛି, ରୁପା ସୁନା ଗହଣା ରତିଏ ହେଲେ ଦେହରେ ନାହିଁ । ମନ କହୁଛି ପାର୍ବତୀକୁ ସୋହାଗିଆ କରି ଅଧୀନ୍ୟ ହୋଇ କହିବ ଖାଇବା ପିନ୍ଧିବାର ଅଣହେଳାରେ ଏତିକି ଦୁର୍ବଳ ହୋଇଛି । ସବୁ ଦୋଷ ମୋର, ମୁଁ କ୍ଷମା ମାଗୁଛି । ମୁଁ ତମର ଅଦେଶର ଦାସ । ପାର୍ବତୀ ଆଖିରୁ ଲୋତକ ଦୁଇ ଧାର ହୋଇ ଗଡ଼ି ଆସିଲା । କେଜାଣି କାହିଁକି କୋହ ଉଠିଲା । କାଳ କାଳର ଅକୁଳ ବିକଳ ଭାବ ସ୍ମୃତି ଆସିଗଲା । ଶଙ୍କର ଉଠି ବସିଛି । ଦେହ ମୁଣ୍ଡ ଦୁର୍ବଳ । ହାତ ବଢ଼ାଇ ପାର୍ବତୀକୁ ଟାଣି ନେଲା ପାଖକୁ । ପାର୍ବତୀ କଅଁଳ ହାତଟି ଶଙ୍କରର ପିଠି ଆଉଁସୁଛି । ମୁଣ୍ଡ ହେଉଛି ଝାଇଁ ଝାଇଁ, ଅଧା ବାଘୁଣୀଙ୍କ ପରି ଆଖିରୁ ଲହ ପୋଛୁ କୋହ ଚାପି କହିଲା — ଲୋକେ କଂଦେଖ ଆସିଲେ କଅଣ ସହଜରେ ଘରକୁ

ଫେରିବାକୁ ଇଚ୍ଛା ହୁଏନା । କଣ୍ଠ ଦେଇଆସି ଥିଲେ—ଛପର ଛଇ ଦେଇ ବରଷ ଦୋଳ ପୁନେଇକୁ ଘରକୁ ବାହୁଡ଼ିବ ବୋଲି । ସ୍ତ୍ରୀ ଭିତରେ ସାତ ବରଷ କଟିଗଲା, ଘର କଥା ମନେ ପଡ଼ିଲାନି ତମର । ତମେ ତ ନିଶ୍ଚିନ୍ତ ହୋଇ ଏଇଠି ରହିଲ, କେତେଣି ତମ ସଂସାର ଚଳେ କିପରି ? ବୋଉ ବୁଢ଼ୀମଣିଷ ଦିନକୁ ଦିନ ଅଚଳ ହେବାକୁ ବସିଲେଣି, ତମର ଚିନ୍ତାରେ ସେ ଦୁର୍ବଳ ହୋଇ ପଡ଼ିଲେଣି । ପାର୍ବତୀ ମନରେ ଦାରୁଣ ଦୁଃଖ ତା ଅଭିମାନିଆ କଥାରୁ ପ୍ରକାଶ ପାଉଛି । ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ମାନ ଅଭିମାନ କଥା ଯହିଁରେ ତାହାରି କିଛି କହିବାର ନାହିଁ ଅନ୍ୟମାନେ ବିସ୍ମୟ ହୋଇ ଚାହିଁ ରହିଛନ୍ତି ।

ଦଧିଆ ମଧୁରଭକ୍ତିଆ ହୋଇ କହିଲା—ଶଙ୍କର ଭାଇ, ବୋଉ ତମର ଭାବ ସେଗୁଣା ହୋଇ ଗଲେଣି । ଚାଲିବାକୁ ବୁଲିବାକୁ ଅପାରଗ । ନୂଆବୋଉ ଶାଶୁକୁ ତାଙ୍କର ଘରେ ଏକୁଟିଆ ଛାଡ଼ି ଘରୁ ଗୋଡ଼ କାଢୁ ନଥିଲେ, ଖାଲି ତମର ପାଇଁ ବିଦେଶକୁ ବାଧ୍ୟ ହୋଇ ଆସିଛନ୍ତି ।

ଶଙ୍କର ପାର୍ବତୀର ଶୁଖିଲା ମୁହଁକୁ ଚାହିଁଲା । ପଚାରିଲା, ବୋଉ ଦେହ ଭଲ ଅଛି ? ମୁଁ ଚିଠି ଦେଇ ନାହିଁ ବୋଲି ସେ ପାଇଁ କଣ ତମେ ଅଭିମାନ କରି ଚିଠି ଦେଲ ନାହିଁ ?

ପାର୍ବତୀ ମୁହଁରୁ ଯେଉଁ ଭାଷା ବାହାରୁଛି ସତେ ଯେପରି ସେଥିରୁ ଅଜାଣ ହୋଇ ଝରୁଛି—ତା ସ୍ୱାମୀ ପ୍ରତି ସ୍ନେହ ସୁହାଗ ବ୍ୟାକୁଳତା ପୂର୍ଣ୍ଣ କରୁଣ ଆବେଦନ । ପାର୍ବତୀ କାଁ ।କାସି ଉଠଯାଏ । ଶଙ୍କର ମୁଣ୍ଡ ଫଟା ଘା'ରେ ପଟି ବନ୍ଧା ହୋଇଛି ଦେଖି କଲିଜାରେ ତତଲା ଲୁହା ଚଅଁ ଚୁଅଁ ଚୁଅଁ ଲାଗିଲା ପରି ପ୍ରାଣ ଭିତରଟା ହାଉ-କାଉ କରି ଉଠିଲା । ଚମକି ପଡ଼ି ପଚାରିଲା—ହଇଏ ! କାହିଁକି କିମିତି ତମର ମୁଣ୍ଡ ଫାଟିଲା ? ତାଙ୍କୁ ପିଣ୍ଡରୁ ପ୍ରାଣ ଛାଡ଼ି ଗଲାପରି

ଗୁଛୁ । ଦୁଇ ହାତରେ ମୁହଁ ଲୁଚାଇ ସେ କାନ୍ଦି ଉଠିଲା । ସେ ଆଉ ଧୈର୍ଯ୍ୟ ଧରି ପାରୁ ନାହିଁ । କଅଣ କରିବ, କୁଆଡ଼କୁ ଯିବ ? ମର ଏଇ ଅସହ୍ୟା ଦଶା ମୋର ଏଇ ପୋଡ଼ପାଡ଼ ଆଖିକୁ ପୁଣି ଦେଖିବାକୁ ଥିଲା । ମୋତେ ମରଣ ନ ହେଲା ଯାହା—।

ଶଙ୍କର ଅସ୍ଥିର ହୋଇ ଘରର ଏପାଖ ସେପାଖକୁ ଦୃଷ୍ଟି କେଇଲା । ଆଗ ଦୃଷ୍ଟି ପଡ଼ିଲା ପାର୍ବତୀ ଉପରେ । ଅଧା ବାଇଆଣୀ ର ଦିଶୁଛି । ତା ପଛରେ ଠିଆ ହୋଇଛନ୍ତି ମିନାକ୍ଷୀ ଦେବୀ । ଙ୍କ ଆଖିରେ ଲୁହ ଡଳ ଡଳ, ମୁହଁ ଦିଶୁଛି ମଳିନ । ମିନାକ୍ଷୀ ଣର ବେଦନାକୁ ଲୁଚାଇ ପାର୍ବତୀକୁ ପ୍ରବୋଧନା ଦେଇ କହିଲେ, ଙ୍କର ବାବୁ ଆଗ ଅପେକ୍ଷା ଆଜି ଢେରେ ଭଲ ଅଛନ୍ତି । ସକାଳେ ଡାକ୍ତରଣୀ ବାସନ୍ତୀ ବସୁ ଆସି ଦେଖି ସାବ କହିଗଲେ ଶଙ୍କର ବାବୁର କଥା ଭାବି ଦୁଃଖ କରନି । ତାଙ୍କ ମୁଣ୍ଡର ଫଟ ଘା ଭଲ ହୋଇ ଗଲାଣି । ଦେହ ଟିକିଏ ଦୁର୍ବଳ ଅଛି । ଅସ୍ପଷ୍ଟଭାବେ କେତେ କଥା ଇସି କେତେ ଅକୁଳ ହୋଇ ପାର୍ବତୀ ପଚାରେ—ମୋ ସଣ ସତ କହିଲ, ତାଙ୍କର କାହିଁକି ମୁଣ୍ଡ ଫାଟିଲା ?

ଶଙ୍କର ତୁନି ହୋଇ କ'ଣ ଭାବିବାକୁ ଲାଗିଲା । ମିନାକ୍ଷୀ ଦୀର୍ଘ ନିଃଶ୍ୱାସ ଛାଡ଼ିଲା । ଆକୁଳ ଆଖିରେ ପାର୍ବତୀକୁ ଚାହିଁ କହିଲା—ଆମ ଲୋକମାନଙ୍କ ଆଖିରେ ଭଲ କଥା ଗୁଡ଼ାକ ଖରାପ ଦିଶେ । ନିଜର ସ୍ୱଭାବ ମାପ କାଠିରେ ଅନ୍ୟକୁ ମାପନ୍ତି । ଅନ୍ୟ ଲୋକେ ଆମ ଲୋକଙ୍କୁ ତରଳାନ୍ତି, ପ୍ରଭାବନ୍ତି କିନ୍ତୁ ମନ ବଦଳାଇ ପାରନ୍ତି ନାହିଁ । ଶଙ୍କର ବାବୁ ମୋ ବସାକୁ ଯିବା ଆସିବା କରୁଥିବା ଦେଖି ଗାଁର ଲୋକେ ମୋ ପ୍ରତି ସନ୍ଦେହ କରୁଥିଲେ । ଭଜାର ସହଯୋଗୀ ଲୋକଙ୍କର ଉପରେ ପଡ଼ି ଝଗଡ଼ା କରିବା ପ୍ରକୃତ । ସ୍ୱାଙ୍କର ମୋର ଏକା ସାଙ୍ଗରେ କଥା ବାର୍ତ୍ତା ଚଳ ପ୍ରଚଳ ସେମାନଙ୍କ ସନ୍ଦେହ ସହେ ନାହିଁ । ଦିନେ ଜଣେ ବୁଢ଼ା ଲୋକ ମୋ ବସାକୁ ଆସି କହିଗଲେ,

ହଉଛେ ମାଷ୍ଟ୍ରାଣୀ ! ଏଗୁଡ଼ାକ କଣ ଭଲ କଥା ? ଏ ଶଙ୍କରଟା ଏଡ଼େ ଭେଣ୍ଡିଆ ଟୋକାଟାଏ ତମ ପାଖକୁ ଛାଡ଼ ନାହିଁ । ଧନ ନାହିଁ ଅସୁନ୍ଥ, ତା ସଙ୍ଗରେ ତମର ଏମିତିକା କି କାରବାର ରହୁଛି ଶୁଣେ ? ତମର ଏ ଯେଉଁ ଢଙ୍ଗ ଢାଙ୍ଗ, ଦେଖିବା ଲୋକେ କଅଣ ଭଲ କହୁଛନ୍ତି ?

ପାର୍ବତୀ ମୁହଁ ଉଜ୍ଜଳ ଉଠିଲା । ମିନାକ୍ଷୀ ହାତ ପାପୁଲିକି ମୁଠାଇ ଧରି ହସି ହସିକା କହିଲା—ଏ ଦୁନିଆରେ କେଉଁ ମଣିଷର କେଉଁ ପ୍ରକୃତି ଚିହ୍ନି ହେବ ନାହିଁ । ବେଳ ପଡ଼ିଲେ ମଣିଷ ମନ ଏମିତି ବଦଳେ ମା । ଲୋକେ ତମଙ୍କୁ ସନ୍ଦେହ କରନ୍ତି ସେ ପାଇଁ ପ୍ରକାଶ୍ୟରେ ଅନେକ କଥା କହାକରେ । ପ୍ରଖର ଯୌବନ ତାତର ଧୈର୍ଯ୍ୟ ଭଙ୍ଗେ, ମନରେ ଦୁର୍ବଳତା ଅସେ । ସେଥିପାଇଁ ଶାସ୍ତ୍ର କହୁଛି ପର ପୁରୁଷ ଭ୍ରମର ଜାତି, ତାଙ୍କୁ କାଳେ କାଳେ ବିଶ୍ୱାସ ନାହିଁ । ମୋ ରାଣ ତମେ ଏକା ସତ କହିବ ତମ ଶଙ୍କର ବାବୁଙ୍କ ମୁଣ୍ଡ କାହିଁକି ଫାଟିଲା ?

ମିନାକ୍ଷୀ ଅତିଲି ସ୍ୱରରେ କହିଲା—ଆମର ଏ ଦୁର୍ଭାଗା ଜାତି ଅଜି ପର୍ଯ୍ୟନ୍ତ ଜାତୀୟ ମର୍ଯ୍ୟାଦା କଅଣ ବୁଝିଲା ନାହିଁ । ଏମାନେ ମଣିଷ ନୁହନ୍ତି—ହିଂସ୍ର ଜନ୍ତୁ ପରିକା ସ୍ୱାର୍ଥ ଦୁଷ୍ଟପୂର୍ଣ ପ୍ରେତପଲ୍ଲୀ । ଯେଉଁ ଲୋକଙ୍କ ଉପକାର ପାଇ ଏଠାରେ ଜାତୀୟ ସଂଗଠନ କାମ କରିବାକୁ ବାହାରିଥିଲେ—ଶଙ୍କର ବାବୁ ମହାନ ଆଦର୍ଶ ପ୍ରେମିକ, ଦେଶ କର୍ମୀ, ଜାତିର ସେବକ । ସ୍ୱାଙ୍କର ଏପରି ବ୍ୟକ୍ତିତ୍ୱ ଦେଖି ଅନ୍ୟମାନଙ୍କ ଦେହ ସହିଲା ନାହିଁ । କାହାର ଚାଣି ପଣ ବେଶୀ ଧନ କହୁ ନାହିଁ ରହିବ ନାହିଁ । ଗଳଘର ନରିଆ ସରଦାର ପଇଁତାଳଣରୁ ଅଧିକ ବୟସ । ସେ କାଳିଆ ଗୁଣ୍ଡାକୁ ସାଙ୍ଗ କରି ଅଣି ହିଂସୁକିଆ ଟା ଠେଙ୍ଗା ବାଉ ମାରି ଶଙ୍କର ବାବୁଙ୍କ ମୁଣ୍ଡ ଫଟେଇ ଦେଇଛି ।

ଅଗରୁ ଦିନେ ଖରାବେଳେ ମୁଁ ଖଟ ଉପରେ ଶୋଇଛି, ନିଦରେ ଆଖି ପତା ମାଡ଼ି ମାଡ଼ି ପଡୁଥାଏ । ଏକଲା ମାଇପିଟା ମୁଁ ଘରେ ସେତେବେଳେ ହଠାତ୍ ନର ପଲେଇ ମୋ ଶୋଇବା ଘର ଭିତରେ ପଶି ମୋ ହାତକୁ ଧରିଲା । ମୋ ଆଖିର ନିଦ ବାଉଳକନା ଭାଙ୍ଗିଯାଏ । ଉଠି ବସିଲି ଭାବା ହୋଇ ତା ମୁହଁକୁ ଚାହିଁଥାଏ । ନରଅ ସତେ ଯେପରି କଣ କହିବ କହିବ ହୋଇ କହି ପାରିଲା ନାହିଁ । ମୋ ଛାତି ଭିତର ଦାଉ ଦାଉ ହୋଇ ପଡୁଥାଏ । ଏଡ଼ିକ ବ୍ୟଭିଚାରୀ ମଣିଷ ସେଇଟା । କୁଟିଳ ହସ ହସି ମୋତେ ଦୁଇ ହାତରେ କୁଣ୍ଢେଇ ଧରିଲା । ବେଳେ ବେଳେ ମଣିଷର ପଶୁ ପ୍ରକୃତି ଆସେ; ପଶୁଙ୍କ ଭଳି ଚାମୁଣ୍ଡି ଗୋଡାଏ । ତାକୁ ଠେଲି ପେଲି ଦେଇ ଖଟ ଉପରୁ ଉଠି ପଡ଼ିଲି । ଏତିକି ବେଳେ ଶଙ୍କର ବାବୁ ଆସି ପହଞ୍ଚି ଗଲେ । ସେ ଦିନ ତା ସାଙ୍ଗେ ଶଙ୍କର ବାବୁଙ୍କର ଝଗଡ଼ା ହୋଇଯାଏ । ସେଇ ରାଗରେ ସେ ଏଇସ୍ତା କଲା ।

ସେ କଥା ଭାବିଲା ବେଳକୁ ପାର୍ବତୀ ଅନ୍ତ ଦୁହ ହୋଇ ଯାଉଛି । ବଡ ଦୁଃଖ ପାର୍ବତୀ ମନରେ ଆଉଟି ହେଉଚି ସତେ, କିଏ ସେଇଟା ଏ ରଙ୍କୁଣୀର ସୁଖର ସଂସାରରେ ନିଆଁ ଲଗାଇବାକୁ ବସିଛି । ନର ପଲେଇ ବିରୁଦ୍ଧରେ ପାର୍ବତୀର ଶିରା ପ୍ରଶିରା ରକ୍ତ ଟକ ମକ ଭର ଉଠିଲା । ରାଗରେ ଅଗ୍ନି ଶର୍ମା ହୋଇ କହିଲା—ମୁଁ ହୋଇଥିଲେ ସେ ଅଲାଜୁକ ନର ପଲେଇର ତଣ୍ଟି ଚିପି ମାରି ଦେଇ ଥାଆନ୍ତି । ନାରୀର ସ୍ୱାମୀ ଅତି ପ୍ରିୟ । ଯାହାଙ୍କ ସଙ୍ଗରେ ରହିଛି ସ୍ତ୍ରୀର ଅଚ୍ଛିନ୍ନ ସମ୍ବନ୍ଧ, ପ୍ରେମମୟ ସ୍ୱାମୀଙ୍କ ସୁଖ ଆନନ୍ଦ ପାଇଁ ସ୍ୱାମୀଙ୍କ ଶତ୍ରୁକୁ ହତ୍ୟା କରିବା ହିନ୍ଦୁ ନାରୀର କର୍ତ୍ତବ୍ୟ, ଆଦର୍ଶ ।

ପାର୍ବତୀ ମାନଭଞ୍ଜନ କରିବାକୁ ଶଙ୍କର ତା ପିଠିରେ ହାତ ପକାଇ ତାକୁ ବହୁଦିନ ପରେ ସେଇ ପରିଚିତ ସ୍ପର୍ଶ ସୁଖ ଦିଏ । ହସି ହସି ଭ୍ରୁଲତା ଟେକି ଅନୁଯୋଗ କରି କହିଲା—ସତଟା ସାର

ଗାଡ଼ିରେ ବସିଛ, ଗାଡ଼ି ବାଧାରେ ମୁହଁ କଳା ପଡ଼ିଛି । କଣ ଗାଡ଼ିରେ ଖାଉଥିଲ, ତମକୁ ଭୋକ କରୁ ନାହିଁ ? ଶଙ୍କର ଉତ୍ତରକୁ ଅପେକ୍ଷା ନ କରି ତନ୍ମୟ ହୋଇ ଚାହୁଁଥାଏ ପାର୍ବତୀକୁ । ଅସାବଧାନତଃ ପିନ୍ଧା ଲୁଗା ଅଧା ପିଠି ଯାଏ ଖସି ପଡ଼ିଛି । ଆହା କି ସୁନ୍ଦର ଠୋସ୍ ଶାନ୍ତଶୀଳ ମୁହ । ଗୋରା ଗୋରା ଦେହ ଯାହା ଶୋଭା ସମ୍ଭାର ଏକମାତ୍ର ଶଙ୍କରର ସମ୍ପଦ । ତା ମନରେ ଯେତେ ଯାହା ଦୁଃଖ ଥିଲା ପାର୍ବତୀ ଚନ୍ଦ୍ର ମୁଖ ଦର୍ଶନରେ ସବୁ ଯିମିତି କୁଆଡ଼େ ଚାଲି ଗଲାଣି । ଆଜି ଯେପରି ନୂଆ କରି ତାକୁ ଦେଖୁଛି । ଏତେ ଦିନ ପରେ ପାଖରେ ଲଗା ଲଗି ହୋଇ ବସିଥିବାରୁ ତାକୁ ଭାରି ଭଲ ଲାଗୁଥାଏ । ପାର୍ବତୀ ଦେହରେ ଦେହ ବାଜି ଦେହର ରକ୍ତ ତପ୍ତ ହୋଇ ଉଠୁଥାଏ । ପାର୍ବତୀ ପଲକହୀନ ଦୃଷ୍ଟିରେ ଚାହିଁ ରହିଥିଲା ଶଙ୍କରକୁ । ଆକୁଳ ବିକଳ ହୋଇ ଶଙ୍କର ହାତ ଧରି କହିଲା—ଯେଉଁ ଲୋକମାନଙ୍କର ଦୁଃଖ ଦୁର୍ଦ୍ଦଶା ଦେଖି ତମ ପ୍ରାଣ କାନ୍ଦୁଥିଲା ତାଙ୍କ ସୁଖ ଶାନ୍ତି ପାଇଁ ନିଜ ସୁଖ ଆନନ୍ଦକୁ ପଛ କରି ଯେଉଁ କାମ ପାଇଁ ଅଗଭର ହୋଇଥିଲ, ସେ ଆଦର୍ଶ ବି ତମକୁ ଆନନ୍ଦ ଦେଇ ପାରିଲା ନାହିଁ । ଯେଉଁ ବୋଉ ତମର ନିଜର ଅନ୍ତ ଫାଡ଼ି ତମକୁ ଦୁନିଆକୁ ଆଣିଥିଲେ—ତମେ ତାଙ୍କର ସେଇ ଶିଶୁ ପିଲା ଆଠ ବରଷ ହେଲା ଆଜି ତାଙ୍କ ପାଖରୁ ହଜି ଯାଇଛ । ତାଙ୍କ କଲିଜା ଫାଟି ଯାଉଛି ଦିନ ରାତି ତମରି ଚିନ୍ତା କରି କରି । ଝୁରି ଝୁରି କ୍ଷୀଣ ହେଲେଣି । ବୋଉ ମୋତେ ଜିଦ କରି ପଠେଇଛନ୍ତି ତମକୁ ମୁଁ ସାଙ୍ଗରେ ନେଇ ଗାଁ'କୁ ଲେଉଟିବି ।

ଶଙ୍କର ପାର୍ବତୀର ହାତ ଧରି ପାଖକୁ ନେଲା । ହସିଲା ମୁହଁରେ କହିଲା ତମେ ମୋଅର ପାଇଁ ଏତେ ବ୍ୟାକୁଳ ହେଲ, ତମର କଥା ରହୁ । ତମର ଛଡ଼ା ପାର୍ବତୀ ମୋ ମନରେ କାହାର ସ୍ଥାନ ନାହିଁ । ମୋର ଏକମାତ୍ର କେବଳ ତମେ । ତମକୁ ମନରେ ଭରି କୋଳରେ

ଧରି ଦୁଃଖ ଅଭାବ ସହି ସଂସାରରେ ରହିବାକୁ ଚାହେଁ ।

ମିନାକ୍ଷୀ ସେ ଘରରୁ ଦୂରେଇ ଯାଇ ତା ଘରେ ପଶି କଣ କରୁଛି । ପାର୍ବତୀ ଶଙ୍କର ଛାତି ଉପରେ ମୁଣ୍ଡ ଥୋଇଲା । ମିଳନର ମୋହ ତାକୁ ଉନ୍ମାଦ କରେଇ ! ଆଖିର ଲୁହ ଅଟକାଇ ପାରୁ ନାହିଁ । ତା ଆଖିର ତତଲା ଲୁହ ଶଙ୍କର ଛାତି ଉପରେ ପଡୁଛି । ଦୁଇ ବାହୁରେ ସ୍ୱାମୀର ଦେହ ଗୁଡ଼ାଇ ଧରି କହିଁ କଇଁ ହୋଇ କାନ୍ଦ ଉଠିଲା । ପାର୍ବତୀ ମୁହଁକୁ ଚାହିଁବାକୁ ଶଙ୍କରକୁ ଲାଜ ମାଡ଼େ । ପାର୍ବତୀର ବ୍ୟଥା ଭରା କଥା ଗୁଡ଼ା ତା ମନରେ ଭେଦୁଛି । ପାର୍ବତୀ ଯାହା ସବୁ କହୁଛି ନିଘଞ୍ଚ ସତ । ହସି ଉଡ଼େଇ ଦେବାର ନୁହେଁ । ଭାବୁଛି ଗତ ଜୀବନରେ ସୁଖ ଦୁଃଖ କଥା । ଯେଉଁ ସ୍ତ୍ରୀକୁ ମୁଁ ପ୍ରାଣ ଠାରୁ ଅଧିକ ଭଲ ପାଉଥିଲି, ମୋ ବୋଉକୁ ମୁଁ କେତେ ଭକ୍ତି ଶ୍ରଦ୍ଧା କରୁଥିଲି । ଭାଗ୍ୟଚକ୍ରେ ପଡ଼ି କୁଟୁମ୍ବ ପୋଷିବାକୁ ଅପାରଗ ହୋଇଛି, କର୍ତ୍ତବ୍ୟ ପଣିଆଁରେ ହେଳା କରିଛି ।

ମିନାକ୍ଷୀ ପାଖକୁ ଆସି ବଡ ବିରସ ହୋଇ ପଚାରିଲା, ନିଜର ଭୁଲ୍ ଏବେ ବୁଝି ପାରିଲେଣିତ ? ଯଦି ଆମ ଅନୁଷ୍ଠାନ ପ୍ରତି ସର୍ବ ସାଧାରଣଙ୍କ ଦୃଷ୍ଟି ପଡୁଥାଆନ୍ତା, ତା ହେଲେ ଆମକୁ ଏତେ ଭାବିବାକୁ ପଡନ୍ତା ନାହିଁ । ସାଧାରଣଙ୍କ ପାଇଁ ଯାହା ବା କରୁଛନ୍ତି, ଆପଣ ଦେଖୁଛନ୍ତି ତ ସର୍ବସାଧାରଣଙ୍କର ସେ ପ୍ରତି ସହାନୁଭୂତି ନାହିଁ ଆଉ କେତେ ଦିନ ଆପଣ ସର୍ବସ୍ୱାନ୍ତ ହୋଇ ଏହି ଅନୁଷ୍ଠାନକୁ ଚଳାଇବେ ? ଏଠାକାର ଲୋକଗୁଡ଼ାକ ହିଅ, ମାଇପିଟାଏ ଦେଖିଲେ କାମୁଡ଼ା କୁକୁର ପରି ହା କରି ଅନେଇ ଥିବେ । ଏମିତ କେତେ ଗୁଡାଏ ଲୋକ ଅଛନ୍ତି, ମୋତେ ନିଃସହାୟା ଦୁଃଖିନୀଟାଏ ମନେ କରି ମୋଅରି ଏଇ ରୂପବତୀ ଦେହ ଆଲିଙ୍ଗନ ଭୋଗ କାମନାରେ ଆଗେଇ ଆସୁଛନ୍ତି । ଉତ୍ତେଜନା ଅଗ୍ନିର ନିଆଁରେ ପଡ଼ି ଛଟ ପଟ ହୋଇ ମରୁଛନ୍ତି । ମୋଅରି ପାଇଁ ପୁଣି କେବେ ଦିନେ କଳି ଉକ-

ଖାଲି ନାଁଟ ଲୁଚିବ । ଆଜି ମୋର ଏଠି ମାଷ୍ଟ୍ରାଣୀ ପଣିଆଁ ଏତିକି ହେଲା । କାଲିଗାଈ ଗଣ୍ଡରେ ପଥର ଫିଙ୍ଗିଲା ପରି—ପର ଦେଶରେ ଯେତେ ମହତ୍ତ୍ୱ କାମ କଲେ, ସେଠି ନା ନାହିଁ । ଅସହକାର ଆନ୍ଦୋଳନ ବେଳେ ଆମର ବଶିଷ୍ଟ ପ୍ରବାସୀଭାଇ କେତେ ଜଣ ଆନ୍ଦୋଳନରେ ପ୍ରାଣ ହରେଇଛନ୍ତି । କିନ୍ତୁ ସେ ସମସ୍ତ ଭାଇ ମାନଙ୍କର ନାଁ ଆନ୍ଦୋଳନ ଜାତୀୟ ଇତିହାସରେ ନାହିଁ । ଆମେ ଚିନି ବୋହା ବଳଦ ପରି ଚିନି ବୋହୁ ବୋହୁ ମରୁ, ଚିନି ମଧୁର କି ତିକ୍ତ ସେ ସ୍ୱାଦୁ ଆମେ ଉପଲବ୍ଧି କରି ପାରୁନାହୁଁ । କେତେ ଜଣ ସୁବିଧାବାଦୀ ଫାଇଦା ଉଠାନ୍ତି । ସେଥିପାଇଁ ପରା ଆମ ଆଡ଼େ କହନ୍ତି—

ଲୋକ ନ ଚିହ୍ନିବୁ ଜାମା ଜୋତାରୁ
ଅରେ ବୁଲିଆ କଲିକତାରୁ ।

ମୋ ମନର ଉତ୍ସାହ ଭାଙ୍ଗିଛି ।

ଶଙ୍କର ହସ ହସ ହୋଇ ଧୀରେ ଧୀରେ କହିଲା, ସାଧାରଣଙ୍କ କାମରେ ଏପରି ସମସ୍ୟା ଚିରଦିନ ଥିଲା, ଚିରଦିନ ରହିବ । ମିନାକ୍ଷୀ ଆଖିରେ ଶଙ୍କରର ହସ ହସ ମୁହଁ ପଡ଼ିଲା । ଏତେ ଦୁଃଖରେ ବି ତେବେ ସେ ହସୁଛନ୍ତି । ଲାଜରେ ମିନାକ୍ଷୀ ମୁହଁରେ ଗୋଲାପର ଆଭା ଉକୁଟିଲା । ସ୍ୱାଙ୍କ ଆଗରୁ ଯାଇ କେଉଁଆଡ଼େ ମୁହଁ ଲୁଚେଇବ । ପାର୍ବତୀର ଫାଙ୍କୁଆ ମୁହଁ ହସିଲା ହସିଲା ଓଠରେ ତା ସ୍ୱାମୀଙ୍କ ମୁହଁକୁ ଅନେଇଛି । ମିନାକ୍ଷୀ ଆଗେଇ ଆସି ପାର୍ବତୀର ହାତକୁ ଧରିଲା । ଚଗଲେଇ କଅଁଳେଇ କହିଲା—ତମେ ଗାଈ ବାଧାକା ହୋଇ ସ୍କୁଲରେ ତୁମ କେତେ ଅପନା ଦେଖୁଚ, ତମକୁ ମୁଁ ଗାଧୁଆ ଘର ଦେଖେଇ ଦେଉଚି, ଗାଧୁଆ ସାରି ମୁଁ ଭାତ ବାଢ଼ୁଛି ।

ପାର୍ବତୀର ଆଖିରେ ତଳ ତଳ ଲୋତକ । ଶଙ୍କର ଗୋଡ଼ରେ ହାତ ରଖି ପୁଣି କହିଲା, ବୁଢ଼ୀ ମଣିଷ ଏକା ଗାଁରେ ରହିଛନ୍ତି । ତମର ଏବେ ଗାଁକୁ ଫେରି ଯିବାକୁ ମନ ହେଲାଣି । ବୋଉ ଏକେଲେ

ତମଙ୍କୁ ଦେଖିବାକୁ ଉତ୍ସୁକ ହେଉଥିବେ । ଏମିତି ମୁହଁ ଶୁଖେଇ ବସିଲ କାହିଁକି ? ମଣିଷ ମନ ଏମିତି ବଦଳେ । କେତେବେଳେ ବଦଳେ କେବେ ବଦଳେ ତ କହି ପାରିବ ନାହିଁ । ତମର ସଂସାର, ତମେ ଯାହା କରିବ ସେଇୟା ହେବ । ତମକୁ ମୋ ରାଣ ମୋ କଥା ମାନି ଗାଁକୁ ଚାଲ । ତମେ ମନରେ ଯେଉଁ ଲୋକ ସେବାର ସରଗ ଗଢୁଛ, ସାଧାରଣ କାମରେ ଆମ ଲୋକେ ଅଣ୍ଟା ଭିଡ଼ି ଲାଗିବାକୁ ଅହୁରି ଢେର ଦିନ ବାକି ଅଛି । ଆଗେ ଆମ ଲୋକଙ୍କ ମନରେ ଜାତୀୟତା ବୋଧ ଆସୁ । ଆଜି କାଲି ଦୁନିଆରେ ସମସ୍ତେ ସ୍ୱାର୍ଥପର । ଯିଏ ଯାହା କରୁଛି ତା ସ୍ୱାର୍ଥ ପାଇଁ । କେହି ଯଦିବା ନିଃସ୍ୱାର୍ଥରେ ଦେଶର ଦଶଙ୍କର କାମ କରୁଛି ତାକୁ ଲୋକେ ଭେଣ୍ଡାମିଛାଏ ବୋଲି କହୁଛନ୍ତି । ଯେ ଯାହା କରୁଛି ତାକୁ କରିବାକୁ ଦିଅ । ଠକିଲେ ଶିଖିବେ ତେବେ ଯାଇ ତାର ଅକଲ ହେବ । ଗାଁକୁ ଫେରିଚାଲ, ଆମର ଗାଁ ଦୁଃଖି ଦରିଦ୍ର ଲୋକଙ୍କର ଉପକାର କାମ କଲେ ନା ହେବ । ଲୋକେ ଧନ୍ୟ ଧନ୍ୟ ପ୍ରଶଂସା କରିବେ । ସ୍ୱାର୍ଥପରତା ମଣିଷର ସ୍ୱଭାବ ସେ ଛାଡ଼ିବ କିମିତି ? ପାର୍ବତୀ ବ୍ୟଥା ଭରା ଛଳ ଛଳ ଆଖିରେ ନିର୍ବୋଧ, ନିଷ୍ଠୁର ସ୍ୱାମୀଙ୍କ ମୁହଁକୁ ଚାହିଁଲା । ମନରେ ଗୁଣି ହେଲା, କହିଲା—ସ୍ତ୍ରୀକୁ କଥା ଦେଇ ଯେଉଁ ସ୍ୱାମୀ କଥା ଭାଙ୍ଗେ, ସେ ପୁରୁଷ ବୋଲି ତାଙ୍କର ଅପରାଧ ହୋଇ ପାରେନା ।

ଶଙ୍କର ତୁନି ରହିଛି । ପାର୍ବତୀ କଥାର ଉତ୍ତର ଦେଇ ପାରୁ-ନାହିଁ କେବଳ ଭାବୁଛି, ଏପରିକା ପରିସ୍ଥିତିରେ ମୋର ଉପାୟ କ'ଣ ? ସାର୍ବଜନୀନ ପ୍ରୌଢ଼ ଶିକ୍ଷା ଅନୁଷ୍ଠାନ, ଲାଇବ୍ରେରୀ କାମ ଅଧା କରି ଚାଲିଯିବି ? ସ୍ୱାର୍ଥଲୋଭୀ ଧନୀ ଲୋକେ ସ୍ୱାର୍ଥ ଛାଡ଼ିବାକୁ ନ ଚାହିଁବେ, ତାଙ୍କଠାରୁ ସ୍ୱାର୍ଥ ଛଡ଼ାଇ ନେବାକୁ ହେବ । ସଭିଙ୍କର ସ୍ୱାର୍ଥ ଦେଶର ସମସ୍ତଙ୍କର ସ୍ୱାର୍ଥ ହେବ । ଧନୀମାନଙ୍କ କବଳରେ

ସମାଜରେ ଯେଉଁ କୁସଂସ୍କାର ବଢୁଛି ତାହା ଦୂର କରିବା—ସରକାରଙ୍କର ପ୍ରଧାନ ଦାୟିତ୍ୱ । ପାର୍ବତୀ ସ୍ଥିର ଦୃଷ୍ଟିରେ ଅନାଇ ରହିଛି ଶଙ୍କର ଆଡ଼କୁ ।

ପାର୍ବତୀ ଶୁଖିଲା ମୁହଁରେ ହସ ହସ ହୋଇ ତାକୁ ଅନାଇ ପଚାରିଲା—ତୁମେ ହୋଇ ମୋ ମୁହଁକୁ କଅଣ ଦେଖୁଛ ମ । ପାର୍ବତୀର ଗଣ୍ଠି ଫିଟିଲା କେଶ ଭୁଇଁରେ ଲୋଟି ପଡୁଛି । ସଜଳ ମ୍ଳାନ ଆଖିରେ କାନ୍ଦ କାନ୍ଦ ଢଙ୍ଗ । ମନରେ ଦୁଃଖ ହେଉଥିଲେ ବି ଧୈର୍ଯ୍ୟ ଧରି ଦରହସୁରା ମୁହଁରେ ଶଙ୍କର କହିଲା, ମୁଁ ନିଶ୍ଚୟ ତମ ସାଙ୍ଗରେ ଗାଁକୁ ଯିବି ତା ଆଗରୁ ଗୋଟାଏ ବିଶେଷ ଅଧିବେଶନ ଡକାଇ ସମସ୍ତଙ୍କ ଆଗରେ ଏ ବିଷୟରେ ଆଲୋଚନା କରି ସର୍ବସାଧାରଣଙ୍କ ଅନୁଷ୍ଠାନ ସମସ୍ତଙ୍କୁ ବୁଝାଇ ଦେଇ ଯିବା । ସେଠା ପାଖ ଲୋକେ ଦାଧିଆ ସ୍ୱାଇଁକି ପଚାରନ୍ତି, ଏ ମାଇପିଟା ପୁଣି କିଏ କାହିଁରେ ତୋ ସାଙ୍ଗରେ ଆଇଚି ? ଏ ବୋହୂଟା ଆକୁଳ ଆକୁଳ ବେଶ ଚମ୍ପା ଫୁଲ ପରି ଉଜ୍ଜ୍ୱଳ ଗୋରା କାହା ଭାରିଯା ?

ଦାଧିଆ ଠୋ ଠୋ ହସି ହସିକା କହିଲା—ସେ ପରା ଶଙ୍କରଭାଇଙ୍କ ଘରଣୀ ଅମର ଗାଁ ବୋହୂ ।

ଶେଷ